# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୨୭/୨୦୨୧ (୧୬ ପୃଷ୍ଠା) | Sambalpur, Friday, August 27/2021 | ★★

୧୭ଶ ଭାଗ ୨୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ମା' ହେଲେ ନୁସ୍‌ରତ ଜହାଁ

ସ୍ୱାମୀ ନିଖିଲ ଜୈନଙ୍କଠାରୁ ଅଲଗା ହେବାପରେ ଅଭିନେତ୍ରୀ ତଥା ଟିଏମ୍‌ସି ଏମ୍‌ପି ନୁସ୍‌ରତ ଜହାଁ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି।

୧୪

୧୬

## ଜୋ ରୁଟ୍‌ଙ୍କ ଶତକ

ଭାରତ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍।



# କାବୁଲରେ ବିସ୍ଫୋରଣ

## ୧୩ ନିହତ, ଅନେକ ଆହତ, ବଢ଼ିପାରେ ମୃତ୍ୟୁସଂଖ୍ୟା

*ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ହମିଦ୍ କାରଜାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ଗୁରୁବାର ଦୁଇଟି ଆତ୍ମଘାତୀ ବିସ୍ଫୋରଣ ଘଟିଛି। ଏଥିରେ ଅନ୍ୟୂନ ୧୩ ଜଣ ନିହତ ଓ ଅନେକେ ଆହତ ହୋଇଥିବା ଜଣାପଡ଼ିଛି। ତାଲିବାନ୍‌ର କାବୁଲ ଦଖଲ ପରେ ସେଠାରେ ଫସିଥିବା ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ପାଇଁ ଏହି ଏୟାରପୋର୍ଟ ଏକମାତ୍ର ମାଧ୍ୟମ ଥିଲା। ଏହି ବିସ୍ଫୋରଣ ପରେ ପଳାୟନ ପାଇଁ ଅପେକ୍ଷାରତ ହଜାର ହଜାର ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଆକ୍ରମଣ ପଛରେ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ହାତ ଥିବା ସନ୍ଦେହ କରାଯାଉଛି।*

**କାବୁଲ, ୱାଶିଂଟନ/ଲଣ୍ଡନ/ପ୍ୟାରିସ୍, ୨୬।୮**

ତାଲିବାନ୍‌ର ଆଫଗାନିସ୍ତାନ ଦଖଲ ପରେ କାବୁଲ ବିମାନବନ୍ଦର ସ୍ଥିତି ଅତ୍ୟନ୍ତ ବିପଦପୂର୍ଣ୍ଣ ରହିଛି। ଅଗଷ୍ଟ ୩୧ ଡେଡ୍‌ଲାଇନ୍ ପୂର୍ବରୁ ସେଠାରେ କୌଣସି ସମୟରେ ଆତଙ୍କବାଦୀମାନେ ଆକ୍ରମଣ କରିପାରନ୍ତି ବୋଲି ଆମେରିକା ସମେତ ପାଶ୍ଚାତ୍ୟର ଗୋଇନ୍ଦା ସଂସ୍ଥାଗୁଡ଼ିକ ପୂର୍ବରୁ ଆଶଙ୍କା ବ୍ୟକ୍ତ କରୁଥିଲେ। ଏଥିଲାଗି ଏୟାରପୋର୍ଟରେ ମୁତୟନ ଥିବା ୫,୮୦୦ ଆମେରିକୀୟ ସୈନ୍ୟ ୮୮ ହଜାରରୁ ଅଧିକ ଲୋକଙ୍କୁ ଏୟାରଲିଫ୍ଟ କରି ସୁରକ୍ଷିତ ଭାବେ ସ୍ଥାନାନ୍ତର କରିଛନ୍ତି। ଏୟାରଲିଫ୍ଟିଂ ଚାଲିଥିବାବେଳେ ଗୁରୁବାର ରାତିରେ ବିମାନବନ୍ଦର ନିକଟସ୍ଥ ବାରୋନ୍ ହୋଟେଲରେ ଲଗାତର ☞ପୃଷ୍ଠା-୪



କାବୁଲ ବିମାନ ବନ୍ଦର ନିକଟସ୍ଥ ବାରୋନ୍ ହୋଟେଲରେ ଗୁରୁବାର ଘଟିଥିବା ବିସ୍ଫୋରଣ ପରର ଦୃଶ୍ୟ।

- ଆକ୍ରମଣରେ ଆଇଏସ୍‌ର ସମ୍ପୃକ୍ତି ସନ୍ଦେହ
- ବିମାନବନ୍ଦର ଛାଡ଼ିବାକୁ ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ ଓ ଫ୍ରାନ୍ସର ପରାମର୍ଶ
- କାନାଡା, ପୋଲାଣ୍ଡ, ନେଦରଲାଣ୍ଡ୍‌ସର ଅପରେଶନ ବନ୍ଦ

# ଯୁକ୍ତ ୨ ପାଠ୍ୟକ୍ରମ ୩୦ ପ୍ରତିଶତ ହ୍ରାସ

## ପ୍ରତି ୩ ମାସରେ ୩୦ ମାର୍କ ପରୀକ୍ଷା

**ଭୁବନେଶ୍ୱର, ୨୬।୮ (ବ୍ୟୁରୋ)**

କରୋନା ମହାମାରୀ ଯୋଗୁ ଶିକ୍ଷା ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୋଇଛି। ତେଣୁ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଯୁକ୍ତ ୨ ପାଠ୍ୟକ୍ରମ (ସିଲାବସ୍)ରେ ୩୦ ପ୍ରତିଶତ ହ୍ରାସ କରାଯିବ। ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ପିଲାମାନେ ୭୦ ପ୍ରତିଶତ ସିଲାବସ୍‌ର ପାଠ ପଢ଼ିବେ। ଗୁରୁବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) କାଉନସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ସିଏଚ୍‌ଏସ୍‌ଇ ନିଷ୍ପତ୍ତି ଅନୁଯାୟୀ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଇଣ୍ଟରନାଲ ପରୀକ୍ଷା ବ୍ୟବସ୍ଥା ଲାଗୁ ହେବ। ଯୁକ୍ତ ୨ ଛାତ୍ରୀଛାତ୍ରମାନେ ୨ ବର୍ଷରେ ୮ଟା ପରୀକ୍ଷା ଦେବେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶୈଶବ ଶିକ୍ଷାର ଶକ୍ତି

# ସୁପ୍ରିମକୋର୍ଟରେ ୯ ନୂଆ ବିଚାରପତି ନିଯୁକ୍ତ

- ୨୦୨୭ରେ ଜଷ୍ଟିସ୍ ନାଗରତ୍ନ ହେବେ ପ୍ରଥମ ମହିଳା ସିଜେଆଇ

**ନୂଆଦିଲ୍ଲୀ, ୨୬।୮ (ପି.ଟି.)**

ସୁପ୍ରିମକୋର୍ଟରେ ଗୁରୁବାର ୩ ମହିଳାଙ୍କ ସମେତ ୯ ନୂଆ ବିଚାରପତି ନିଯୁକ୍ତ ହୋଇଛନ୍ତି। ଫଳରେ ଜଷ୍ଟିସ୍ ବି.ଭି. ନାଗରତ୍ନ ୨୦୨୭ରେ ଭାରତର ପ୍ରଥମ ମହିଳା ପ୍ରଧାନ ବିଚାରପତି ହେବା ନିଶ୍ଚିତ ହୋଇଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ନୂଆ ବିଚାରପତିମାନଙ୍କ ନିଯୁକ୍ତିକୁ ଅନୁମୋଦନ ☞ପୃଷ୍ଠା-୪


INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

ADMISSION NOTICE 2021-22

IMBA

INTEGRATED MASTER OF BUSINESS ADMINISTRATION
(Affiliated to Utkal University)

QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into **IMBA 5 years programme** for the session **2021-22.** Interested candidates can collect the Application Form personally from IED Odisha on payment of ₹ **500/-** (₹ **200/- for SC/ST/PH Candidates)** cash or DD in favour of **IED ODISHA IMBA, payable at Bhubaneswar.**

****Hostel Facility is available within the premises of the Institute.****

| | |
|---|---|
| Last date for submission of IMBA Application form with all relevant documents and fees: | 09.09.2021 |
| Commencement of Admission into **IMBA** 1st Semester and 7th Semester at IED Odisha | 16.09.2021 |

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 9437163828, 7978120939



DSPL-129

ଓଡ଼ିଶା ସରକାର

ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
କଲେ ଘୋଷଣା
ନୂଆ ସ୍ମାର୍ଟ କାର୍ଡ୍
ଏବଂ
ନୂଆ ରୂପରେ
ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା






ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମସ୍ତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ ଆମ ସରକାର।

ତାଲିକାଭୁକ୍ତ ବେସରକାରୀ ଚିକିତ୍ସାଳୟରେ କାର୍ଡ୍‌ଧାରୀ ପରିବାର ବାର୍ଷିକ ୫ ଲକ୍ଷ ଓ ପରିବାରର ମହିଳା ସଦସ୍ୟମାନଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ଆମ ସରକାର।

OIPR-10001/13/0022/2122

ଟୋଲ୍ ଫ୍ରି ନମ୍ବର: ୧୦୪

**ମାଲାବାର ନୌସମରାଭ୍ୟାସ ଆରମ୍ଭ**

ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଚାଇନାର ସାମରିକ ଶକ୍ତି ବୃଦ୍ଧିକୁ ନେଇ ଚିନ୍ତା ବଢ଼ୁଥିବାବେଳେ ଗୁରୁବାରଠାରୁ ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନ ନୌସେନା ପକ୍ଷରୁ ୪ ଦିନିଆ ମାଲାବାର ନୌସମରାଭ୍ୟାସ ଆରମ୍ଭ ହୋଇଛି। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ୪ ରାଷ୍ଟ୍ର ପକ୍ଷରୁ ଆମେରିକାର ଦ୍ୱୀପାଞ୍ଚଳ ଗୁଆମ ଉପକୂଳରେ ଏଭଳି ମେଗା ଯୁଦ୍ଧାଭ୍ୟାସ କରାଯାଉଛି।

# ଦୋହା ପ୍ରତିଶ୍ରୁତିରୁ ଓହରିଯାଇଛି ତାଲିବାନ୍


ଖବରଦାତା ସମ୍ମିଳନୀରେ ସମ୍ବୋଧିତ କରୁଛନ୍ତି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର।

- ସର୍ବଦଳୀୟ ବୈଠକରେ କେନ୍ଦ୍ରର ସୂଚନା
- ଭାରତୀୟଙ୍କୁ ଫେରାଇ ଆଣିବା ସର୍ବୋଚ୍ଚ ପ୍ରାଥମିକତା
- ଆଫଗାନିସ୍ତାନରୁ ଏଯାଏ ଫେରିଲେଣି ୫୬୫

ନୂଆଦିଲ୍ଲୀ,୨୬।୮

ତାଲିବାନ୍‌ର କାବୁଲ ଦଖଲ ପରଠାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୫୬୫ ଜଣଙ୍କୁ ଆଫଗାନିସ୍ତାନରୁ ସୁରକ୍ଷିତ ଭାବେ ଭାରତକୁ ଏୟାରଲିଫ୍ଟ କରି ଅଣାଯାଇଛି। ସେମାନଙ୍କ ମଧ୍ୟରେ ୧୭୫ ଦୂତାବାସ କର୍ମଚାରୀ, ୨୬୩ ଅନ୍ୟ ଭାରତୀୟ, ୧୧୨ ହିନ୍ଦୁ ଓ ଶିଖ୍‌ଙ୍କ ସମେତ ଆଫଗାନ୍, ଅନ୍ୟ ଦେଶର ୧୫ ନାଗରିକ ଅଛନ୍ତି। ସେହିପରି ଅଦ୍ୟାବଧି ୧୫,୦୦୦ ଜଣ ସହାୟତା ପାଇଁ କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗ କରିଛନ୍ତି। ତେବେ ଆଫଗାନିସ୍ତାନରୁ ସମସ୍ତ ଭାରତୀୟଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶକୁ ଫେରାଇ ଆଣିବା ହେଉଛି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଡାକିଥିବା ସର୍ବଦଳୀୟ ବୈଠକରେ ସରକାରଙ୍କୁ ପକ୍ଷରୁ ୩୧ ବିରୋଧୀ ଦଳକୁ ଏହି ବିଷୟ ସୂଚନା ଦିଆଯାଇଛି। କାତାର ରାଜଧାନୀ ଦୋହାରେ ଆଲୋଚନା ବେଳେ ଦେଇଥିବା ପ୍ରତିଶ୍ରୁତିରୁ ତାଲିବାନ୍ ଓହରିଯାଇଥିବା ଉକ୍ତ ବୈଠକରେ କୁହାଯାଇଛି।

ପାର୍ଲାମେଣ୍ଟ ହାଉସ୍ ଆନେକ୍ସଚରରେ ୩୧ ବିରୋଧୀ ଦଳର ୩୭ ନେତାଙ୍କୁ ନେଇ ସର୍ବଦଳୀୟ ବୈଠକ ହୋଇଥିଲା। ଅଗଷ୍ଟ ୧୫ରେ ତାଲିବାନ୍ କାବୁଲ ଦଖଲ କରିବା ପରେ ଆଫଗାନିସ୍ତାନରେ ସୃଷ୍ଟି ହୋଇଥିବା ସ୍ଥିତି ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ନେତାମାନଙ୍କୁ ଅବଗତ କରାଇଥିଲେ। ୨୦୨୦ ଫେବୃଆରୀରେ ତାଲିବାନ୍ ନେତା ଓ ଆମେରିକା ମଧ୍ୟରେ ଦୋହା ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଧର୍ମୀୟ ସ୍ୱାଧୀନତା ଓ ଗଣତନ୍ତ୍ର ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି କାବୁଲରେ ଆଫଗାନିସ୍ତାନର ସବୁ ବର୍ଗର ଲୋକଙ୍କୁ ନେଇ ଏକ ସରକାର ଗଠନ ନିମନ୍ତେ ସହମତି ପ୍ରକାଶ ପାଇଥିଲା। ଏହି ରାଜିନାମାର ପ୍ରତିଶ୍ରୁତିରୁ ତାଲିବାନ୍ ଓହରିଯାଇଥିବାରୁ ସେଠାରେ ସ୍ଥିତି ଅତ୍ୟନ୍ତ ଜଟିଳ ହୋଇଯାଇଛି। ଆଫଗାନିସ୍ତାନରେ ଫସିରହିଥିବା ଭାରତୀୟମାନଙ୍କୁ ଯଥାସାଧ୍ୟ ଉଦ୍ଧାର କରିଆଣିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଜୟଶଙ୍କର ସୂଚନା ଦେଇଛନ୍ତି। ତାଲିବାନ୍ ପ୍ରତି କେନ୍ଦ୍ରର ଆଭିମୁଖ୍ୟ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଆଫଗାନିସ୍ତାନ ସ୍ଥିତି ସୁଧୁରିବା ଯାଏ ଧୈର୍ଯ୍ୟ ଧରି ରହିବାକୁ ପଡ଼ିବ ବୋଲି ଜୟଶଙ୍କର କହିଥିଲେ। ସର୍ବଦଳୀୟ ବୈଠକରେ ସରକାରଙ୍କ ପକ୍ଷରୁ ବିବୃତି ଦେବାବେଳେ ରାଜ୍ୟ ସଭାରେ ଭାଜପା ସଂସଦୀୟ ଦଳ ନେତା ପୀୟୁଷ ଗୋୟଲ, ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଉପସ୍ଥିତ ଥିଲେ। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ଡିଏମ୍‌କେର ଟି.ଆର. ବାଲୁ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ଅପ୍‌ନା ଦଳ ନେତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ମଧ୍ୟ ଏଥିରେ ଯୋଗଦେଇଥିଲେ।

## ସୀମାପାର ଆତଙ୍କବାଦ ଉପରେ ସତର୍କ କରାଇଲା ବିଜେଡି

ନୂଆଦିଲ୍ଲୀ,୨୬।୮

ତାଲିବାନ୍‌ର କାବୁଲ ଦଖଲ ପରେ ଆଫଗାନିସ୍ତାନରେ ଉପୁଜିଥିବା ସ୍ଥିତି ଜଟିଳ ହେବାରେ ଲାଗିଛି। ଏହା କେବଳ ଆଫଗାନିସ୍ତାନ ପାଇଁ ନୁହେଁ, ବରଂ ଭାରତ ଲାଗି ମଧ୍ୟ ବିପଦ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି ସୀମାପାର ଆତଙ୍କବାଦ ଉପରେ ସତର୍କ ହେବା ପାଇଁ ଗୁରୁବାର ସର୍ବଦଳୀୟ ବୈଠକରେ କେନ୍ଦ୍ର ସରକାରଙ୍କୁ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ପରାମର୍ଶ ଦିଆଯାଇଛି।

ସର୍ବଦଳୀୟ ବୈଠକ ପରେ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଗଣମାଧ୍ୟମକୁ କହିଛନ୍ତି, ଆଫଗାନିସ୍ତାନ ସ୍ଥିତି ଓ ସ୍ଥାନାନ୍ତର ନୀତି ନେଇ କେନ୍ଦ୍ର ପକ୍ଷରୁ ସମସ୍ତ ଦଳକୁ ଅବଗତ କରାଯାଇଥିଲା। ସେଠାରେ ଫସିରହିଥିବା ଲୋକଙ୍କୁ ଉଦ୍ଧାର କରିବା ଲାଗି ଏକ ୨୪ ଘଣ୍ଟିଆ ଅପରେଶନ ସେଲ୍ ପ୍ରତିଷ୍ଠା କରାଯାଇଛି। କେବଳ ଭାରତୀୟ ନୁହନ୍ତି, ଅନ୍ୟ ଦେଶର ନାଗରିକଙ୍କୁ ମଧ୍ୟ ସୁରକ୍ଷିତ ଭାବେ ଏୟାରଲିଫ୍ଟ କରି ଭାରତକୁ ଅଣାଯାଉଥିବା ସମ୍ପର୍କରେ କେନ୍ଦ୍ର ସରକାର


ପ୍ରସନ୍ନ ଆଚାର୍ଯ୍ୟ

ସୂଚନା ଦେଇଥିଲେ। ତେବେ ନିକଟରେ ପାକିସ୍ତାନର ଜଣେ ଏମ୍‌ପି ତାଲିବାନ୍ ସହାୟତାରେ ଇସ୍‌ଲାମାବାଦର କଶ୍ମୀର ଦଖଲ ନେଇ ମନ୍ତବ୍ୟ ଦେଇଥିବାରୁ ସୀମାପାର ଆତଙ୍କବାଦ ଉପରେ ସତର୍କ ରହିବାକୁ ବିଜେଡି ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ସୀମାପାର ଆତଙ୍କବାଦର ମୁକାବିଲା ପାଇଁ କେନ୍ଦ୍ର ପ୍ରସ୍ତୁତ ରହିବା ଉଚିତ। ଦେଶର ସୁରକ୍ଷା ଓ ମାନବିକତା ଦୃଷ୍ଟିରୁ କେନ୍ଦ୍ର ସରକାର ଯାହା ନିଷ୍ପତ୍ତି ନେବେ ଦଳ ତାକୁ ସମର୍ଥନ କରିବ ବୋଲି ବିଜେଡି ଏମ୍‌ପି ପ୍ରସନ୍ନ ସ୍ପଷ୍ଟ କରିଛନ୍ତି।

## ମହିଳାଙ୍କୁ ସମ୍ମାନ ତାଲିମ ନେଇନି ତାଲିବାନ୍

**କାବୁଲ, ୨୬।୮:** ତାଲିବାନୀମାନେ ମହିଳାଙ୍କୁ ସମ୍ମାନ ଦେବାର ତାଲିମ ନେଇନାହାନ୍ତି। ତେଣୁ ମହିଳାମାନେ ନିଜ ସୁରକ୍ଷା ପାଇଁ ଘରେ ରୁହନ୍ତୁ ବୋଲି ତାଲିବାନ ମୁଖପାତ୍ର ଜବିଉଲ୍ଲା ମୁଜାହିଦ୍ କହିଛନ୍ତି। ଏହା ଏକ ଅସ୍ଥାୟୀ ପ୍ରକ୍ରିୟା। ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଆଫଗାନିସ୍ତାନରେ କାର୍ଯ୍ୟରତ ମହିଳାମାନେ ନିଜ ଘରୁ କାମ କରନ୍ତୁ। ପୂର୍ବ ଶାସନକାଳ ଅପେକ୍ଷା ଏଥର ତାଲିବାନ୍ ମହିଳାଙ୍କ ପ୍ରତି ସହନଶୀଳ ଓ ଉଦାର ନୀତି ଆପଣାଇବ ବୋଲି ଜବିଉଲ୍ଲା କହିଛନ୍ତି। ତାଲିବାନୀମାନେ ତାଲିମପ୍ରାପ୍ତ ନୁହଁନ୍ତି ଏବଂ ଏହି ସଙ୍ଗଠନ ନିଜ ଭିତରେ ପରିବର୍ତ୍ତନ ଜାରି ରଖିଛି। ତେଣୁ ଏବେ ମହିଳାଙ୍କ ନିମନ୍ତେ ଏପରି ପଦକ୍ଷେପ ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି। ବିଶ୍ୱ ବ୍ୟାଙ୍କ ମହିଳାଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଆଫଗାନିସ୍ତାନକୁ ଅର୍ଥ ପ୍ରଦାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏଥିସହ ଆଫଗାନିସ୍ତାନକୁ ତାଲିବାନ୍ ଦଖଲ ପରଠାରୁ ମାନବ ଅଧିକାର ଉଲ୍ଲଂଘନ ଉପରେ ତୁରନ୍ତ ତଦନ୍ତ କରାଯିବା କଥା କହିବା ପରେ ଜବିଉଲ୍ଲା ଉକ୍ତ ମନ୍ତବ୍ୟ ଦେଇଛନ୍ତି।

## ସ୍ତ୍ରୀ ଇଚ୍ଛା ବିରୋଧରେ ଯୌନ ସମ୍ପର୍କ ବଳାତ୍କାର ନୁହେଁ: ହାଇକୋର୍ଟ

ବିଳାସପୁର, ୨୬।୮

ଆଇନଗତ ଭାବେ ବିବାହିତ ସ୍ତ୍ରୀଙ୍କ ଇଚ୍ଛା ବିରୋଧରେ ସ୍ୱାମୀ ବଳପୂର୍ବକ ଯୌନସମ୍ପର୍କ ସ୍ଥାପନ କଲେ ଏହାକୁ ବଳାତ୍କାର କୁହାଯିବନି ବୋଲି ଛତିଶଗଡ଼ ହାଇକୋର୍ଟ ଏକ ରାୟରେ କହିଛନ୍ତି। ଏଭଳି ଏକ ବଳାତ୍କାର ମାମଲାରେ ହାଇକୋର୍ଟ ଜଣେ ୩୭ ବର୍ଷୀୟ ସ୍ୱାମୀଙ୍କୁ ଦୋଷମୁକ୍ତ କରିଛନ୍ତି। ଖବର ଅନୁଯାୟୀ ମହିଳା ଜଣକ ୨୦୧୭ରେ ରାୟପୁର ଚଙ୍ଗୋରଭଟା ଅଞ୍ଚଳରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ୱାମୀ ଓ ଶାଶୁଘରର ଅନ୍ୟ ୨ ଜଣ ତାଙ୍କୁ ଯୌତୁକ ନିର୍ଯାତନା ଦେଇଥିଲେ। ମହିଳା ଜଣକ ୩ ଜଣଙ୍କ ବିରୋଧରେ ବେମେତାରା ଥାନାରେ ଏତଲା ଦେଇଥିଲେ। ତଦନ୍ତ ପରେ ଅଭିଯୁକ୍ତମାନଙ୍କ ବିରୋଦରେ ଆଇପିସିର ଧାରା ୪୯୮ଏ (ଯୌତୁକ ନିର୍ଯାତନା), ୩୭୭ (ଅପ୍ରାକୃତିକ ଅପରାଧ), ୩୭୬ (ବଳାତ୍କାର) ଏବଂ ୩୪ରେ ମାମଲା ରୁଜୁ ହୋଇଥିଲା। ଗତ ୧୩ ତାରିଖରେ ତଳକୋର୍ଟ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ତଳକୋର୍ଟ ରାୟ ବିରୋଧରେ ମହିଳାଙ୍କ ସ୍ୱାମୀଙ୍କ ସମେତ ୩ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## କର୍ନାଟକ ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ

**ବେଙ୍ଗାଲୁରୁ, ୨୬।୮:** ମହୀଶୂର ଗଣବଳାତ୍କାର ମାମଲାରେ କର୍ନାଟକ ଗୃହମନ୍ତ୍ରୀ ଅରାଗ ଜ୍ଞାନେନ୍ଦ୍ରଙ୍କ ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଛି। ବଳାତ୍କାର ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ନିଛାଟିଆ ସ୍ଥାନକୁ ଯିବା ଉଚିତ ନ ଥିଲା ବୋଲି ସେ କହିବା ସହ ବିରୋଧୀ କଂଗ୍ରେସ ତାଙ୍କୁ ଟାର୍ଗେଟ କରି ବଳାତ୍କାର କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି। ଏଭଳି ଏକ ଅମାନବୀୟ ଘଟଣାରୁ କଂଗ୍ରେସ ରାଜନୈତିକ ଫାଇଦା ଉଠାଇବାକୁ ଉଦ୍ୟମ କରୁଥିବା ସେ କହିଛନ୍ତି।ତାଙ୍କର ଏଭଳି ମନ୍ତବ୍ୟ ଉପରେ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଗୃହମନ୍ତ୍ରୀ ଓ ଭାଜପା ରାଜ୍ୟବାସୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା କଂଗ୍ରେସ କହିଛି।

## ସଂକ୍ଷେପରେ

### ଆସାମ-ମେଘାଳୟ ସୀମାରେ ଉତ୍ତେଜନା

**ଗୁଆହାଟୀ, ୨୬।୮:** ଆସାମ ଏବଂ ମେଘାଳୟ ପୋଲିସ ମଧ୍ୟରେ ମୁହାଁମୁହିଁ ସ୍ଥିତିରୁ ଦୁଇ ରାଜ୍ୟ ସୀମାରେ ଉତ୍ତେଜନା ଦେଖାଦେଇଛି। ଆସାମର ୱେଷ୍ଟ କର୍ବି ଆଙ୍ଗଲଙ୍ଗ ଏବଂ ମେଘାଳୟର ରି-ଭୋଇ ଜିଲା ସୀମାରେ ମଙ୍ଗଳବାରଠାରୁ ଉତ୍ତେଜନା ଲାଗି ରହିଥିବାବେଳେ ବୁଧବାର ମେଘାଳୟର ଶତାଧିକ ଲୋକ ଏବଂ ସ୍ଥାନୀୟ ପୋଲିସ ଉମ୍‌ଲାପେର ଅଞ୍ଚଳ ନିକଟରେ ଆସାମରେ ପ୍ରବେଶ କରିବାକୁ ଉଦ୍ୟମ କରିବାରୁ ସ୍ଥିତି ଗମ୍ଭୀର ହୋଇଛି। ଆସାମ ପୋଲିସ ସେମାନଙ୍କୁ ଘଉଡ଼ାଇ ଦେଇଥିଲେ ମଧ୍ୟ ଦୁଇ ରାଜ୍ୟ ପୋଲିସ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଛି। ରିପୋର୍ଟ ଅନୁଯାୟୀ ଗତ ୨୩ ତାରିଖରେ ରି-ଭୋଇ ଜିଲାର ୩ ଜଣଙ୍କୁ ଆସାମ ପୋଲିସ ମାଡ଼ ମାରିଥିଲା। ଏହି ଘଟଣା ପରେ ମେଘାଳୟର କେତେଜଣ ଲୋକ ଉମ୍‌ଲାପେର ଅଞ୍ଚଳରେ ପ୍ରବେଶ କରି ଆସାମ ପୋଲିସ ଚେକ୍‌ପୋଷ୍ଟକୁ ନଷ୍ଟ କରିଦେଇଥିଲେ। ଏହା ପରେ ଆସାମ ପଟୁ କିଛି ଲୋକ ସେଠାରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ଏହାର କିଛି ଘଣ୍ଟା ପରେ ମେଘାଳୟ ପୋଲିସ ଟିମ୍ ଆସାମ ଭିତରକୁ ୧୫ କିଲୋମିଟର ପର୍ଯ୍ୟନ୍ତ ପଶିଯିବାରୁ ସ୍ଥାନୀୟ ଲୋକେ ସେମାନଙ୍କର ପିଛା କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଠେଲାପେଲା ହୋଇଥିଲା। ମେଘାଳୟ ପୋଲିସକୁ ସେଠାରୁ ଫେରାଇ ଦିଆଯାଇଥିଲା ବୋଲି ୱେଷ୍ଟ କାର୍ବି ଆଙ୍ଗଲଙ୍ଗ ଏସ୍‌ପି କହିଛନ୍ତି। ଗଣ୍ଡଗୋଳ ବେଳେ ମେଘାଳୟର ଜଣେ ପୋଲିସ ଆହତ ହୋଇଥିବା ଜଣାପଡ଼ିଛି।

### ୯ ମାମଲା ରୁଜୁ କଲା ସିବିଆଇ

**ନିର୍ବାଚନ ପରବର୍ତ୍ତୀ ହିଂସା**

**ନୂଆଦିଲ୍ଲୀ, ୨୬।୮:** ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ୯ଟି ମାମଲା ରୁଜୁ କରିଛି। ସିବିଆଇର ୪ଟି ସ୍ୱତନ୍ତ୍ର ୟୁନିଟ୍ ବିଭିନ୍ନ ହିଂସାକାଣ୍ଡ ସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। କେତେକ ମାମଲାର ତଦନ୍ତ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ଆଉ କେତେକ ମାମଲା ରୁଜୁ ପାଇଁ ପ୍ରକ୍ରିୟା ଜାରି ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ନିର୍ବାଚନ ପରବର୍ତ୍ତୀ ହିଂସା ବେଳେ ଘଟିଥିବା ହତ୍ୟା, ବଳାତ୍କାର ଏବଂ ବଳାତ୍କାର ଉଦ୍ୟମ ଆଦି ସଙ୍ଗିନ ଅପରାଧର ସିବିଆଇ ତଦନ୍ତ ଅଦାଲତ ତତ୍ତ୍ୱାବଧାନରେ କରାଇବା ପାଇଁ କାଲକାଟା ହାଇକୋର୍ଟ ନିକଟରେ ନିର୍ଦ୍ଦେଶ ଦେବା ସହ ଅନ୍ୟ ମାମଲାଗୁଡ଼ିକର ତଦନ୍ତ ପାଇଁ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଥିଲେ। ଉଭୟ ସିବିଆଇ ଏବଂ ଏସ୍‌ଆଇଟି ୬ ସପ୍ତାହ ମଧ୍ୟରେ ସେମାନଙ୍କ ରିପୋର୍ଟ ଦାଖଲ କରିବେ। ହତ୍ୟା, ମହିଳାଙ୍କ ବିରୋଧରେ ଅପରାଧ ମାମଲାର ସମସ୍ତ ଅଭିଯୋଗ ଏବଂ ରେକର୍ଡ ସିବିଆଇକୁ ହସ୍ତାନ୍ତର କରିବା ଲାଗି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ରାଜେଶ ବିନ୍ଦଲଙ୍କ ନେତୃତ୍ୱରେ ୫ ଜଣିଆ ଖଣ୍ଡପୀଠ ଏନ୍‌ଏଚଆର୍‌ସି, ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ କମିଶନ କିମ୍ବା କମିଟିକୁ ନିର୍ଦ୍ଦେଶ ଦେଇଥିଲେ।

### ଛତିଶଗଡ଼ କଂଗ୍ରେସରେ ବଢ଼ୁଛି ସଙ୍କଟ

**ସବୁ ବିଧାୟକଙ୍କୁ ଦିଲ୍ଲୀ ଡାକରା**

**ନୂଆଦିଲ୍ଲୀ, ୨୬।୮:** ଛତିଶଗଡ଼ କଂଗ୍ରେସରେ ନେତୃତ୍ୱ ସଙ୍କଟ ବଢ଼ୁଥିବାବେଳେ ସମସ୍ତ ଦଳୀୟ ବିଧାୟକଙ୍କୁ ଦିଲ୍ଲୀ ଡକାଯାଇଛି। ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଏବଂ ମନ୍ତ୍ରୀ ଟି.ଏସ୍. ସିଂଦେଓ ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ। ଖୁବ୍‌ଶୀଘ୍ର ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବି କରୁଥିବା ସିଂଦେଓଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦିଆଯାଇପାରେ ବୋଲି ଆଶା କରାଯାଉଛି। ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ତାକୁ ପାଳନ କରିବେ ବୋଲି ମୁଖ୍ୟମନ୍ତ୍ରୀ ବାଘେଲ କହିଛନ୍ତି। ବାଘେଲଙ୍କ ସରକାର ଜୁନ୍‌ରେ ଅଢ଼େଇ ବର୍ଷ ପୂରଣ କରିଥିବାବେଳେ ସିଂଦେଓ ଓ ତାଙ୍କ ସମର୍ଥକମାନେ ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କରିଆସୁଛନ୍ତି। ୨୦୧୮ ଡିସେମ୍ବରରେ ଦଳ କ୍ଷମତାକୁ ଆସିବା ବେଳେ ପାଳିରେ ମୁଖ୍ୟମନ୍ତ୍ରୀ ବଦଳିବା ପାଇଁ ଚୁକ୍ତି ହୋଇଥିଲା ବୋଲି ସେମାନେ ଦାବି କରିଛନ୍ତି। ଅନ୍ୟ ଏକ ସୂତ୍ର ଅନୁଯାୟୀ ରାହୁଲ ଗାନ୍ଧୀ ଛତିଶଗଡ଼ର ଦୁଇ ନେତାଙ୍କ ମଧ୍ୟରେ କନ୍ଦଳକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ସଙ୍କଟର ସମାଧାନ ପାଇଁ ସେ ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳନଙ୍କୁ କହିଥିବା ଜଣାପଡ଼ିଛି। ସିଂଦେଓଙ୍କୁ ଅର୍ଥ ବିଭାଗ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଥିବାବେଳେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କୁହାଯାଉଛି।


କାବୁଲ ବିମାନବନ୍ଦରରେ ବିସ୍ଫୋରଣ ଆହତ ହୋଇଥିବା ଜଣେ ମହିଳାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଉଛି।

## ସୁରକ୍ଷା ମଞ୍ଜୁରୀ ଆବଶ୍ୟକ ପଡ଼ିବନି

**ଡ୍ରୋନ୍ ପାଇଁ ଆସିଲା ନୂଆ ନିୟମ**

ନୂଆଦିଲ୍ଲୀ, ୨୬।୮

କେନ୍ଦ୍ର ସରକାର ଡ୍ରୋନ୍ ବ୍ୟବହାର ନିୟମାବଳୀକୁ ଅଧିକ କୋହଳ କରିଛନ୍ତି। ଡ୍ରୋନ୍ ବ୍ୟବହାର ନିମନ୍ତେ ପଞ୍ଜୀକରଣ କିମ୍ବା ଲାଇସେନ୍ସ ଇସ୍ୟୁ ପୂର୍ବରୁ ଏଣିକି ସୁରକ୍ଷାଗତ ମଞ୍ଜୁରୀର ଆବଶ୍ୟକ ପଡ଼ିବ ନାହିଁ। ଏଥିସହିତ ନୂଆ ନିୟମାବଳୀରେ ଡ୍ରୋନ୍ ଉଡ଼ାଣ ଲାଗି ଅନୁମତି ନିମନ୍ତେ ଦେୟ ପରିମାଣକୁ ଯଥେଷ୍ଟ କମାଇ ଦିଆଯାଇଛି। ଗୁରୁବାର କେନ୍ଦ୍ର ଜାରି କରିଥିବା ନୂଆ ଡ୍ରୋନ୍ ନିୟମାବଳୀରେ ସର୍ବାଧିକ ଜରିମାନା ପରିମାଣ ୧ ଲକ୍ଷ ଟଙ୍କାକୁ ହ୍ରାସ କରାଯାଇଛି।

ମାଲ୍ ପରିବହନ ପାଇଁ ଡ୍ରୋନ୍ କରିଡରଗୁଡ଼ିକର ବିକାଶ କରାଯିବ। ଡ୍ରୋନ୍ ନିୟମାବଳୀ, ୨୦୨୧ରେ ଡ୍ରୋନଗୁଡ଼ିକର ପରିବହନ କ୍ଷମତାକୁ ୩୦୦ କିଲୋଗ୍ରାମରୁ ୫୦୦ କିଲୋଗ୍ରାମକୁ ବୃଦ୍ଧି କରାଯାଇଛି। ଓଜନଦାର ପେ'ଲୋଡ୍ ପରିବହନ କରୁଥିବା ଡ୍ରୋନ୍ ଏବଂ ଡ୍ରୋନ୍ ଟ୍ୟାକ୍ସିକୁ ଏଥିରେ ସାମିଲ କରାଯିବା ପାଇଁ ଏହି ନିୟମ ବଦଳାଯାଇଛି। ନୂଆ ନିୟମାବଳୀରେ ବିଶିଷ୍ଟ ପ୍ରାଧିକାର ନିୟମ, ବିଶିଷ୍ଟ ପ୍ରୋଟୋଟାଇପ୍ ପରିଚୟ ନମ୍ବର, ସହମତି ପ୍ରମାଣପତ୍ର,



ରକ୍ଷଣାବେକ୍ଷଣ ପ୍ରମାଣପତ୍ର, ଅପରେଟର ପର୍‌ମିଟ୍, ଗବେଷଣା ଓ ବିକାଶ ସଂଗଠନ ପ୍ରାଧିକରଣ ଆଦି ଅନୁମୋଦନକୁ ହଟାଇ ଦିଆଯାଇଛି। ଗ୍ରୀନ୍, ୟେଲୋ ଏବଂ ରେଡ୍ ଜୋନ୍ ଆଦି ଇଣ୍ଟରାକ୍ଟିଭ୍ ଏୟାରସ୍ପେସ୍ ମ୍ୟାପ୍ ଡିଜିଟାଲ ସ୍କାଏ ପ୍ଲାଟ୍‌ଫର୍ମରେ ପ୍ରଦର୍ଶିତ ହେବ। ୟେଲୋ ଜୋନ୍‌କୁ ବିମାନବନ୍ଦର ପରିସରଠାରୁ ୪୫ କିଲୋମିଟରରୁ ୧୨ କିଲୋମିଟରକୁ ହ୍ରାସ କରାଯାଇଛି। ଗ୍ରୀନ୍ ଜୋନ୍‌ରେ ଡ୍ରୋନ ଉଡ଼ାଇବା ପାଇଁ ଅନୁମତିର ଆବଶ୍ୟକତା ନାହିଁ। ବିମାନ ବନ୍ଦର ପରିସରଠାରୁ ୮ରୁ ୧୨ କିଲୋମିଟର ମଧ୍ୟରେ ୨୦୦ ଫୁଟ୍ ପର୍ଯ୍ୟନ୍ତ ଉଚ୍ଚରେ ଡ୍ରୋନ୍ ଉଡ଼ାଇ ହେବ।

## ପୋଲିସ ଶାସକ ଦଳ ପକ୍ଷ ନେବା ବିଶୃଙ୍ଖଳିତ ଧାରା: ସିଜେଆଇ

ନୂଆଦିଲ୍ଲୀ, ୨୬।୮

ପୋଲିସ ଅଫିସରମାନେ ଶାସକ ଦଳ ସପକ୍ଷରେ କାର୍ଯ୍ୟ କରିବା ଦେଶରେ ଏକ ବିଶୃଙ୍ଖଳିତ ଧାରା ବୋଲି ଗୁରୁବାର ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି। ଶାସକ ଦଳର ପ୍ରିୟପାତ୍ର ହେବା ଲାଗି ପୋଲିସ ଅଫିସରମାନେ କ୍ଷମତାର ଅପବ୍ୟବହାର କରିବା ସହ ରାଜନୈତିକ ବିରୋଧୀମାନଙ୍କୁ ହଇରାଣ କରୁଛନ୍ତି। ଅନ୍ୟ ଏକ ଦଳ କ୍ଷମତାକୁ ଆସିବା ପରେ ସମ୍ପୃକ୍ତ ପୋଲିସ ଅଫିସରଙ୍କୁ ହଇରାଣ କରାଯାଉଛି। ଦେଶରେ ଏଭଳି ବିଶୃଙ୍ଖଳିତ ଟ୍ରେଣ୍ଡ ଲାଗିରହିଥିବା ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଛତିଶଗଡ଼ର ନିଲମ୍ବିତ ପୋଲିସ ଅଧିକାରୀ ଗୁରଜିନ୍ଦର ପାଲ୍ ସିଂ ପୂର୍ବତନ ଭାଜପା ନେତୃତ୍ୱାଧୀନ ସରକାରଙ୍କ ଘନିଷ୍ଠ ଥିବାରୁ ବର୍ତ୍ତମାନର କଂଗ୍ରେସ ସରକାର


ଜଷ୍ଟିସ୍ ଏନ୍.ଭି. ରମନା

ତାଙ୍କ ବିରୋଧରେ ବେଆଇନ ସମ୍ପତ୍ତି ଠୁଳ ଓ ମିଥ୍ୟା ଦୁର୍ନୀତି ଅଭିଯୋଗ ଆଣିଥିଲେ। ଏଥିସହ ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯିବା ସହ ଦେଶଦ୍ରୋହ ମାମଲା ରୁଜୁ କରାଯାଇଥିଲା। ଉକ୍ତ ଏତଲାକୁ ଖାରଜ କରିବା ପାଇଁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବିମାନ ଗଡ଼ାଉଛନ୍ତି ତାଲିବାନୀ

**ଉଡ଼ାଣ ଶିଖିନାହାନ୍ତି ଆତଙ୍କବାଦୀ**

ନୂଆଦିଲ୍ଲୀ, ୨୬।୮

ଆମେରିକା ସୈନ୍ୟ ସିନା ଆଫଗାନିସ୍ତାନ ଛାଡ଼ି ପଳାଉଛନ୍ତି କିନ୍ତୁ ଛାଡ଼ି ଯାଇଛନ୍ତି ବିପୁଳ ଅସ୍ତ୍ରଶସ୍ତ୍ର, ଯୁଦ୍ଧବିମାନ। ଆଫଗାନ୍ ସେନା ପାଇଥିବା ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ବି ଏବେ ତାଲିବାନ୍ ହାତରେ ଲାଗିଛି। ସେସବୁ ନିକଟରେ ଆତଙ୍କବାଦୀମାନେ ଛିଡ଼ାହୋଇ ଫଟୋ ଶୁଟ୍ କରୁଥିବା ନଜରକୁ ଆସିଛି। ସେନାର ବନ୍ଧୁକ, ଗାଡ଼ି ଯେ କୌଣସି ମତେ ଚଳାଇ ଦେଉଥିଲେ ହେଁ ବଡ଼ ମିଲିଟାରୀ ହେଲିକପ୍ଟର ଉଡ଼ାଇବା ତାଲିବାନୀ ଆତଙ୍କବାଦୀଙ୍କ ପକ୍ଷେ ସହଜ ହେଉନାହିଁ। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି, ଯେଉଁଥିରେ ଆଫଗାନ୍ ବାୟୁସେନାର ୟୁଏଚ୍-୬୦ ବ୍ଲାକ୍ ହକ୍ ହେଲିକପ୍ଟରକୁ ଉଡ଼ାଇବା ପରିବର୍ତ୍ତେ




ତାଲିବାନୀମାନେ ଟାକ୍ସି ପରି ଚଲାଇ କାନ୍ଦାହାର ବିମାନବନ୍ଦରକୁ ନେଉଥିବା ଦେଖିବାକୁ ମିଳିଛି। ତାଲିବାନ କାବୁଲ ଦଖଲ କରିବା ପରେ ଆତଙ୍କବାଦୀଙ୍କ ହାତରେ ଆଫଗାନିସ୍ତାନ ବାୟୁସେନାର ଶକ୍ତିଶାଳୀ ସାମରିକ ସମ୍ପତ୍ତି ନ ପଡ଼ିବା ପାଇଁ ସେଗୁଡ଼ିକୁ ଦେଶ ବାହାରକୁ ଉଡ଼ାଇ ନିଆଯାଇଥିଲା। ଆଫଗାନ୍ ଏୟାର ଫୋର୍ସର ୪୦ ଅଧିକ ବିମାନକୁ ଉଜବେକିସ୍ତାନ ନିଆଯାଇଥିବା ପ୍ଲାନେଟ୍ ଲାବ୍ ପକ୍ଷରୁ ଜାରି ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଥିଲା। ସେଥିମଧ୍ୟରେ ବ୍ରାଜିଲ ନିର୍ମିତ ୧୦ଟି ଏ-୨୯ ସୁପର ଟୁକାନୋ ଲାଇଟ୍ ଆଟାକ୍ ବିମାନ ରହିଛି। ଏହା ମାଧ୍ୟମରେ ଆଫଗାନ୍ ସୈନ୍ୟ ତାଲିବାନ୍ ଉପରେ ଲେଜର୍ ଗାଇଡେଡ୍ ବୋମା ପକାଉଥିଲେ। ଆକ୍ରମଣକାରୀ ହେଲିକପ୍ଟର ମଧ୍ୟରୁ ୫ଟି ଏମ୍‌ଆଇ-୨୫କୁ ଉଜ୍‌ବେକିସ୍ତାନ ନିଆଯାଇଛି, ଯାହାକୁ ଭାରତର ଆର୍ଥିକ ଅନୁଦାନ କ୍ରମେ ବେଲାରୁସ୍ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଅନେକ ବିମାନ ଯୋଗେ ୬ଶହରୁ ଉର୍ଦ୍ଧ୍ୱ ଆଫଗାନିସ୍ତାନ ସୈନ୍ୟ ଦେଶ ଛାଡ଼ି ବାହାରକୁ ପଳାୟନ କରିଛନ୍ତି। ସେହିପରି ଅତିକମ୍‌ରେ ୧୨ଟି ଆଫଗାନ୍ ପରିବହନ ବିମାନ ତାଜିକିସ୍ତାନର ବୋଖତାର ବିମାନବନ୍ଦରରେ ପହଞ୍ଚିଥିବା ଜଣାପଡ଼ିଛି।

ମଜାର-ଇ-ଶରିଫ୍ ବିମାନବନ୍ଦରରୁ ତାଲିବାନ୍ ହାତରେ ଅତିକମ୍‌ରେ ଗୋଟିଏ ଏ-୨୯ ସୁପର ଟୁକାନୋ ବିମାନ ଏବଂ ଏମ୍‌ଡି-୫୩୦ଏଫ୍ ମିଲିଟାରୀ ହେଲିକପ୍ଟର ଲାଗିଛି। ହେଲେ ଏ ସବୁ ଉଡ଼ାଇବା ପାଇଁ ତାଲିମ ନେଇ ନ ଥିବାରୁ ନିଜ ଉଦ୍ଦେଶ୍ୟ ପୂରଣ ନିମନ୍ତେ ଏହାର ବ୍ୟବହାର କରିବା ତାଲିବାନ ପକ୍ଷେ କଷ୍ଟକର ହୋଇପଡ଼ୁଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୫୦,୭୭,୦୬୪ | ୪୪,୮୨,୦୯୫ | ୧୯,୨୪,୦୭,୫୩୭ |
| ଭାରତ | ୩,୨୫,୭୩,୬୪୧ | ୪,୩୬,୫୧୭ | ୩,୧୭,୮୮,୪୪୦ |
| ଓଡ଼ିଶା | ୧୦,୦୪,୦୫୯ | ୭୭୨୮(+୫୩) | ୯,୮୮,୮୫୪ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ସେପ୍ଟେମ୍ବର ୫ ସୁଦ୍ଧା ସମସ୍ତ ଶିକ୍ଷକଙ୍କୁ ଟିକା

**ଭୁବନେଶ୍ୱର,୨୬।୮(ବ୍ୟୁରୋ)**

ରାଜ୍ୟରେ ଚାଲିଥିବା ଟିକାକରଣରେ ଶିକ୍ଷକମାନଙ୍କୁ ଅଗ୍ରାଧିକାର ଦିଆଯିବ। ସବୁ ସରକାରୀ ଓ ବେସରକାରୀ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀଙ୍କୁ ଟିକା ଦେବା ପାଇଁ କେନ୍ଦ୍ର ସରକାର ଚିଠି ଲେଖିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। କେତେ ଶିକ୍ଷକ ଟିକା ନେଇଛନ୍ତି ଏବଂ କେତେ ନେଇନାହାନ୍ତି ସେମାନଙ୍କ ତାଲିକା ପ୍ରସ୍ତୁତ ପାଇଁ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସ୍ୱତନ୍ତ୍ର ଡ୍ରାଇଭ୍ ଜରିଆରେ ୟୁ-ଡାଇସ ପ୍ଲସ୍ ସଫ୍ଟୱେର ମାଧ୍ୟମରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସମନ୍ୱୟରେ ଟିକାକରଣ କରାଯିବ। ଏଥିପାଇଁ ଆସନ୍ତା ୨୭ ତାରିଖରୁ ଅତିରିକ୍ତ ୧୧ ଲକ୍ଷ ଟିକା ଆସିବା ପରେ ଟିକାକରଣ କାର୍ଯ୍ୟ ଆରମ୍ଭ ହେବ। ଏହି ୧୧ ଲକ୍ଷ ମଧ୍ୟରୁ ୯ ଲକ୍ଷ ୯୨ ହଜାର ୩୮୦ କୋଭିସିଲଡ୍ ଓ ୧ ଲକ୍ଷ ୨୪ ହଜାର କୋଭାକ୍ସିନ ଟିକା ଆସିବ। ସେପ୍ଟେମ୍ବର ୫ ମଧ୍ୟରେ ସମସ୍ତ ଶିକ୍ଷକ ଓ ସ୍କୁଲ କର୍ମଚାରୀଙ୍କୁ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି। କରୋନା ମହାମାରୀର ତୃତୀୟ ଲହର ଆସିବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇଲେଣି। ଏପରିସ୍ଥଳେ ରାଜ୍ୟର ୧୩ ଲକ୍ଷ ଲୋକଙ୍କୁ ଏବେ ସୁଦ୍ଧା କୋଭିଡ୍ ଟିକାର ଦ୍ୱିତୀୟ ଡୋଜ୍ ଦିଆଯାଇ ପାରିନାହିଁ। ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୧୨ ଲକ୍ଷ ୯୫ ହଜାର ଲୋକ ଦ୍ୱିତୀୟ ଡୋଜ ଟିକା ନେବା ପାଇଁ ଅପେକ୍ଷା କରି ରହିଛନ୍ତି। ତେବେ ଏତେ ସଂଖ୍ୟକ ଲୋକ କିପରି ସେମାନଙ୍କ ଦ୍ୱିତୀୟ ଡୋଜ ନେଇ ପାରିଲେ ନାହିଁ ସେ ବିଷୟରେ ବିଭାଗ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ଆସନ୍ତା ଅକ୍ଟୋବର ସୁଦ୍ଧା ରାଜ୍ୟରେ ତୃତୀୟ ଲହର ଆସିବା ନେଇ ଆଶଙ୍କା ରହିଛି। ସେହି ସମୟରେ ଦୈନିକ ସଂକ୍ରମଣ ୧୪ ହଜାର ଟପିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଅନୁମାନ କରୁଛନ୍ତି। ଏଥିରେ ଶିଶୁମାନେ ମଧ୍ୟ ଅଧିକ ସଂଖ୍ୟାରେ ସଂକ୍ରମିତ ହେବାର ସମ୍ଭାବନା ରହିଛି।

**DAYANAND INSTITUTE**
Dhanupali, Sambalpur- 768005
Helpline- 9114338817, 9938895475, 9437158817
**ADMISSION NOTICE**
**NTT-** 1year regular and correspondence course
Eligibility- +2 & Above (Only Ladies)
**B. Ed-** NCTE Approved (2 years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
**M.A. IN YOGA-** Affiliated Utkal University of Culture, BBSR
Eligibility- Any Graduate
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
OFFICE TIME 8AM TO 1PM
Please visit at – dayanandgroupofinstitution.co.in

# ଭୂମିହୀନ ସେବାୟତଙ୍କୁ ମିଳିବ ଘର

**ପୁରୀ ଅଫିସ,୨୬।୮**

ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ ଗୁରୁବାର ନୀଳାଚଳ ଭକ୍ତ ନିବାସଠାରେ ହୋଇଯାଇଛି। ଗଜପତି ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ କାର୍ଯ୍ୟକ୍ଷମ କରିବା, ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ପାଇଁ ଏଏସ୍ଆଇ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ୫ବର୍ଷୀୟା ଚୁକ୍ତି, ସେବାୟତ ବାସଗୃହ ଯୋଜନା, ଶ୍ରଦ୍ଧାଳୁଙ୍କୁ ରଥ ଚକ ମାଗଣା ବଣ୍ଟନ ଭଳି ୪ଟି ପ୍ରମୁଖ ପ୍ରସଙ୍ଗ ଉପରେ ମୋହର ଲାଗିଛି। ଏଥିସହିତ ଶ୍ରୀମନ୍ଦିର ପରିଚାଳନା କମିଟି ଅନ୍ତର୍ଗତ ୮ଟି ସବ୍ କମିଟି ଗଠିତ ହୋଇଛି। ଅର୍ଥ, ନୀତି, ରତ୍ନଭଣ୍ଡାର, ଅପିଲ, ଲ୍ୟାଣ୍ଡ, ସେବକ କଲ୍ୟାଣ, ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ଗବେଷଣା ପ୍ରଚାର ପ୍ରସାର ଏବଂ ମନ୍ଦିର ପେନ୍ସନ ନାମରେ ସ୍ୱତନ୍ତ୍ର ସବ୍ କମିଟି ଗଠନ ହୋଇଛି।

ବୈଠକ ପରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର କହିଛନ୍ତି, ଆଦର୍ଶ ଗୁରୁକୁଳ ନିର୍ମାଣ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ସମିତି ନାମକ ଏକ ସୋସାଇଟି ଗଠନ ହେବ। ଏହା ପରିଚାଳନା କମିଟିର ତତ୍ତ୍ୱାବଧାନରେ କାର୍ଯ୍ୟ କରିବ। ସୋସାଇଟି ରେଜିଷ୍ଟ୍ରେଶନ ଆଇନ ଅନୁସାରେ ଏହା ଗଠନ ହେବ। ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ପାଣ୍ଠି ଗଠନ କରାଯିବ। ଏହା ସୋସାଇଟିର ପାଣ୍ଠି ଭାବେ କାର୍ଯ୍ୟ କରିବ। ପୂର୍ବରୁ ଗୁରୁକୁଳ ନିର୍ମାଣ ପାଇଁ ମିଳିଥିବା ଫଣ୍ଡ ମଧ୍ୟ ସଂପୃକ୍ତ ପାଣ୍ଠିକୁ ସ୍ଥାନାନ୍ତରିତ କରାଯିବ। ଏହାସହ ମାଟିତୋଟାରେ ୧୭ଏକରର ଏକ ଜମି ଚିହ୍ନଟ ହୋଇଛି। ସୋସାଇଟି ସମ୍ପୃକ୍ତ ସ୍ଥାନର ମାଲିକାନାରେ ରହିବ ଓ ଗୁରୁକୁଳ ନିର୍ମାଣ ହେବ। ସୋସାଇଟିର ଅଧ୍ୟକ୍ଷ ଭାବେ ଦିବ୍ୟସିଂହ ଗଜପତି ଦେବଙ୍କୁ ଦାୟିତ୍ୱ ଦିଆଯିବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଶିକ୍ଷାବିତ୍, ଅର୍ଥନୀତି ବିଶେଷଜ୍ଞ, ଉନ୍ନୟନ ପ୍ରଶାସକ ଓ ସେବାୟତ ପ୍ରତିନିଧିଙ୍କୁ ମନୋନୀତ କରାଯିବ। ସେବାୟତ ପ୍ରତିନିଧି ଭାବେ ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡାଙ୍କ ନାମ ବୈଠକରେ ଅନୁମୋଦନ କରାଯାଇଛି। ସୋସାଇଟି ଗୋଟିଏ ଅଣଲାଭଦାୟକ ସଂସ୍ଥା ସହ ଏମ୍ଓୟୁ କରିବ, ଯିଏକି ସନାତନ ଧର୍ମର ପ୍ରଚାରପ୍ରସାର କରିବାରେ ସହାୟତା କରିବ। ଏମ୍ଓୟୁ ପରିଚାଳନା କମିଟିରେ ଅନୁମୋଦିତ ହେବାପରେ କାର୍ଯ୍ୟକ୍ଷମ ହୋଇପାରିବ। ୨୦୨୨-୨୩ ଶିକ୍ଷାବର୍ଷଠାରୁ ଆଦର୍ଶ ଗୁରୁକୁଳ ଚାଲୁ ହେବା ସହ ବିଦ୍ୟାଳୟ ପ୍ରତିଷ୍ଠା ହେବାକୁ ଥିବା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ଘୋଷଣା କରି ସାରିଛନ୍ତି।

ସେହିପରି ସେବାୟତ ବାସଗୃହ ଯୋଜନା ସମ୍ପର୍କରେ ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୪ଶହ ଭୂମିହୀନ ସେବାୟତ ପରିବାରଙ୍କୁ ବାସଗୃହ ପ୍ରଦାନ ପାଇଁ ଏକ ଯୋଜନା ପ୍ରସ୍ତୁତ ହୋଇଛି। ଲ୍ୟାଣ୍ଡ ଆଣ୍ଡ ପ୍ରୋଜେକ୍ଟ ସବ୍‌କମିଟି ଅଧୀନରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯିବା ସହ ଆଗାମୀ ପଦକ୍ଷେପ କାର୍ଯ୍ୟକ୍ଷମ ହେବ। ଯେଉଁ ସେବାୟତମାନେ ଶ୍ରୀମନ୍ଦିର ନୀତିକାନ୍ତିରେ ଜଡ଼ିତ ସେମାନଙ୍କୁ ଚୟନ କରାଯିବା ସହ ପ୍ରତି ପରିବାରକୁ ପାଖାପାଖି ୬ଶହ ବର୍ଗ ଫୁଟ୍‌ର ଜାଗା ପ୍ରଦାନ କରାଯିବ। ଏଥିପାଇଁ ୮ଏକର ଜମି ଚିହ୍ନଟ କରାଯାଇଛି। ଜାଗା ସହ ଘର ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ଓ ଅବଶିଷ୍ଟ ଖର୍ଚ୍ଚ ସେବାୟତ ପରିବାର ବହନ କରିବେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟକୁ ପରିଚାଳନା କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଏକ ୫ ବର୍ଷୀୟା ଏମ୍ଓୟୁ ସ୍ୱାକ୍ଷର ହେବ। ପ୍ରତିବର୍ଷ ଚୁକ୍ତି ହିସାବରେ କାର୍ଯ୍ୟ ଆଗକୁ ବଢ଼ିବ। ଚୁକ୍ତି ସମ୍ବନ୍ଧିତ ସୂଚନା ଏଏସ୍ଆଇକୁ ଦିଆଯାଇଥିବାବେଳେ ଆସନ୍ତା ବର୍ଷ ରଥଯାତ୍ରା ପୂର୍ବରୁ ଏହା କାର୍ଯ୍ୟକାରୀ ହୋଇଯିବା ନେଇ ପ୍ରଶାସନ ଆଶା ରଖିଛି। ରକ୍ଷଣାବେକ୍ଷଣ ବାବଦକୁ ଅଧିକ ଅର୍ଥ ଆବଶ୍ୟକ ହେଲେ ରାଜ୍ୟ ସରକାରଙ୍କ ସହଯୋଗ ନିଆଯିବ। ରଥଯାତ୍ରା ପରେ ରଥର ଚକ ଓ ଅନ୍ୟ ଅଂଶକୁ ଶ୍ରଦ୍ଧାଳୁମାନେ ନେଇଥାନ୍ତି। ଏଥିପାଇଁ ଶ୍ରଦ୍ଧାଳୁଙ୍କୁ କିଛି ମୂଲ୍ୟ ଦେବାକୁ ପଡ଼ିଥାଏ। ହେଲେ ଏବେ ଆଗ୍ରହୀ ଶ୍ରଦ୍ଧାଳୁମାନେ ରଥର ବିଭିନ୍ନ ଅଂଶବିଶେଷକୁ ମାଗଣା ନେଇପାରିବେ। ଆଗ୍ରହୀ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅଧିକ ହେଲେ ଲଟେରି ମାଧ୍ୟମରେ ରଥର ଅଂଶବିଶେଷକୁ ବଣ୍ଟନ କରିବା ପାଇଁ ଏକ ସବ୍‌କମିଟି ଗଠନ ହୋଇଛି। ସଂପୃକ୍ତ ସବ୍‌କମିଟି ଆସନ୍ତା ବୈଠକ ପୂର୍ବରୁ ଏନେଇ ଚୂଡ଼ାନ୍ତ ପ୍ରକ୍ରିୟା ନେଇ ଆସିବେ। ସେହିଭଳି ସେପ୍ଟେମ୍ବର ଶେଷ ସୁଦ୍ଧା ବଜେଟ୍ ସମ୍ପର୍କିତ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

ପରିଚାଳନା କମିଟି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ୍ କୁମାର, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନ୍‌ୱର ବିଶାଲ୍ ସିଂଙ୍କ ସମେତ ନବଗଠିତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ପ୍ରଥମେ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିବାବେଳେ ୨୦୨୧ ରଥଯାତ୍ରାର ସଫଳ ପରିଚାଳନା ପାଇଁ ଧନ୍ୟବାଦ ଅର୍ପଣ ହୋଇଥିଲା। ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି, ଆସନ୍ତା ୩ ବର୍ଷ ମଧ୍ୟରେ ନିର୍ଦ୍ଧାରିତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଦିଗରେ ସମ୍ପୂର୍ଣ୍ଣ ପରିଚାଳନା କମିଟି ଧ୍ୟାନ ଦେବା ସହ ନିଷ୍ଠାପର ଭାବେ କାର୍ଯ୍ୟ କରିବ।


ନୀଳାଚଳ ଭକ୍ତ ନିବାସଠାରେ ଗୁରୁବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଉପସ୍ଥିତ ଗଜପତି ଦିବ୍ୟସିଂହଦେବ, ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର (ବାମ), ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ କ୍ରିଷନ କୁମାର ।

**ଶ୍ରୀମନ୍ଦିର ପରିଚାଳନା ବୈଠକ**
- ଆଦର୍ଶ ଗୁରୁକୁଳ ଉପରେ ଚୂଡ଼ାନ୍ତ ମୋହର
- ମାଗଣାରେ ଶ୍ରଦ୍ଧାଳୁଙ୍କୁ ମିଳିବ ରଥ ଚକ
- ସେପ୍ଟେମ୍ବର ଶେଷ ସୁଦ୍ଧା ବଜେଟ ସମ୍ପର୍କିତ ବୈଠକ
- ୮ ସବ୍‌କମିଟି ଗଠିତ



**ଆଜିର ମନ୍ତବ୍ୟ**

ଅଳ୍ପ କେତୋଟି ଦେଶର ବିସ୍ତାରବାଦୀ ଚିନ୍ତାଧାରା ଯୋଗୁ ସୀମା ବିବାଦ ଘଟୁଛି। ଭାରତ ସବୁବେଳେ ଶାନ୍ତିର ପ୍ରଚାର କରିବା ସହ ଅନ୍ୟ ଦେଶର ଗଣତାନ୍ତ୍ରିକ ଢାଞ୍ଚାକୁ ମଜଭୁତ କରିବା ଦିଗରେ କାର୍ଯ୍ୟ କରିଆସିଛି। **–ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି**



## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ପ୍ରାଚି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଉ ଗୁଣକୁ**
**ପଖାଳ ଭାତରେ ଲୁଣ ଗୁଡ଼ାକୁ(ଗୋଡ଼ାକୁ)।**
ଯେତେବେଳେ ଘରର ମୁଖ୍ୟ ଅଯୋଗ୍ୟ ଓ ଅପାରଗ ହୋଇଯାଏ ସେତେବେଳେ ଘରର ଆର୍ଥିକ ସ୍ଥିତି ବିଗିଡ଼ି ଯିବାକୁ ବେଶି ଡେରି ଲାଗି ନ ଥାଏ। ସାଧାରଣତଃ ସ୍ୱାମୀ ଉପରେ ସ୍ତ୍ରୀ ନିର୍ଭରଶୀଳ। ସ୍ୱାମୀ ତା'ର ବଳ ଓ ସାହା ଭରସା। ପରନ୍ତୁ ସ୍ୱାମୀ ଯଦି ଅଯୋଗ୍ୟ ହୁଏ ତା' ହେଲେ ସ୍ତ୍ରୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଏ। ସ୍ତ୍ରୀର ହାନିଲାଭ ବୁଝିପାରୁନଥିବା ଅପାରଗ ସ୍ୱାମୀ ପ୍ରତି ଏଭଳି କ୍ଷୋଭୋକ୍ତି ପ୍ରକାଶ କରାଯାଇଛି।

**କଞ୍ଚା ମରିଚ**
**ଆମକୁ ଦେଖି ପଡ଼ି ମରୁଚ।**
ସାଧାରଣତଃ ଲଙ୍କା ଖାଇଲେ ପାଟି ରାଗରେ ଜଳିଯାଇଥାଏ। ସେହିପରି କିଛି ବ୍ୟକ୍ତି ଅନ୍ୟକୁ ଦେଖିଲା ମାତ୍ରେ ବିନା କାରଣରେ ରାଗରେ ଜଳିଯାଇଥାନ୍ତି। ଲଙ୍କା ଓ କ୍ରୋଧି ବ୍ୟକ୍ତିଙ୍କ ପ୍ରକୃତି ସମାନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।କିର୍ଟିକକ

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ଜୋର୍ ଧରିଲା ସଂରକ୍ଷଣ ରାଜନୀତି

- ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କର: ଭାଜପା
- ପଞ୍ଚାୟତ, ପୌରନିର୍ବାଚନ ହେବ ଜାଣି ମୁଖଲଜ୍ଜା ଲୁଚାଉଛି ଭାଜପା: ବିଜେଡି
- ଓବିସିଙ୍କ ପ୍ରତି ଉଭୟ କେନ୍ଦ୍ର, ରାଜ୍ୟ ସରକାର ଅବିଚାର କରିଛନ୍ତି: କଂଗ୍ରେସ

**ଭୁବନେଶ୍ୱର, ୨୬।୮(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନରେ ସ୍ଥାନ ସଂରକ୍ଷଣ ନେଇ ବିଧାନସଭାରେ ଆମେଣ୍ଡମେଣ୍ଟ ପାସ୍ କରାଯିବ। ଏଥିଲାଗି ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ଆଗାମୀ ନିର୍ବାଚନରେ ୫୦% ସ୍ଥାନ ସଂରକ୍ଷଣ ରହିବ। ଓବିସି ବର୍ଗଙ୍କ ସଂରକ୍ଷଣ ନେଇ ବିଜେଡି କେନ୍ଦ୍ର ନିକଟରେ ଦାବି କରିଥିଲା। କିନ୍ତୁ ପାର୍ଲାମେଣ୍ଟରେ ଏ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ଏ ସମ୍ପର୍କରେ କେନ୍ଦ୍ର ବ୍ୟବସ୍ଥା ନ କଲେ ମଧ୍ୟ ଦଳୀୟ ଭିତ୍ତିରେ ୨୭% ସ୍ଥାନ ସଂରକ୍ଷଣ ସହ ବିଜେଡି ନିର୍ବାଚନ ଲଢ଼ିବ ବୋଲି ମନ୍ତ୍ରୀ ଜେନା କହିଛନ୍ତି। ଏଥିଲାଗି ଆବଶ୍ୟକ ବ୍ୟବସ୍ଥା କରାଯିବ। ଚଳିତ ନିର୍ବାଚନରେ ପଞ୍ଚାୟତ ପୁନର୍ଗଠନ ହେବ ନାହିଁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ମନ୍ତ୍ରୀଙ୍କ ଏଭଳି ବୟାନ ଉପରେ ପ୍ରତିକ୍ରିୟା ରଖି ଭାଜପା ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି, ନିର୍ବାଚନରେ ୫୦%ରୁ କମ୍ ସ୍ଥାନ ସଂରକ୍ଷଣ କରିବାକୁ ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ ମାନିବା ପାଇଁ ରାଜ୍ୟ ସରକାର ବାଧ। କିନ୍ତୁ ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବା ଉଚିତ୍। ହୁଏତ ପରାଜୟ ଭୟରେ ସରକାର ପୌରନିର୍ବାଚନ କରୁନାହାନ୍ତି ବୋଲି ଭୃଗୁ କହିଛନ୍ତି। ଅନ୍ୟପଟେ ଭୃଗୁଙ୍କ ମତ ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତା ଲେନିନ୍ ମହାନ୍ତି କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନ ଏବଂ ପରବର୍ତ୍ତୀ ସମସ୍ତ ଉପନିର୍ବାଚନ ଭାଜପା ବିପୁଳ ଭୋଟ୍‌ରେ ହାରିଛି। ପଞ୍ଚାୟତ ଓ ପୌର ନିର୍ବାଚନରେ ଭାଜପା ସମଦଶା ଭୋଗିବ। ପରାଜୟ ଭୟରେ ବିରୋଧୀ ଏପରି ଭିତ୍ତିହୀନ ବିବୃତ୍ତି ଦେଉଛନ୍ତି। ଏହି ପ୍ରସଙ୍ଗ ବର୍ତ୍ତମାନ ହାଇକୋର୍ଟରେ ବିଚାରାଧୀନ ଅଛି। ରାଜ୍ୟ ଭାଜପା ଏହି ପ୍ରସଙ୍ଗରେ ଅଦାଲତଙ୍କୁ ସମ୍ମାନ ଦେବା ଉଚିତ୍। ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ନିଶ୍ଚିତ ହେବ। ଏହା ଜାଣିବା ପରେ ମୁଖଲଜ୍ଜା ବଞ୍ଚାଇବା ପାଇଁ ଭାଜପା ପୁନର୍ବାର ଏଭଳି ବୟାନବାଜି ଆରମ୍ଭ କରିଛି ବୋଲି ଲେନିନ୍ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଗୁରୁବାର ଖବରଦାତା ସମ୍ମିଳନୀ କରି କହିଛନ୍ତି, ଓବିସିଙ୍କ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅବିଚାର କରିଛନ୍ତି। ଜାତିଭିତ୍ତିକ ଜନଗଣନା ପାଇଁ କେନ୍ଦ୍ର କାହିଁକି ମନା କରୁଛି ତା'ର ଉତ୍ତର ଦେଉ। ୫୦ ପ୍ରତିଶତ ସିଲିଂ ବ୍ୟବସ୍ଥା ନ ହଟିଲେ ଓବିସି ସଂରକ୍ଷଣ ହୋଇପାରିବ ନାହିଁ। ଶିକ୍ଷା କ୍ଷେତ୍ରରେ କାହିଁକି ରାଜ୍ୟ ସଂରକ୍ଷଣ ବ୍ୟବସ୍ଥା କଲାନାହିଁ। ଓବିସି ଫାଇନାନ୍ସ କମିଶନଙ୍କ ଦ୍ୱାରା କୌଣସି ବ୍ୟକ୍ତି ଉପକୃତ ହୋଇନାହାନ୍ତି ବୋଲି ଗଣେଶ୍ୱର ଅଭିଯୋଗ କରିଛନ୍ତି।

## ଏସ୍‌ସିବିରେ ଆଜି ଏକ୍‌ମୋ ୟୁନିଟ୍ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**କଟକ ଅଫିସ, ୨୬।୮**

କଟକ ଏସ୍‌ସିବି ମେଡିକାଲରେ ଶୁକ୍ରବାର ଏକ୍‌ମୋ ୟୁନିଟ୍ ଉଦ୍‌ଘାଟିତ ହେବ। ଏସ୍‌ସିବି କାର୍ଡିଓଥେରାସିସ୍ ଆଣ୍ଡ ଭାସ୍କୁଲାର ସର୍ଜରୀ ବିଭାଗରେ ଏହି ୟୁନିଟ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଏଥିପାଇଁ ଗୁରୁବାର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ କଟକ ଡିସିପି ପ୍ରତୀକ୍ ସିଂ ହସ୍ପିଟାଲରେ ପହଞ୍ଚି ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସ୍ୱତନ୍ତ୍ର ଭାବେ ଗଠନ ହୋଇଥିବା ଏକ ଡାକ୍ତରୀ ଦଳର ପରାମର୍ଶକ୍ରମେ ପ୍ରଥମେ ଚିକିତ୍ସା ପାଇଁ ୫ ଜଣ ରୋଗୀଙ୍କ ନାମ ଚୂଡ଼ାନ୍ତ ହୋଇଛି। କରୋନାରୁ ସୁସ୍ଥ ହେବା ପରେ ଫୁସ୍‌ଫୁସ୍ ଅଧିକ ମାତ୍ରାରେ ପ୍ରଭାବିତ ହେଉଥିବା ଲକ୍ଷ୍ୟ କରାଯାଉଛି। ଏଥିପାଇଁ ଏକ୍‌ମୋ ଚିକିତ୍ସା ଆବଶ୍ୟକ ପଡୁଛି। ଓଡ଼ିଶାରେ ଏହି ଚିକିତ୍ସା ସୁବିଧା ନ ଥିବାରୁ ରୋଗୀ ରାଜ୍ୟ ବାହାରକୁ ଚିକିତ୍ସା ପାଇଁ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଥମଥର ନିମନ୍ତେ ରାଜ୍ୟ ସରକାର ଏସ୍‌ସିବି ମେଡିକାଲରେ ଏଭଳି ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ମୋଟ୍ ୯ଟି ଏକ୍‌ମୋ ମେଶିନ ପର୍ଯ୍ୟାୟକ୍ରମେ ବିଦେଶରୁ ଅଣାଯାଇଛି। ସେଥିମଧ୍ୟରୁ ୬ଟି ଏକମୋ ୱାର୍ଡ଼ରେ ଓ ଅନ୍ୟ ୩ଟିକୁ ଆଇସୋଲେଶନ ସେଣ୍ଟରରେ ରଖାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## କାବୁଲରେ ...

ଦୁଇଟି ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏହି ଆକ୍ରମଣରେ ୧୩ ଜଣଙ୍କ ଜୀବନ ଯାଇଥିବାବେଳେ ଅନେକେ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତାହତଙ୍କ ମଧ୍ୟରେ କେତେଜଣ ଶିଶୁ ଓ ମହିଳା ଥିବା ଜଣାପଡ଼ିଛି। ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହାସହ ଆଫଗାନିସ୍ତାନ ଛାଡ଼ି ପଳାୟନ କରିବାକୁ ଅପେକ୍ଷାରତ ଆଫଗାନ୍ ଓ ଅନ୍ୟ ଦେଶର ନାଗରିକଙ୍କୁ କିପରି ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯିବ ତାହା ଆମେରିକା ନେତୃତ୍ୱାଧୀନ ବିଦେଶୀ ସୈନ୍ୟଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। କାବୁଲ ଏୟାରପୋର୍ଟ ବିସ୍ଫୋରଣ ନେଇ ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ମୁଖପାତ୍ର ଜନ୍ କିର୍ବି ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ ଆତଙ୍କବାଦୀ ଆକ୍ରମଣ ଆଶଙ୍କା କରି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ ଓ ଫ୍ରାନ୍ସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ସ୍ଥାନୀୟ ଶାଖା ଆଇଏସ୍–ଖୋରାସାନ ପକ୍ଷରୁ କାବୁଲ ଏୟାରପୋର୍ଟ ଉପରେ ଆକ୍ରମଣ ଆଶଙ୍କା ବଢ଼ିବାରେ ଲାଗିଥିବାରୁ ଏହି ସ୍ଥାନାନ୍ତର ପ୍ରକ୍ରିୟା ଏବେ ବାଧାପ୍ରାପ୍ତ ହୋଇଛି। ଆଇଏସ୍–କେ ହେଉଛି ତାଲିବାନ୍‌ର ବଡ଼ ଶତ୍ରୁ। ଦୁଇ ଆତଙ୍କବାଦୀ ସଙ୍ଗଠନ ପୂର୍ବରୁ ମଧ୍ୟ ଅନେକ ଥର ପରସ୍ପର ବିରୋଧରେ ଲଢ଼େଇ କରିଥିଲେ। ତେଣୁ ଉଭୟ ଉଦ୍ଧାରକାରୀ ସୈନ୍ୟ ଓ ଲୋକଙ୍କୁ ଆଇଏସ୍–କେ ଟାର୍ଗେଟ କରିବା ଆଶଙ୍କା ରହିଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରବିବାର ସତର୍କ କରାଇଥିଲେ। ଆତ୍ମଘାତୀ ବିସ୍ଫୋରଣ ଓ କାର୍ ବମ୍ବିଂରେ ମାହିର ଆଇଏସ୍–କେ'ର ଆକ୍ରମଣ ଆଶଙ୍କା ନେଇ ଇତିମଧ୍ୟରେ ବ୍ରିଟେନ ସରକାର ମଧ୍ୟ ଆଫଗାନିସ୍ତାନକୁ ନିଜ ନାଗରିକଙ୍କ ପାଇଁ ଟ୍ରାଭେଲ ଆଡ୍‌ଭାଇଜରିରେ ପରିବର୍ତ୍ତନ ଆଣିଛନ୍ତି। କାବୁଲ ଏୟାରପୋର୍ଟରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବାରୁ ଏୟାରଲିଫ୍ଟ ଓ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ। ତେଣୁ ବିମାନବନ୍ଦରକୁ ନ ଯିବା ପାଇଁ ଏବଂ ସେଠାରେ ଥିବା ଲୋକଙ୍କୁ ତୁରନ୍ତ ସ୍ଥାନ ଛାଡ଼ିବାକୁ ଏଥିରେ ପରାମର୍ଶ ଦିଆଯାଇଛି। ବ୍ରିଟେନର ୧,୦୦୦ ସୈନ୍ୟଙ୍କ ସହାୟତାରେ କାବୁଲରୁ ଅଦ୍ୟାବଧି ୬,୯୪୬ ଆଫଗାନ୍‌ଙ୍କ ସମେତ ୧୧,୪୭୪ ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି। ଆମେରିକା ଓ ବ୍ରିଟେନ ପରେ ଅଷ୍ଟ୍ରେଲିଆ ମଧ୍ୟ ନିଜ ନାଗରିକଙ୍କୁ କାବୁଲ ବିମାନବନ୍ଦରକୁ ନ ଯିବା ପାଇଁ ସତର୍କ କରାଇଛି। ଅଷ୍ଟ୍ରେଲିଆ ବହିର୍ବ୍ୟାପାର ମନ୍ତ୍ରୀ ମାରିସେ ପେନେ ଗୁରୁବାର କହିଛନ୍ତି, କାବୁଲରୁ ଅଷ୍ଟ୍ରେଲୀୟ ଓ ଭିଜାଧାରୀଙ୍କୁ ସୁରକ୍ଷିତ ସ୍ଥାନାନ୍ତର ଉପରେ ଗୁରୁତ୍ୱ ଦିଆଯାଉଛି। ସେଠାରେ କୌଣସି ସମୟରେ ଆତଙ୍କବାଦୀ ଆକ୍ରମଣ କରିପାରନ୍ତି। ଯିଏ ବି ଏୟାରପୋର୍ଟରେ ଅଛନ୍ତି ତୁରନ୍ତ ସୁରକ୍ଷିତ ସ୍ଥାନକୁ ଚାଲିଯାଆନ୍ତୁ। ସିଡ୍‌ନୀ ମର୍ନିଂ ହେରାଲ୍ଡରେ ପ୍ରକାଶିତ ରିପୋର୍ଟ ଅନୁସାରେ ଅଷ୍ଟ୍ରେଲିଆର ୧,୦୦୦ରୁ ଊର୍ଦ୍ଧ୍ୱ ଲୋକ ସେଠାରେ ଫସିରହିଛନ୍ତି। ଇତିମଧ୍ୟରେ ତାଲିବାନ୍ କେବଳ ବିଦେଶୀ ନାଗରିକଙ୍କ ଏୟାରଲିଫ୍ଟିଂକୁ ଅନୁମତି ଦେଇଛି। ବିମାନବନ୍ଦରକୁ ଯାଇଥିବା ସମସ୍ତ ରାସ୍ତାକୁ ତାଲିବାନ୍ ବନ୍ଦ କରିଦେଇଛି। ଫ୍ରାନ୍ସର ଇମାନ୍ୱେଲ ମାକ୍ରଁ ସରକାର ମଧ୍ୟ କାବୁଲ ବିମାନବନ୍ଦରରେ ଶୁକ୍ରବାର ରାତି ସୁଦ୍ଧା ଇଭାକ୍ୟୁଏଶନ୍ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ସପ୍ତାହେ ମଧ୍ୟରେ ଫ୍ରାନ୍ସ ପକ୍ଷରୁ ୨,୦୦୦ରୁ ଅଧିକ ଆଫଗାନ୍ ଏବଂ ଶତାଧିକ ଫ୍ରାନ୍ସ ନାଗରିକଙ୍କୁ ସ୍ଥାନାନ୍ତର କରାଯାଇଛି। କିନ୍ତୁ ଆମେରିକାର ଅଗଷ୍ଟ ୩୧ ଡେଡ୍‌ଲାଇନ୍ ପୂର୍ବରୁ ଅବଶିଷ୍ଟ ନାଗରିକଙ୍କୁ ଉଦ୍ଧାର କରାଯାଇପାରିବ ନାହିଁ ବୋଲି ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଜିନ୍ କାଷ୍ଟେକ୍ସ କହିଛନ୍ତି। କାନାଡା, ପୋଲାଣ୍ଡ ଓ ନେଦରଲାଣ୍ଡ୍ସ ନିଜ ନିଜ ଅପରେଶନକୁ ବନ୍ଦ କରିଦେଇଛନ୍ତି। ଆମେରିକୀୟ ସୁରକ୍ଷା ବଳ ତୁରନ୍ତ ବିମାନବନ୍ଦର ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିବାରୁ ନେଦରଲାଣ୍ଡ୍ସ ଏପରି କରିବାକୁ ବାଧ୍ୟ ହୋଇଛି। ନେଦରଲାଣ୍ଡ୍ସ ଗୁରୁବାର କାବୁଲ ବିମାନବନ୍ଦରରୁ ଏହାର ଶେଷ ବିମାନ ଉଡ଼ାଣ କରାଇଥିବା କହିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବର୍ତ୍ତମାନ ସୁଦ୍ଧା ୨୮,୦୦୦ ଜଣଙ୍କୁ ଉଦ୍ଧାର କରିଥିବା ସେଠାକାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କାବୁଲ ବିମାନବନ୍ଦର ପ୍ରତି ବିପଦ ରହିଥିବା ବିଷୟକୁ ତାଲିବାନ୍ ମଧ୍ୟ ସ୍ୱୀକାର କରିଛି। ତେବେ ଆତଙ୍କବାଦୀ ସଙ୍ଗଠନ ଏଥିପାଇଁ ଆମେରିକାକୁ ଦାୟୀ କରିଛି। ବିଦେଶୀ ନାଗରିକଙ୍କୁ ସ୍ଥାନାନ୍ତର କରିବା ଶେଷ ହେବା ପର୍ଯ୍ୟନ୍ତ ସୁରକ୍ଷା ବଳକୁ ସହଯୋଗ କରାଯିବ ବୋଲି ତାଲିବାନ୍ ପକ୍ଷରୁ କୁହାଯାଇଛି। ଏଭଳି ସମୟରେ କାବୁଲ ଏୟାରପୋର୍ଟକୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରିଦିଆଗଲେ କାନ୍ଦାହାର ଏୟାରପୋର୍ଟରୁ ଅନ୍ତର୍ଜାତୀୟ ବିମାନ ଉଡ଼ାଣ କରାଯାଇପାରେ ବୋଲି ଅଲ୍‌ଜଜିରା ଖବରଦାତା ଚାର୍ଲୋଟେ ବେଲିସ୍ ସୂଚନା ଦେଇଛନ୍ତି।

## ସୁପ୍ରିମକୋର୍ଟରେ ୯ ନୂଆ ...

କରିଛନ୍ତି। ଆଜିର ନିଯୁକ୍ତି ଫଳରେ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୩ରେ ପହଞ୍ଚିଥିବାବେଳେ ଗୋଟିଏ ସ୍ଥାନ ଖାଲି ରହିଛି। ସୁପ୍ରିମକୋର୍ଟ କଲେଜିୟମ ଗତ ସପ୍ତାହରେ ୯ ନୂଆ ବିଚାରପତି ନିଯୁକ୍ତି ଲାଗି ନାମ ସୁପାରିସ କରିଥିଲା। ସେମାନଙ୍କ ମଧ୍ୟରେ ମହିଳା ବିଚାରପତି ଭାବେ କର୍ନାଟକ ହାଇକୋର୍ଟର ତୃତୀୟ ସର୍ବବରିଷ୍ଠ ବିଚାରପତି ଜଷ୍ଟିସ୍ ନାଗରତ୍ନଙ୍କ ସମେତ ତେଲଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ହିମା କୋହଲି ଏବଂ ଗୁଜରାଟ ହାଇକୋର୍ଟର ୫ମ ସର୍ବବରିଷ୍ଠ ବିଚାରପତି ବେଲା ଏମ୍. ତ୍ରିବେଦୀଙ୍କ ନାମ ସୁପାରିସ୍ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଷ୍ଟିସ୍ କୋହଲି ସେପ୍ଟେମ୍ବର ୧ରେ ଅବସର ନେବାକୁ ଥିବାବେଳେ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତ ହୋଇଥିବାରୁ ଏହି ପଦରେ ୩ ବର୍ଷ ରହିବେ। ହାଇକୋର୍ଟ ବିଚାରପତିଙ୍କ ଅବସର ବୟସ ୬୨ ବର୍ଷ ହୋଇଥିବାବେଳେ ସୁପ୍ରିମକୋର୍ଟ ବିଚାରପତିଙ୍କ ପାଇଁ ବୟସସୀମା ୬୫ ବର୍ଷ ରହିଛି। ଏହା ବ୍ୟତୀତ କେରଳ ହାଇକୋର୍ଟର ସି.ଟି. ରବିକୁମାର ଏବଂ ମାଡ୍ରାସ ହାଇକୋର୍ଟ ବିଚାରପତି ଏମ୍.ଏମ୍. ସୁନ୍ଦ୍ରେଶଙ୍କୁ ସୁପ୍ରିମକୋର୍ଟରେ ନିଯୁକ୍ତି ମିଳିଛି। ସେହିପରି ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅତିରିକ୍ତ ସଲିସିଟର ଜେନେରାଲ ପି.ଏସ୍. ନରସିଂହ ସିଧାସଳଖ ବାର୍‌ରୁ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତ ହୋଇଛନ୍ତି। ଏଭଳି ନିଯୁକ୍ତି ପାଇବାରେ ସେ ଷଷ୍ଠ ଆଇନଜୀବୀ। ଏହା ବ୍ୟତୀତ କର୍ନାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଅଭୟ ଶ୍ରୀନିବାସ ଓକା, ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ବିକ୍ରମ ନାଥ ଏବଂ ସିକିମ ହାଇକୋର୍ଟର ମୁଖ୍ୟ ବିଚାରପତି ଜିତେନ୍ଦ୍ର କୁମାର ମାହେଶ୍ୱରୀ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଛନ୍ତି।

## ଯୁକ୍ତ ୨ ପାଠ୍ୟକ୍ରମ ୩୦ ...

ଏକାଦଶ ଶ୍ରେଣୀରେ ୩ଟି ଇଣ୍ଟରନାଲ ଓ ଗୋଟିଏ ବାର୍ଷିକ ପରୀକ୍ଷା ହେବ। ଏହି ପରୀକ୍ଷାକୁ କଲେଜ କର୍ତ୍ତୃପକ୍ଷ ପରିଚାଳନା କରିବେ। ସେହିଭଳି ଦ୍ୱାଦଶ ଶ୍ରେଣୀ ପାଇଁ ୩ଟି ଇଣ୍ଟରନାଲ ଓ ଗୋଟିଏ ବାର୍ଷିକ ପରୀକ୍ଷା ହେବ। ଶେଷ ପରୀକ୍ଷାକୁ ସିଏଚ୍‌ଏସ୍‌ଇ ପରିଚାଳନା କରିବ। ପ୍ରଥମ ଇଣ୍ଟରନାଲ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନ ଦ୍ୱିତୀୟ ଇଣ୍ଟରନାଲରେ ପଡ଼ିବ ନାହିଁ। ପ୍ରତି କ୍ୱାର୍ଟରରେ ୩୦ ନମ୍ବର ବିଶିଷ୍ଟ ଇଣ୍ଟରନାଲ ପରୀକ୍ଷା କରାଯିବ। ୩୦ ନମ୍ବରରୁ ୨୦ ନମ୍ବର ଥିଓରି ଓ ୧୦ ନମ୍ବର ପ୍ରାକ୍ଟିକାଲ୍ ହେବ। ସମସ୍ତ ଇଣ୍ଟରନାଲ ପରୀକ୍ଷା ସମ୍ପୃକ୍ତ କଲେଜ ପରିଚାଳନା କରିବ। ପ୍ରଥମ ବର୍ଷ ଶେଷରେ ଓ ୨ୟ ବର୍ଷ ଶେଷରେ ବାର୍ଷିକ ପରୀକ୍ଷା କରାଯିବ। ମହାମାରୀ ସ୍ଥିତି ନ ଉପୁଜିଲେ ବାର୍ଷିକ ପରୀକ୍ଷା ଆଧାରରେ ପରୀକ୍ଷା ଫଳ ପ୍ରକାଶ ପାଇବ। ମହାମାରୀ ପାଇଁ ପରୀକ୍ଷା ବନ୍ଦ ହେଲେ ଟର୍ମ ପରୀକ୍ଷା ଭିତ୍ତିରେ ଫଳ ପ୍ରକାଶ ପାଇବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ତୁଷାରକାନ୍ତି ତ୍ରିପାଠୀ ଏ ନେଇ ସୂଚନା ଦେଇଛନ୍ତି। ବର୍ଷ ଆରମ୍ଭରୁ ପାଠପଢ଼ା ପ୍ରତି ଛାତ୍ରୀଛାତ୍ରଙ୍କୁ ଗୁରୁତ୍ୱ ଦେବାକୁ ହେବ। ଟର୍ମ ପରୀକ୍ଷାକୁ ହାଲୁକା ଭାବେ ନ ନେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦିଆଯାଇଛି। କୌଣସି କାରଣରୁ ପରୀକ୍ଷା ନ ହେଲେ ଟର୍ମ ପରୀକ୍ଷାଗୁଡ଼ିକର ମାର୍କ ଆଧାରରେ ପରୀକ୍ଷାଫଳ ପ୍ରକାଶ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**

ସପ୍ତମାଧିପତି ଦ୍ୱାଦଶସ୍ଥାନକୁ ଦେଖୁଥିବାରୁ ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। ସ୍ୱଗୃହୀ ଶନିଙ୍କ ପ୍ରଭାବରୁ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିବା ସଙ୍ଗକୁ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ନିଜେ ରହୁଥିବା ପରିସରରେ ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ।

**ବୃଷ**

ରାହୁଙ୍କ କୁପ୍ରଭାବଜନିତ ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଉପକୃତ ହେବେ। ପରିବାର ମଧ୍ୟରେ ସମସ୍ୟାର ଗୁରୁତ୍ୱ ଉପଲବ୍ଧି କରି ବିହିତ ପଦକ୍ଷେପ ନେବା ଭଲ ହେବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କୁ ସାହାଯ୍ୟ କରିବେ।

**ମିଥୁନ**

ବୁଧ ସହ ଶୁକ୍ରଙ୍କ ସଂଯୋଗ ପ୍ରଭାବରେ ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ପାଇବାର ଆଶା ରହିଛି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ପରିସ୍ଥିତିକୁ ଲାଘବ କରିବେ। କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା, ଚଳଚ୍ଚିତ୍ରାଦିରେ ଉନ୍ନତି କରିବେ। ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ପ୍ରଶଂସିତ ହେବେ।

**କର୍କଟ**

କର୍ମସ୍ଥାନରେ ଚନ୍ଦ୍ର ହେତୁ ଦୀର୍ଘ ଦିନର ପରିଶ୍ରମର ସାର୍ଥକତା ସ୍ୱରୂପ ସଫଳତାରେ ଆନନ୍ଦ ଅନୁଭବ କରିବେ। ଆଜିର ଅପରାହ୍ନରେ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ପରିବାରରେ ତର୍କ ଓ ବିବାଦକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଆପଣ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ସିଂହ**

ରବିଙ୍କ ସମ୍ମୁଖସ୍ଥ ଶୁକ୍ରଙ୍କ ଯୋଗୁ ନିଜ ପରିସରର ବ୍ୟକ୍ତିଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। କୌଣସି ଦ୍ୱନ୍ଦ୍ୱର ସମାଧାନ ସକାଶେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ଛୋଟ ଘଟଣାକୁ ଅସାଧାରଣ ମନେକରି ବ୍ୟସ୍ତ ହୁଅନ୍ତୁ ନାହିଁ।

**କନ୍ୟା**

ବୁଧ ସହ ନୀଚସ୍ଥ ଶୁକ୍ର ହେତୁ ଆପଣଙ୍କ ସରଳତାର ସୁଯୋଗ ନେଇ କୌଣସି ବ୍ୟକ୍ତି କ୍ଷତି ସାଧନ କରିପାରେ। ଟଙ୍କା ଫେରି ପାଇବା ପାଇଁ ବିବାଦ ଭିତରକୁ ଟାଣି ହେବାକୁ ପଡ଼ିବ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ନିଜ ପରିସରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା**

କର୍ମାଧିପ ସପ୍ତମସ୍ଥ ଯୋଗୁ ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇ ଖୁସୀ ହେବେ। ଆତ୍ମୀୟ ଓ ପରିଜନଙ୍କ ସହ ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ବିଶେଷ ଭଲ ରହି ନ ପାରେ।

**ବିଛା**

କେତୁଙ୍କ ପ୍ରଭାବରେ ଅତୀତର କେତେକ କଥା ମନକୁ ବାରମ୍ବାର ଆଲୋଡ଼ିତ କରିପାରେ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବା କାରଣକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇବ। ଅଫିସ୍‌ରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ।

**ଧନୁ**

ମୁଖଭାବାଧିପତିଙ୍କ ଦୁର୍ବଳତା ହେତୁ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ନୂତନ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ପାରିବ ନାହିଁ। ଅଭାବ ପୂର୍ଣ୍ଣତା ସକାଶେ ଧାର ଉଧାର କରିବାକୁ ପଡ଼ିପାରେ। ନିଜର ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ସନ୍ଦେହ କରିବେ।

**ମକର**

ସପ୍ତମାଧିପତି ଚତୁର୍ଥସ୍ଥ ଯୋଗୁ ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହେବେ। ବନ୍ଧୁମାନଙ୍କ କଥାରେ ବିଶ୍ୱାସୀ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। କେତେକ କ୍ଷେତ୍ରରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି।

**କୁମ୍ଭ**

ରାହୁ ଚତୁର୍ଥଭାବସ୍ଥ ହେତୁ ପରିବାର ଓ ବନ୍ଧୁ ସମ୍ପର୍କିତ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଆଜି ଅଫିସ୍‌ରେ ଆଲୋଚନା କାଳରେ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ପ୍ରତି କ୍ଷେତ୍ରରେ ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ି ଚାଲନ୍ତୁ, ଉପକୃତ ହେବେ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି।

**ମୀନ**

ତୃତୀୟସ୍ଥ ରାହୁ ପ୍ରଭାବରେ ସହକର୍ମୀଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ଦୀର୍ଘଦିନରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରି ଚିନ୍ତିତ ରହିବେ। ପୂର୍ବ ଆଲୋଚନା ଅନୁଯାୟୀ ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଆକସ୍ମିକ ଭାବରେ ଦୂରଯାତ୍ରାର ମସୁଧା କରିପାରନ୍ତି।


# classifieds

**Everyday 0674-2580101, 2549302**



### SALE

17000sqft. Area for sale at Sakhigopal in Sriram Chandrapur Mouza sqft. @130/- Contact: 9090367570. D-70895

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

ପାହାଳ, ନଖରା, ତମାଣ୍ଡୋରେ electri ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି ଘର କରନ୍ତୁ। 9776866520. D-70896

**ଭୁବନେଶ୍ୱର ଚନ୍ଦକାରେ Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542.** D-70889

3 & 2BHK furnished flat available near Ravi Talkies Square, Amber Showroom, Patrapada and near Gudiapokhari, Bhubaneswar. Contact: 9861037729, 9040337729. D-21431

**Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118.** D-70887

6BHK duplex 52,00,000/- finishing Hanspal, lowcost plot Atala- 8093465134, 9668194157. D-70949

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ Commercial Hub 'Grand Bazar' ସମ୍ମୁଖରୁ 1 Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 9078699286.** D–70892

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

**ହଂସପାଳ, ଅଟଳା, ପାହାଳ Duplex/ Simplex ଫ୍ଲଟ୍ ସୁଲଭ ମୂଲ୍ୟରେ ଉପଲବ୍ଧ। 7855995233.** D-71407

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70467



**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

**Construct your home with branded material. We provide plan approval, boring, vastu. 7789824989, 9040744989.** D-70891



Monalisa massage Club: All types Body massage with hiprofile smart lady rooms service available. 9708545108. D-21447

Lotus SPA newly open positively health benefits/ expert therapist. 8455987557. D-71403

Refreshing your mind, your body with tha best therapy at Lotus SPA. 8018891951. D-70474

Swarna SPA newly open positively health benefits with expert therapist. 9556978408. D-71139

Newly open full body massage Ladies and Gents. 8658471570, 8658994614. D-70473

Newly open Saikrupa Panchakarma Spa positively health benefits with Expert. 8984068077. D-21451

Newly open SPA Offer @ 799/-, positively health benefits. Jaydevbihar. 7846814019. D-71408


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### LOST

ମୁଁ ପୁଷ୍ପାଞ୍ଜଳୀ ଶତପଥୀ, ସ୍ୱା– ମହେଶ ପ୍ରସାଦ ଶତପଥୀ ଗୋଟିଏ G.A. plot No.- 884 (C) ପ୍ରଶାନ୍ତ କୁମାର ଚୌଧୁରୀଙ୍କ ଠାରୁ କିଣିଥିଲି। ସେ G.A. Dept. ପାଖରୁ conveyance Deed No.- 8497, dtd- 03.10.2007 ମାଧ୍ୟମରେ ପାଇଥିଲେ ଏବଂ ବିକିବା ସମୟରେ ସେ ସମସ୍ତ original ଡକୁମେଣ୍ଟ ଦେଇଥିଲେ। ମୁଁ Xerox କରିବା ସମୟରେ ଏହାକୁ ହଜାଇ ଦେଇଛି। ମୁଁ ପୂର୍ବରୁ SBIରେ ଏହି property ବନ୍ଧକ ହିସାବରେ ଦେଇ ଘରଲୋନ୍ ନେଇଛି ଏବଂ ଭରତପୁର ପୋଲିସ୍ ଷ୍ଟେସନ୍‌ରେ ଏହା ବିଷୟରେ ଅବଗତ କରାଇଛି। ଯଦି କାହାକୁ ମିଳେ SBI, RACPC, Bhubaneswarରେ ଦେବାକୁ ଅନୁରୋଧ।
ପୁଷ୍ପାଞ୍ଜଳୀ ଶତପଥୀ
ଡି-୭୧୪୫୯

### AFFIDAVIT

I, Soumya Ranjan Sahoo, S/o Smt. Kamala Sahoo(mother) & Sri Karunakar Sahoo, at Paikarapur, P. O./P. S. Nikirai, Kendrapara declared that my B. Tech Certificate & Original Marksheet issued by BPUT has been lost near Bapuji Nagar area on 02.08.2021. If anybody found please contact in my mobile number 9938688505 or anybody misuse I shall not be held responsible in anyway. D-21458

By virtue of affidavit before Executive Magistrate, Bhubaneswar on 19.07.2021, I, Smt Namita Patnaik have changed my surname from Das to Patnaik. Henceforth I shall be known as Namita Patnaik for all purposes and both Namita Das & Namita Patnaik is one and same person D- 21460

## ଖରସ୍ରୋତା ନଦୀଜଳ ବିବାଦ ବେଡ୍ ମିଳିଲାନି, ଗଛମୂଳରେ ଶୋଇଲେ ଶ୍ରୀକାନ୍ତ



କଟକ ଅଫିସ, ୨୬।୮– ଭିତରକନିକା ଜୈବ ବିବିଧତାର ସୁରକ୍ଷା ପାଇଁ ଖରସ୍ରୋତା ନଦୀରୁ ପାଣି ଉଠାକୁ ବିରୋଧ କରି ଆମରଣ ଅନଶନ ଚଳାଇଥିବା ପରିବେଶବିତ୍ ଶ୍ରୀକାନ୍ତ ନାୟକଙ୍କୁ ବୁଧବାର ରାତିରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବେଡ୍ ଅଭାବରୁ ସେ ମେଡିକାଲ ପରିସରସ୍ଥ ଏକ ଗଛମୂଳରେ ଶୋଇ ରହିଥିଲେ। ଏହାକୁ ନେଇ ଶ୍ରୀକାନ୍ତଙ୍କ ବନ୍ଧୁ ଓ ସମ୍ପର୍କୀୟ ହୋ ହଲ୍ଲା କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏସ୍‌ସିବି ମେଡିକାଲ ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଶ୍ରୀକାନ୍ତଙ୍କୁ ମେଡିସିନ୍ ୱାର୍ଡର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଭୁବନାନନ୍ଦ କହିଛନ୍ତି।

# ୧୩୦ ପିଲା ସଂକ୍ରମିତ, ବଲାଙ୍ଗୀରର ଶିଶୁ ମୃତ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

କେରଳରେ ଏବେ ସଂକ୍ରମଣ ପୁଣି ଦ୍ରୁତଗତିରେ ବଢ଼ୁଛି। ଏଠାରେ ତୃତୀୟ ଲହର ସଂକ୍ରମଣ ଆରମ୍ଭ ହୋଇଥିବା ଆଶଙ୍କା କରାଯାଉଛି। ଏହାକୁ ନେଇ ଏବେ ଓଡ଼ିଶାରେ ବି ଆତଙ୍କ ଖେଳିଯାଇଛି। ତୃତୀୟ ଲହରରେ ଅଧିକ ଶିଶୁ ସଂକ୍ରମିତ ହେବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆକଳନ କରିବା ସହ ସତର୍କ କରାଉଛନ୍ତି। ମୁକାବିଲା ପାଇଁ ସରକାର ମଧ୍ୟ ପ୍ରସ୍ତୁତ ହୋଇ ରହିଛନ୍ତି। ଏପରିସ୍ଥିତିରେ ରାଜ୍ୟରେ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। କାରଣ କିଛିଦିନ ହେବ ରାଜ୍ୟରେ ପ୍ରତିଦିନ ୧୮ବର୍ଷ ବୟସ ମଧ୍ୟରେ ଶହେରୁ ଊର୍ଦ୍ଧ୍ୱ ଶିଶୁ ଓ କିଶୋର ଆକ୍ରାନ୍ତ ହେଉଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ମୋଟ ୮୪୯ଜଣ ପଜିଟିଭ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୧୩୦ ପିଲା ରହିଛନ୍ତି। ଅନ୍ୟପକ୍ଷରେ ଆଉ ୬୬ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ବଲାଙ୍ଗୀର ଜିଲାର ଜଣେ ୩ ମାସର ଶିଶୁ ରହିଥିବା ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

### ରାଜ୍ୟରେ ଆଉ ୮୪୯ ଆକ୍ରାନ୍ତ, ୬୬ ମୃତ



ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୧୩ଜଣ ରହିଛନ୍ତି। ସେହିପରି କଟକରୁ ୧୧୫ଜଣ, ବାଲେଶ୍ୱର ୪୮, ଜଗତ୍‌ସିଂହପୁର ଓ ଯାଜପୁରରୁ ୪୨ଜଣ ଲେଖାଏ, ଅନୁଗୋଳ ୧୯, ବରଗଡ ଓ ସୁନ୍ଦରଗଡରୁ ୧୫ଜଣ ଲେଖାଏ, ଢେଙ୍କାନାଳରୁ ୧୪, କେନ୍ଦ୍ରାପଡା ୨୪, ମୟୂରଭଞ୍ଜ ୨୬, ନୟାଗଡ ୧୯, ପୁରୀ ୨୨, ସମ୍ବଲପୁର ୨୦, ଭଦ୍ରକ ଓ ଦେବଗଡରୁ ୯ଜଣ ଲେଖାଏ, ବୌଦ୍ଧ, ଗଜପତି, ଝାରସୁଗୁଡା, ସୋନପୁର, ନୂଆପଡା ଓ କନ୍ଧମାଳରୁ ଜଣେ ଲେଖାଏ, ଗଞ୍ଜାମ ୬, କଳାହାଣ୍ଡି ୩, କେଉଁଝର ୮, କୋରାପୁଟ ୫, ମାଲକାନଗିରି ଓ ରାୟଗଡାରୁ ୨ଜଣ ଲେଖାଏ ଓ ଷ୍ଟେଟ୍‌ପୁଲରୁ ୬୫ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ନୂଆ ମୃତକଙ୍କ ମଧ୍ୟରେ କଟକରୁ ସର୍ବାଧିକ ୧୫ଜଣ ରହିଥିବାବେଳେ ସମ୍ବଲପୁରରୁ ୧୧ଜଣ, ବରଗଡ଼ ଓ ଜଗତ୍‌ସିଂହପୁରରୁ ୮ଜଣ ଲେଖାଏ, ଯାଜପୁର ୪ଜଣ, ବୌଦ୍ଧ ୩ଜଣ, ବଲାଙ୍ଗୀର, ଦେବଗଡ, ଝାରସୁଗୁଡା, କଳାହାଣ୍ଡି, ସୁନ୍ଦରଗଡ ଓ ଢେଙ୍କାନାଳରୁ ୨ଜଣ ଲେଖାଏ ଓ ବାଲେଶ୍ୱର, ଖୋର୍ଦ୍ଧା, ପୁରୀ, ରାୟଗଡା ଓ ସୁବର୍ଣ୍ଣପୁର ଜିଲାରୁ ଜଣେ ଲେଖାଏ ସଂକ୍ରମିତଙ୍କର ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ୭୬୨୮କୁ ବୃଦ୍ଧି ପାଇଛି।

### ୫ ଦିନରେ ବାଲେଶ୍ୱରରୁ ୧୩ ଶିଶୁ ଆକ୍ରାନ୍ତ

ବାଲେଶ୍ୱର ଅଫିସ, ୨୬।୮ - ବାଲେଶ୍ୱର ଜିଲାରେ ଗତ ୫ଦିନ ମଧ୍ୟରେ ୧୩ଜଣ ଶିଶୁ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧ଜଣ ଶିଶୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ୨ଜଣଙ୍କୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଛି। ସେହିପରି ୨ଜଣ ଶିଶୁ ପୂର୍ବରୁ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲା କୋଭିଡ୍ ସଂଯୋଜକ ଡା. ଶୁଭଜିତ ଗିରି ପ୍ରକାଶ କରିଛନ୍ତି। ଗୁରୁବାର ଜିଲାରେ ମୋଟ ୪୮ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। କରୋନା ଲକ୍ଷଣ ଦେଖାଯିବାରୁ ସେମାନଙ୍କର ନମୁନା ପରୀକ୍ଷା କରାଯାଇଥିଲା। ତେବେ କେତେଜଣ ନବଜାତ ଶିଶୁ ଓ ଛୋଟ ପିଲାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ୧୧ଜଣ ଶିଶୁଙ୍କ ମଧ୍ୟରୁ ୪ ନବଜାତ ଶିଶୁ ଏସ୍‌ଏନ୍‌ସିୟୁରେ ଓ ଅନ୍ୟ ୭ଜଣ ରେଡ୍‌କ୍ରସ୍ କ୍ୟାବିନରେ ଚିକିତ୍ସିତ ହେଉଛନ୍ତି। ୧ରୁ ୨୭ ଦିନ ମଧ୍ୟରେ ୪ଶିଶୁ, ବର୍ଷକ ମଧ୍ୟରେ ୩ ଏବଂ ୧୦ବର୍ଷ ମଧ୍ୟରେ ୪ ଶିଶୁ ରହିଛନ୍ତି। ୧୫ଦିନ ଧରି ଶିଶୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ହେଲେ ଏହାକୁ ନେଇ ତର୍ଜମା କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ ସୂଚନା ଦେଇଛନ୍ତି।

## ସିବିଆଇର ପୂର୍ବତନ ନିର୍ଦ୍ଦେଶକ ଉମାଶଙ୍କର ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, ୨୬।୮



୧୯୬୮ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ତଥା ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଉମାଶଙ୍କର ମିଶ୍ରଙ୍କ ପରଲୋକ ଘଟିଛି। ସେ ପ୍ରଥମ ଓଡ଼ିଆ ଆଇପିଏସ୍ ଅଫିସର ଭାବେ ୨୦୦୩ରେ ସିବିଆଇର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କୁ ୭୭ ବର୍ଷ ହୋଇଥିଲା। ନୂଆଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ବୟସାଧିକ ଯୋଗୁ ସେ ଗତ କିଛିଦିନ ହେଲା ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମୃତ୍ୟୁ ସମୟରେ ତାଙ୍କ ଧର୍ମପତ୍ନୀ ଓ ପୁଅ, ଝିଅ ଓ ଜ୍ୱାଇଁ ଉପସ୍ଥିତ ରହିଥିଲେ। ଖୋର୍ଦ୍ଧା ଜିଲା ବାଣପୁର ଅଚ୍ୟୁତ୍ୟରାଜପୁର ଗ୍ରାମରେ ଜନ୍ମ ହୋଇଥିବା ଉମାଶଙ୍କର ପିଲାଟି ଦିନରୁ ଶାନ୍ତ, ସରଳ ଓ ମେଧାବୀ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ନାମ କରିଥିଲେ। ପରବର୍ତ୍ତୀ ସମୟରେ ସେ ଭୁବନେଶ୍ୱର ବିଜେବି ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ବାଣୀବିହାରରେ ପଢୁଥିବା ସମୟରେ ସେ ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଭାରତୀୟ ପୋଲିସ ସେବା (ଆଇପିଏସ୍) ରେ ଯୋଗ ଦେଇଥିଲେ। ସେ ମଧ୍ୟ ମୟୂରଭଞ୍ଜ, କୋରାପୁଟ ଓ ସମ୍ବଲପୁର ଜିଲାରେ ଆରକ୍ଷୀ ଅଧିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି। ଓଡ଼ିଶା ପୋଲିସରେ ସେ ଅଳ୍ପ କିଛିଦିନ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ କେନ୍ଦ୍ରୀୟ ଡେପୁଟେଶନରେ ଦିଲ୍ଲୀ ଯାଇଥିଲେ। ୨୦୦୩ର ସେ ସିବିଆଇର ମୁଖ୍ୟ ହେବା ପୂର୍ବରୁ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ ସେ ଇଣ୍ଟରପୋଲର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ତାଙ୍କର ଚାକିରି କାଳ ସରିବା ପରେ ୨୦୦୯ରେ ସେ ଏକ ଓଡ଼ିଆ ସମ୍ବାଦପତ୍ରରେ ମଧ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ସେହିପରି ମେଘାଳୟ ପ୍ଲାନିଂ କମିଶନର ସଦସ୍ୟ ରହିବା ସହିତ ମାଇକ୍ରୋସଫ୍ଟ ଇଣ୍ଡିଆର ପରାମର୍ଶଦାତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ହେଉଛନ୍ତି ପୂର୍ବତନ ପୋଲିସ ଡିଜି ଶ୍ୟାମସୁନ୍ଦର ପାଢ଼ୀଙ୍କ ଜ୍ୱାଇଁ। ଧର୍ମପତ୍ନୀ ଗାୟତ୍ରୀ ପାଢ଼ୀଙ୍କ ସମେତ ପୁଅ ନୀଳାଞ୍ଚଳ ଓ ବୋହୂ ସିପ୍ରାଙ୍କ ସହ ଉମାଶଙ୍କର ନୋଇଡାରେ ରହୁଥିଲେ। ତାଙ୍କ ଝିଅ ମୌସୁମୀ ଏବଂ ଦିଲ୍ଲୀ ସରକାରରେ ମନ୍ତ୍ରୀ ଥିବା ଜ୍ୱାଇଁ କୈଳାସ ଗେହଲେଟ ମଧ୍ୟ ତାଙ୍କ ମୃତ୍ୟୁ ବେଳକୁ ସାଙ୍ଗରେ ଥିଲେ। ଉମାଶଙ୍କରଙ୍କ ମୃତ୍ୟୁ ଖବର ସ୍ଥାନୀୟ ବାଣପୁର ଓ ଭୁବନେଶ୍ୱର ସମେତ ଓଡ଼ିଶା ପୋଲିସ ବିଭାଗରେ ଶୋକର ଛାୟା ଖେଳାଇ ଦେଇଛି। ତାଙ୍କ ମୃତ୍ୟୁ ଖବର ପାଇ ଡିଜି ଅଭୟ ଶୋକ ପ୍ରକାଶ କରିଛନ୍ତି।

## ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ହେବ ସାନି ତଦନ୍ତ

### ମାହାଙ୍ଗା ଡବଲମର୍ଡର ଘଟଣା

- ସାନି ତଦନ୍ତ ପାଇଁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ
- ମନ୍ତ୍ରୀଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟିଥିଲା ପୋଲିସ
- କୋର୍ଟରେ ପ୍ରୋଟେଷ୍ଟ ପିଟିଶନ ଦାଖଲ କରିଥିଲେ ମୃତକଙ୍କ ପୁଅ

ନିଶ୍ଚିନ୍ତକୋଇଲି,୨୬।୮(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣା ଗୁରୁବାର ନୂଆ ମୋଡ଼ ନେଇଛି। ଉକ୍ତ ଘଟଣାରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ନେଇ ହୋଇଥିବା ଅଭିଯୋଗର ସାନି ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ସାଲେପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମ୍‌ଏଫ୍‌ସି) ମାହାଙ୍ଗା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏଭଳି ନିର୍ଦ୍ଦେଶ ପରେ ମନ୍ତ୍ରୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି।

ମାହାଙ୍ଗା ଥାନା ଅଧୀନ ନୃଗାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ଗତ ଜାନୁୟାରୀ ୨ତାରିଖରେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା। ଏପରି କି ପୋଲିସ ରୁଜୁ କରିଥିବା ମାମଲାରେ ମନ୍ତ୍ରୀ ଜେନାଙ୍କ ନାମ ଅଭିଯୁକ୍ତ ତାଲିକାର ୧୩ ନମ୍ବରରେ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ଜେନାଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟି ଦେଇଥିଲା। ଏହାକୁ ବିରୋଧ କରି ମୃତ କୁଳମଣିଙ୍କ ପୁଅ ରମାକାନ୍ତ ଜେଏମ୍‌ଏଫ୍‌ସି କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ, ଯାହାକି ନଂ. ୨୧୭/୨୦୨୧ରେ ପଞ୍ଜୀକୃତ ହୋଇଥିଲା। ଉକ୍ତ ମାମଲାର ଶୁଣାଣି କରି ମାଜିଷ୍ଟ୍ରେଟ ମନ୍ତ୍ରୀ ଜେନାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ନୃଗାଙ୍ଗ ପଞ୍ଚାୟତର କୁଳମଣି ଓ ସହଯୋଗୀ ଦିବ୍ୟସିଂ ଘଟଣାଦିନ ବାଇକ୍‌ରେ ଘରକୁ ଆସୁଥିବାବେଳେ ଜଁକୋଠିରେ ସେମାନଙ୍କୁ ଅତର୍କିତ ଭାବେ ଆକ୍ରମଣ କରାଯାଇଥିଲା। ଫଳରେ ଘଟଣାସ୍ଥଳରେ କୁଳମଣିଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ଦିବ୍ୟସିଂଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମନ୍ତ୍ରୀ ଜେନାଙ୍କ ସମେତ ୧୩ ଜଣଙ୍କ ନାମରେ ମାହାଙ୍ଗା ଥାନାରେ ରମାକାନ୍ତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ମାମଲା (ନଂ. ୫/୨୧) ରୁଜୁ କରାଯାଇଥିଲା। ଏହି ଘଟଣାରେ ପୋଲିସ ୯ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଅନ୍ୟତମ ଅଭିଯୁକ୍ତ ବିଜୟ କୁମାର ବରାଳ ଏବେ ବି ଫେରାର ଅଛନ୍ତି। ଏନେଇ ସମଗ୍ର ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଥିଲା। ଭାଜପା ଓ କଂଗ୍ରେସ ପକ୍ଷରୁ ମନ୍ତ୍ରୀ ଜେନାଙ୍କ ଗିରଫ ଦାବି କରାଯାଇ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ବାଧହୋଇ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ବିଜେଡି ନେତା ଭିକାରୀ ସ୍ୱାଇଁଙ୍କୁ ପରେ ପୋଲିସ ଗିରଫ କରିଥିଲା। ମାତ୍ର ଚାର୍ଜଶିଟ୍‌ରୁ ପୋଲିସ ମନ୍ତ୍ରୀ ଜେନାଙ୍କ ନାମ କାଟି ଦେଇଥିବା ଜଣାପଡ଼ିବା ପରେ ମୃତ କୁଳମଣିଙ୍କ ପରିବାର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ମନ୍ତ୍ରୀ ଜେନାଙ୍କୁ ପଚାରିବାରେ ସେ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି।

## ବିଜେଡିକୁ ଭାଜପାର ଟାର୍ଗେଟ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ଘଟଣା ତଦନ୍ତରେ ଶାସକ ବିଜେଡିର ହସ୍ତକ୍ଷେପ ଏବଂ ଘଟଣାକୁ ଚାପି ଦେଇ ଘଟଣାରେ ଅନ୍ୟତମ ଅଭିଯୁକ୍ତ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଘଣ୍ଟ ଘୋଡାଇବାକୁ ଯଥାସମ୍ଭବ ଚେଷ୍ଟା ଚାଲିଛି। ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡରେ ୧୩ ଜଣଙ୍କ ନାଁରେ ଅଭିଯୋଗ ହୋଇଥିବା ବେଳେ ମନ୍ତ୍ରୀ ଜେନାଙ୍କୁ ଛାଡି ଅନ୍ୟ ୧୨ ଜଣଙ୍କ ନାଁରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ପଦବୀର ଅପବ୍ୟବହାର କରିବା ସହ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରି ମନ୍ତ୍ରୀ ନିଜ ନାଁ ଚାର୍ଜସିଟ୍‌ରୁ ବାଦ୍ କରାଇଥିଲେ । ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଭାଜପା ମୁଖପାତ୍ର ପିତାମ୍ବର ଆଚାର୍ଯ୍ୟ କହିଛନ୍ତି।ଗୁରୁବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଚାର୍ଯ୍ୟ କହିଛନ୍ତି, ମାହାଙ୍ଗା ଡବଲ ମର୍ଡର ଘଟଣାରେ ପୋଲିସ ବହୁ ଚଞ୍ଚକତା କରି ଚାର୍ଜସିଟ୍‌ରୁ ମନ୍ତ୍ରୀଙ୍କ ନାଁ କାଢି ଦେଇଥିବାବେଳେ ପୁଣିଥରେ ତାଙ୍କ ନାଁ ଯୋଡିବା ପାଇଁ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ନିର୍ଦ୍ଦେଶ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ଏବଂ ଶାସକ ବିଜେଡିର ଅସଲ ମୁଖା ଖୋଲି ଦେଇଛି। ମନ୍ତ୍ରୀ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିଥିବା ନେଇ ଜେଏମ୍‌ଏଫ୍‌ସି କୋର୍ଟଙ୍କ ନିର୍ଦ୍ଦେଶ ପରେ ସ୍ପଷ୍ଟ ପ୍ରମାଣିତ ହୋଇଛି। ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ନଚେତ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବାକୁ ସେ ଦାବି କରିଛନ୍ତି। ଅନ୍ୟପଟେ ଭାଜପାର ଏଭଳି ଆଭିମୁଖ୍ୟ ଦେଖି ବିଜେଡି ମୁଖପାତ୍ର ଓକ ପ୍ରକାଶ ସାହୁ କହିଛନ୍ତି, ପିତାମ୍ବର ଆଚାର୍ଯ୍ୟ ତାଙ୍କର ମାନସିକ ସନ୍ତୁଳନ ହରାଇଛନ୍ତି। ଏପରି ବିଦ୍ୱେଷ ପ୍ରଣୋଦିତ ଏବଂ ମିଥ୍ୟା ବିବୃତି ଦେଇ ସେ କେବଳ ନିଜ ଦଳର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରୁନାହାନ୍ତି, ଓଡ଼ିଶା ଭାଜପାକୁ ସେ ଓଡ଼ିଶାର ଲୋକଙ୍କ ସାମ୍ନାରେ ଉପହାସ କରୁଥିବା ଦଳରେ ପରିଣତ କରୁଛନ୍ତି। ସେ ଲଜ୍ଜାଜନକ ଭାବେ ଆଇନର ଭୁଲ ବ୍ୟାଖ୍ୟା କରୁଛନ୍ତି ଏବଂ ନିଜର ରାଜନୈତିକ ଏଜେଣ୍ଡା ଅନୁଯାୟୀ ଏକ ଘଟଣାର ସତ୍ୟତାକୁ ବିକୃତ କରୁଛନ୍ତି ଯାହା ତାଙ୍କର ରାଜନୈତିକ କଥାବାର୍ତ୍ତାର ଅପରିପକ୍ୱତାକୁ ଦର୍ଶାଉଛି। ଆଶା କରୁଛୁ ରାଜ୍ୟ ଭାଜପା ଏଭଳି ଦାୟିତ୍ୱହୀନ ବ୍ୟକ୍ତିଙ୍କୁ ରାଜନୈତିକ ବିବୃତି ରଖିବା ପାଇଁ ପଠାଇବାରୁ ବିରତ ରହିବେ ବୋଲି ସେ କହିଛନ୍ତି।

## ଗୋଟିଏ ଘରେ ଦୁଇ ଭଉଣୀଙ୍କ ଝୁଲନ୍ତା ମୃତଦେହ

ବାରିପଦା ଅଫିସ/ରାଇରଙ୍ଗପୁର, ୨୬।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ତିରିଂ ଥାନା ଅନ୍ତର୍ଗତ ସାନକୁମରୁମ ଗ୍ରାମର ଗୋଟିଏ ଘରୁ ସମ୍ପର୍କୀୟା ଦୁଇ ଭଉଣୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମୃତକ ଦ୍ୱୟ ହେଲେ ସେହି ଗ୍ରାମର କଲେଇ ହାଲଦାଙ୍କ ଝିଅ ମନୀଷା(୧୪) ଓ ତାଙ୍କ ପିଉସୀ ଝିଅ ଭଉଣୀ ଝାଡ଼ଖଣ୍ଡ ରାଜ୍ୟ ମଞ୍ଜରୀ ଥାନା ଅଧୀନ ଲାଗଡ଼ା ଗ୍ରାମର ସୁନୀତା ବଦ୍ରା(୧୫) । ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନା ପଠାଇଛି।

ପୋଲିସ ସୂଚନା ଅନୁଯାୟୀ, ମା' ବାପା ଛେଉଣ୍ଡ ସୁନୀତା ମାମୁ ଘରେ ରହି ପାଠ ପଢୁଥିଲେ। ମାମୁଙ୍କ ପରିବାର ଲୋକେ ଏକ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଯାଇଥିବା ବେଳେ ଦୁଇ ଭଉଣୀ ଘରେ ଥିଲେ। ବୁଧବାର ରାତିରେ ପଡ଼ିଶା ଘରର ଏକ ଛୋଟ ପିଲା ସହ ଦୁଇ ଭଉଣୀ ଗୋଟିଏ ଘରେ ଶୋଇଥିଲେ। ଗୁରୁବାର ସକାଳେ ଉକ୍ତ ଘରୁ ଛୋଟ ପିଲାଟିର କାନ୍ଦ ଶୁଭିଥିଲା। ଦୁଇ ଭଉଣୀ କବାଟ ଖୋଲି ବାହାରକୁ ନ ବାହାରିବାରୁ ପଡ଼ୋଶୀଙ୍କର ସନ୍ଦେହ ହୋଇଥିଲା। ଘର ଛପର କଣା କରି ପଡ଼ୋଶୀମାନେ ଦୁଇ ଭଉଣୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ।

## ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ମୋହନ ଭାଗବତ



ପୁରୀ ଅଫିସ, ୨୬।୮

ରାଷ୍ଟ୍ରୀୟ ସ୍ୱୟଂ ସେବକ(ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଗୁରୁବାର ପୁରୀ ଗସ୍ତରେ ଆସି ଗୋବର୍ଦ୍ଧନ ପୀଠ ପରିସରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟିଛନ୍ତି। ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ନରେ ସୁରକ୍ଷା ବଳୟ ମଧ୍ୟରେ ମୋହନ ଭାଗବତ ଗୋବର୍ଦ୍ଧନ ମଠରେ ପହଞ୍ଚିବା ପରେ ମଠର ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଦର୍ଶନ ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଇଥିଲେ। ଏହାପରେ ଭାଗବତ ଏବଂ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମଧ୍ୟରେ ବିଭିନ୍ନ ବିଷୟକୁ ନେଇ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ଅଖଣ୍ଡ ଭାରତବର୍ଷ ଓ ହିନ୍ଦୁତ୍ୱକୁ ମଜଭୁତ କରି ସମଗ୍ର ବିଶ୍ୱରେ ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବା ପାଇଁ ସଂଘ କାର୍ଯ୍ୟ କରିବାକୁ ଶଙ୍କରାଚାର୍ଯ୍ୟ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ପାକିସ୍ତାନ ସହଯୋଗରେ ତାଲିବାନ ଭାରତର ଜମ୍ମୁ କଶ୍ମୀର ଉପରେ ଲୋଲୁପ ଦୃଷ୍ଟି ପକାଇଥିବାରୁ ଶଙ୍କରାଚାର୍ଯ୍ୟ ସତର୍କ କରାଇଥିବା ସହ ଭବିଷ୍ୟତରେ ଭାରତ ବର୍ଷରେ ଯେଭଳି ସଙ୍କଟଜନକ ପରିସ୍ଥିତି ସୃଷ୍ଟି ନ ହୁଏ ତା'ଉପରେ ସଂଘ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ତେବେ ଏହି ଅବସରରେ ଶଙ୍କରାଚାର୍ଯ୍ୟ କହିଥିଲେ, ସୁପ୍ରିମକୋର୍ଟ ଓ ହାଇକୋର୍ଟ ଶଙ୍କରାଚାର୍ଯ୍ୟଙ୍କ କ୍ଷମତା ଓ ଧାର୍ମିକ ବ୍ୟବସ୍ଥାରେ ପରାମର୍ଶ ନେଇ ରାୟ ଦେଇଥିବାବେଳେ ଶ୍ରୀମନ୍ଦିର ପରିଚାଳନା କମିଟି କିମ୍ବା ରାଜ୍ୟ ସରକାର ମଧ୍ୟ ତାଙ୍କ ସହ ଆଲୋଚନା କଲେ ଉପଯୁକ୍ତ ପରାମର୍ଶ ଦେଇପାରିବେ ବୋଲି କହିଥିଲେ। ମାତ୍ର ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ତାଙ୍କ ସହ ନିୟମିତ ଆଲୋଚନା କରୁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଆଲୋଚନା ପରେ ଶଙ୍କରାଚାର୍ଯ୍ୟଙ୍କଠାରୁ ଆଶୀର୍ବାଦ ନେଇ ଭାଗବତ ଶ୍ରୀମନ୍ଦିର ଯାଇଥିଲେ। ସିଂହଦ୍ୱାର ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ପରେ ଭାଗବତ ବାଇଶପାହାଚ ଦେଇ ଶ୍ରୀମନ୍ଦିର ପରିସରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ତେବେ କରୋନା ସମୟରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ସେ ବେଶ ଖୁସି ଥିବା କହିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦରୁ ବିଶ୍ୱରୁ କରୋନା ଦୂରେଇ ଯିବ ବୋଲି ଭାଗବତ କହିଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ଭାଗବତ ଭୁବନେଶ୍ୱର ଫେରିଛନ୍ତି।

**ତହସିଲଦାରଙ୍କ କାର୍ଯ୍ୟାଳୟ, ଟିଟିଲାଗଡ଼**
**ଲଘୁଖଣିଜ ଲିଜ୍ ନିମନ୍ତେ**
ସଂଖ୍ୟା 2064 ତା25.08.21 ରିଖ
**ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ଼ ତହସିଲ ଅଧୀନରେ ଥିବା ବିଭିନ୍ନ ସୈରାତ ଉତ୍ସଗୁଡିକ ଆଗାମୀ ୫ ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବ୍‌ସାଇଟ "http://balangir.nic.in" ସୈରାତ ଅଧୀନରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ସାହାଯ୍ୟ ପାଇଁ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।
ସ୍ୱା./- ତହସିଲଦାର, ଟିଟିଲାଗଡ଼

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1004 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.3746 Dt.25.08.2021
The M.D., OSIC invites tender from authorized Vendors with valid GST and PAN for supply of Science laboratory equipments and chemicals to N.C. (Autonomous) College, Jajpur, Dist- Jajpur, Odisha. The detail specification and quantity of the Lab items along with terms and conditions of supply is available in the website of OSIC. Any corrigendum/ changes/ modifications will only appear in OSIC Ltd. website www.osicltd.in only.
OIPR-14073/11/0033/2122 Sd/-MANAGING DIRECTOR

**OFFICE OF THE CDM & PHO-Cum-DMD, JAGATSINGHPUR**
**DISTRICT PROGRAMME MANAGEMENT AND SUPPORT UNIT, NATIONAL HEALTH MISSION**
**Advt. No. 3313/2021** **Dated: 26.08.2021**
**OBJECTION INVITATION**
No. E-372: The database of the in-house candidates applied for different post as per Advt. No. 2005 dated 18.06.2021 under CDM & PHO-Cum-DMD, Jagatsinghpur has been hoisted in the district website: **www.jagatsinghpur.nic.in**. The candidate may submit valid objection if any to the undersigned (O/o. CDM & PHO-Cum-DMD, Jagatsinghpur, At/P.O./Dist.- Jagatsinghpur, PIN - 754103) through Speed Post/Regd. Post only within 07.09.2021 by 4 P.M. The envelope should be superscribed with "Objection for the Post of ______________" (Sl. No. & Name of the Post). No objection will be entertained after due date and time. **No fresh documents or testimonials will be taken into consideration.**
**Sd./- CDM & PHO-Cum-DMD, Jagatsinghpur**
OIPR-10043/11/0011/2122

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା 12875/IND-II-PH-931 ତାରିଖ 25.08.2021
CAD-1000
**ବିଜ୍ଞାପନ**
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ପ୍ରବୋଧ ମହାନ୍ତି, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କୋଇଡ଼ା ତହସିଲ ଅନ୍ତର୍ଗତ କଲମଙ୍ଗ, ଜଲଡିହି, ସିଡିମ୍ବା ଏବଂ ତନ୍ତ୍ରୀ ଗ୍ରାମରେ ୧୮୮.୨୬୮ ହେକ୍ଟର ପରିମିତ ଲିଜ୍‌ଭୁକ୍ତ ଅଞ୍ଚଳରେ ସ୍ଥିତ କେ.ଜେ.ଏସ୍.ଟି. ଲୌହ, ମାଙ୍ଗାନିଜ୍ ଏବଂ ବକ୍ସାଇଟ୍ ଖଣିର ସମ୍ପ୍ରସାରଣ କରି ପ୍ରସ୍ତାବିତ ବାର୍ଷିକ ଲୌହ ପ୍ରସ୍ତର ଉତ୍ତୋଳନ ୨.୦୧୬୯ ଏମ୍.ଟି.ପି.ଏ.ଠାରୁ ୨.୮୦ଏମ୍.ଟି.ପି.ଏ. ROM (୨.୪୧ ଏମ୍.ଟି.ପି.ଏ. ଲୌହ ଖଣିଜ + ୦.୩୯ ଏମ.ଟି.ପି.ଏ. ଖଣିଜ ବର୍ଜ୍ୟବସ୍ତୁ) ୧.୫୦ ଏମ୍.ଟି.ପି.ଏ. ଲୌହ ଖଣିଜ ବର୍ଜ୍ୟବସ୍ତୁ, ପୃଷ୍ଠ ମୃତ୍ତିକା ୦.୦୦୮ ଏମ୍.ଟି.ପି.ଏ. ଏବଂ ବକ୍ସାଇଟ୍ ପ୍ରସ୍ତର ବାର୍ଷିକ ୦.୧୩ ଏମ୍.ଟି.ପି.ଏ. ବର୍ଜ୍ୟ ବକ୍ସାଇଟ୍ ୦.୧୦ ଏମ୍.ଟି.ପି.ଏ. (ମୋଟ ଉତ୍ତୋଳନ ୪.୫୩୮ ଏମ୍.ଟି.ପି.ଏ.) ତତ୍‌ସଂଲଗ୍ନ ୩ ଗୋଟି କ୍ରସର (୨ଟି ଅବସ୍ଥିତ ଏବଂ ୧ ଗୋଟି ପ୍ରସ୍ତାବିତ) ଏବଂ ୫ ଗୋଟି ସ୍କ୍ରିନିଂ ପ୍ଲାଣ୍ଟ (୩ ଗୋଟି ଅବସ୍ଥିତ ଏବଂ ୨ ଗୋଟି ପ୍ରସ୍ତାବିତ) ସ୍ଥାପନା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୯।୦୯।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ, ଡେଙ୍ଗୁଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିଡିମ୍ବା ଗ୍ରାମସ୍ଥିତ ଅଙ୍ଗନୱାଡି କେନ୍ଦ୍ର ନିକଟ ସିଡିମ୍ବା ଗୋଷ୍ଠୀକେନ୍ଦ୍ର**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୩।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ଼**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
OIPR-08012/11/0068/2122 ସ୍ୱା./-ସଦସ୍ୟ ସଚିବ

ଯେତେବେଳେ ଦେଖାଯାଏ ଯେ, ଆଉ କିଛି କରିବାର ନାହିଁ– ଅଛି କେବଳ ଧ୍ୱଂସ ଆଉ ବିନଷ୍ଟି– ସେତେବେଳେ ବି ଜଣେ ପରମ ଦିଶାରୀ ଅକସ୍ମାତ୍ ଆମ ସମ୍ମୁଖରେ ଉଭା ହୋଇଯାନ୍ତି ଓ ଆମ ହାତଧରି ତାଙ୍କ ସହିତ ନେଇଚାଲନ୍ତି। –ଶ୍ରୀଅରବିନ୍ଦ



# ଶୈଶବ ଶିକ୍ଷାର ଶକ୍ତି



ମାନୋସ ଆଣ୍ଟୋନିନିସ

କ୍ରୋଏସିଆର ଉତ୍ତରଭାଗରେ ଥିବା ସହର ଓରେହୋଭିକାରେ ପ୍ରିସ୍କୁଲ ବା ପ୍ରାକ୍ ପ୍ରାଥମିକ ଶିକ୍ଷା ପଦ୍ଧତି ସମ୍ପୂର୍ଣ୍ଣ ନିଆରା। ଏଠାରେ ଶିଶୁମାନେ ଖେଳିବା ଓ ପଢ଼ିବା ଲାଗି ସପ୍ତାହରେ ଦୁଇଦିନ ଏକାଠି ହୋଇଥାଆନ୍ତି। ଶ୍ରେଣୀରେ ରୋମା ବର୍ଗର ପିଲାମାନଙ୍କ ସମେତ ଅନ୍ୟମାନଙ୍କୁ ନେଇ ପଢ଼ା ଜୋର୍‌ସୋରରେ ଚାଲେ। ପିଲାମାନେ ଯେ କୌଣସି ବର୍ଗର ହୋଇଥାଆନ୍ତୁ ନା କାହିଁକି, ପ୍ରତ୍ୟେକଙ୍କର ଆବଶ୍ୟକତା ଅନୁଯାୟୀ ଶୈକ୍ଷିକ କାର୍ଯ୍ୟକଳାପ ଗ୍ରହଣ କରାଯାଏ, ଯାହା ସେମାନଙ୍କ ପାଇଁ ଏକ ଆତ୍ମୀୟ ଭାବନା ସୃଷ୍ଟି କରେ। ଶିକ୍ଷକମାନେ ସମାବେଶୀ ବା ସମ୍ମିଳିତ ଶିକ୍ଷା ପଦ୍ଧତି ଉପରେ ପ୍ରଶିକ୍ଷଣ ପାଇଛନ୍ତି। ପ୍ରାଥମିକ ସ୍କୁଲ୍‌ରେ ପ୍ରବେଶ କରିବା ପୂର୍ବରୁ ପିଲାମାନଙ୍କୁ କିପରି ସବୁଠୁ ଭଲ ସହାୟତା ଯୋଗାଇ ଦେଇ ହେବ ତାହା ସେମାନେ ଜାଣନ୍ତି। ଗୁରୁତ୍ୱପୂର୍ଣ୍ଣ ହେଉଛି, ଅଭିଭାବକମାନେ ପ୍ରିସ୍କୁଲ୍ ବା ପ୍ରାକ୍ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ନେଉଛନ୍ତି। ସେମାନଙ୍କ ସମର୍ଥନ ଓ ତା' ମୂଲ୍ୟକୁ ମଧ୍ୟ ଯେ କେହି ଅନୁଭବ କରିପାରିବେ। ପିଲାମାନଙ୍କ ଉପରେ ପଡୁଥିବା ସକାରାତ୍ମକ ପ୍ରଭାବ ସ୍ଥାନୀୟ ସମାଜକୁ ବ୍ୟାପିବା ସହ ସାମାଜିକ ଏକତା ବୃଦ୍ଧି କରୁଛି। କୁହାଯାଏ, ଜଣେ ବ୍ୟକ୍ତିର ଦୀର୍ଘମିଆଦୀ ବିକାଶ ପାଇଁ ଜନ୍ମରୁ ୫ ବର୍ଷ ଯାଏ ସମୟ ଅତି ମୂଲ୍ୟବାନ୍। ଓରେହୋଭିକାରେ ଚାଲୁଥିବା ନର୍ସରି ଶିକ୍ଷା କାର୍ଯ୍ୟକ୍ରମର ସଫଳତା ଏହାର ମହତ୍ତ୍ୱକୁ ପ୍ରତିପାଦନ କରେ। ଏହି ବୟସ ସୀମା ମଧ୍ୟରେ ମସ୍ତିଷ୍କର ଦ୍ରୁତ ବୃଦ୍ଧି ହେବା ସହ ଗୁରୁତ୍ୱପୂର୍ଣ୍ଣ କୌଶଳର ବିକାଶ ହୋଇଥାଏ, ଯାହା ଆମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ପରେ ସ୍କୁଲରେ ଓ ଚାକିରିରେ ଆମେ କେତେ ଭଲ କରୁ ତାହା ଉକ୍ତ କୌଶଳ ବିକାଶ ଯୋଗୁ ହିଁ ସମ୍ଭବ ହୋଇଥାଏ। ଉଚ୍ଚ ଗୁଣବତ୍ତା ସମ୍ପନ୍ନ ପ୍ରାକ୍‌ପ୍ରାଥମିକ ଶିକ୍ଷାର ଉପଲବ୍ଧତା ଉକ୍ତ କୌଶଳ ବିକାଶରେ ସହାୟକ ହୁଏ ଏବଂ ଏଥିରୁ ଆଖିଦୃଶିଆ ଉପକାର ମଧ୍ୟ ମିଳିପାରେ। ଶିଶୁମାନଙ୍କୁ ନେଇ ବିଶ୍ୱରେ ଚାଲିଥିବା ଏଭଳି କାର୍ଯ୍ୟକ୍ରମର ପ୍ରଭାବ ସମ୍ପର୍କରେ ଆମେରିକାର ଗବେଷକମାନେ ୧୯୬୦ ଦଶକରୁ ଦୀର୍ଘ ୫୦ ବର୍ଷ ଧରି ଅନୁଧ୍ୟାନ କରିଛନ୍ତି। ସେମାନେ ଜାଣିବାକୁ ପାଇଛନ୍ତି ଯେ, ପ୍ରାରମ୍ଭିକ ଶୈଶବ ଶିକ୍ଷା ଯୋଗୁ ଗ୍ରାଜୁଏଶନ ହାର ଅତି ବେଶିରେ ୧୩% ବୃଦ୍ଧି ପାଇଥିଲା। ଏହି ପିଲାମାନେ କମ୍ ସଂଖ୍ୟାରେ ସ୍କୁଲ ଛାଡିଥିଲେ ଓ ରୋଜଗାର କ୍ଷେତ୍ରରେ ଉତ୍ତମ ପରିଣାମ ସାମ୍ନାକୁ ଆସିଥିଲା, ସାମର୍ଥ୍ୟ ଅନୁଯାୟୀ ଜୀବନର ବିଭିନ୍ନ ସମସ୍ୟାକୁ ସାମ୍ନା କରିବାକୁ ସକ୍ଷମ ହୋଇପାରିଥିଲେ ଏବଂ ଅପରାଧରେ ଦଣ୍ଡିତ ହେବାର ସମ୍ଭାବନା କମ୍ ଥିଲା। ଅନ୍ୟ ଦେଶଗୁଡ଼ିକରୁ ପ୍ରାପ୍ତ ତଥ୍ୟ ମଧ୍ୟ ସ୍ପଷ୍ଟ ଭାବେ ସମାନ ଧାରାକୁ ସୂଚିତ କରେ। ଚିଲିରେ ଚତୁର୍ଥ ଶ୍ରେଣୀରେ ପଢୁଥିବା ପିଲାମାନଙ୍କ ଉପରେ କରାଯାଇଥିବା ସମୀକ୍ଷାରୁ ଜଣାପଡ଼ିଲା ଯେ, ବିଶେଷକରି ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଲାଭ କରୁଥିବା ଗରିବ ପିଲାମାନେ ପଢ଼ାରେ ଆଗୁଆ ଥିଲେ ଓ ପ୍ରାକ୍ ବିଦ୍ୟାଳୟ ମାଡି ନ ଥିବା ପିଲାମାନଙ୍କଠାରୁ ସେମାନେ ଗଣିତରେ ଭଲ କରିଥିଲେ। ଇଣ୍ଡୋନେସିଆରେ ପ୍ରାରମ୍ଭିକ ଶୈଶବ ଶିକ୍ଷା ଗରିବ ଏବଂ ଧନୀ ପିଲାମାନଙ୍କ ମଧ୍ୟରେ ଥିବା ଭାଷା, ମାନସିକ ବିକାଶ, ଯୋଗାଯୋଗ, ସାଧାରଣଜ୍ଞାନ ଏବଂ ସାମାଜିକ କଲ୍ୟାଣ କ୍ଷେତ୍ରର ପ୍ରଭେଦକୁ ହ୍ରାସ କରିବା ଲକ୍ଷ୍ୟ କରାଯାଇଥିଲା।

ଏହାବାଦ୍ ପ୍ରାରମ୍ଭିକ ଶୈଶବ ଶିକ୍ଷାର ଗୁରୁତ୍ୱକୁ ନେଇ ଆଉ କିଛି ତଥ୍ୟ ସାମ୍ନାକୁ ଆଣିଛି ୟୁନେସ୍କୋ। ନିକଟରେ ୟୁନେସ୍କୋ ଗ୍ଲୋବାଲ ଏଜୁକେଶନ ମନିଟରିଂ ରିପୋର୍ଟ ଆକଳନ କରିଛି ଯେ, ପ୍ରାୟତଃ ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ଆୟ ବର୍ଗର ଦେଶଗୁଡ଼ିକରେ ପାଞ୍ଚ ଜଣରେ ଜଣେ ପିଲା ଏବେସୁଦ୍ଧା ପ୍ରାକ୍–ପ୍ରାଥମିକ ସ୍କୁଲ ଶିକ୍ଷାରୁ ସମ୍ପୂର୍ଣ୍ଣ ବାଦ୍ ପଡୁଛନ୍ତି। ଏହି ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ କେବଳ ଭିନ୍ନକ୍ଷମ, ଜାତିଗତ, ଭାଷା, ଗରିବୀ, ସ୍ଥାନାନ୍ତର ଭଳି ସମସ୍ୟା ଭୋଗିବାକୁ ପଡ଼ିଛି ତାହା ନୁହେଁ, ସେମାନେ ଭୀଷଣ ଅପପୁଷ୍ଟି ଓ ବିଭିନ୍ନ ରୋଗର ଶିକାର ହେବାର ଆଶଙ୍କା ବଢ଼ିଯାଇଛି। ସେମାନେ ମଧ୍ୟ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇପାରୁ ନାହାନ୍ତି।

ପ୍ରାକ୍ ବିଦ୍ୟାଳୟ ଶିକ୍ଷାରେ ଧନୀ ଓ ଗରିବ ପିଲାମାନଙ୍କ ମଧ୍ୟରେ ଥିବା ପ୍ରଭେଦ ଦୁଃଖଦାୟକ। କେତେକ ଆଫ୍ରିକୀୟ ଦେଶରେ ଏହା ୬୦ ପ୍ରତିଶତ ପଏଣ୍ଟକୁ ଟପିଯାଇଛି। ପ୍ରି–ସ୍କୁଲ ଶିକ୍ଷା ବିନା ଜାତିଗତ ପ୍ରଭେଦ ମଧ୍ୟ ଅଧିକ ହୋଇପାରେ ବୋଲି କୁହାଯାଇଛି। ଉଦାହରଣ ସ୍ୱରୂପ, ଗ୍ରୀସ୍‌ରେ ମୋଟ ୮୪% ପିଲା ପ୍ରାକ୍‌ବିଦ୍ୟାଳୟ ଶିକ୍ଷା ଲାଭ କରୁଥିବାବେଳେ ସେମାନଙ୍କ ମଧ୍ୟରେ ରୋମା ପିଲାମାନଙ୍କ ସଂଖ୍ୟା ମାତ୍ର ୨୮%। ଯୁକ୍ତି କରାଯାଉଛି ଯେ, ଆରମ୍ଭରୁ ସମସ୍ତଙ୍କୁ ସମାନ ଶିକ୍ଷା ସୁଯୋଗ ଦେବା ଐକ୍ୟ ବା ସମାବେଶୀ ମନୋଭାବ ବୃଦ୍ଧି କରିପାରିବ। ଦକ୍ଷତା, ପୃଷ୍ଠଭୂମି ଓ ପରିଚୟକୁ ନ ଦେଖି ସବୁ ପିଲାଙ୍କ ପାଇଁ ପ୍ରି–ସ୍କୁଲ ଶିକ୍ଷା ଯୋଗାଇଦେବା ଦ୍ୱାରା ପରବର୍ତ୍ତୀ ସମୟରେ ଏକ ସମତୁଲ ତଥା ସମଭାବାପନ୍ନ ଜୀବନ ଜିଇବାର ବାଟ କଢ଼ାଇନେବ। କିନ୍ତୁ ଅଧିକାଂଶ ଦେଶ ଏହି ସୁଯୋଗକୁ ହାତଛଡ଼ା କରୁଛନ୍ତି। ବିଶ୍ୱର ମୋଟ ଦେଶ ମଧ୍ୟରୁ କେବଳ ୨୮% ସବୁ ପିଲାଙ୍କ ପାଇଁ ପ୍ରାକ୍–ପ୍ରାଥମିକ ବିଦ୍ୟାଳୟ ଶିକ୍ଷାକୁ ବାଧ୍ୟତାମୂଳକ କରିଛନ୍ତି। ଉକ୍ତ ଶିକ୍ଷା ଉପଲବ୍ଧତା ହିଁ ଏକମାତ୍ର ବାଟ। ଗରିବ ଦେଶଗୁଡ଼ିକର ଅନେକ ପ୍ରାକ୍–ବିଦ୍ୟାଳୟ ନିକଟରେ ପାଣ୍ଠିର ଅଭାବ ରହିଛି। ଫଳରେ ସେମାନେ ଉଚ୍ଚମାନର ସମାବେଶୀ ଶିକ୍ଷା ଯୋଗାଇବାକୁ ସକ୍ଷମ ହୋଇପାରୁନାହାନ୍ତି। ପ୍ରକୃତରେ ପିଲାଙ୍କ ପାଇଁ ସୁରକ୍ଷିତ ସ୍କୁଲ୍ ଆବଶ୍ୟକ। ସେମାନଙ୍କୁ ବିଭିନ୍ନ କାର୍ଯ୍ୟକଳାପରେ ଲିପ୍ତ କରାଇବା ଭଳି ବ୍ୟବସ୍ଥା ଦରକାର। ଏହାବାଦ୍ ସେମାନଙ୍କ ଲାଗି ଉତ୍ତମ ପ୍ରଶିକ୍ଷଣ ନେଇଥିବା ଶିକ୍ଷକଙ୍କ ସହଯୋଗ ଲୋଡ଼ା। କିନ୍ତୁ ବହୁ ସଂଖ୍ୟକ ପ୍ରାକ୍–ବିଦ୍ୟାଳୟ ଏଭଳି ପରିବେଶ ଯୋଗାଇ ଦେବାରେ ବିଫଳ ହୋଇଥାଆନ୍ତି।

ମାଲଡ୍ଭିରେ ଚାଇଲ୍ଡକେୟାର ସେଣ୍ଟରଗୁଡ଼ିକର ଶିକ୍ଷକଙ୍କ ଉପରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି, ସେମାନଙ୍କ ମଧ୍ୟରୁ ୩ ଜଣରେ ଜଣଙ୍କ ପାଖରେ ଆବଶ୍ୟକ ଯୋଗ୍ୟତା ରହିଛି। ଉଚ୍ଚ ଆୟବର୍ଗର ଦେଶଗୁଡ଼ିକରେ ଶିକ୍ଷକମାନଙ୍କ ଯୋଗ୍ୟତା ମଧ୍ୟ ଚିନ୍ତାଜନକ। ଉଦାହରଣ ସ୍ୱରୂପ, ଇଟାଲୀର ଟୁସ୍କାନି ଅଞ୍ଚଳରେ ୬୦% ଶିକ୍ଷକ ପ୍ରବାସୀ, ଶରଣାର୍ଥୀ ଓ ରୋମା ଛାତ୍ରମାନଙ୍କର ଆବଶ୍ୟକତା ସମ୍ପର୍କରେ ଜାଣିନାହାନ୍ତି ବୋଲି କହିଥିଲେ। ସମ୍ପ୍ରତି କୋଭିଡ୍–୧୯ ମହାମାରୀ ଏହି ଅସମାନତାକୁ ଆହୁରି ବଢାଇଦେଇଛି, ପ୍ରାରମ୍ଭରୁ ଏକ ସମାବେଶୀ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରିବା କଷ୍ଟକର ହୋଇପଡ଼ିଛି। ଜି୭ ସମ୍ମିଳନୀରେ ଆମେରିକାର ପ୍ରଥମ ମହିଳା ଜିଲ୍ ବାଇଡେନ୍ ଓ ବ୍ରିଟିଶ ରାଜପରିବାର ସଦସ୍ୟା କ୍ୟାଥେରିନ୍ ବିଶ୍ୱସ୍ତରରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାର ପରିବର୍ତ୍ତନକାରୀ ଶକ୍ତି ଉପରେ ଜୋର୍ ଦେଇଥିଲେ ଓ ଏହାକୁ ସମର୍ଥନ ମଧ୍ୟ କରିଥିଲେ। ପ୍ରାରମ୍ଭିକ ଶିକ୍ଷାକୁ ପତନ ମୁଖରୁ ଉଦ୍ଧାରିବାକୁ ହେଲେ ବିଶ୍ୱସ୍ତରରେ ସାମଗ୍ରିକ ଉଦ୍ୟମକୁ ତୀବ୍ର ଓ ସହଯୋଗ ବଢାଇବାକୁ ପଡ଼ିବ। ଏଥିପାଇଁ ବିଭିନ୍ନ ଦେଶର ସରକାର ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକୁ ନୂତନ ବୈଶ୍ୱିକ ସହଭାଗୀ ରଣନୀତି ଆରମ୍ଭ କରିବାକୁ ହେବ। କିପରି ସବୁ ପିଲା ପ୍ରାକ୍ ପ୍ରାଥମିକ ବିଦ୍ୟାଳୟକୁ ଯିବେ ତାହା ନିଶ୍ଚିତ କରିବା ଦରକାର। ଏହା ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଯେ, ଦେଶଗୁଡ଼ିକୁ ପ୍ରାରମ୍ଭିକ ବା ନର୍ସରି ଶିକ୍ଷାକୁ ପ୍ରାଥମିକତା ଦେବାକୁ ହେବ। ସମାବେଶୀ ଶିକ୍ଷା ଢାଞ୍ଚାରେ ଶିକ୍ଷକମାନେ ପ୍ରଶିକ୍ଷିତ ହୋଇଥିବେ ଓ ବିଭିନ୍ନ ବର୍ଗର ପିଲାମାନଙ୍କ ପାଇଁ ଉଚିତ ପାଠ୍ୟକ୍ରମ ବା କାର୍ଯ୍ୟକ୍ରମ ରହିଛି ବୋଲି ସେମାନେ ନିଶ୍ଚିତ କରିବେ। ଏହାସହ ଯେଉଁମାନେ ଏହି ଶିକ୍ଷାରୁ ବାଦ ପଡ଼ିଛନ୍ତି, ସେମାନଙ୍କ ସମ୍ପର୍କରେ ଦେଶଗୁଡ଼ିକ ତଥ୍ୟ ସଂଗ୍ରହ କରିବା ସହ ପ୍ରାରମ୍ଭିକ ଶିକ୍ଷା କାର୍ଯ୍ୟକ୍ରମରେ ନିବେଶ ବୃଦ୍ଧି କରିବା ଉଚିତ। କୋଭିଡ୍ ମହାମାରୀ ପରେ ସାମାଜିକ, ଅର୍ଥନୈତିକ ଓ ପରିବେଶ କ୍ଷେତ୍ରରେ ସୁଧାର ଆଣିବା ଲାଗି ବିଶ୍ୱ ନେତୃବର୍ଗ ବାରମ୍ବାର ପ୍ରତିଶ୍ରୁତି ଦେଇଆସୁଛନ୍ତି। ଏଣୁ ପ୍ରାରମ୍ଭିକ ଶିକ୍ଷାକୁ ଠିକ୍ ବାଟରେ ଆଣିବା ଲାଗି ସେମାନେ ଯତ୍ନବାନ୍ ହେବା ଆବଶ୍ୟକ।

**ନିର୍ଦ୍ଦେଶକ, ୟୁନେସ୍କୋ ଗ୍ଲୋବାଲ ଏଜୁକେଶନ ମନିଟରିଂ ରିପୋର୍ଟ**

# ବଢ଼ିବା ଏକ ପ୍ରସଙ୍ଗ



ଡ. କିଶୋର ମହାନ୍ତି

'ବଢ଼ିବା'ଟା ଗୋଟାଏ ସର୍ବକାଳୀନ ପ୍ରସଙ୍ଗ। ବେଳେ ବେଳେ ଏହି ପ୍ରସଙ୍ଗକୁ ଆଧାର କରି ଚଉକି ଟଣାଓଟରା ହେବାଟା ସ୍ୱାଭାବିକ। ଶାସକ ଦଳ ଶାସନରୁ ତଡ଼ା ଖାଇବା ଉଦାହରଣ ବି ଯଥେଷ୍ଟ ଅଛି। ଥରେ ପିଆଜ ଦର ହୁ ହୁ ବଢ଼ିଲା, କ'ଣ ହେଲା ଶାସକ ଦଳ ଚିତ୍‌ପଟାଙ୍ଗ ମାରିଲେନା ନାହିଁ? କ'ଣ ବଢ଼ିଛି? ବଢ଼ିଛି ବଢ଼ିଛି କହି ଥୋକେ ଚିଲେଇଲା ବେଳେ ବିରୋଧୀ ଦଳର ଲୋକମାନେ ମେଣ୍ଟହୋଇ ରାଜ ରାସ୍ତାରେ ବିଚିକିଚିଆ ନାରା ଦେଇ ଶବ୍ଦ ପ୍ରଦୂଷଣ କରିବାରେ ପ୍ରମୁଖ ଭୂମିକା ନେଇଥାଆନ୍ତି । ଅଖ ବନ୍ଦ ଚକ ବନ୍ଦ, ପୁଣି ରେଲରୋକୋ ଏସବୁ ପଥପ୍ରାନ୍ତ ନାଟକର ଗୋଟାଏ ଗୋଟାଏ ବର୍ଣ୍ଣାଢ୍ୟ ଦୃଶ୍ୟ ବୋଲି କହିବାକୁ ହେବ। ବଢ଼ିଲା ତ ଆଙ୍କର ବା କ'ଣ ହେଲା, ଆଙ୍କ ମୁଣ୍ଡ କାହିଁକି ବିନ୍ଧୁଚି କହିଲେ। ଦଳେ ଏମିତି ଉଲୁକୁମତା ହେଇ ଭେଳିକି ଲଗାନ୍ତି ଯେ, କାହାର କୁଶପୁତ୍ତଳିକା ଜାଳିବା ସହ, ପୋଷ୍ଟର ପୋଡ଼ିବା, ଫଟୋ ପୋଡ଼ିବା ଘଟଣାରେ ସଂପୃକ୍ତ ରହି ପୋଲିସ ଭ୍ୟାନରେ ବସି ମାମୁଘରର ମଜା ବି ଚାଖନ୍ତି। କିନ୍ତୁ ତେଲ ଲୁଣ ସଂସାରରେ ଆବଶ୍ୟକୀୟ ସାମଗ୍ରୀ ବଢ଼ିଲେ ଲୋକେ ବଞ୍ଚିବେ କେମିତି? ଏଥିରେ ମଧ୍ୟବିତ୍ତ ପରିବାର ଅତିଷ୍ଠ ହୋଇଯାଉଛନ୍ତି।

କଥାଟା ଠିକ୍, ଦରଦାମ୍ ନିୟନ୍ତ୍ରଣ ନ ରହିଲେ ଅର୍ଥନୀତି ଉପରେ ଏହାର ପ୍ରଭାବ ପଡ଼ିବ। ବଜାର ଓ ବଜାର ବାଦ୍ ଏ ଦି'ଟା ଅଲଗା ଅଲଗା କଥା। ଏମାନଙ୍କର ସଂଖ୍ୟା ଅଲଗା ଅଲଗା। ଏଣୁ ବଜାର ବାଦ୍ ହିଁ ଏସବୁ ପାଇଁ ଦାୟୀ। ପେଟ୍ରୋଲ, ଡିଜେଲ ଦର ଯଦି ବଢ଼େ ତେବେ ସବୁ ଜିନିଷର ମୂଲ୍ୟ ବୃଦ୍ଧି ଯୋଗୁ ସାଧାରଣ ଜନତାଙ୍କ ଜୀବନଯାତ୍ରାରେ ବାଧା ଉପୁଜିବ। ଏମିତି ହେଲେ ଲୋକପ୍ରିୟ ସରକାର ବୋଲି କେମିତି କହିବା? କେତେ କେତେ ଜିନିଷ ବଢ଼ିଲା ତାକୁ ରଖିପାରିଲେନି, ଯାହା କି ଶୋଚନୀୟ ଅବସ୍ଥା କଲା। ବଣରେ ଗଛଗୁଡ଼ା ବଢ଼ିଗଲା ତାକୁ କାଟି ସଫା କରିଦେଲ ନିଜ ସୁଖପାଇଁ – ଏବେ ଅମ୍ଳଜାନ କମିଗଲା, ଛାଟି ପିଟି ହେଲେ କ'ଣ ହେବ?

ଆଗେ ନଦୀ ବଢ଼ି ହେଉଥିଲା। ଏବେ ଆଉ ନଦୀ ବଢ଼ି କାହିଁ? ସେ ବି ସଜାଗ ହୋଇ ଗଲାଣି। ଆଉ ରୋଗ ଭିତରେ କୋଉ ରୋଗ ବଢୁ କି ନ ବଢୁ କରୋନା ମଧ୍ୟ ବଢ଼ି ଚାଲିଛି। ଚିକିତ୍ସକମାନେ କହିଲେଣି ପ୍ରତିଟି ଲହରରେ ତା' ଠୁଁ ବଳି ଭୂତାଣୁ ବଢ଼ି ବଢ଼ି ଆସୁଛନ୍ତି ଜନଶୂନ୍ୟ କରିବାକୁ ଏ ଧରାରେ। ଏଣେ ଏ ରୋଗ ଜୁଟିବାକୁ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ବଢ଼ିଲେନି ବରଂ ରୋଗୀ ବଢ଼ିଚାଲିଲେ। ପ୍ରାଇମେରୀ ସ୍କୁଲ ଭଳି ଏଠି ଡାକ୍ତରଖାନା କାହିଁ ? ତା' ବି ବଢ଼ିଲାନି।

କଥାଟା ସେଇ ବଢ଼ିବା ପ୍ରସଙ୍ଗକୁ ନେଇ ମଝିରେ ମଝିରେ ଏମିତି ଜୋର ଧରେ ଯେ ପଲ୍ଲୀରୁ ଦିଲ୍ଲୀଯାଏ ହୁଲସ୍ଥୁଲ୍ ହୋଇଯାଏ। କିନ୍ତୁ ସରକାର ନିଦା ବିଷ୍ଣୁ। ଏପଟେ ସରକାରଙ୍କର ଟ୍ରେଜେରି ଖାଲି ହୋଇଗଲେ ତା'ର ଭରଣା ପାଇଁ ଉପାୟ ଆଉ କ'ଣ? ଏଇ 'ବଢ଼ିବା' ରିମୋଟ୍ କଂଟ୍ରୋଲ ତାଙ୍କରି ହାତରେ। ସେତେବେଳେ ସେମାନେ ସର୍ବେସର୍ବା। ଶାସ୍ତ୍ର କହିଲା ପରା 'କରି କରାଉ ଥାଏ ମୁହିଁ ମୋ ବିନୁ ଆନ ଗତି ନାହିଁ'। ଏ ବଢ଼ିବା ପ୍ରସଙ୍ଗକୁ ନେଇ ଥୋକେ ଭାବନ୍ତି ଯେ, ବର୍ଷ ବର୍ଷ ଏମିତି ଚାଲୁଥାନ୍ତା କି। ଆଉ ଏମାନେ ମଜା ମାରନ୍ତେ। ଏମିତି ବି ଭାବି ନିଅନ୍ତି ବିକାଶ ଚିପିବା ପାଇଁ ଏ ଏକ ପ୍ରକାର ଅସ୍ତ୍ର। ଆଉ ଏମାନେ ଏ କାନରେ ପୂରାଇ ସେ କାନରେ ବାହାର କରିବାର ବାହୁସ୍ଫୋଟ ମାରୁଥିବା ସରକାରୀ ଦଳ ଏସବୁରେ ମୁହଁ ଆଡ଼େଇ ଦିଅନ୍ତି। ମିଛୁଆଙ୍କ ପରା ବାରବାଟୀ ଚାଷ। ସେମାନେ କାହିଁକି ଦିହକୁ ନେବେ। ଯାହା ଚାଲୁଛି ଚାଲୁ। ଏମାନେ ଏମିତି ଭୁକି ରହିବେ – ତଣ୍ଟି ଛିଣ୍ଡିଗଲେ ତେବେ ଯାଇଁ ଚୁପ୍ ହେଇଯିବେ। ସେମାନେ ଏମାନଙ୍କୁ ବି ଚୁପ୍ କରିବାର ମନ୍ତୁରା ଗଦ ନ ରଖିଛନ୍ତି ବୋଲି କହିହବନି।

ଅଧା କହିଥିବା ବଢ଼ିବା କଥାଟାକୁ ଲମ୍ବେଇ ଦେଲେ ବୁଝି ହେବ। ଆଗକୁ ଖାଲି ମିଛୁଟାରେ ଆଖିମିଟିକା ମାରିବାଟା ସାର୍। କ'ଣ ବା ନ ବଢ଼ିଛି। ଏତେ ନିୟନ୍ତ୍ରଣ କଲେ ବି ଦୁର୍ନୀତି ବଢ଼ିବଢ଼ି ଚାଲିଛି। ବେରୋଜଗାରୀ ବୃଦ୍ଧି ପାଇବାରେ ଲାଗିଛି। ନାରୀ ନିର୍ଯାତନା କ'ଣ ବଢ଼ି ନାହିଁ? ଏଣେ ସହର ବଢ଼ିଲାଣି ତ ଗାଁ ଛିଣ୍ଡିଲାଣି। ବିକାଶ ନାଁରେ କୋଠା ବାଡ଼ି ବଢ଼ିଛି– ଗରିବ ଲୋକଙ୍କୁ ଇନ୍ଦିରା ଆବାସ ଯୋଗାଣ ଆଉ ଟଙ୍କିକିଆ ଚାଉଳ ଦେଇ ଗରିବଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଶ୍ରମିକମାନେ ବାହାରକୁ ଯିବା ବଢ଼ିଛି। ଦିନେ ଅହିଂସା ପରମ ଧର୍ମ କହୁଥିଲା ବେଳେ ଗାନ୍ଧିଜୀଙ୍କ ଅହିଂସା ବଦଳରେ ଏଣେ ହିଂସା ବଢ଼ି ବଢ଼ି ଚାଲିଛି।

ନେତାଏ ଭୋଟ କେମିତି ବଢ଼ିବ ଏକଥା ଚିନ୍ତା କଲାବେଳେ ଚାକିରିଆମାନେ ଦରମା ବଢ଼ିବା ପାଇଁ ବାଉଳି ଚାଉଳି ହେଉଛନ୍ତି। ଜଳକର, ଖଜଣା, ବିଦ୍ୟୁତ୍ ଦେୟ ବଢ଼ିବଢ଼ି ଚାଲିଛି। ଆଗକୁ କ'ଣ ବା ବଢ଼ିବ କିଏ ଜଣେ। ଖାଲି ଦରଦାମ୍ ବଢ଼ିନାହିଁ। ଟାଉଟରି, ନକଲି ଦ୍ରବ୍ୟ ପ୍ରସ୍ତୁତକର୍ତ୍ତା, ହତ୍ୟାକାରୀ,ଏଟିଏମ୍ ତସ୍କର, ସରକାରୀ ପୁଞ୍ଜି ହଡ଼ପକାରୀ ବଢ଼ିବଢ଼ି ଚାଲିଥିଲାବେଳେ ନେତାଙ୍କ ସଂଖ୍ୟା ବି କୋଉ କମିଛି ଯେ– ବଢୁ, ବଢୁଥାଉ – କେତେବେଳେ ଛିଣ୍ଡିବ ତାକୁ ଖାଲି ଦେଖିବା କଥା।

ମୋ–୯୪୩୭୭୨୮୪୭୫

## ଏଇ ଭାରତରେ

ପିଲାମାନଙ୍କ ସହଯୋଗରେ ୪୦ ଏକର ଶୁଷ୍କ ଜମିରେ ଜଙ୍ଗଲ ସୃଷ୍ଟି କରି ପ୍ରେରଣା ପାଲଟିଛନ୍ତି ପଶ୍ଚିମବଙ୍ଗର ନରେନ ହାନ୍‌ଦଶା। ସାନ୍ତାଳୀ ଜନଜାତିର ନରେନ ରହନ୍ତି ପୁରୁଲିଆ ଜିଲାର ଅଯୋଧ୍ୟା ପାହାଡ଼ ନିକଟସ୍ଥ ଜାହାଜପୁର ଗାଁରେ। ୮ମଶ୍ରେଣୀରୁ ପାଠପଢ଼ା ଛାଡି ସେ ରାସ୍ତାରେ ଲୋକଗୀତ ଗାଇ ବିଭିନ୍ନ ବିଷୟରେ ସଚେତନ କରିବାରେ ଲାଗିଲେ। ଏହା ତାଙ୍କୁ ଢେର ଲୋକପ୍ରିୟତା ଦେଇଛି। କେବଳ ପଶ୍ଚିମବଙ୍ଗ ନୁହେଁ, ଝାଡ଼ଖଣ୍ଡ, ବିହାର, ଦିଲ୍ଲୀ, ପଞ୍ଜାବ ଏବଂ ମହାରାଷ୍ଟ୍ରରେ ବି ସେ ବେଶ୍ ଲୋକପ୍ରିୟ। ଲୋକସଙ୍ଗୀତରେ ରୁଚିଥିବା ନରେନ ଲୋକସେବା କ୍ଷେତ୍ରକୁ ଆପଣାଇ ୩୦ ଜଣ ଅନାଥ ପିଲାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ଲାଗି ପ୍ରଚେଷ୍ଟା ଜାରି ରଖିଛନ୍ତି। ସେ 'ସିଡୋ କାହ୍ନୁ ମିଶନ ଫାଉଣ୍ଡେଶନ' ଗଠନ କରି ତା'ମାଧ୍ୟମରେ ଏହି ଅଭିଯାନ ଜାରି ରଖିଛନ୍ତି। ଏହି ଫାଉଣ୍ଡେଶନ ଦ୍ୱାରା ସେ ସିଡୋ କାହ୍ନୁ ମିଶନ୍ ସ୍କୁଲ ପ୍ରତିଷ୍ଠା କରି ୪୦୦ ପିଲାଙ୍କୁ ମାଗଣାରେ ଶିକ୍ଷା ଦେଉଛନ୍ତି। ଏହି ପିଲାମାନଙ୍କ ସହଯୋଗରେ ଅଯୋଧ୍ୟା ପାହାଡ଼ର ୪୦ ଏକର ଜମିରେ ୧୦, ୦୦୦ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିଛନ୍ତି ୪୬ ବର୍ଷୀୟ ନରେନ।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଅଗଷ୍ଟ ୧୯୯୬

- ସାମରିକ ବିଦ୍ରୋହରେ ସମ୍ପୃକ୍ତ ଥିବା ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନକାରୀଙ୍କୁ ହତ୍ୟା କରାଯିବା ଏବଂ କେତେକ ବ୍ୟବସାୟୀଙ୍କଠାରୁ କୋଟି କୋଟି ଡଲାର ଲାଞ୍ଚ ନେଇଥିବା ଅଭିଯୋଗରେ ଦକ୍ଷିଣକୋରିଆର ପୂର୍ବତନ ରାଷ୍ଟ୍ରପତି ଚୁନ୍ ଡୁ ହ୍ୱାନ୍‌ଙ୍କୁ ମୃତ୍ୟୁ ଦଣ୍ଡାଦେଶ।
- ସେଣ୍ଟ୍ରାଲ ଚୀନର ହେନାନ ପ୍ରଦେଶରେ ଏକ ପେଟ୍ରୋଲିୟମ ପାଇପ ଲାଇନ୍ ବିସ୍ଫୋରଣରେ ୪୦ ମୃତ।
- ସନ୍ଦେହଜନକ କାର୍ଯ୍ୟକଳାପ ଯୋଗୁ ଗୁଜରାଟ ରାଷ୍ଟ୍ରମନ୍ତ୍ରୀ ଖୁମନ ସିଂ ବଂଶୀୟ ଓ ଅନୀଲ ଯୋଶୀ ଅରାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ପାଇଁ ମୁଖ୍ୟମନ୍ତ୍ରୀ ସୁରେଶ ମେହେଟ୍ଟାଙ୍କ ସୁପାରିଶ।

## su|do|ku  ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 7 | 4 | 3 | | | 1 | |
| | | | | | | | 3 | |
| | | 5 | | 9 | | 2 | | 8 |
| | | | | | | 7 | | |
| 1 | 8 | | 9 | | | 6 | | |
| 4 | | | | 6 | | | 5 | |
| | | | 1 | | | 9 | | |
| 2 | | 6 | | | | | | |
| 9 | | | 5 | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 6 | 3 | 5 | 9 | 4 | 2 | 1 |
| 9 | 1 | 4 | 8 | 2 | 6 | 5 | 3 | 7 |
| 3 | 2 | 5 | 7 | 1 | 4 | 8 | 6 | 9 |
| 5 | 3 | 2 | 9 | 4 | 8 | 1 | 7 | 6 |
| 6 | 8 | 7 | 1 | 3 | 2 | 9 | 4 | 5 |
| 1 | 4 | 9 | 6 | 7 | 5 | 3 | 8 | 2 |
| 2 | 9 | 1 | 4 | 6 | 3 | 7 | 5 | 8 |
| 7 | 6 | 3 | 5 | 8 | 1 | 2 | 9 | 4 |
| 4 | 5 | 8 | 2 | 9 | 7 | 6 | 1 | 3 |

ଗତକାଲିର ଉତ୍ତର

# ନର୍କ ଯନ୍ତ୍ରଣା



ଡ.ମୌସୁମୀ ପରିଡ଼ା

ଯେପରି ଜନ୍ମ ଥିଲେ ମୃତ୍ୟୁ ସୁନିଶ୍ଚିତ, ସେହିପରି ଦେହ ଥିଲେ ରୋଗ ହେବା ମଧ୍ୟ ସ୍ୱାଭାବିକ। ଯେଉଁଠି ମହାମନୀଷୀମାନେ ମୁକୁଳି ପାରିନାହାନ୍ତି, ଆମେ ତ ସାଧାରଣ ମଣିଷ। ମଣିଷ ଶରୀର ରୋଗର ସମାହାର। ସଂସାରର ପ୍ରତିଟି ବସ୍ତୁ ଓ ଜୀବର କ୍ଷୟ ବା ବିଲୟ ହୋଇଥାଏ। ତାହା ହିଁ ବସ୍ତୁ–ଧର୍ମ। ଶରୀର ଯାହାର ହେଉନା କାହିଁକି ମୃତ୍ୟୁ ଶରୀରର କୌଣସି ଅସ୍ୱାଭାବିକତା ଯୋଗୁ ହୋଇଥାଏ।

ଆଜିକାଲିର ଖାଦ୍ୟ ପ୍ରଣାଳୀ, ଜୀବନ ଶୈଳୀ ଓ ପାଣିପାଗ ମଣିଷକୁ ଆଗ ଅପେକ୍ଷା ଆହୁରି ବେଶି ରୁଗ୍ଣ କରିଦେଇଛି। ସାରା ବିଶ୍ୱରେ ବିଭିନ୍ନ ପ୍ରକାରର ରୋଗରେ ଦୈନିକ ପ୍ରାୟ ଲକ୍ଷଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ଆଧୁନିକ ଚିକିତ୍ସା ପଦ୍ଧତି ଯେତେ ଗବେଷଣା କଲେ ମଧ୍ୟ ଆଖିଦୃଶିଆ ଫଳପ୍ରଦ ହୋଇପାରିନାହିଁ। ସେଥିପାଇଁ କରୋନା ପରି ନୂଆ ରୋଗ ୨୦୧୯ରୁ ସାରା ବିଶ୍ୱରେ ବ୍ୟାପି ସମସ୍ତଙ୍କୁ ହତଚକିତ କରିଦେଇଛି! ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବାରୁ କୋଭିଡ୍ ଡାକ୍ତରଖାନାଗୁଡ଼ିକରେ ଆଇ.ସି.ୟୁ.ର ଶଯ୍ୟା ବଢ଼ିଛି।

ଡାକ୍ତର ଓ ନର୍ସମାନଙ୍କର ଅଭାବ ପରିଲକ୍ଷିତ ହେବା ପୂର୍ବରୁ କୋର୍ସ ସାରି ନ ଥିବା ପିଲାଙ୍କୁ ମଧ୍ୟ ପୋଷ୍ଟିଂ କରାଯାଉଛି। ତେଣୁ 'ଭୟ' ମନକୁ ଆଚ୍ଛନ୍ନ କରୁଛି ଆତ୍ମୀୟଜଣକ ସୁସ୍ଥହୋଇ ଘରକୁ ଫେରିବା ପର୍ଯ୍ୟନ୍ତ। ଆଇ.ସି.ୟୁ. ପ୍ରତି ଥିବା ଅବିଶ୍ୱାସ ଓ ଚିକିତ୍ସାକର୍ମୀଙ୍କ ଅନଭିଜ୍ଞତା ଏହାର କାରଣ। ବେସରକାରୀ ହାସ୍‌ପାତାଳଗୁଡ଼ିକର କିଛି ଅମାନବୀୟ କାର୍ଯ୍ୟ ଏ ଦୁଃସ୍ଥିତିକୁ ଟାଣି ଆଣିଛି। ଅତ୍ୟଧିକ ଅସୁସ୍ଥ ହେଲେ ରୋଗୀଟିଏ ଆଇ.ସି.ୟୁ.କୁ ଯାଏ ଜୀବନ ବଞ୍ଚାଇବା ପାଇଁ। ଅନେକ ସମୟରେ ଅତ୍ୟାଧୁନିକ ସରଞ୍ଜାମ, ଏକକୁ ଆରେକ ବଳି ସ୍ପେଶାଲିଷ୍ଟ ମଧ୍ୟ ରୋଗୀକୁ ସୁସ୍ଥ କରିପାରନ୍ତି ନାହିଁ। ଖୁବ୍ କମ୍ ଲୋକ ସେଠାରୁ ଫେରିବାର ନଜିର ଅଛି।

ଆତ୍ମୀୟମାନଙ୍କ ସହ ସମ୍ପର୍କିତ ହୋଇ ନ ପାରି ରୋଗୀର ମନୋବଳ କମେ। ଦିନଦିନ ଧରି ଯନ୍ତ୍ରଣାଦାୟକ ଚିକିତ୍ସା ଭିତରେ ସେ ବଞ୍ଚିବାର ସ୍ୱାଭାବିକତା ଭୁଲେ। ଏସବୁର ଅନେକ କାରଣ। ପାଖାପାଖି ସାଢ଼େ ଚାରି କୋଟି ଜନସଂଖ୍ୟା ବିଶିଷ୍ଟ ଆମ ରାଜ୍ୟର ଡାକ୍ତର ଓ ନର୍ସମାନଙ୍କ ସଂଖ୍ୟା ଯଥେଷ୍ଟ ନୁହେଁ, ତା' ସହିତ ସରକାରୀ ଡାକ୍ତରଖାନା ଓ ଅତ୍ୟାଧୁନିକ ଚିକିତ୍ସା ପାଇଁ ଆବଶ୍ୟକୀୟ ଉପକରଣ ମଧ୍ୟ ଉପଲବ୍ଧ ନାହିଁ ସବୁଠାରେ ; ଯାହା ଅଛି ସେସବୁ ବେସରକାରୀ ହାସ୍‌ପାତାଳରେ। ଯେଉଁଠି ଅର୍ଥ ପାଣି ପରି ସରିଯାଏ, ସାଧାରଣ ଲୋକଟେ ଜମିବାଡ଼ି ବିକି ମଧ୍ୟ ଅନିଶ୍ଚିତତା ଭିତରେ ଥାଏ। ଆଇ.ସି.ୟୁ.ରେ ଥାଇ କିପରି ଚିକିତ୍ସିତ ହେଉଛି ନିଜ ଲୋକ, ଡାକ୍ତରମାନେ ଦେଉଥିବା ଲମ୍ବା ତାଲିକା ଅନୁସାରେ କାମ ହେଉଛି ତ, ସେ ଖାଇପାରୁଛି କି ନାହିଁ, ଭଲ ହେଉଛି ତ, ସେ କାହାକୁ ଦେଖିବାକୁ ଚାହୁଁଛି କି, କିଛି କହିବାକୁ ଚାହୁଁନି ତ, କିଭଳି ଅଛି, ନର୍ସ ଓ ଡାକ୍ତରମାନେ ଠିକ୍ ଭାବେ ଚିକିତ୍ସା କରୁଛନ୍ତି ତ, ତାକୁ ଟିକେ ଦେଖିହୁଅନ୍ତାନି ଆଦି ଅନେକ ପ୍ରଶ୍ନ ଛାତି ଥରାଇଦିଏ।

ଯେତେବେଳେ ଲମ୍ବା ବିଲ୍ ସହ ଲୋକଟା ଶବ ହୋଇ ଫେରେ ସେତେବେଳେ ସବୁ ସରିଯାଏ। ମାନସିକ ସମ୍ବଳ ସହ ଆର୍ଥିକ ସମ୍ବଳ ବି। ଅର୍ଥବହୁଳ ଚିକିତ୍ସା କରି ମଧ୍ୟ ରୋଗୀ ସୁସ୍ଥ ହେବା ଭାଗ୍ୟର କଥା। ଏଭଳି ସ୍ଥିତିରେ ଚିକିତ୍ସା ଉପରେ ସନ୍ଦେହ ଆସିବା ସ୍ୱାଭାବିକ। କାରଣ ସେଠାକୁ ଆତ୍ମୀୟ ବା ଅନ୍ୟ କାହାକୁ ପ୍ରବେଶ ନିଷେଧ। ରୋଗୀ ବିଷୟରେ କିଛି ଜାଣିବାର ଉପାୟ ନାହିଁ। କୋଉଠି କେମିତି ବ୍ୟତିକ୍ରମ ଘଟୁଥାଇପାରେ। କିନ୍ତୁ ସମ୍ପୂର୍ଣ୍ଣ ତଥ୍ୟ ମିଳେନା। ଫୋନ୍ କିମ୍ବା ଅନ୍ୟ କୌଣସି ଜିନିଷ ନେବାର ଅନୁମତି ନ ଥାଏ। ଆଇ.ସି.ୟୁ.ରେ ଥିବା ରୋଗୀମାନଙ୍କୁ ସ୍ୱତନ୍ତ୍ର ନୀତିନିୟମରେ ରଖାଯାଏ, ଯାହାକୁ ପ୍ରୋଟୋକଲ୍ କୁହନ୍ତି। ଏପ୍ରକାରର ଚିକିତ୍ସା ଖୁବ୍ ଯନ୍ତ୍ରଣାଦାୟକ ଉଭୟ ଶାରୀରିକ ଓ ମାନସିକ ସ୍ତରରେ। ସେଠାରେ ଅସୁସ୍ଥ ଲୋକଟି ନର୍ସମାନଙ୍କ ଗବେଷଣାର ବସ୍ତୁ ପାଲଟେ। ସେମାନେ ଭାବିପାରନ୍ତି ନି ଦେହର ଯନ୍ତ୍ରଣା ବି ଅଛି।

ପ୍ରୋଟୋକଲ୍‌ଅନୁସାରେ ପ୍ରତିଦିନ ଏକାଧିକବାର ଶରୀରର ବିଭିନ୍ନ ସ୍ଥାନରୁ ଇଞ୍ଜେକସନ୍ ଦ୍ୱାରା ରକ୍ତ ନେବା, ସାଲାଇନ୍, ଆଣ୍ଟିବାୟୋଟିକ୍ସ ସହିତ ଆନିମିଆ ରୋଗୀଙ୍କୁ ରକ୍ତ ଦେବା, ଷ୍ଟେରଏଡ୍ ଦେବାର ଥିଲେ ଦିନକୁ ତିନିଥର ଖାଇବା ପୂର୍ବରୁ ଶର୍କରା ପରିମାଣ ଦେଖିବା ଇତ୍ୟାଦି ସହ ଆହୁରି ଅନେକ କାମ ଭିତରେ ସେମାନଙ୍କ ଭିତରୁ କେତେକ ମାନବିକତା ଭୁଲିଯାଆନ୍ତି ବୋଲି ଭୁକ୍ତଭୋଗୀମାନେ କୁହନ୍ତି।

ସେମାନେ ଚିକିତ୍ସାର ଦ୍ୱାହି ଦେଇ ନିଜର ଅସହାୟତା ଦର୍ଶାଇ ଯନ୍ତ୍ର ପାଲଟିଯାଆନ୍ତି। ଦିନ ଦିନ ବା ସପ୍ତାହ ସପ୍ତାହ ଧରି ଏଭଳି ଯନ୍ତ୍ରଣାଦାୟକ ଚିକିତ୍ସା କଲାବେଳେ କାହା ମନରେ ଦୟା ଆସେନା। କୋମଳ ମନୋଭାବ ପ୍ରଦର୍ଶନ ତ ସ୍ୱପ୍ନ କେବେକେବେ। ସେଥିପାଇଁ ମନ ସହିତ ଶରୀର ବି ଦୁର୍ବଳ ହୁଏ ଏପରି ଭୟଙ୍କର ଚିକିତ୍ସା ପାଇଁ। ରୋଗୀକୁ ଲାଗେ ନର୍କ ଯା'ଠୁ ଅଧିକ ମର୍ମନ୍ତୁଦ ହୋଇ ନ ଥିବ। କଷ୍ଟ ସହି ସହି ପ୍ରତିକ୍ରିୟାଶୀଳ ହୁଏ ରୋଗୀ। ଯନ୍ତ୍ରଣାରେ ଚିତ୍କାର କରେ। ଦେହସାରା ପୀଡ଼ା, ହାତଗୋଡ଼ ହଲେନାହିଁ। ତଥାକଥିତ ଚିକିତ୍ସା ଚାଲୁ ରହେ, ଔଷଧର ତାଲିକା ଲମ୍ବା ହୁଏ। ଚବିଶ ଘଣ୍ଟା ଏସିରେ ରହି ଆହୁରି କିଛି ନୂଆ ରୋଗ ପୁରୁଣା ରୋଗ ସହ ଯୋଡ଼ାହୁଏ। ଦିନ ବଢ଼ିଲେ ଯନ୍ତ୍ରଣା ବି ଅଧିକ ହୁଏ। ସବୁଠାରେ ନର୍ସ, ଡାକ୍ତର ସମାନ ନୁହନ୍ତି। ଅବଶ୍ୟ ବେସରକାରୀ ହାସ୍‌ପାତାଳରେ ଏସବୁର ଅଭିଯୋଗ ବେଶି।

କୋଭିଡ୍ ଚିକିତ୍ସା ପାଇଁ ନର୍ସ ଓ ଡାକ୍ତରମାନଙ୍କୁ ଭଲ ପ୍ୟାକେଜ୍ ମିଳୁଥିବାରୁ କୋର୍ସ ସାରି ନ ଥିବା ପିଲାଙ୍କ ସହ ସାଙ୍ଗେ ସାଙ୍ଗେ ନର୍ସିଂ ପାଶ୍ କରିଥିବା ପିଲାମାନେ ବିଭିନ୍ନ ଜାଗାରେ ତଥା ଆଇ.ସି.ୟୁ.ରେ ପୋଷ୍ଟିଂ ହେଉଛନ୍ତି । ଅଳ୍ପ ବୟସର ନର୍ସମାନଙ୍କ ଭିତରେ ଧୈର୍ଯ୍ୟର ଘୋର ଅଭାବ। ସେବା ମନୋଭାବ ନ ରହିଲେ ନର୍ସମାନଙ୍କ ପ୍ରତି ଲୋକଙ୍କ ଆତ୍ମୀୟତା ତୁଟିଯିବ। କାରଣ ରୋଗୀ ଡାକ୍ତରଙ୍କ ଅପେକ୍ଷା ନର୍ସମାନଙ୍କ ସହ ବେଶି ସମୟ ବିତାଏ, ତେଣୁ ସୌହାର୍ଦ୍ଦ୍ୟ କାମନା କରିବା ଅବାସ୍ତବ ନୁହେଁ। ଜୀବନକୁ ବୁଝି ନ ଥିବା ଅଳ୍ପ ବୟସର ପିଲାମାନଙ୍କର ବିନା ଅନୁଭବ ବା ସଂକ୍ଷିପ୍ତ ଅନୁଭବ ରୋଗୀମାନଙ୍କ ମାନସିକ ଶକ୍ତିର ହ୍ରାସ ଘଟାଇବ।

ବେସରକାରୀ ହାସ୍‌ପାତାଳଗୁଡ଼ିକରେ ଅର୍ଥଲୋଭ ଦ୍ୱାରା ନଷ୍ଟ ହେଉଛି ଜୀବନ। କୋଉଠି କୋଭିଡ୍‌ଜନିତ ମୃତ୍ୟୁର ପ୍ରକୃତ ତଥ୍ୟ ଲୁଚାଯାଉଛି ବୋଲି ଅଭିଯୋଗ ତ ପୁଣି କୋଉଠି ପଜିଟିଭ୍ ସ୍ଥାନରେ ନେଗେଟିଭ୍ ରିପୋର୍ଟ ମିଳୁଛି ବୋଲି ଦୋଷାରୋପ! ଏଭଳି ସ୍ଥଳେ ଆମେ ସମସ୍ତେ ଉପରକୁ ହାତ ଟେକିଦେଇଛୁ। ଅନିଶ୍ଚିତତା ଓ ଅବିଶ୍ୱାସକୁ ନେଇ ଆତ୍ମା ହାହାକାର କରୁଛି। ମୃତ୍ୟୁ ପାଇଁ ଆମେ ସମସ୍ତେ ସତେଯେମିତି ପ୍ରସ୍ତୁତ!

କେବେ ବେସରକାରୀ ହାସ୍‌ପାତାଳର ନର୍ସ ଓ ଡାକ୍ତରମାନେ କେବଳ ପ୍ୟାକେଜ୍ ପାଇଁ ନୁହେଁ ସାଧାରଣ ମଣିଷ ପାଇଁ ଚିକିତ୍ସା କରିବେ, ବ୍ୟବସାୟ ଅପେକ୍ଷା ସମ୍ବେଦନଶୀଳ ହୋଇ ନିଜ କର୍ତ୍ତବ୍ୟ ତୁଲାଇବେ? ସେ ସୁଦିନ କେବେ ଆସିବ, ଯେବେ ସରକାରୀ ହାସ୍‌ପାତାଳ ସେତିକି ମାତ୍ରାରେ ଆବଶ୍ୟକୀୟ ଚିକିତ୍ସାକର୍ମୀ ଓ ଅତ୍ୟାଧୁନିକ ସେବା ଉପଲବ୍ଧ କରି ବେସରକାରୀ ହାସ୍‌ପାତାଳଗୁଡ଼ିକର ଅଣ୍ଟା ଭାଙ୍ଗି ନ ଦେବ। ତା' ପୂର୍ବରୁ ଉଚିତ ପଦକ୍ଷେପ ନେଇ ହୁଅନ୍ତା। ଆଇ.ସି.ୟୁ.ରୁ ନିଜ ଆତ୍ମୀୟଙ୍କ ସହ ପ୍ରତ୍ୟେକ ଦିନ ଅନ୍ତତଃ ଗୋଟେଥର ଭିଡିଓ କଲ୍ ଜରିଆରେ କଥା ହୋଇ ହୁଅନ୍ତା। କି ପ୍ରକାରର ଚିକିତ୍ସା କରାଗଲା ତା'ର ସବିଶେଷ ବିବରଣୀ ପ୍ରମାଣ ସହ ଦିଆଯା'ନ୍ତା। ପ୍ରତ୍ୟେକ ଆଇ.ସି.ୟୁ.ରେ ସିସିଟିଭି ଲଗାଯା'ନ୍ତା, ଅଭିଯୋଗ କ୍ରମେ ଚିକିତ୍ସାର ଆମୂଳଚୂଳ ଯାଞ୍ଚ କରିବା ପାଇଁ।

ସତ ପଦାକୁ ଆସିଲେ ଅଯଥା ଶୋଷଣ ବନ୍ଦ ହୋଇଯାଆନ୍ତା। ନ ହେଲେ ସେଦିନ ବେଶି ଡେରି ନୁହଁ ଯେବେ ଚିକିତ୍ସା, ଚିକିତ୍ସକ, ଚିକିତ୍ସାଳୟ ଓ ଚିକିତ୍ସାକର୍ମୀଙ୍କଠାରୁ ବିଶ୍ୱାସ ସବୁଦିନ ପାଇଁ ଉଠିଯିବ। ଜନସାଧାରଣ ମଧ୍ୟ ନିଜକୁ କୋଭିଡ୍‌ଠାରୁ ବଞ୍ଚାଇ ଉତ୍ତମ ନାଗରିକ ଭାବେ ଉଦାହରଣ ସୃଷ୍ଟି କରନ୍ତୁ। କାରଣ ବଞ୍ଚିବାର ଲୋଭ ସବୁଠି, ରୋଗୀଠାରେ ଯେତିକି ପ୍ରତ୍ୟକ୍ଷ ସମ୍ପର୍କରେ ଆସୁଥିବା ଚିକିତ୍ସାକର୍ମୀଙ୍କଠାରେ ବି ସେତିକି। ମାନବିକତା ହିଁ ମାନବ ସମାଜକୁ ବଞ୍ଚାଇପାରିବ।

ମୋ:୯୪୩୭୩୧୭୦୨୬

## ପାଠକ ଶ୍ରେଷ୍ଠ ବିଚାରକ

### ଐତିହାସିକ ଛାତ୍ରାବାସ ଧ୍ୱଂସମୁଖୀ

ମହାଶୟ,

ସତ୍ୟବାଦୀରେ, ପଣ୍ଡିତ ଗୋପବନ୍ଧୁ ଓ ସଖାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ମଣିଷ ଗଢ଼ା କାରଖାନା ବନ ବିଦ୍ୟାଳୟର ଛାତ୍ରାବାସ ସବୁ ମାଟିରେ ମିଶି ଯାଇଚି। ବାକି ରହିଥିବା ସ୍ମାରକୀ ସ୍ୱରୂପ ଗୋଟାଏ ଚାତ୍ରାବାସଗୃହ ଏବେ ମାଟିରେ ମିଶିବାକୁ ଯାଉଛି। ଏହାକୁ ରାକ୍ଷଣାବେକ୍ଷଣ କରିବାକୁ ସରକାରଙ୍କ ଆନ୍ତରିକତା ଥିବା ପରି ଜଣାପଡୁନାହିଁ। ପୂର୍ବରୁ ବ୍ୟୟ କରାଯାଇଥିବା ବିପୁଳ ଅର୍ଥରେ ନିର୍ମିତ ଗ୍ୟାଲେରୀ, ପ୍ରତିମୂର୍ତ୍ତି, ପିଣ୍ଡି, ରାସ୍ତାଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନ ନେବା ହେତୁ ନଷ୍ଟ ହୋଇଗଲା। ବନ ବିଦ୍ୟାଳୟର ସ୍ଥାୟୀ ସିମେଣ୍ଟ ଚୌକି, ଟେବୁଲ ସବୁ ଆଉ ନାହିଁ କିମ୍ବା ସେ ବକୁଳ ବୃକ୍ଷମାନ ଆଉ ନାହିଁ। ଛରିଅନା ବୃକ୍ଷ କଟାଯିବା ଫଳରେ ଏହା ମଧ୍ୟ ଲୋପ ପାଇଯାଉଛି। ପୁନର୍ବାର ତଳ ତଣ୍ଡୁଳ ଛାୟା ପ୍ରଦାନ କରୁଥିବା ବୃକ୍ଷରୋପଣ କରିବାର ପ୍ରଚେଷ୍ଟା କରାଯାଉନାହିଁ। ବର୍ତ୍ତମାନର ସରକାର ଏହାର ପୁନରୁଦ୍ଧାର କରିବାକୁ ପ୍ରୟାସ କରୁଛନ୍ତି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ରକ୍ଷଣାବେକ୍ଷଣା ପାଇଁ ବ୍ୟବସ୍ଥା କରିବା ଅତ୍ୟନ୍ତ ଜରୁରୀ।

**–ବନମାଳୀ ବେହେରା, ସତ୍ୟବାଦୀ, ପୁରାତନ ଛାତ୍ର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

''ଜଳି ଉଠୁ ଦୀପ୍ତି ତାର ଢାଳି ଦେଇ
ଦୂରେ ବହୁ ଦୂରେ
''ପ୍ରତି ପ୍ରତିବିମ୍ବ ତାର ଫୁଟୁ ବିଶ୍ୱ–
ମାନସ –ମୁକୁରେ। –(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନାଳରେ ନାବାଳିକା, ନଦୀରେ ବୁଡ଼ିଗଲେ ନାବାଳକ

ଧର୍ମଶାଳା,୨୬।୮(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ପରୁଣିଆ ପଞ୍ଚାୟତରେ ୨ଟି ଦୁର୍ଘଟଣା ଘଟିଛି। ପଞ୍ଚାୟତର ହାମଜାପୁର ଶଗଡ଼ିଆ ନାଳରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେହିପରି ଏହି ପଞ୍ଚାୟତ ବଡ଼ନଛିପୁର ଗ୍ରାମରେ ଜନ୍ମଦିନ ପାଳନ ପୂର୍ବରୁ ଜଣେ ୫ ବର୍ଷର ନାବାଳକଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ହାମଜାପୁର ଗ୍ରାମର ପିଙ୍କୁଲୁ ଦାସଙ୍କ ଝିଅ ଲକ୍ଷ୍ମୀପ୍ରିୟା(୭) ଗୁରୁବାର ପୂର୍ବାହ୍ନ ୧୧ଟାରେ ତାଙ୍କ ସାନ ଭାଇଙ୍କ ସହିତ ଶଗଡ଼ିଆ ନାଳକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ ପାଣିରେ ବୁଡ଼ି ଯାଇଥିଲେ। ଏହାଦେଖି ତାଙ୍କ ସାନଭାଇ ଚିତ୍କାର କରିଥିଲେ। ଫଳରେ ସେଠାରେ ଥିବା ଲୋକେ ଆସି ଲକ୍ଷ୍ମୀପ୍ରିୟାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବଡ଼ନଛିପୁର ଗ୍ରାମର ଦୁର୍ଯ୍ୟୋଧନ ଦଳାଇଙ୍କ ନାତି ବିଘ୍ନେଶ୍ୱରଙ୍କ ବୁଧବାର ଜନ୍ମଦିନ ଥିଲା। ତେଣୁ ବଡ଼ଗେଙ୍ଗୁଟି ନଦୀ କୂଳରେ ଥିବା ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଥିଲା। ଏହି ସମୟରେ ବିଘ୍ନେଶ୍ୱର ନଦୀକୁ ଚାଲି ଯାଇଥିଲେ। ହେଲେ ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ତାଙ୍କ ମୃତଦେହ ମିଳିଥିଲା। ବିଘ୍ନେଶ୍ୱରଙ୍କ ଘର ବରୀ ଥାନା ଅନ୍ତର୍ଗତ ମଳିଆଘାଇ ଗ୍ରାମରେ। ସେ ତାଙ୍କ ମାମୁଘରକୁ ବୁଲିବାକୁ ଆସିଥିଲେ।

# ଲକ୍ଷ୍ୟ ହାସଲ ଯାଏ ପରିଶ୍ରମ କର: ମୁଖ୍ୟମନ୍ତ୍ରୀ

■ ୩ୟ ପର୍ଯ୍ୟାୟରେ ଆଉ ୧୦ ରୂପାନ୍ତରିତ ସ୍କୁଲ ଲୋକାର୍ପିତ
■ ହିଞ୍ଜିଳିର ସବୁ ସରକାରୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ସ୍ୱପ୍ନ ଓ ସମ୍ଭାବନା ହେଉଛି ଛାତ୍ର ଜୀବନର ପରିଚୟ। ପିଲାମାନେ ବଡ଼ ମଣିଷ ହେବାର ସ୍ୱପ୍ନ ଦେଖିବା ସହ ଅନ୍ତର୍ନିହିତ ପ୍ରତିଭା ଉପଯୋଗକରି ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବେ। ପିଲାଙ୍କ ସଫଳତା ହିଁ ସମାଜ, ବିଦ୍ୟାଳୟ ଓ ପରିବାରର ଗୌରବ। ତେଣୁ ଜୀବନର ଲକ୍ଷ୍ୟ ପୂରଣ ହେବା ପର୍ଯ୍ୟନ୍ତ ପରିଶ୍ରମ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଗୁରୁବାର ଗଞ୍ଜାମ ଜିଲା ହିଞ୍ଜିଳିରେ ୩ୟ ପର୍ଯ୍ୟାୟରେ ଆଉ ୧୦ ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରମାନଙ୍କୁ ଏହି ଉଦ୍‌ବୋଧନ ଦେଇଛନ୍ତି।

ପ୍ରକାଶ ଯେ, ଗତ ୨୧ ତାରିଖରେ ରାଜ୍ୟ ସରକାରଙ୍କ ଉଚ୍ଚାକାଂକ୍ଷୀ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୫-ଟି ଉପକ୍ରମରେ ହିଞ୍ଜିଳିର ୫୦ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୫ଟି ପର୍ଯ୍ୟାୟରେ ୫୦ ସ୍କୁଲର ଲୋକାର୍ପଣ କରାଯିବାକୁ ଥିବାବେଳେ ଗୁରୁବାର ସୁଦ୍ଧା ୩ଟି ପର୍ଯ୍ୟାୟରେ ୩୦ ସ୍କୁଲ ଲୋକାର୍ପିତ ହୋଇଛି। ଏହି ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ପିଲାଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ଦିଗରେ ଅଧିକ ସହାୟକ ହେବ। ଏହି ନୂଆ ସୁଯୋଗ ଓ ପରିବେଶ ବିଦ୍ୟାଳୟକୁ ଆସି ପାଠ ପଢ଼ିବା ଲାଗି ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି କରିପାରିଛି। ଏହି ଆଗ୍ରହ ହିଁ ସେମାନଙ୍କ ସଫଳତା ପାଇଁ ନୂଆ ରାସ୍ତା ଫିଟାଇବ। ଛାତ୍ର ଜୀବନ ସବୁଠାରୁ ମୂଲ୍ୟବାନ୍ ସମୟ ହୋଇଥିବାରୁ ଏହାର ସଦୁପଯୋଗ କରି ନିଜ ପ୍ରତିଭାର ବିକାଶ ପାଇଁ ପିଲାମାନେ ଉଦ୍ୟମ କରିବା ଆବଶ୍ୟକ। ୫-ଟି କାର୍ଯ୍ୟକ୍ରମ ଜରିଆରେ ଏହାର ପ୍ରତ୍ୟେକ ନୀତିର ପ୍ରୟୋଗରେ କିପରି ବିଦ୍ୟାଳୟ ରୂପାନ୍ତରୀକରଣ କରାଯାଇଛି ସେ ନେଇ ମୁଖ୍ୟମନ୍ତ୍ରୀ ବୁଝାଇଛନ୍ତି। ସେ ଆହୁରି କହିଛନ୍ତି, ହିଞ୍ଜିଳିରେ ଆରମ୍ଭ ହୋଇଥିବା ଏହି ରୂପାନ୍ତରଣ କାର୍ଯ୍ୟ ସାରା ରାଜ୍ୟରେ ପ୍ରତିଫଳିତ ହେବ। ଓଡ଼ିଶାର ସବୁ ସ୍କୁଲରେ ରୂପାନ୍ତରଣ ଆସିବ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ବିଧାୟକ ଏବଂ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ସମାଜର ସବୁ କ୍ଷେତ୍ରରେ ଏପରି ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନିଜ ସମ୍ପତ୍ତି ପରି ରୂପାନ୍ତରଣ ହୋଇଥିବା ସ୍କୁଲଗୁଡିକର ଯତ୍ନ ନେବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଗୋଟିଏ ନିର୍ବାଚନମଣ୍ଡଳୀର ସମସ୍ତ ସରକାରୀ ବିଦ୍ୟାଳୟ ରୂପାନ୍ତରୀକରଣରେ ହିଞ୍ଜିଳି ସାରା ଦେଶରେ ପ୍ରଥମ। ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲ ରୂପାନ୍ତରଣ ପରେ ପାଠ ପ୍ରତି ସେମାନଙ୍କ ଆଗ୍ରହ ଦ୍ୱିଗୁଣିତ ହୋଇଥିବା କାର୍ଯ୍ୟକ୍ରମରେ ଉପସ୍ଥିତ କେତେଜଣ ଛାତ୍ରୀଛାତ୍ର ବର୍ଣ୍ଣନା କରିଥିଲେ। ୧୦ଟି ଯାକ ସ୍କୁଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅରୁଣ ସାହୁ, ପଦ୍ମନାଭ ବେହେରା, ତୁଷାରକାନ୍ତି ବେହେରା, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସୁଶାନ୍ତ ରାଉତ ଏବଂ ସରପଞ୍ଚ, ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ, ଏ ରୂପାନ୍ତରଣକୁ ଆସନ୍ତା ଦିନରେ ସାରା ଦେଶ ଅନୁକରଣ କରିବ। ଗଞ୍ଜାମ ଜିଲାପାଳ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲା ହିଞ୍ଜିଳି ବ୍ଲକର ୧୦ ରୂପାନ୍ତରିତ ସ୍କୁଲକୁ ଭିଡିଓ କନ୍‌ଫେରେନ୍ସରେ ଉଦ୍‌ଘାଟନ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ

# ଭିଜିଲାନ୍ସ ଜାଲରେ ପିଇଓ

ବରଗଡ଼ ଅଫିସ୍/ସୋହେଲା,୨୬।୮

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ବେହେରାପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଅନୀଲ କୁମାର ପାଢ଼ୀଙ୍କ ବାସଭବନରେ ଗୁରୁବାର ଭିଜିଲାନ୍ସ ଚଢ଼ାଉ କରିଥିଲା। ପାଢ଼ୀଙ୍କ ବିଜେପୁର ବ୍ଲକ ଲାଉମୁଣ୍ଡାସ୍ଥିତ ପୈତୃକ ବାସଭବନ, ବରଗଡ଼ ମାତୃବିହାର ସ୍ଥିତ ଘର ଏବଂ ବେହେରାପାଲି ପଞ୍ଚାୟତ ଅଫିସ୍‌ରେ ଭିଜିଲାନ୍ସର ୩ଟି ଟିମ୍ ଏକକାଳୀନ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପିଇଓ ପାଢ଼ୀଙ୍କ ୭୦ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ସେଥିମଧ୍ୟରେ ମାତୃବିହାରରେ ୨ ମହଲା ବିଶିଷ୍ଟ ଗୋଟିଏ କୋଠାଘର, ୨ଟି ଜମି ପ୍ଲଟ, ଗୋଟିଏ ଟାଟା ୭୦୯ ଟ୍ରକ୍, ଗୋଟିଏ ଟ୍ରାକ୍ଟର, ୨ଟି ଦୁଇଚକିଆ ଯାନ, ୫ଲକ୍ଷ ୫୭ହଜାର ଟଙ୍କାର ବୀମା ଜମାରାଶି ଏବଂ ନଗଦ ୬୯ହଜାର ୧୨୦ଟଙ୍କା ଆଦି ରହିଛି। ଭିଜିଲାନ୍ସ ଅଧିକାରୀ ପିଇଓ ପାଢ଼ୀଙ୍କୁ ଅଧିକ ପଚରାଉଚୁରା କରୁଛନ୍ତି। ତଦନ୍ତ ସରି ନ ଥିବାରୁ ସମୁଦାୟ ସମ୍ପତ୍ତି ପରିମାଣ ବଢ଼ିବା ସମ୍ଭାବନା ରହିଛି। ଚଢ଼ାଉରେ ଜଣେ ଡିଏସ୍‌ପି, ୩ଜଣ ଇନ୍ସପେକ୍ଟର ଏବଂ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

# ୧.୬୦କୋଟିର ଗଞ୍ଜେଇ ଜବତ: ହୋମ୍‌ଗାର୍ଡଙ୍କ ସମେତ ୬ ଗିରଫ

ଜୟପୁର, ୨୬।୮ (ନି.ପ୍ର.)



ଗିରଫ ୬ ଅଭିଯୁକ୍ତ।

ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ଯୋଜନାର ପର୍ଦ୍ଦାଫାଶ କରିବାକୁଯାଇ ଖାକିରେ ଦାଗ ଲାଗିଛି। ଜୟପୁର ସଦର ପୋଲିସ ଚୋରାଚାଲାଣରେ ସମ୍ପୃକ୍ତ ଜଣେ ହୋମ୍‌ଗାର୍ଡଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ହୋମଗାର୍ଡ ଜଣକ କୋଲାବରେ କାର୍ଯ୍ୟରତ ଥିଲେ। ଥାନା ଅଧିକାରୀ ଆଦିତ୍ୟ ମହାକୁଡ ଗଞ୍ଜେଇ ଚୋରାଚାଲାଣ ସମ୍ପର୍କରେ ସୂଚନା ପାଇ ଗୁରୁବାର ଜୟପୁର ଘାଟିଠାରେ ଚଢ଼ାଉ କରିଥିଲେ। ଟ୍ରକ୍ (ଆର୍‌ଜେ-୨୫ ଜିଏ-୧୧୨)ରେ ଗଞ୍ଜେଇ ବୋଝେଇ କରାଯାଇ ହରିୟାଣା ଯାଉଥିଲା। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି ୧ ଟନ୍ ୩ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ରାଜସ୍ଥାନର ରଜନ ମୀନା (୨୫) ଓ ସୁରେଶ ମୀନା (୨୧) ।

ସେହିପରି ଆମ୍ବାଗୁଡ଼ାର କୋଲ୍‌ଷ୍ଟୋରଠାରେ ଏକ କୋଇଲା ବୋଝେଇ ଟ୍ରକ୍ (ସିଜି -୦୪-ଏଲ୍‌ଡି-୭୧୯୯) ଯାଞ୍ଚକରି ଗଞ୍ଜେଇ ଚୋରାଚାଲାଣ ଧରିଥିଲା ପୋଲିସ। କୋଇଲା ଭିତରେ ଏହି ଗଞ୍ଜେଇ ବୋଝେଇ ହୋଇ ବିଶାଖାପାଟଣାରୁ ଛତିଶଗଡ଼ର ରାୟପୁରକୁ ଯାଉଥିଲା। ଏଥିରେ ସମ୍ପୃକ୍ତ ହୋମ୍‌ଗାର୍ଡ ବିଦେଶୀ କୁମାର ସାହୁ (୩୮), କୋରାପୁଟର ଡ୍ରାଇଭର ଅଭିରାମ ହରିଜନ (୩୭), ଗଜପତି ଜିଲାର ଡ୍ରାଇଭର ଭବାନୀ ପ୍ରସାଦ ସିଂ (୨୮) ଓ ବିକ୍ରମ ବୈରାଗୀ(୪୦ )ଙ୍କୁ ଗିରଫ କରାଯାଇଛି। ଟ୍ରକ୍‌ରୁ ୬୦ଟି ପ୍ୟାକେଟରୁ ୫୭୯ କେଜି ଗଞ୍ଜେଇ ଜବତ ହୋଇଛି। ଉଭୟ ଟ୍ରକ୍‌ରୁ ଜବତ ଗଞ୍ଜେଇର ବଜାର ମୂଲ୍ୟ ୧ କୋଟି ୬୦ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। କୋଇଲା ବୋଝେଇ ଟ୍ରକ୍‌ରେ ହୋମ୍‌ଗାର୍ଡ ବିଦେଶୀ ବାହାର ରାଜ୍ୟକୁ ଏହି ଗଞ୍ଜେଇ ଚାଲାଣ କରୁଥିଲେ ବୋଲି କୁହାଯାଉଛି। ଅଭିଯୁକ୍ତଙ୍କଠାରୁ ୩ଟି ମୋବାଇଲ, ଏଟିଏମ୍ କାର୍ଡ, ବାଇକ, କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ବାରିଣୀପୁଟର ରମେଶ ଦୋରା, ମୋହନ ଖରା, କେଶବ ମାଝି ଓ ଢେପଗୁଡ଼ାର ନବରାଜ ଶର୍ମାଙ୍କ ଏହି ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା କହିଛନ୍ତି।

# ୨ ମାସ ପରେ ଫେରାର ଅଧ୍ୟକ୍ଷ ଗିରଫ

**ବିଶ୍ୱନାଥପୁର ମା' ହୀରାନୀଳା ଡିଗ୍ରୀ କଲେଜ ଦୁର୍ନୀତି ଘଟଣା**

**ଲାଞ୍ଜିଗଡ଼,୨୬।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ମା' ହୀରାନୀଳା ଡିଗ୍ରୀ କଲେଜ ଦୁର୍ନୀତିର ମୁଖ୍ୟ କୁହାଯାଉଥିବା କଲେଜ ଅଧ୍ୟକ୍ଷ ରମେଶ ସାହୁଙ୍କୁ ୨ ମାସ ପରେ ଲାଞ୍ଜିଗଡ ପୋଲିସ ଗୁରୁବାର ଗିରଫ କରିଛି। ଅଧ୍ୟକ୍ଷ ସାହୁ ଗିରଫ ହେବା ଖବର ପ୍ରଚାର ପରେ ତାଙ୍କ ବାସଭବନ ଆଗରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଅଧ୍ୟକ୍ଷଙ୍କ ବିରୋଧରେ ଅଞ୍ଚଳବାସୀ ପ୍ରବଳ ନାରାବାଜି କରିଥିଲେ। ଭିଡକୁ ଆୟତ୍ତ କରି ପୋଲିସ ଅଧ୍ୟକ୍ଷଙ୍କୁ ଗାଡିରେ ଥାନାକୁ ନେଇଯାଇଥିଲେ।

ସୂଚନା ଅନୁସାରେ ମା' ହୀରାନୀଳା ଡିଗ୍ରୀ କଲେଜରେ ଅଧ୍ୟକ୍ଷ ସାହୁ ଛାତ୍ରୀଛାତ୍ରଙ୍କଠାରୁ କଲେଜର ଉନ୍ନତି ନାଁରେ ମୋଟା ଅଙ୍କର ଫି' ଆଦାୟ କରି ଆତ୍ମସାତ୍ କରୁଥିଲେ। ଅନେକ ଲୋକଙ୍କୁ କଲେଜରେ ଚାକିରି ଦେବା ନାଁରେ ଟଙ୍କା ଆଦାୟ କରୁଥିଲେ। ଟଙ୍କା ମାଗିଲେ ଜୀବନରେ ମାରିଦେବାକୁ ଧମକ ଦେଉଥିବା ଅଭିଯୋଗ ହୋଇଥିଲା। ବିଶ୍ୱନାଥପୁରର ସଦାନନ୍ଦ ସାହୁଙ୍କୁ ପିଅନ ଚାକିରି ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ମାଗିଥିବା ଅଭିଯୋଗ ହୋଇଥିଲା। ଗୁରୁବାର ବ୍ଲକର ଗୋପୀନାଥପୁରର ଲଛମନ ବେହେରାଙ୍କ ଅଭିଯୋଗ ପରେ ଲାଞ୍ଜିଗଡ ଥାନାରେ ଆଉ ଏକ ମାମଲା ରୁଜୁ ହୋଇଛି। ଲଛମନଙ୍କ କହିବା ଅନୁଯାୟୀ, କଲେଜରେ ନିଯୁକ୍ତି ଦେବା ପାଇଁ ଅଧ୍ୟକ୍ଷ ୨ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ଚାକିରି ନ ହେବାରୁ ଅଧ୍ୟକ୍ଷଙ୍କୁ ବାରମ୍ବାର ଟଙ୍କା ମାଗିବାରୁ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ। ଏ ନେଇ ଗୁରୁବାର ଲାଞ୍ଜିଗଡ ଥାନାରେ ଏକ ମାମଲା (ନଂ.୬୪/୨୦୨୧) ରୁଜୁ ହୋଇଛି। ଏହାକୁ ଭିତ୍ତିକରି ଲାଞ୍ଜିଗଡ ଥାନାଧିକାରୀ ଅଧ୍ୟକ୍ଷଙ୍କୁ ବିଶ୍ୱନାଥପୁରସ୍ଥିତ ତାଙ୍କ ବାସଭବନରୁ ଗିରଫ କରିଥିଲେ। ପୂର୍ବରୁ ଅନ୍ୟ ଏକ ମାମଲାରେ ଗିରଫ ହେବା ଭୟରେ ଅଧ୍ୟକ୍ଷ ସାହୁ ଫେରାର ହୋଇଯାଇଥିଲେ। କଲେଜ ଅଧ୍ୟକ୍ଷ ଫେରାର ପରେ ହୀରାନୀଳା ସଂଗ୍ରାମ ସମିତି ଓ ଅଭିଭାବକମାନେ ଜିଲା ଆରକ୍ଷୀ ଅଧୀକ୍ଷକ ଓ ଜିଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ବିଶ୍ୱନାଥପୁର ପୋଲିସ ମଧ୍ୟ ୨ ମାସ ଧରି ତାଙ୍କୁ ଗିରଫ ପାଇଁ ଉଦ୍ୟମ କରିଥିଲା। ଶେଷରେ ଦୁର୍ନୀତିର ମୁଖ୍ୟ କୁହାଯାଉଥିବା କଲେଜ ଅଧ୍ୟକ୍ଷ ସାହୁ ଅନ୍ତରୀଣ ଜାମିନ ଅର୍ଡର ଧରି ଘରକୁ ଆସିଥିବା ବେଳେ ଲାଞ୍ଜିଗଡ ପୋଲିସ ତାଙ୍କୁ ଗିରଫ କରିଥିଲା। ଏହି ଦୁର୍ନୀତିରେ ଅନେକ ଲୋକ ସାମିଲ ଥିବା ସନ୍ଦେହ କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଏଥିରେ ଲିପ୍ତଥିବା ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ହୀରାନୀଳା ସଂଗ୍ରାମ ସମିତି ଦାବି କରିଛି।।


Government of Odisha
No. B-339

OFFICE OF THE CHIEF CONSTRUCTION ENGINEER
CUTTACK (R&B) CIRCLE, CUTTACK

E-mail.ID-sectcrb_2006@yahoo.co.in; Tel/Fax – 0671-2301751/2302751

( 'e' – PROCUREMENT NOTICE )
Bid Identification No.CCE.Ctc.(R&B) 15/2021-22.

1. The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Building work as mentioned below.
2. No. of work :- 2 Nos.
3. Nature of work :- Building works
4. Class of contractor :- 'B', 'A' & Special
5. Tender paper cost :- Rs.10000/- **(online)**
6. Available of bid documents in the website. :- **From 13.09.2021 to 16.00 hours of 28.09.2021**
7. Date of opening of bid :- **Dt. 29.09.2021 at 11.00 hours.**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- P.K. Pradhan, Chief Construction Engineer
Cuttack(R&B)Circle
OIPR-34012/11/0023/2122



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
Social Security & empowerment of Persons with Disabilities department, Government of Odisha

OFFICE OF THE COLLECTOR AND DISTRICT MAGISTRATE, KEONJHAR
(Social Security & Empowerment of PwD Section)

No. 1623/DSSO Date: 25.08.2021

**Subject:** Establishment and Management of a 50 seated Old Age Home at Joda Municipality under District Mineral Foundation (DMF), Keonjhar

CORRIGENDUM TO RFP NO. 1593/DSSO DATED: 23.08.2021

No. gg-09: Due to typical error, performance Bank Guarantee of Rs.10,00,000/- (Rupees ten lakh) only published at Page No. 36 of the RFP is substituted to Rs.5,00,000/- (Rupees five lakh) only instead of Rs.10,00,000/-. All other terms and conditions of the RFP will remain unaltered.

Sd./- Dist. Social Security Officer, Keonjhar
OIPR-46001/11/0006/2122



GOVERNMENT OF ORISSA
ST & SC DEVELOPMENT M&BCW DEPARTMENT

No. 16204/SSD, Bhubaneswar dated the 23rd August, 2021
STSCD-OE-MISC-0004-2021

TENDER NOTICE

**No. V-32:-** Sealed tenders are invited from reputed manpower agencies/ service providers to provide the services of one Technical Assistant under School & Hostel Monitoring Cell (SHMC), one Technical Expert & one Data Entry operator under Anwesha Concurrent, Monitoring and Evaluation Cell (ACME/PMU) for a period of one year through a suitable placement agency on contract basis for day to day official work.

The detailed information for outsourcing the service of aforesaid posts has been given in the Tender Document which may be downloaded from the website (www.stscodisha.gov.in).

The tender document will be received by the Deputy Director-cum-Deputy Secretary (TSP), ST & SC Development Department, Odisha Secretariat, Bhubaneswar-751001 **only through Speed Post / Registered Post** during office hours. The last date and time for receipt of Tender document is **dated 13.09.2021 by 5.00 PM**. The office shall not be responsible for any kind of postal delay.

For eligibility criteria, scope of deliverable and other relevant details please refer the Tender Document available at www.stscodisha.gov.in

Sd./- Additional Secretary to Government
OIPR-26001/11/0011/2122



Phone No. 06821-241026(O)/241079(R) Fax No.- 06821-241026/240056 e-mail: eerwss_bnj@ori.nic.in; <eerwssbnj2009@gmail.com

OFFICE OF THE SUPERINTENDING ENGINEER, RWS&S DIVISION, BHANJANAGAR-761126

O-608

1st Corrigendum to Bid Identification No. E.E._RWS&S_29 of 2021-22

1. The availability of Bid document may be treated as 27.08.2021 to 04.09.2021 instead of 18.08.2021 to 26.08.2021

All other terms and conditions remain unaltered.

Sd./- Superintending Engineer, RWS&S Division, Bhanjanagar
OIPR-25021/11/0025/2122



GOVERNMENT OF ODISHA
No. CAD-1010

OFFICE OF THE PROJECT DIRECTOR
DISTRICT RURAL DEVELOPMENT AGENCY, BALANGIR

Procurement Notice

E-mail ID- ori-dbolangir@nic.in

Bid Identification No. 01 to 13/DRDA, SS, Balangir/21-22

No. 3944 Date: 26.08.21

1. The Project Director DRDA, PR&DW Deptt., Balangir on behalf of Government of Odisha invites Percentage Rate bids in double cover in offline Mode for construction of civil works as detailed in the DTCN from eligible Class of contractors
2. No. of works :- 13 Nos.
3. Tender Cost :- Rs.10000/-
4. Class of Contractors :- B & A
5. Date, time Available in Web Portal :- 10.00 hrs of Dt.27.08.2021 to 16 hrs of Dt.17.09.2021
6. Date of opening of Tender :- 18.09.2021 at 11.30 hrs
7. The bidders have to participate in OFF Line bidding only. Further detail can be seen from the Website (http://www.balangir.nic.in & http://www.opepa.odisha.gov.in)
8. Any Corrigendum/Addendum will be displayed in the above website.

Sd./- Project Director, DRDA
Balangir
OIPR-19020/11/0003/2122



ZILLA SWASTHYA SAMITI, MALKANGIRI
DISTRICT PROGRAMME MANAGEMENT & SUPPORT UNIT, NHM
HEALTH & FAMILY WELFARE DEPARTMENT,
GOVT. OF ODISHA, MALKANGIRI, ODISHA - 764045

E-mail: cdmomkg@gmail.com, Phone: 06861-231543
Letter No. 9607 Date: 25.08.2021

NOTICE FOR OBJECTION (IF ANY)

No. E-373: The applicants vide this office Advt. No. 8248 Dated: 26.07.2021 are invited to put their objection (if any) in the entries made in the database in writing with sufficient justification which must reach to the undersigned by Speed Post/Regd. Post/Courier only on or before 03.09.2021 till 1.00 P.M. which must be superscribed on the envelope mentioning "Objection for the Post of________________, otherwise it will be rejected. No other means of communication will be considered. No new documents will be accepted for compliance of objection against non-submission of required documents along with the application form at the time of submission of appreciation. Objection will not be considered after due date and time. The candidates are requested to log on district website of Malknaigir **(www.malkangiri.nic.in)** for database. The undersigned reserves the right to cancel/reject any or all the applications without assigning any reason thereof.

Sd./- CDM & PHO cum DMD, Malkangiri
OIPR-10082/11/0012/2122



OFFICE OF THE MUNICIPAL COUNCIL, TALCHER, DIST.- ANGUL

Phone No.: (06760) 240259, E-mail ID: ootalcher@gmail.com
No. 4108 Dt.26.08.2021

TENDER CALL NOTICE

No. C-825: The Executive Officer, Talcher Municipality on behalf of Talcher, Dist.- Angul invites sealed tenders from the intending registered firms/authorized dealers/distributors/ suppliers for supply of Sanitation materials for the financial year 2021-22. The prescribed tender schedule can be obtained from the cashier of Talcher Municipality on payment of Rs.2,500/- (Rupees two thousand five hundred) only including GST@18% (non-refundable) in shape of Cash/Bank Draft/Bankers Cheque drawn in favour of the Executive Officer, Talcher Municipality payable at Talcher from any Nationalized Bank from date 27.08.2021 to date 06.09.2021 upto 5.00 P.M. during office hour except holidays.

The tender paper along with all documents should reach the undersigned by Regd. Post/Speed Post/Courier Service or by person on or before date 07.09.2021 upto 1.00 P.M. will in no way, be responsible for any delay in receipt of the tender documents. The tender will be opened on the same date at 4.00 P.M. in presence of the tenderer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the tender proforma. The undersigned has rights to accept cancel or reject any or all the tenders without assigning any reason thereof.

Sd./- Executive Officer
Talcher Municipality
OIPR-13077/11/0010/2122



ADDITIONAL CHIEF ENGINEER
No. A-400

RUSHIKULYA BAHUDA BASIN, BERHAMPUR - 760004

e-Procurement Notice No. ACE, RBB - 07/2021-22

e-mail id: se_sicbam@yahoo.com

1. Type of Work : Canal Lining Works
2. Total No. of Works : 01 (One) No.
3. Amount put to tender : Rs.889.33 lakhs
4. Period of Completion : 17 (Seventeen) Calendar Months

| Procurement Officer | Bid Identification No. | Bid Amount (Rs. in lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur, Ganjam | ACE, RBB (BIDN) - 16/2021-22 | 889.33 | From 31.08.2021, 10.00 A.M. to 15.09.2021, 5.00 P.M. |

Date of opening of the Technical Bid : 16.09.2021 at 11.30 A.M.
Further detail can be seen from the Govt. website: **www.tendersodisha.gov.in.**

OIPR-32072/11/0008/2122 Sd./- Additional Chief Engineer, Rushikulya Bahuda Basin, Berhampur



OFFICE OF THE BARIPADA MUNICIPAL COUNCIL, BARIPADA

Phone: 06792-252703, Fax: 06792-252703
E-mail: baripadam.hud@nic.in, Website: www.baripadamunicipality.in
No. 4310 Date: 25.08.2021

DTCN PART - I (TECHNICAL BID) SECTION - II
COMPETITIVE BIDDING THROUGH 'e' Procurement

No. C-830: The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).
Bid documents consisting of Work, Estimated Cost, Cost of Tender paper and time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.
Tender Reference No. **BPDM-6 of 2021-2022** Tender I.D No.: 2021_ORULB

| Sl. No. | Description | Critical Dates |
|---|---|---|
| 1 | Procurement Officer - Publisher/ Tender Inviting Authority/Bids | Executive Officer, Baripada Municipality, Baripada |
| 2 | Name of the Work | Construction of Civil Work (As per DTCN) |
| 3 | Nos. of Work | As per DTCN |
| 4 | Tendered Cost of the Works | As per DTCN |
| (i) | Period of availability of tenders Online for bidding | From Dt.27.08.2021 (11.00 A.M.) to Dt.13.09.2021 (5.00 P.M.) |
| (ii) | Last date & time of bidding Online (Submission of Bids) | Dt.13.09.2021 (5.00 P.M.) |
| (iii) | Date & time of opening of the Bids received Online | Dt.14.09.2021 (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received Online. | |

5. Detailed Tender Call Notice (DTCN) may also be seen from the Baripada Municipality website i.e. **www.baripadamunicipality.in**
Further details can be seen from the procurement portal i.e. **www.tendersorissa.gov.in**.

Sd./- Executive Officer
Baripada Municipality
OIPR-13078/11/0018/2122

## ବିକାଶ ଟ୍ରଷ୍ଟର ପ୍ରତିଷ୍ଠା ଦିବସ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଶାସନସ୍ଥିତ ବିକାଶ ଟ୍ରଷ୍ଟର ୧୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି. ମୁରଲୀ କ୍ରିଷ୍ଣା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଷ୍ଠା ଦିବସକୁ ମାତୃପିତୃ ଦିବସ ରୂପେ ପାଳନ କରାଯାଇଥିଲା। ଏକାଡେମିକ୍ ଅଧିକାରୀ ପୁଷ୍ପିତା ପଣ୍ଡା ସ୍ୱାଗତ ଭାଷଣ ଓ ଅଧାପିକା ବର୍ଷାରାଣୀ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ କନ୍‌ସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ବିକାଶ ଫାଷ୍ଟ ଷ୍ଟେପ୍ ଅଧକ୍ଷା ଭି. ଶୈଳଜା ଯୋଗଦେଇଥିଲେ।

## ସଂକ୍ଷେପରେ

### ଲୁହାପଥର ଗୁଣ୍ଡ ଚୋରାଚାଲାଣ: ଜେସିବି ଓ ଟ୍ରକ ଜବତ

ଦେବଗଡ଼,୨୬।୮(ଡି.ଏନ.ଏ):ବାରକୋଟ ଥାନା ଖୁଲୁଣ୍ଡିକୁଦର ଗ୍ରାମରେ ପୂର୍ବରୁ ଗଚ୍ଛିତ ଥିବା ଏକ ଲୁହାପଥର ଗଦାରୁ ଲୁହାପଥର ଗୁଣ୍ଡ ଚୋରାଚାଲାଣ ଉଦ୍ୟମ ବେଳେ ଧରାପଡ଼ିଛି। ପୋଲିସ ଚୋରା ଚାଲାଣରେ ବ୍ୟବହୃତ ଏକ ଜେସିବି ମ୍ୟାଶିନ ଓ ଏକ ଟ୍ରକକୁ ଜବତ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ରାତିରେ ବାରକୋଟ ଥାନା ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବାବେଳେ ଚୋରା ଚାଲାଣ ଉଦ୍ଦେଶ୍ୟରେ ଖୁଲୁଣ୍ଡିକୁଦର ଗ୍ରାମ ନିକଟସ୍ଥ ଏକ ଲୁହାପଥର ଗଦାରୁ ଏକ ଜେସିବି ସହାୟତାରେ ଲୁହାପଥର ଗୁଣ୍ଡ ଉତ୍ତୋଳନ କରାଯାଉଥିବା ପୋଲିସ ଜାଣିବାକୁ ପାଇବା ସହ ସେଠାରେ ଚଢ଼ାଉ କରି ପଚରାଉଚରା କରିଥିଲା। ତେବେ ପୋଲିସକୁ ଦେଖି ଟ୍ରକର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ପୋଲିସ ଜେସିବି ନଂ. ଓଆର୧୭କେ-୦୬୨୦ ଏବଂ ୨୦ ଟନ ଲୁହା ପଥର ବୋଝେଇ ହୋଇଥିବା ଟ୍ରକ ନଂ. ଓଡି ୦୫ ବିବି-୦୪୧୯କୁ ଜବତ କରିବା ସହ ବ୍ୟବହୃତ ଜେସିବିର ଚାଳକଙ୍କୁ ଗିରଫ କରିଥିଲା । ଗିରଫ ଜେସିବି ଚାଳକ ରିଆମାଳ ଥାନା ଅନ୍ତର୍ଗତ ଟୀଙ୍କବିର ଗ୍ରାମର ଟିକେଶ୍ୱର ସାହୁ(୩୬) ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

### ଚୋରା ଚାଲାଣ ବେଳେ ଗଞ୍ଜେଇ ଜବତ: ୧ ଗିରଫ

ଦେବଗଡ଼,୨୬।୮(ଡି.ଏନ.ଏ):ଗଞ୍ଜେଇ ଚୋରାଚାଲାଣ ବେଳେ ବାରକୋଟ ଥାନା ପୋଲିସ ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଗିରଫ କରିବା ସହ ୧୪ କିଲୋ ଗଞ୍ଜେଇ ଜବତ କରିଛି । ଏଥିସହ ତାଙ୍କ ନିକଟରୁ ଏକ ମୋବାଇଲ ଫୋନ ଏବଂ ନଗଦ ଟଙ୍କା ମଧ ଜବତ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାରକୋଟ ଥାନା ଅନ୍ତର୍ଗତ ଗୋଲାବନ୍ଧ ଗ୍ରାମଦେଇ ଜଣେ ଯୁବକ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା କୌଣସି ସୂତ୍ରରୁ ସୂଚନା ପାଇ ବାରକୋଟ ଥାନା ଅଧିକାରୀ କନକ ମାଝିଙ୍କ ଦ୍ୱାରା ଗଠିତ ଏକ ସ୍ୱତନ୍ତ୍ର ପୋଲିସ ଦଳ ରାତ୍ରୀ ପ୍ରାୟ ୧ଟା ୩୦ରେ ସେଠାରେ ଅତର୍କିତ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଜଣେ ଯୁବକ ଏକ ବସ୍ତାରେ ବିପୁଳ ପରିମାଣର ଗଞ୍ଜେଇ ଧରି ଯାଉଥିବାରୁ ତାକୁ ସେଠାରେ ଅଟକାଇ ପଚରା ଉଚରା କରିଥିଲେ। ପଚରାଉଚରା ସମୟରେ ସମ୍ପୃକ୍ତ ଯୁବକ ଜଣକ ଅନୁଗୋଳ ଜିଲା ଛେଣ୍ଡିପଦା ଥାନାଅଞ୍ଚଳର ହାଣ୍ଡିଗୁଡା ଗ୍ରାମର ସୁଜନ ନାୟକ(୨୪) ବୋଲି ଜଣାପଡ଼ିଥିଲା।

### ବଣାଇ ବିଜେଡିର କାର୍ଯ୍ୟକର୍ତ୍ତା ବୈଠକ

ବଣାଇଁ,୨୬।୮ (ସ୍ୱ.ପ୍ର):ବଣାଇ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଜିଲା ଶ୍ରମିକ ସାମ୍ମୁଖ୍ୟ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ କାର୍ଯ୍ୟକର୍ତ୍ତାମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦଳ କେମିତି ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜୟ ଲାଭ କରିବ ସେ ଉପରେ ଆଲୋଚନା ହୋଇଥିଲା। ବଣାଇ ନିର୍ବାଚନମଣ୍ଡଳୀର ସମସ୍ତ ବ୍ଲକ ସଭାପତି, ଯୁବ ସଭାପତି, ମହିଳା ସଭାପତି, ଦଳର ସକ୍ରିୟ କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ତଥା ସୁକିନ୍ଦା ବିଧାୟକ ପ୍ରିତିରଞ୍ଜନ ଘଡେଇ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରଣଜିତ୍ କିଷାନ, ବଣାଇ ବ୍ଲକ ଅଧକ୍ଷା ମଞ୍ଜୁଲତା କିଷାନ,ଜିଲା ଯୁବ ଉପସଭାପତି ରୋହିତାଶ୍ୱ ମିଶ୍ର, ଜିଲା ପରିଷଦ ସଭ୍ୟ କେଦାର କୁମାର ମହାନ୍ତ, ମୁଖପାତ୍ର ସୁନ୍ଦରମଣି ପ୍ରଧାନ, ବ୍ଲକ ସଭାପତି ରଘୁନାଥ ସାହୁ, ଉପିନ୍ଦ୍ର କିଷାନ, ଗୁରୁଣ୍ଡିଆର ପର୍ଯ୍ୟବେକ୍ଷକ ସୋମେଷ ସିଂ, ବ୍ଲକ ମହିଳା ସଭାପତି ଜୟନ୍ତୀ ମହାନ୍ତ ଉପସ୍ଥିତ ଥିଲେ।

# ଜନଶୁଣାଣିକୁ ଆଦିବାସୀମାନଙ୍କ ବିରୋଧ

■ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ସମ୍ପ୍ରସାରଣ ପାଇଁ ଜନଶୁଣାଣି
■ ପୋଲିସ, ପ୍ରଶାସନକୁ ନାକେଦମ୍ ହେବାକୁ ପଡିଲା

ସୁନ୍ଦରଗଡ଼/କୁତ୍ରା, ୨୬।୮(ଡି.ଏନ୍.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତେଲିଘନାଠାରେ ଥିବା ଶିବା ସିମେଣ୍ଟ ଅଧିକୃତ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାର ସମ୍ପ୍ରସାରଣ ପାଇଁ ଗୁରୁବାର ତେଲିଘନାସ୍ଥିତ ଆମ୍ବ ବଗିଚାରେ ପ୍ରଶାସନ ପକ୍ଷରୁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ହେଲେ ଏହି ଜନଶୁଣାଣିକୁ ସ୍ଥାନୀୟ ଆଦିବାସୀମାନେ ବିରୋଧ କରିଥିଲେ। ଜୀବନ ଦେବୁ ପଛେ ଜମିଦେବୁ ନାହିଁ ବୋଲି ବିଭିନ୍ନ ନାରାବାଜି ଦେଇ ବିରୋଧ ପ୍ରଦର୍ଶନ କରିଥିଲେ। ହାତରେ ପ୍ଲାକାର୍ଡ ଧରି ଜେଏସ୍‌ଡବ୍ଲ୍ୟୁ ଫେରିଯାଅ ବୋଲି ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଏଭଳି ସ୍ଥିତିରେ ଉପସ୍ଥିତ ପୋଲିସ ଓ ପ୍ରଶାସନକୁ ନାକେଦମ୍ ହେବାକୁ ପଡିଥିଲା। ହେଲେ ନିର୍ଦ୍ଧାରିତ ସମୟରେ ଏହି ଜନଶୁଣାଣି ଆରମ୍ଭ କରାଯାଇଥିଲା। ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରକାଶ ମହାପାତ୍ର, ଦୀପକ ସାହୁ, କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀଙ୍କ ସମେତ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଅପ୍ରିତିକର ପରିସ୍ଥିତିକୁ ଏଡାଇବା ପାଇଁ ୧୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।



ଜନଶୁଣାଣିକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି।

କାରଖାନାର ଉତ୍ପାଦନ ବୃଦ୍ଧି ପାଇଁ ସମ୍ପ୍ରସାରଣ ହେବ। ତେଣୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରି ପାଇଁ ଏହି ଜନଶୁଣାଣି ଆୟୋଜିତ ହୋଇଥିଲା। ଏହି କାରଖାନା ସମ୍ପ୍ରସାରଣ ହେବା ଦ୍ୱାରା ଅଞ୍ଚଳର ପରିବେଶ ପ୍ରଦୂଷଣ ଭୟଙ୍କର ଭାବେ ବୃଦ୍ଧି ପାଇବ ବୋଲି ଅଭିଯୋଗ କରି ସ୍ଥାନୀୟ ପ୍ରଭାବିତ ଆଦିବାସୀମାନେ ଏହି ଶୁଣାଣିକୁ ତୀବ୍ର ବିରୋଧ କରିଥିଲେ। ପ୍ରଥମେ କମ୍ପାନୀ ତରଫରୁ ଏହି ଜନଶୁଣାଣି ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ପରେ ଲୋକଙ୍କୁ ନିଜର ମତାମତ ରଖିବାକୁ କୁହାଯାଇଥିଲା। ଏହି ଜନଶୁଣାଣି ସଫଳ ହୋଇଥିବା ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର ପ୍ରକାଶ କରିଛନ୍ତି।

# ବିଭିନ୍ନ ଛକରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ

ସୁନ୍ଦରଗଡ଼,୨୬।୮(ଡି.ଏନ.ଏ.)

ସୁନ୍ଦରଗଡ଼ ସହରର ବିଭିନ୍ନ ଛକ ସ୍ଥାନରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହାଙ୍କୁ ଭେଟି ଦାବି ଜଣାଇଛନ୍ତି। ସ୍ଥାନୀୟ ନାରୀକଲ୍ୟାଣ ପାଖରେ ଥିବା ଛକରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଓ ପାରିଜାତ କାନନ, ଶଙ୍କର ମେମୋରିଆଲ ପାର୍କ ପାଖରେ ଥିବା ଛକରେ ବୀର ବିର୍ସା ମୁଣ୍ଡା ଓ ହକିର କିମ୍ବଦନ୍ତୀ ତଥା ଭାରତର ପୂର୍ବତନ କ୍ୟାପଟେନ ମେଜର ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତି ଏବଂ ସରକାରୀ ବସଷ୍ଟାଣ୍ଡ ପାଖରେ ଥିବା ଛକରେ ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ସ୍ୱର୍ଗତ ଭାରତେନ୍ଦ୍ର ଶେଖରଦେଓଙ୍କ ପ୍ରତିମୂର୍ତ୍ତି ସହିତ ସହରର ଥିବା ଅନ୍ୟ ଛକଗୁଡିକରେ ମଧ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରିଛନ୍ତି। ଏହି ଦାବିଗୁଡ଼ିକ ମଧ୍ୟରେ ନାରୀକଲ୍ୟାଣ କେନ୍ଦ୍ର ଛକରେ ଉତ୍କଳମଣି ଗୋପବନ୍ଧୁ ଦାସ ଓ ପାରିଜାତ ପାର୍କ ପାଖରେ ଥିବା ଛକରେ ବୀର ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି ପାଇଁ ଗତ ଜାନୁଆରୀ, ଫେବୃଆରୀ ମାସରୁ ୱାର୍କଅଡର ହୋଇ ସାରିଛି। କିନ୍ତୁ ଆଜି ଯାଏ କାହିଁକି ଏହାର କାର୍ଯ୍ୟ ଆରମ୍ଭ ହୋଇ ନାହିଁ ବୋଲି ଏହି ପ୍ରତିନିଧି ମଣ୍ଡଳୀ ପ୍ରଶ୍ନ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତଣ୍ଡିଆ, ଯୁବନେତା ବରୁଣ ବାଗ, ତ୍ରିଲୋଚନ କାକ ଓ ପଙ୍କଜ ଶ୍ରେଷ୍ଠ ଉପସ୍ଥିତ ଥିଲେ।

# ଶ୍ରମିକଙ୍କୁ ମିଳୁନି ସର୍ବନିମ୍ନ ମଜୁରି ଶ୍ରମ ଆୟୁକ୍ତଙ୍କୁ ସ୍ମାରକପତ୍ର ପ୍ରଦାନ


ସ୍ମାରକପତ୍ର ପ୍ରଦାନ ପାଇଁ ଯାଉଛନ୍ତି।

ରାଉରକେଲା, ୨୬।୮

ବିର୍ସା ମୁଣ୍ଡା ଷ୍ଟାଡିୟମ ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଶ୍ରମିକଙ୍କୁ ଉପେକ୍ଷା କରାଯାଇଛି। ଏହି ଘଟଣାରେ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ନୀରବଦ୍ରଷ୍ଟା ସାଜିଛି। ରାଉରକେଲା ଜିଲା କଂଗ୍ରେସର ଅସଙ୍ଗଠିତ ଶ୍ରମିକ ସେଲ୍ ତରଫରୁ ଏଭଳି ଅଭିଯୋଗ କରାଯାଇଛି। ଏହି ମର୍ମରେ ଶ୍ରମିକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଯୁଗ୍ମ ଶ୍ରମ ଆୟୁକ୍ତ ଦୀପ୍ତିରଞ୍ଜନ ମହାନ୍ତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଗୁରୁବାର ଜିଲା ଅସଙ୍ଗଠିତ ଶ୍ରମିକ କଂଗ୍ରେସର ଏକ ପ୍ରତିନିଧି ଦଳ ସଭାପତି ନିହାର ଦାସ ଓ ରାଜ୍ୟ ସମ୍ପାଦକ କୈଳାସ ସାହୁଙ୍କ ନେତୃତ୍ୱରେ ଉକ୍ତ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଏହି ସମୟରେ ପ୍ରାୟ ୧୫୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ଏହି ଷ୍ଟାଡିୟମ କାର୍ଯ୍ୟରେ ଅନ୍ୟୂନ ୨ଶହ ଶ୍ରମିକ କର୍ମଚାରୀ କାମ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୮୦ପ୍ରତିଶତ ଶ୍ରମିକ ବାହାର ରାଜ୍ୟର ଏବଂ କାର୍ଯ୍ୟରତ ଶ୍ରମିକମାନଙ୍କୁ ରାଜ୍ୟ ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ଦିଆଯାଉନାହିଁ ବୋଲି ଶ୍ରମିକମାନେ ଅଭିଯୋଗ କରିଥିବା ପ୍ରତିନିଧି ଦଳ କହିଛନ୍ତି। ପରେ ଉକ୍ତ ପ୍ରତିନିଧି ଦଳ ଯୁଗ୍ମ ଶ୍ରମ ଆୟୁକ୍ତ ମହାନ୍ତିଙ୍କୁ ସାକ୍ଷାତ କରି ସମସ୍ତ ବିଷୟରେ ଅବଗତ କରାଇଥିଲେ। ପରେ କଂଗ୍ରେସ ନେତା ବିରେନ ସେନାପତିଙ୍କ ନେତୃତ୍ୱରେ ଶ୍ରମ ଆୟୁକ୍ତଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ହାଇସ୍କୁଲ ଟ୍ରାନ୍ସଫର୍ମେଶନ କାର୍ଯ୍ୟ ତଦାରଖ କଲେ ବିଧାୟକ

କୁଆଁରମୁଣ୍ଡା,୨୬।୮(ଡି.ଏନ୍.ଏ.)

ରାଜ୍ୟରେ ଥିବା ହାଇସ୍କୁଲଗୁଡ଼ିକର ରୂପାନ୍ତରଣ କରାଯାଇ ସମ୍ପୂର୍ଣ୍ଣଭାବେ ରୂପରେଖ ବଦଳାଯାଉଛି। ଉକ୍ତ ହାଇସ୍କୁଲଗୁଡ଼ିକରେ ସ୍ମାର୍ଟ କ୍ଲାସରୁମ୍, ଉନ୍ନତ ବିଜ୍ଞାନାଗାର, ଡିଜିଟାଲ ଶିକ୍ଷାଦାନ ବ୍ୟବସ୍ଥା, ସ୍ୱଚ୍ଛ ପରିମଳ ଓ ପରିବେଶ ଇତ୍ୟାଦି ସୃଷ୍ଟି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଲକ୍ଷ୍ୟ ହେଉଛି ସରକାରୀ ହାଇସ୍କୁଲରେ ଶୈକ୍ଷିକ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା। ହେଲେ ଏହି ବ୍ୟବସ୍ଥାରେ ଏବେ ଉକ୍ତ ସ୍କୁଲଗୁଡ଼ିକର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ନେଇ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଅଭିଯୋଗ କରିଛନ୍ତି। ବିଧାୟକ ଓରାମ ଗୁରୁବାର ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ବୀରମିତ୍ରପୁର ପୌରପାଳିକା ଅନ୍ତର୍ଗତ ବୀରମିତ୍ରପୁର ସରକାରୀ ହାଇସ୍କୁଲ ଟ୍ରାନ୍ସଫର୍ମେସନ କାର୍ଯ୍ୟକୁ ପ୍ରତ୍ୟେକ୍ଷ ଭାବେ ତଦାରଖ କରି ଉଦ୍‌ବେଗ ପ୍ରକାଶ କରିଛନ୍ତି। ସ୍କୁଲର ଉକ୍ତ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହୃତ ଟାଇଲ, ଲୁହାରଡ ଇତ୍ୟାଦି ଅତ୍ୟନ୍ତ ନିମ୍ନମାନର ବୋଲି ବିଧାୟକ ଓରାମ ଅଭିଯୋଗ କରିଛନ୍ତି। ଏପରିକି କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଉକ୍ତ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଏହାର ଟେଣ୍ଡର କରା ନ ଯାଇ ବିଭାଗୀୟ ଯନ୍ତ୍ରୀମାନଙ୍କ ନାମରେ କାର୍ଯ୍ୟ ଚାଲୁଥିବାରୁ ଏପରି ଅନିୟମିତତା ହେଉଥିବା ବିଧାୟକ ଓରାମ ଅଭିଯୋଗ କରିଛନ୍ତି। ଜିଲା ଖଣିଜ ଉନ୍ନୟନ ପ୍ରତିଷ୍ଠାନ ଫଣ୍ଡରେ ନିର୍ମାଣ ଚାଲୁଥିବା ଏହି କାର୍ଯ୍ୟକୁ ଜିଲା ପ୍ରଶାସନ ଭଲଭାବେ ତଦାରଖ କରିବା ପାଇଁ ଏହି ଅବସରରେ ବିଧାୟକ ଓରାମ ଦୃଢ଼ ଦାବି କରିଛନ୍ତି। ନଚେତ୍ ସ୍କୁଲ ଉନ୍ନୟନ ନାଁରେ କେବଳ ଯନ୍ତ୍ରୀ ଓ ଠିକାଦାରମାନେ ମାଲାମାଲ ହେବେ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ବିଧାୟକ ଅଭିଯୋଗ କରିଛନ୍ତି।

# ୩୭୦ ଗ୍ରାମ ବାଲ୍ୟବିବାହ ମୁକ୍ତ ଘୋଷିତ

ଦେବଗଡ଼, ୨୬।୮:(ଡି ଏନ ଏ)

ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଅବାହକତ୍ୱ ତଥା ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ ଓ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗଙ୍କ ଯୁଗ୍ମ ଅଧକ୍ଷତାରେ ଜିଲା ଶିଶୁ ସୁରକ୍ଷା କମିଟି, ଜିଲା ଟାସ୍କ ଫୋର୍ସ ଓ ଚାଇଲ୍ଡଲାଇନ ଏଡଭାଇଜରୀ ବୋର୍ଡର ସମୀକ୍ଷା ବୈଠକ ଅନଲାଇନରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ସିଡବ୍ଲ୍ୟୁସି ଅଧକ୍ଷ ଅତୁଲ୍ୟ ପୂଜାରୀ, ଯୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟ ସଇରେନ୍ଦ୍ରି ପ୍ରଧାନ, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଶିଳାପ୍ରିୟଦର୍ଶିନୀ ପଣ୍ଡା, ଚାଇଲ୍ଡ ଲାଇନ ନିର୍ଦ୍ଦେଶିକା ରୀତାରାଣୀ ରାଉତ, ସୁରକ୍ଷା ଅଧିକାରୀ ଚିନ୍ମୟ ସାଇଁ, ଚାଇଲ୍ଡଲାଇନ କର୍ମକର୍ତ୍ତା ଉପେନ୍ଦ୍ର ଭଞ୍ଜ, ରମାକାନ୍ତ ସାହୁ, ମୋଜାହିଦ ଆଲମ ପ୍ରମୁଖ ଗତ ୬ ମାସ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ପାଇଁ ବିଭିନ୍ନ ଆଇନ ତଥା ଯୋଜନାର ବିବରଣୀ ଉପସ୍ଥାପନ କରିଥିଲେ । ଆକ୍ସନଆଡ ତଥା ଇଉନିସେଫର ଜିଲ୍ଲା ପରାମର୍ଶ ଦାତା ପୀତବାସ ବେହେରା ରାଜ୍ୟ ଓ ଜିଲା ବାଲ୍ୟ ବିବାହ ନିରାକରଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାରେ ଏଯାବତ ୩୭୦ ଗ୍ରାମ ବାଲ୍ୟବିବାହ ମୁକ୍ତ ଘୋଷିତ ହୋଇଥିବାବେଳେ ଆସନ୍ତା ୨୦୨୪ ସୁଦ୍ଧା ଜିଲାକୁ ସମ୍ପୂର୍ଣ୍ଣ ରୂପେ ବାଲ୍ୟ ବିବାହ ମୁକ୍ତ କରିବାକୁ ଏହି ବୈଠକରେ ଗୃହିତ ହୋଇଥିଲା । ବାଲ୍ୟ ବିବାହ ନିଷେଧ ଅଧିନିୟମକୁ କଡାକଡି ଲାଗୁ କରିବା ପାଇଁ ଜିଲା ପରିଷଦ ଅଧକ୍ଷା ପଟେଲ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାକୁ ରାଜ୍ୟର ପ୍ରଥମ ବାଲ୍ୟବିବାହ ମୁକ୍ତ ଜିଲାର ପରିଚୟ ଦେବାକୁ ପଞ୍ଚାୟତ ସ୍ତରରେ ବାଧତାମୂଳକ ଭାବେ ବିବାହ ପଞ୍ଜୀକରଣ, କିଶୋରୀ ବାଳିକାଙ୍କ ଉଚ୍ଚଶିକ୍ଷା, ମନ୍ଦିର ପରିଚାଳନା କମିଟିଗୁଡିକ ପାଇଁ ସଚେତନତା ସୃଷ୍ଟି କରାଯିବ ବୋଲି ଆଲୋଚନା ହୋଇଥିଲା।

# ଆଜାଦୀ କା ଅମୃତ ମହୋତ୍ସବ ସମ୍ପର୍କିତ ଆଲୋଚନାଚକ୍ର


ଆଜାଦୀ କା ଅମୃତ ମହୋତ୍ସବ ସମ୍ପର୍କିତ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଅତିଥି।

■ ପ୍ରତ୍ୟେକ ନାଗରିକ ନୈତିକ ମୂଲ୍ୟବୋଧକୁ ବଜାୟ ରଖିଲେ ଆଜାଦୀ କା ଅମୃତ ମହୋତ୍ସବ ସାର୍ଥକ ହେବ

ସୁନ୍ଦରଗଡ଼, ୨୬।୮ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ସଂସ୍କୃତି ଭବନରେ ଆଜାଦୀ କା ଅମୃତ ମହୋତ୍ସବ ସମ୍ପର୍କୀତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ଅନୀଲ କେରକେଟା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳିତ ହେଉଥିବା ଆଜାଦୀ କା ଅମୃତ ମହୋତ୍ସବରେ ସ୍ୱାଧୀନତାର ଉପଲବ୍ଧି ସମ୍ପର୍କରେ ଉପସ୍ଥିତ ବୁଦ୍ଧିଜୀବୀଙ୍କୁ ଆଲୋଚନାରେ ଭାଗ ନେବାକୁ ଆମନ୍ତ୍ରଣ କରିଥିଲେ। ଗୀତିକବି ଗୋପକୃଷ୍ଣ ନାୟକ ସଭା ସଞ୍ଚାଳନ କରି ସ୍ୱାଧୀନତାର ଗାରିମାକୁ ସମସ୍ତେ ହୃଦବୋଧ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ବିଶିଷ୍ଟ ଗୀତିକାର ତଥା ବ୍ୟଙ୍ଗକବି ଦୁର୍ଗାମାଧବ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ପ୍ରବୋଧ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ପଟେଲ, ଅଧ୍ୟାପିକା ସୁସ୍ମିତା ଭୋଇ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ। ସଂଗ୍ରାମୀ ବରପୁତ୍ରଙ୍କର କଷ୍ଟଲବ୍ଧ ସ୍ୱାଧୀନତାକୁ ଆମେ ସ୍ୱାଧୀନ ଭାରତର ନାଗରିକ ଭାବେ ଉପଲବ୍ଧି କରିପାରିଛୁ ବୋଲି କହିଥିଲେ। ନୈତିକତାର ପଥରେ ଭାରତର ନାଗରିକବୃନ୍ଦ ନିଜକୁ ପରିଚାଳିତ କରି ଭାରତକୁ ବିଶ୍ୱର ସର୍ବଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କଲେ ଯଥାର୍ଥରେ ସ୍ୱାଧୀନତା ଅମୃତ ମହୋତ୍ସବ ସାର୍ଥକତା ବୋଲି ମତପ୍ରକାଶ ପାଇଥିଲା। ଆଲୋଚନା ଚକ୍ରରେ ଚିତ୍ରଶିଳ୍ପୀ ଶୀତଳ ମହାପାତ୍ର, ସଞ୍ଜିବ ରାୟ ଯୋଗ ଦେଇଥିଲେ। ସଂସ୍କୃତି ଭବନ ଲାଇବ୍ରେରିୟାନ ସ୍ୱର୍ଣ୍ଣପ୍ରଭା ହେମ୍ବ୍ରମ ଧନ୍ୟବାଦ ଦେଇଥିଲେ।

# ତେରେଣ୍ଡାକଟା ଫୁଟବଲ ଦଳ ଚାମ୍ପିୟନ


ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ପୁରସ୍କୃତ କରାଯାଉଛି।

ଦେବଗଡ଼,୨୬।୮(ଡି.ଏନ.ଏ.)

ତିଲେଇବଣି ବ୍ଲକ ଛେପିଲିପାଲି ଯୁବକ ସଂଘ ଆନୁକୂଲ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆଁ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୁବର୍ଣ୍ଣପାଲି ଫୁଟବଲ ଦଳକୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ପରାସ୍ତ କରି ତେରେଣ୍ଡାକଟା ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ସନ୍ଧ୍ୟାରେ ଛେପିଲିପାଲି ଯୁବକ ସଂଘର ସଭାପତି ହିମାଂଶୁ ଶେଖର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସିଦ୍ଧେଶ୍ୱର ଗୁରୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ପ୍ରଧାନ ଓ ହାଇସ୍କୁଲ ଶିକ୍ଷକ ଗଣନାଥ ପ୍ରଧାନ ଯୋଗଦେଇ ଚାମ୍ପିୟନ ତେରେଣ୍ଡାକଟା ଫୁଟବଲ ଦଳକୁ ନଗଦ ୫ ହଜାର ଟଙ୍କା ଓ ରନର୍ସ ଅପ୍ ସୁବର୍ଣ୍ଣପାଲି ଫୁଟବଲ ଦଳକୁ ନଗଦ ୪ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ଯୁବକ ସଂଘର ସମ୍ପାଦକ ବେଞ୍ଜାମିନ ସ୍ୱାଇଁ, ସଦସ୍ୟ ହାପୀ ସ୍ୱାଇଁ, ଚିତ୍ର ମହାନନ୍ଦ, ବାପୁନ ଗଡନାୟକ ଓ ଜନସନ ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ଏବଂ କର୍ମକର୍ତ୍ତା ସହଯୋଗ କରିଥିଲେ। ବୁଧବାର ପୂର୍ବାହ୍ନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ବିଜୁ ଜନତା ଦଳର ନଗର ସଭାପତି ଶୁକଦେବ ଭଞ୍ଜ ଓ ସମ୍ମାନିତ ଅତିଥି ଭାବେ ଭାବଗ୍ରାହୀ ପ୍ରଧାନ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

# ନବମ, ଦଶମ ଶ୍ରେଣୀର ନୂତନ ପରୀକ୍ଷା ପଦ୍ଧତିକୁ ନେଇ କର୍ମଶାଳା

କୁତ୍ରା, ୨୬।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବୁଧବାର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ନବମ ଓ ଦଶମ ଶ୍ରେଣୀ ପାଇଁ ଜାରି କରାଯାଇଥିବା ନୂତନ ବୋର୍ଡ ପରୀକ୍ଷା ସମ୍ପର୍କୀତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଏହି କର୍ମଶାଳାକୁ କୁତ୍ରା ବ୍ଲକ ଏବିଇଓ ପ୍ରକାଶ ରୟ, ଏବିଇଓ ଲକ୍ଷ୍ମଣା ଜାମୁଣ୍ଡା, କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ସମ୍ବୋଧିତ କରି ଶୁଭାରମ୍ଭ କରିଥିଲେ। ପରେ ଜିଲାସ୍ତରୀୟ ସାଧନ କର୍ମୀ ବିଭୀଷଣ ବାରିକ ନୂତନ ପରୀକ୍ଷା ନୀତି ଉପରେ ସବିଶେଷ ଆଲୋଚନା କରିଥିଲେ। ପରିବର୍ଦ୍ଧିତ ପରୀକ୍ଷା ନିୟମ ଅନୁଯାଇ ଉଭୟ ନବମ ଓ ଦଶମ ଶ୍ରେଣୀ ବର୍ଷରେ ଚାରିଟି ଆନ୍ତରିକ ପରୀକ୍ଷା ହେବ। ତାସହ ଦୁଇଟି ପର୍ଯ୍ୟାୟରେ ଦୁଇଟି ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ। ଏଥିରେ ଅନ୍ୟତମ ରିସୋର୍ସ ପର୍ଶନ (ଆରପି) ଭାବେ ଟିକଚାନ୍ଦ ସିଂ, ସିକନ୍ଦର ହରୋ ଯୋଗଦେଇ ବିଜ୍ଞାନ ଓ ଗଣିତ ବିଷୟ ଉପରେ ଶୈକ୍ଷିକ ତଥ୍ୟ ପ୍ରଦାନ କରିଥିଲେ। ଏଥିରେ କୁତ୍ରା ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। କର୍ମଶାଳାକୁ ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ସଂଯୋଜନା କରିଥିଲେ।

# ଦେବଗଡ଼ ଜିଲାକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରାଯାଉ

■ ବିଧାୟକଙ୍କ ଖବରଦାତା ସମ୍ମିଳନୀ
■ ଜିଲାର ବିଭିନ୍ନ ଉନ୍ନୟନ ପାଇଁ ଦାବି

ଦେବଗଡ଼, ୨୬।୮(ଡି.ଏନ.ଏ)

ଶିଳ୍ପ ବିହୀନ ଦେବଗଡ ଜିଲାରେ ପ୍ରାୟତଃ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ବର୍ଷା ଅଭାବରୁ ଜିଲାରେ ବିଭିନ୍ନ ଅଞ୍ଚଳରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଛି ସତ କିନ୍ତୁ ଜମିରେ ଧାନ ରୁଆ ସରିଥିବାବେଳେ ବର୍ଷା ଅଭାବ ଯୋଗୁ ବର୍ତ୍ତମାନ ମାଟି ମଧ ଫାଟିବାକୁ ବସିଲାଣି। ତେବେ ଦେବଗଡ଼ ଜିଲାକୁ ମରୁଡି ଘୋଷଣା କରିବା ପାଇଁ ଦାବି କରିବା ସହିତ ଏବାବଦରେ ଆଗାମୀ ବିଧାନସଭା ଅଧିବେଶନରେ ଉପସ୍ଥାପନା କରିବେ ବୋଲି ଗୁରୁବାର ସନ୍ଧ୍ୟାରେ ବିଧାୟକଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଅନ୍ୟମାନେ।

ଏହାସହିତ ଗୋହିରା ମଧ୍ୟମ ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର, ଜିଲାରେ ଥିବା ବିଭିନ୍ନ କେନାଲର ମରାମତି ଏବଂ ଡିପି କେନାଲର ପୁନରୁଦ୍ଧାର କରାଗଲେ ଚାଷୀମାନେ ଜଳସେଚନର ସିଧାସଳଖ ସୁବିଧା ପାଇପାରିବେ ବୋଲି ବିଧାୟକ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଦେବଗଡ଼ ଜିଲାକୁ ରେଳମାନଚିତ୍ରରେ ସାମିଲ କରିବା ପାଇଁ କେନ୍ଦ୍ର ରେଳ, ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟରେ ଦାବି କରିବା ସହିତ ବିଧାୟକ ପାଣିଗ୍ରାହୀ ତାଙ୍କ ସହିତ ଆଲୋଚନା କରିଥିଲେ। ଏହା ସହିତ ତାଳଚେର-ବିମଳାଗଡ ରେଳପଥ ପ୍ରକଳ୍ପ କିପରି ଶୀଘ୍ର ସମ୍ପୂର୍ଣ୍ଣ ହେବ ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିବା ସହିତ ଝାରସୁଗୁଡା-କୁଚିଣ୍ଡା-ଦେବଗଡ଼ ଦେଇ ପାରାଦ୍ୱୀପ ରେଳ ସଂଯୋଗ ଦାବି କରିଛନ୍ତି। ଆଗକୁ କରୋନାର ତୃତୀୟ ଲହର ଆସୁଥିବାବେଳେ ଏହାର ମୁକାବିଲା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବା ସହ ବିଶେଷ କରି ଶିଶୁମାନଙ୍କ ଚିକିତ୍ସା ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ସିଡିଏମ୍‌ଓଙ୍କ ସହିତ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ବାସଗୃହ ପ୍ରଦାନ କରାଯାଉ ନ ଥିବା ବିଧାୟକ ଅଭିଯୋଗ କରିଛନ୍ତି। ଆସନ୍ତା ୨୮ ତାରିଖ ଭାଜପାର ଏକ ପ୍ରତିନିଧି ଦଳ ଦେବଗଡ଼ ଗସ୍ତରେ ଆସି ଜିଲାର ମରୁଡି ପରିସ୍ଥିତିର ସମୀକ୍ଷା କରିବେ ବୋଲି ବିଧାୟକ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଦେବଗଡ଼ ସହର୍‌ର ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ମଧ୍ୟ ସୂଚନା ଦେଇଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନଗର ମଣ୍ଡଳ ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ମଣ୍ଡଳ ସମ୍ପାଦକ ରମଣୀ ଆଚାର୍ଯ୍ୟ, କୋଷାଧକ୍ଷ ସରୋଜ କୁମାର ପାଢୀ, ସୁଧିର ପାତ୍ର ଉପସ୍ଥିତ ଥିଲେ।

## କବିତା ସଂକଳନ ଉନ୍ମୋଚିତ

ସମ୍ବଲପୁର,(ବ୍ୟୁରୋ): କବିତା ସଂକଳନ ପ୍ରଜାପତିର ଆକାଶ ସମ୍ବଲପୁର ମହିଳା କଲେଜ ସଭାକକ୍ଷରେ ବୁଧବାର ଉନ୍ମୋଚିତ ହୋଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଏହି ସଂକଳନରେ କବି ଗିରିଜା ଶଙ୍କର ଶର୍ମାଙ୍କ ୬୧ଟି କବିତା ରହିଛି। ପ୍ରଫେସର ଜୟନ୍ତ କରଶର୍ମା, ଅଧ୍ୟାପକ ଅଖିଳ ବିଶ୍ୱାଳ ଓ ଯୋଗେଶ ଚନ୍ଦ୍ର ଭୋଇ ସମୀକ୍ଷକ ଭାବେ ଯୋଗଦେଇଥିଲେ। ସାହିତ୍ୟିକ ଗଣେଶରାମ ନାହାକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବିତା ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପିକା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ବେଦମନ୍ତ୍ର ଉଚ୍ଚାରଣ ଓ ପ୍ରଫେସର ନୌବିହାରୀ ପ୍ରଧାନ ପାଠକୀୟ ମତାମତ ଉପସ୍ଥାପନ କରିଥିଲେ।

### ଆଜି କ'ଣ କେଉଁଠି

ସମ୍ବଲପୁର
- ଜିଲାରେ ମରୁଡି ପରିସ୍ଥିତ ଓ ସାର କଳାବଜାର ପ୍ରତିବାଦରେ ବିକ୍ଷୋଭ, ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସମ୍ବଲପୁର ଦୁରଦର୍ଶନ କେନ୍ଦ୍ର ବନ୍ଦ ପ୍ରତିବାଦରେ ବିକ୍ଷୋଭ, ଜିଲାପାଳଙ୍କ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୨ଟା।

### ସଂକ୍ଷେପରେ

## ପୋଖରୀରୁ ଭିନ୍ନକ୍ଷମ ଯୁବକଙ୍କ ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ,୨୬।୮:** ରେଙ୍ଗାଲି ଥାନା ଚିକିଲାପାଲି ଗ୍ରାମ ପୋଖରୀରୁ ଗୁରୁବାର ପୋଲିସ୍ ଜଣେ ଭିନ୍ନକ୍ଷମ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ପଲସଦା ଗ୍ରାମର ମିତ୍ରଭାନୁ ମନ୍ଦୋଦରୀ(୩୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ରେଙ୍ଗାଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ୧୭/୨୧) ରୁଜୁ ହୋଇଛି। ମିତ୍ରଭାନୁ ଟ୍ରାଇସାଇକେଲରେ ବିଭିନ୍ନ ଗ୍ରାମକୁ ଯାଇ ମାଗିଯାଚି ଚଳୁଥିଲେ। ବୁଧବାର ସେ ଅନ୍ୟ ଗ୍ରାମକୁ ଯାଇଥିବାବେଳେ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ତାଙ୍କ ଟ୍ରାଇସାଇକେଲ୍ ଚିକିଲାପାଲି ଗ୍ରାମ ପୋଖରୀ ବନ୍ଧରେ ଥିବା ଦେଖି ଗ୍ରାମବାସୀ ତାଙ୍କ ବାପା ଯୁଧିଷ୍ଠିରଙ୍କୁ ଜଣାଇଥିଲେ। ପୋଖରୀରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ଗୁରୁବାର ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ପରିବାରକୁ ଜଣାଇଥିଲେ।

## ହାଇୱା, ଟ୍ରାକ୍ଟର ଜବତ: ଜରିମାନା ଆଦାୟ

**ଜମନକିରା,୨୬।୮ (ଡି.ଏନ୍.ଏ.):** ଜମନକିରା ତହସିଲଦାର ଡ. ସୌମ୍ୟରୂପା ରଥ ବୁଧବାର ସମ୍ବଲପୁରରୁ ଅଫିସ କାର୍ଯ୍ୟ ସାରି ଫେରୁଥିବା ବେଳେ ଗୌଡ଼ପାଲି ଫାଣ୍ଡି ଅଞ୍ଚଳର ଏକ ପଥର ବୋଝେଇ ଟ୍ରାକ୍ଟର (ଓଡ଼ି୧୫-୪୬୦୪)କୁ ଅଟକାଇଥିଲେ। ଆବଶ୍ୟକ କାଗଜପତ୍ର ନ ଥିବାରୁ ଟ୍ରାକ୍ଟରକୁ ଗୌଡ଼ପାଲି ଫାଣ୍ଡି ଜିମା ଦେଇଥିଲେ। ପରେ ଜମନକିରା ଆସୁଥିବା ବେଳେ ଷଣ୍ଢପଥର ଛକ ନିକଟରେ ଚିପ୍ସ ବୋଝେଇ ୨ଟି ହାଇୱା (ଓଡି୧୫ଡି-୩୭୬୮) ଓ (ଓଡି୨୩ଜେ-୮୬୯୦) କାଗଜପତ୍ର ଯାଞ୍ଚ କରିବାରୁ ଠିକ୍ ନ ଥିବାରୁ ଗାଡ଼ି ଦୁଇଟିକୁ ଜମନକିରା ଥାନା ଜିମା ଦେଇଥିଲେ। ଗୁରୁବାର ଓଡି୨୩ଜେ-୮୬୯୦ନଂ. ହାଇୱାଠାରୁ ୩୨,୮୬୦ଟଙ୍କା ଓ ଓଡି୧୫ ୪୬୦୪ନଂ. ଟ୍ରାକ୍ଟରଠାରୁ ୨୦,୩୯୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଅଞ୍ଚଳରେ ବେଆଇନ ଭାବେ ବାଲି, ପଥର, ମୋରମ, ମାଟି ଆଦି ଚାଲାଣ ହେଉଥିବା ବେଳେ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବାପାଙ୍କୁ ମାଡ଼ ମାରି ପୁଅ ଜେଲ ଗଲେ

**ରେଢ଼ାଖୋଲ,୨୬।୮(ଡି.ଏନ.ଏ.):** ରେଢ଼ାଖୋଲ ଉପଖଣ୍ଡ ଚାରମାଳ ଥାନା ଗମ୍ଭାରିବେର୍ଣ୍ଣ ଗ୍ରାମରେ ଗୁରୁବାର ବାପାଙ୍କୁ ମାଡ ମାରିବା ଅଭିଯୋଗରେ ପୁଅ ଜେଲ ଯାଇଛନ୍ତି। ସୂଚନାମତେ ଗ୍ରାମର ଗଣପତି ବିଶ୍ୱାଳ ଓ ପୁଅ ଅଶ୍ୱିନୀ ବିଶ୍ୱାଳଙ୍କ ମଧ୍ୟରେ ଜମି ଭାଗବଣ୍ଟାକୁ ନେଇ ବିବାଦ ରହିଥିଲା। ବୁଧବାର ଏହାକୁ ନେଇ ଉଭୟ ବାପା ଓ ପୁଅଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଶ୍ୱିନୀ ତାଙ୍କ ବାପାଙ୍କୁ ମାଡ଼ ମାରିଥିଲେ। ବାପା ଗଣପତି ଚାରମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଥାନା କେସ୍ ନଂ.୧୧୪ରେ ଏକ ମାମଲା ରୁଜୁ କରି ଅଶ୍ୱିନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ବନ କର୍ମଚାରୀଙ୍କୁ ଧମକ ଦେବା ଘଟଣାରେ ଜଣେ ଗିରଫ

**ରେଢ଼ାଖୋଲ,୨୬।୮ (ଡି.ଏନ.ଏ.):** ରେଢ଼ାଖୋଲ ଅଞ୍ଚଳରେ ବନ କର୍ମଚାରୀଙ୍କୁ ଧମକ ଦେବା ସହ ଗାଡିକୁ ଧକ୍କା ଦେବା ଘଟଣାରେ ଚାରମାଳ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଯୁବକ ହେଲେ ବ୍ରାହ୍ମଣି ଗ୍ରାମର ବବଲୁ ବାଘ (୩୦)। ପ୍ରକାଶ ଯେ ଗତ ସୋମବାର ଚାରମାଳ ରେଞ୍ଜ ଅଞ୍ଚଳରୁ ମାଫିଆମାନେ କେନ୍ଦୁପତ୍ର ଚୋରା ଚାଲାଣ କରୁଥିବା ଖବର ପାଇ ଏସିଏଫ୍ ଦେବୀପ୍ରସାଦ ରାଉତଙ୍କ ନେତୃତ୍ୱରେ ବନ କର୍ମଚାରୀ ଚଢାଉ କରିଥିଲେ। ଏହି ସମୟରେ ମାଫିଆମାନେ ସେମାନଙ୍କୁ ଧମକ ଦେବା ସହିତ ଗାଡିକୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଏ ନେଇ ଏସିଏଫ୍ ଚାରମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ୬ଜଣଙ୍କ ନାମରେ ମାମଲା (ନଂ୧୧୫/୨୧) ରୁଜୁ କରିଥିଲା।

# ଝଲସିଲା ସମଲେଇ ମନ୍ଦିର

### ଲାଇଟ୍ ଓ ସାଉଣ୍ଡ ପ୍ରକଳ୍ପ ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ

**ସମ୍ବଲପୁର,୨୬।୮(ବ୍ୟୁରୋ)**


ପ୍ରୋଜେକ୍ଟରରୁ ପ୍ରତିଫଳନ ହେଉଥିବା ଆଲୋକରେ ମନ୍ଦିର ଝଲସୁଛି।

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ଲାଇଟ୍ ଓ ସାଉଣ୍ଡ ପ୍ରକଳ୍ପ ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ ହୋଇଛି। ବୁଧବାର ରାତିରେ ପ୍ରକଳ୍ପର ୭ଟି ଯାକ ପ୍ରୋଜେକ୍ଟରରୁ ପ୍ରତିଫଳନ ହେଉଥିବା ଶବ୍ଦ ଓ ଆଲୋକରେ ମନ୍ଦିର ପରିସର ଝଲସି ଉଠିଥିଲା। ଆଲୋକ ବ୍ୟବସ୍ଥା ସହିତ ପ୍ରଚ୍ଛଦରେ ସମଲେଇ ମନ୍ଦିର, ସମ୍ବଲପୁର କଳା ସଂସ୍କୃତି, ପର୍ଯ୍ୟଟନ ସ୍ଥଳ ସାଙ୍ଗକୁ ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତିର ଗାଥା ବିଭିନ୍ନ ଭାଷାରେ ରହିଛି। ପରୀକ୍ଷଣ ସମୟରେ ପ୍ରକଳ୍ପର ଶବ୍ଦ ସଂଯୋଜନା ବ୍ୟବସ୍ଥାର ମଧ୍ୟ ଅଭ୍ୟାସମୂଳକ ବ୍ୟବସ୍ଥା କରାଯାଇଥିଲା।

କୋଣାର୍କ ଓ ଧଉଳି ପରେ ସମଲେଇ ମନ୍ଦିରରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ୭ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ଶବ୍ଦ ଓ ଆଲୋକ ପ୍ରଦର୍ଶନ ସହିତ ଉଦ୍‌ଘୋଷଣା କରାଯିବ। ପ୍ରତି ପର୍ଯ୍ୟାୟର କାର୍ଯ୍ୟକ୍ରମ ଅବଧି ୩୦ ମିନିଟ ରହିବ। ଟ୍ରାଇକଲର ଇଣ୍ଡିଆ ନାମକ କମ୍ପାନୀ ଏହି ପ୍ରକଳ୍ପ କାମ ହାତକୁ ନେଇଛି ବୋଲି ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ସମ୍ବଲପୁର ଇତିହାସ ସମ୍ପର୍କରେ ଲୋକେ ବହୁ ତଥ୍ୟ ଜାଣିପାରିବେ। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁରୀ ଓ ହିନ୍ଦୀ ଭାଷାରେ ଉଦ୍‌ଘୋଷଣା ସ୍ଥାନିତ କରିବାକୁ ଯୋଜନା କରାଯାଇଛି। ପ୍ରକଳ୍ପକୁ ମନ୍ଦିର ଟ୍ରଷ୍ଟ ବୋର୍ଡ ପରିଚାଳନା କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତବର୍ଷ ଜାନୁୟାରୀ ୨୧ରେ ସମ୍ବଲପୁର ଗସ୍ତରେ ଆସି ମା' ସମଲେଇଙ୍କୁ ଦର୍ଶନ କରିଥିଲେ। ସେତେବେଳେ ମନ୍ଦିର ଓ ଏହାର ଚାରିପାର୍ଶ୍ୱକୁ ନେଇ ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା ବ୍ୟବସ୍ଥା କରିବାକୁ ସମଲେଇ ଯୋଜନା ଘୋଷଣା କରିଥିଲେ।

# ପାନୀୟ ଜଳ ସମସ୍ୟା: ନିର୍ବାହୀଯନ୍ତ୍ରୀଙ୍କୁ ଫେରାଦ ହେଲା ଭାଜପା


ନିର୍ବାହୀଯନ୍ତ୍ରୀଙ୍କୁ ଭେଟିବାକୁ ଆସିଥିବା ଭାଜପା କର୍ମକର୍ତ୍ତା।

**ସମ୍ବଲପୁର,୨୬।୮(ବ୍ୟୁରୋ)**

ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ବୁଧବାର ସମ୍ବଲପୁର ଜିଲା ଭାଜପା କର୍ମକର୍ତ୍ତା ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ଫେରାଦ ହୋଇଛି। ସେମାନେ ଅଭିଯୋଗ କରିଛନ୍ତି, ଅମୃତ ଯୋଜନାରେ ମହାନଗରବାସୀଙ୍କୁ ପିଇବା ପାଣି ଯୋଗାଇବାକୁ ଯୋଜନା କରାଯାଇଥିଲା। ହେଲେ ପ୍ରକଳ୍ପ କାମ ସରୁ ନ ଥିବାରୁ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଛି। ଦୁର୍ଗାପାଲି, କାନ୍ତିଜୁରୀଳ ରେମେଡ, ଖଡିଆପଡା, ଅଇଁଠାପାଲି ପ୍ରଗତି ବିହାର, ଶିବମ କଲୋନୀ, ଟାଙ୍ଗରପାଲି ଅଞ୍ଚଳରେ ଜଳ ସଙ୍କଟ ଦେଖାଦେଉଛି। ତେଣୁ ପ୍ରକଳ୍ପଗୁଡିକ ଶୀଘ୍ର ସମ୍ପୂର୍ଣ୍ଣ କରାଯାଉ ବୋଲି ଦାବି କରିଥିଲେ। ଜିଲା ଭାଜପା ସଭାପତି ଗିରିଶ ପଟେଲ, ଅଶ୍ୱିନୀ କୁମାର ମାଝି, ସରୋଜ ଘଡାଇ, ଗିରିଜା ସାହୁ, ଉଲ୍ଲାସ ବାରିକ, ଗୁକୁ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ଠିକା କର୍ମଚାରୀଙ୍କୁ ନିୟମିତ କରିବା ଉପରେ ଗୁରୁତ୍ୱ

**ଝାରସୁଗୁଡ଼ା ଅଫିସ,୨୬।୮**


ବୈଠକରେ ଯୋଗଦେଇଥିବା ସଦସ୍ୟମାନେ।

### ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ବୈଠକ

ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ବ୍ରଜରାଜନଗର ଡିଭିଜନ ତରଫରୁ ସ୍ଥାନୀୟ ଗ୍ରୀଡ୍ ସବ୍‌ଷ୍ଟେଶନ ପରିସରରେ ସଂଘ ଉପସଭାପତି ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଭିଜନ ଅନ୍ତର୍ଗତ ୮ ଗ୍ରୀଡ୍‌ରେ କାର୍ଯ୍ୟରତ ୫୬ଜଣ କର୍ମଚାରୀ ସଂଘରେ ନୂତନ ଭାବେ ସଦସ୍ୟତା ଗ୍ରହଣ କରିଥିଲେ। ନୂତନ ସଦସ୍ୟଙ୍କୁ ସଂଘ କର୍ମକର୍ତ୍ତା ପୁଷ୍ପମାଲ୍ୟ ପ୍ରଦାନକରି ସ୍ୱାଗତ କରିଥିଲେ। ଏମାନେ ସଂଘର ନୀତିନିୟମ ପାଳନକରି କାର୍ଯ୍ୟ କରିବା ପାଇଁ ସଙ୍କଳ୍ପ କରିଥିଲେ। ସଙ୍ଘୀୟ ବ୍ୟବସ୍ଥା ସମ୍ପର୍କରେ ସଂଘ ଉପସଭାପତି ସାହୁ ଆଲୋକପାତ କରିଥିଲେ। ସଂଘ ସର୍ବଦା କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିଥାଏ। କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ରହିଥିବାବେଳେ ଠିକା କର୍ମଚାରୀଙ୍କୁ ନିୟମିତ କରିବାପାଇଁ ସଂଘ ଦାବି କରିଆସୁଛି। ଏ ନେଇ ବିଦ୍ୟୁତ୍ ବିଭାଗ ନୀରବ ରହିଥିବାବେଳେ ସଂଘ ଲଢେଇ ଜାରି ରଖିଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ଉପସଭାପତି ସାହୁ ଚେତାବନୀ ଦେଇଛନ୍ତି। ବୈଠକରେ ସଂଘର ଜୋନାଲ ସେକ୍ରେଟାରୀ ଆମ୍ରିୟ ପାଢ଼ଯୋଶୀ, ଡିଭିଜନ ସମ୍ପାଦକ ମୁକୁନ୍ଦ କୁଅଁର, ବେଲପାହାଡ ସବ୍‌ଡିଭିଜନ ସମ୍ପାଦକ ରଘୁବଂଶ ପାଣିଗ୍ରାହୀ, ବ୍ରଜରାଜନଗର ସବ୍‌ଡିଭିଜନ ସମ୍ପାଦକ ଶଲିଳ ପଟେଲ, ସମରେନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା କ୍ରୀଡା ସଂଘର ନୂତନ କର୍ମକର୍ତ୍ତା

**ଝାରସୁଗୁଡ଼ା ଅଫିସ,୨୬।୮**

ଝାରସୁଗୁଡ଼ା ଜିଲା କ୍ରୀଡା ସଂଘ ନିର୍ବାଚନ ଜିଲା ସଂସ୍କୃତି ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ଭାବେ ଜିଲାପାଳ ରହିଆସୁଥିବାବେଳେ ଅନ୍ୟାନ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଅପ୍ରତିଦ୍ୱନ୍ଦ୍ୱୀ ଭାବେ କାର୍ଯ୍ୟକାରୀ ସଭାପତି ଡିଲେଶ୍ୱର ରାଓ, ପ୍ରତିଦ୍ୱନ୍ଦ୍ୱୀ ଭାବେ ଉପସଭାପତି ବିଜୟ କୁମାର ଦାସ, ବିଜେଶ କୁମାର ଶର୍ମା, ଜୀବନ ମହାନ୍ତି, ସାଧାରଣ ସମ୍ପାଦକ ତାପସ କୁମାର ରାୟ ଚୌଧୁରୀ, ଯୁଗ୍ମସମ୍ପାଦକ କ୍ଲିମେଣ୍ଟ ରୋନାଲ୍ଡ, ଅପ୍ରତିଦ୍ୱନ୍ଦ୍ୱୀ ଭାବେ କୋଷାଧ୍ୟକ୍ଷ ଗଣେଶ ଚନ୍ଦ୍ର ନାୟକ, ଫୁଟ୍‌ବଲ୍ ଖେଳ ପରିଚାଳନା ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ଭଲିବଲ୍ ଖେଳ ପରିଚାଳନା ସମ୍ପାଦକ ବିଷ୍ଣୁ ଚରଣ ନାୟକ, ଆଥ୍‌ଲେଟିକ୍ ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, ଖୋଖୋ କବାଡି ଖେଳ ପରିଚାଳନା ସମ୍ପାଦକ ମନୋଜ କୁମାର ଦାସ, ବ୍ୟାଡ୍‌ମିଣ୍ଟନ ସମ୍ପାଦକ ବିଜୟ କୁମାର ଦାସ, ଇନ୍‌ଡୋର୍ ଖେଳ ପରିଚାଳନା ସମ୍ପାଦକ କାମନ୍ଦ୍ର ବେହେରା, ଆର୍ଚେରୀ ଖେଳ ପରିଚାଳନା ସମ୍ପାଦକ ସୁଜିତ କୁଜୁର, ବାସ୍କେଟ୍ ବଲ୍ ଖେଳ ପରିଚାଳନା ସମ୍ପାଦକ ସୁଶାନ୍ତ ମାଳୀ, ପ୍ରତିଦ୍ୱନ୍ଦ୍ୱୀ ଭାବେ ପରିଷଦ ସଦସ୍ୟଙ୍କ ମଧ୍ୟରେ କ୍ଲବ୍ ପ୍ରତିନିଧି ଅଜୟ ଓରାମ, ମୋହନ ମିଶ୍ର, ରଞ୍ଜିତ ସୁନା, ରୁମାଞ୍ଚ ପଟେଲ, ସଞ୍ଜୟ ଦାସ, ଅପ୍ରତିଦ୍ୱନ୍ଦ୍ୱୀ ଭାବେ ପରିଷଦ ସଦସ୍ୟଙ୍କ ମଧ୍ୟରେ ସଂସ୍ଥାପକ ବିମଳ କୁମାର ବର୍ମା, କେ ଜଗନ୍ନାଥ ରାଓ, କାମନ୍ଦ୍ର ବେହେରା, ମାନସ ସିହ୍ନା, ଶରତ କୁମାର ତ୍ରିପାଠୀ, ବିଜୟ କୁମାର ବକ୍ସି ପ୍ରମୁଖ ସଂଘରେ ସ୍ଥାନ ପାଇଛନ୍ତି। ପର୍ଯ୍ୟବେକ୍ଷକ ଭାବେ ସୁନ୍ଦରଗଡ ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଲ, ନିର୍ବାଚନ ଅଧିକାରୀ ଭାବେ ଜିଲା କ୍ରୀଡା ଅଧିକାରୀ ସୁଶିଲ ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଓ ଡିଆଇପିଆର୍‌ଓ ଅଜୟ ଜେନା ପ୍ରମୁଖ ଯୋଗଦେଇଥିଲେ।

# ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷଣ


ପ୍ରଶିକ୍ଷଣ ନେଉଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

**ଜମନକିରା,୨୬।୮(ଡି.ଏନ୍.ଏ.)**

ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଷଣ୍ଢପଥର ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲରେ ଗୁରୁବାର ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ବିଭିନ୍ନ ହାଇସ୍କୁଲରୁ ମୋଟ ୪୨ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। କୋଭିଡ୍ କଟକଣା ସମୟରେ ଛାତ୍ରୀଛାତ୍ର ଠିକ୍‌ରେ ପାଠ ପଢ଼ି ପାରି ନ ଥିଲେ। କଟକଣାକୁ ମାନି କିପରି ଶିକ୍ଷାଦାନ, ପରୀକ୍ଷା ମୂଲ୍ୟାୟନ କରାଯିବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଦେବକୀ ନାଏକ, ଏସ୍‌ଏସ୍‌ଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ, ଟିକିଲିପଡ଼ା ହାଇସ୍କୁଲର ପଙ୍କଜ କୁମାର ସାହୁ, କସଡ଼ାର ଗେଲ୍ଲାଦ ସାହୁ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ।

# ରାସ୍ତା ଉନ୍ନତୀକରଣ ପାଇଁ କଂଗ୍ରେସର ଦାବିପତ୍ର

**ଝାରସୁଗୁଡ଼ା ଅଫିସ,୨୬।୮**


ଜିଲା କଂଗ୍ରେସ ପକ୍ଷରୁ ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ଦିଆଯାଉଛି।

ଝାରସୁଗୁଡ଼ା ଜିଲା ଏସ୍‌ପି ଅଫିସ ନିକଟରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ, ଆଲୋକୀକରଣ ବ୍ୟବସ୍ଥା, ଭାରିଯାନ ଚଳାଚଳ ବନ୍ଦ ଓ ଯାନବାହନ ଚଳାଚଳ ଗତି ନିୟନ୍ତ୍ରଣ ଆଦି ଦାବିନେଇ ବୁଧବାର ଜିଲା କଂଗ୍ରେସ ତରଫରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଏଥିରେ ଉଲ୍ଲେଖ ରହିଛି ଏହି ରାସ୍ତାରେ ଜିଲା ମୁଖ୍ୟ ଚିକିତ୍ସାଳୟ, କଲେଜ, ବସ୍‌ଷ୍ଟାଣ୍ଡ ଆଦି ରହିଛି। ଏହି ବାଟଦେଇ ନିୟମିତ ରୋଗୀମାନେ ମୁଖ୍ୟ ଚିକିତ୍ସାଳୟକୁ ଯାତାୟାତ କରୁଛନ୍ତି। ଦୀର୍ଘବର୍ଷ ହେଲାଣି ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇରହିଛି। ଭାରିଯାନ ନିୟମିତ ଚଳାଚଳ କରୁଥିବାରୁ ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଗତ ଶୁକ୍ରବାର ଏକ ଚାଉଳ ବୋଝେଇ ଟ୍ରକ୍ ବାଇକ୍‌କୁ ଧକ୍କା ଦେବା ଫଳରେ ଶିଶୁକନ୍ୟା ତ୍ରିଷା ଓରାମ(୫)ର ମୃତ୍ୟୁ ଘଟିଥିଲା। ଏସବୁକୁ ଦୃଷ୍ଟିରେ ରଖି ରାସ୍ତାର ଉନ୍ନତୀକରଣ, ଭାରିଯାନ ଚଳାଚଳ ବନ୍ଦ ଓ ଆଲୋକୀକରଣ ପାଇଁ ଦଳ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ କମିଟି ସଭାପତି ଭରତ ଅବସ୍ଥି, ଉପସଭାପତି ସୀୟାରାମ ଦାସ, ସାଧାରଣ ସମ୍ପାଦକ ମନୀଷ ବାଜପେୟୀ, ପ୍ରଶାନ୍ତ ତ୍ରିପାଠୀ, ଭଗୀରଥ ପାତ୍ର, ପ୍ରଦୀପ୍ତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜାତିଭିତ୍ତିକ ଜନଗଣନା କରାଯିବାକୁ ଦାବି



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ସମ୍ବଲପୁର,୨୬।୮(ବ୍ୟୁରୋ)**

ସମ୍ବଲପୁର ଯାଦବସଂଘ ଜାତିଭିତ୍ତିକ ଜନଗଣନା ଓ ସରକାରୀ ଚାକିରି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଦାବି ନେଇ ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ସଂଘ ଦର୍ଶାଇଛି ରାଜ୍ୟ ସରକାର ଆଇନଗତ ଆଳ ଦେଖାଇ ପଛୁଆବର୍ଗ ଲୋକଙ୍କୁ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ରଖୁଛନ୍ତି। ଓଡ଼ିଶାରେ ମୋଟ ୨୦ ପ୍ରତିଶତ ଯାଦବ ସମାଜ ରହୁଛନ୍ତି। ମଣ୍ଡଳ ଆୟୋଗଙ୍କ ସୁପାରିଶ ଅନୁଯାୟୀ ରାଜ୍ୟରେ ବର୍ତ୍ତମାନ ପଛୁଆ ବର୍ଗ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଦିଆଯାଉ ନାହିଁ। କେବଳ ୧୧.୨୫ ପ୍ରତିଶତରେ ସୀମିତ ରହିଛି। ଜିଲା ଯାଦବ ସଂଘ ସଭାପତି ଭୋଲାଶଙ୍କର ମହନ୍ତମ, ସାଧାରଣ ସମ୍ପାଦକ ନରେଶ କୁମାର ବଗର୍ତ୍ତୀ, ରାମଚନ୍ଦ୍ର ପୋଢ଼, ଗୁଣନିଧି ରାଉତ, କୃଷ୍ଣଚନ୍ଦ୍ର ବାଗ, କେଶବ ବାଗ, ସୁରେନ୍ଦ୍ର ବଗର୍ତ୍ତି, ବିକାଶ ଜାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଏକଦିବସୀୟ ଫୁଟ୍‌ବଲ: ବନ୍ଧପାଲି ବିଜୟୀ

**ଜମନକିରା,୨୬।୮(ଡି.ଏନ୍.ଏ.)**

ଜମନକିରା ବ୍ଲକ୍ ବଡ଼ମାଲ ପଞ୍ଚାୟତ ଝରାନିକ୍ତମାଲ ଖେଳପଡ଼ିଆରେ ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମା' ତାରିଣୀ କ୍ଲବ୍ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଗୁଣ୍ଡୁରୁଟୁଆଁ ଓ ବନ୍ଧପାଲି ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ବନ୍ଧପାଲି ଦଳ ଗୁଣ୍ଡୁରୁଟୁଆଁକୁ ୧-୦ରେ ହରାଇ ବିଜେତା ଘୋଷିତ ହୋଇଥିଲା। କୁଚିଣ୍ଡା ବିଜେଡି ଟାଉନ ସଭାପତି ସଞ୍ଜୟ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ନଗଦ ୩ ହଜାର ଓ ଉପବିଜେତା ଦଳକୁ ୨ ହଜାର ୫ଶହ ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ବ୍ଲକ୍ ଯୁବ ବିଜେଡି ସଭାପତି ସୁଦୀପ୍ତ ଦେବ, ଦିଲୀପ ପଟେଲ, ଗଜେନ୍ଦ୍ର ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ କ୍ଲବ୍ ସଭାପତି ନରେଶ ଭୋଇ, ସମ୍ପାଦକ ରମେଶ ମୁଣ୍ଡା ପରିଚାଳନା କରିଥିଲେ।


ଖେଳାଳିଙ୍କ ସହ ଅତିଥିମାନେ।

# ସଫେଇ ନାମରେ ଅର୍ଥ ଆତ୍ମସାତ୍

**ସମ୍ବଲପୁର,୨୬।୮(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)ରେ ସଫେଇ ନାମରେ ଅର୍ଥ ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି। କୋଭିଡ୍ କଟକଣାକୁ ଆଳ କରି ପ୍ରାୟ ୨ବର୍ଷ ହେବ ଟେଣ୍ଡର ନ କରି ଠିକା ସଂସ୍ଥାକୁ ଅନୁକମ୍ପା ଦେଖାଯାଇଛି। କିନ୍ତୁ କାଗଜ କଲମରେ ସଫେଇ ହେଉଥିବା ଦର୍ଶାଯାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ମହାନଗର ନିଗମ ପକ୍ଷରୁ ୩୦ ଗୋଟି ୱାର୍ଡର ସଫେଇ କାମ ଟେଣ୍ଡର ମାଧ୍ୟମରେ ସହରର ଏକ କମ୍ପାନୀ ପାଇଥିଲା। ୨୦୧୯ରେ ସମୟ ଅବଧି ଶେଷ ହୋଇଯାଇଥିଲା। କୋଭିଡ୍ କଟକଣା ଯୋଗୁ ଏସ୍‌ଏମ୍‌ସି ଟେଣ୍ଡର ପ୍ରକ୍ରିୟା କରି ନ ଥିଲା। ଠିକା ସଂସ୍ଥା ସହିତ ସମୟ ଅବଧି ବୃଦ୍ଧି କରାଯାଉ ଚୁକ୍ତି କରିଥିଲା। କୋଭିଡ୍ ସମସ୍ୟା ନା କର୍ତ୍ତୃପକ୍ଷ ଜାଣିଶୁଣି ଠିକା କମ୍ପାନୀକୁ ଅନୁକମ୍ପା ଦେଖାଇଥିଲେ ସେ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। କୋଭିଡ୍ ସମୟରେ ଏମ୍‌ଏମ୍‌ସି ପକ୍ଷରୁ ଅନେକ ନୂତନ ପ୍ରକଳ୍ପର ଟେଣ୍ଡର କରାଯାଇ କାମ ମଧ୍ୟ ହୋଇଛି। ହେଲେ ସଫେଇ କାମରେ କିଭଳି ଟେଣ୍ଡର କରାଗଲା ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତି ମାସରେ ପ୍ରାୟ ଦେଢକୋଟି ଟଙ୍କାର ସଫେଇ ନାମରେ ବିଲ୍ କରାଯାଇଥାଏ। ତେଣୁ ସେହି ଅନୁସାରେ ଦେଖିଲେ ପ୍ରାୟ ୩୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରାଯାଇଛି। ହେଲେ ବାସ୍ତବରେ ୱାର୍ଡଗୁଡିକରେ ସଫେଇ ହୋଇ ନ ଥିବା ଅଭିଯୋଗ ହେଉଛି। ପ୍ରତି ୱାର୍ଡରେ ଆବଶ୍ୟକ ଅନୁସାରେ ସଫେଇ କର୍ମଚାରୀ, ବର୍ଜ୍ୟବସ୍ତୁ ସଂଗ୍ରହ କରିବା ପାଇଁ ଗାଡ଼ି ବ୍ୟବହାର କରାଯାଉ ନ ଥିଲା। ହେଲେ ସଫେଇ କରୁଥିବା ଏକ ଫଟୋ ଅଫିସ ଗ୍ରୁପରେ ପୋଷ୍ଟ କରି ଦିଆଯାଉଥିଲା। କେବଳ ଠିକା ସଂସ୍ଥା ଅଧୀନରେ ଥିବା ୱାର୍ଡ ନୁହେଁ ଏସ୍‌ଏମ୍‌ସି ପରିଚାଳିତ ୱାର୍ଡରେ ମଧ ସଫେଇ କାମରେ ଦୁର୍ନୀତି କରାଯାଇଛି। ପ୍ରତି ୱାର୍ଡର କେତେଜଣ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଟଙ୍କା ନେଣଦେଣ ପାଇଁ ବ୍ୟବହାର କରାଯାଉଛି। ସେମାନେ କାମ ନ କଲେ ମଧ ତାଙ୍କ ନାମରେ ଟଙ୍କା ଦିଆଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଏସ୍‌ଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି କହନ୍ତି, କୋଭିଡ୍ ପାଇଁ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା। ଏମ୍‌ଏସ୍‌ମିକୁ ସ୍ୱଚ୍ଛ ସୁନ୍ଦର ରଖିବା ପାଇଁ ପ୍ରୟାସ ଜାରି ରହିଛି। ଏବେ ନୂତନ ଟେଣ୍ଡର ପାଇଁ ଆହ୍ୱାନ କରାଯାଇଛି। କାର୍ଯ୍ୟରେ ସ୍ୱଚ୍ଛତା ଓ ସୁବିଧା ଦୃଷ୍ଟିରୁ ୱାର୍ଡଗୁଡିକୁ ନେଇ ୫ ଗୋଟି ଜୋନ୍ କରାଯାଇଛି। ଏସ୍‌ଏମ୍‌ସି ଅଧୀନରେ ମାତ୍ର ୧୧ ଗୋଟି ୱାର୍ଡ ରହିବ। ଏସ୍‌ଏମ୍‌ସି ପକ୍ଷରୁ ଟଙ୍କା ଜମା ଖାତାରେ ଦିଆଯାଉଛି। ପ୍ରତିଦିନ ଯାଞ୍ଚ କରାଯିବା ପାଇଁ ଟିମ୍ ରହିଛନ୍ତି। ହେଲେ ମଧ ଅନେକ ସ୍ଥାନରେ ସଫେଇକୁ ନେଇ ଅଭିଯୋଗ ଆସିଥାଏ। ଖୁବ୍‌ଶୀଘ୍ର ସଫେଇ କାମ ବ୍ୟବସ୍ଥିତ ହୋଇଯିବ ବୋଲି କହିଥିଲେ।


ଏସ୍‌ଏମ୍‌ସିରେ ପଡିରହିଥିବା ଆବର୍ଜନା।

### ବିନା ଟେଣ୍ଡରରେ ୨ବର୍ଷ ଗଡାଇଲା ଏସ୍‌ଏମ୍‌ସି



କାବୁଲ ବିମାନବନ୍ଦରରେ ବିସ୍ଫୋରଣ: ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଉଛି।

## ସଂକ୍ଷେପରେ

# ପ୍ରସବ ଭ୍ୟାନ୍‌ରେ ଆସନ୍ନ ପ୍ରସବାଙ୍କୁ ମାଡ଼ ଅଭିଯୋଗ

**ଫୁଲବାଣୀ ଅଫିସ, ୨୬।୮:** କନ୍ଧମାଳ ଜିଲାରେ ଆନୁଷ୍ଠାନିକ ପ୍ରସବ ପାଇଁ ଜିଲାପାଳ ଡା.ବୃନ୍ଦା ଡି ବିହିତ ପଦକ୍ଷେପ ନେଉଛନ୍ତି। ଘରେ ପ୍ରସବ ନ କରାଇ ଡାକ୍ତରଖାନାରେ କରାଇବା ନିମନ୍ତେ ଗର୍ଭବତୀଙ୍କୁ ନେବା ପାଇଁ ଭ୍ୟାନ ବ୍ୟବସ୍ଥା କରିଛନ୍ତି। ହେଲେ ଜଣେ ଆସନ୍ନ ପ୍ରସବାଙ୍କୁ ଏହି ଭ୍ୟାନରେ ମାଡ ମରାଯାଇଥିବା ଅଭିଯୋଗ ହୋଇଛି । ଭ୍ୟାନରେ ଡେଲିଭରି କାର୍ଯ୍ୟରେ ନିୟୋଜିତ ଥିବା ମହିଳା ମାଡ଼ ମାରିଥିବା ନେଇ ପ୍ରସବ ପରେ ମହିଳା ଜଣଙ୍କ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଫିରିଙ୍ଗିଆ ବ୍ଲକ ଘାଟିସାହିର ସନ୍ଧ୍ୟା ନାୟକଙ୍କ ଗତ ୨୫ ତାରିଖ ରାତି ପ୍ରାୟ ୮ଟାରେ ପ୍ରସବ ବେଦନା ଆରମ୍ଭ ହୋଇଥିଲା । ତାଙ୍କୁ ଡାକ୍ତରଖାନା ନେବାକୁ ଆଶାକର୍ମୀ ଏବଂ ସ୍ଥାନୀୟ ଲୋକେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡେଲିଭରି ଭ୍ୟାନ ସହ ଯୋଗାଯୋଗ କରିଥିଲେ। ସନ୍ଧ୍ୟାଙ୍କ ଘରଠାରୁ ୫୦୦ ମିଟର ଦୂରରେ ଡାକ୍ତରଖାନା। ହେଲେ ଘଣ୍ଟାଏ ବିଳମ୍ବରେ ଭ୍ୟାନ୍ ପହଞ୍ଚିଥିଲା। ସନ୍ଧ୍ୟାଙ୍କୁ ଭ୍ୟାନକୁ ନିଆଯିବା ପରେ ବେଦନା ଅସହ୍ୟ ହେବାରୁ ସେ ଚିତ୍କାର କରିଥିଲେ । ଏହି ସମୟରେ ଉକ୍ତ ଭ୍ୟାନରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ସମସ୍ତଙ୍କ ସମ୍ମୁଖରେ ତାଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। ଫିରିଙ୍ଗିଆ ଡାକ୍ତରଖାନାରେ ସନ୍ଧ୍ୟାଙ୍କର ଏକ ପୁଅ ଜନ୍ମ ନେଇଛି । ଭ୍ୟାନରେ ମାଡ଼ ମରାଯାଇଥିବାରୁ ତାଙ୍କ ମର୍ଯ୍ୟାଦା ହାନୀ ହୋଇଛି । ତୁରନ୍ତ ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ଆରୁହା ପାହାଡ଼ରେ ବେଆଇନ ଖନନ ମାମଲା

# ତଦନ୍ତ କଲା ଯୁଗ୍ମସ୍ତରୀୟ କମିଟି

**ଧର୍ମଶାଳା,୨୬।୮(ଡି.ଏନ.ଏ.):** ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଆରୁହା ପାହାଡ଼ରେ ବେଆଇନ ଖନନ ମାମଲାର ଗୁରୁବାର ତଦନ୍ତ କରାଯାଇଛି। ଯାଜପୁର ଜିଲା ପ୍ରଶାସନ ଦ୍ୱାରା ଗଠିତ ଯୁଗ୍ମସ୍ତରୀୟ କମିଟ୍ ଏହାର ତଦନ୍ତ କରିଛି। ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଜିଲା ଖଣି ବିଭାଗ ଉପନିର୍ଦ୍ଦେଶକ ବସନ୍ତ କୁମାର ସାହୁ, ପ୍ରଦୂଷଣ ବିଭାଗର ମନମୋହନ ମୁର୍ମୁ, ଭୂତତ୍ତ୍ୱ ବିଭଗ ଉପନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସିଂ, ଭୂତତ୍ତ୍ୱବିତ ସନ୍ତୋଷୀପ୍ରଭା ସେଠୀଙ୍କ ସମେତ ଧର୍ମଶାଳା ତହସିଲଦାର ସ୍ୱାଗତ ଦାଶ ଓ ୩ଜଣ ରାଜସ୍ୱ ନିରୀକ୍ଷକ ଏହି ତଦନ୍ତରେ ସାମିଲ ହୋଇଥିଲେ। ଏହି କମିଟି ପାହାଡ଼ ଅଞ୍ଚଳକୁ ଯାଇ ସରଜମିନ ତଦନ୍ତ କରିବା ସହିତ ମାପଚୁପ କରିଥିଲେ। ପରେ ସମସ୍ତ ଅଧିକାରୀ ଧର୍ମଶାଳା ତହସିଲ କାର୍ଯ୍ୟାଳୟକୁ ଆସି ଏସମ୍ପର୍କରେ ଆଲୋଚନା କରିଥିଲେ। ତଦନ୍ତର ସବିଶେଷ ରିପୋର୍ଟ ଲୋକଯୁକ୍ତଙ୍କ ନିକଟରେ ଦାଖଲ କରାଯିବ ଏବଂ ଆବଶ୍ୟକତାଠାରୁ ଅଧିକ ଖନନ କରାଯାଇଥିବା ତଦନ୍ତରୁ ଜଣାପଡ଼ିଲେ ସମ୍ପୃକ୍ତ ଇଜରାଦାରଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ସୂଚନା ମୁତାବକ, ଆରୁହା କଳାପଥର ପାହାଡ଼ରେ ୩ ଏକର ପରିମିତବିଶିଷ୍ଟ ଏକ ଖାଦାନ ନିଲାମ ଦିଆଯାଇଥିବା ବେଳେ ମାଫିଆମାନେ ପାହାଡ଼ର ବିଭିନ୍ନ ସ୍ଥାନରୁ ବେଆଇନଭାବେ ପଥର ଉତ୍ତୋଳନ କରି ଚୋରାଚାଲାଣ କରିଛନ୍ତି। ଫଳରେ ସରକାରଙ୍କ କୋଟିକୋଟି ଟଙ୍କାର ରାଜସ୍ୱ ହାନି ହୋଇଛି। ଏହି ବେଆଇନ ଖନନର ତଦନ୍ତ ପାଇଁ ଧର୍ମଶାଳା ଅଞ୍ଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଲୋକାୟୁକ୍ତ ଗ୍ରହଣ କରି ଏହାର ତଦନ୍ତ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

# ଗୀତ ଗାଇଲେ ବିପଦ

ଆଗରେ ଆଫ୍‌ଗାନ, ପଛରେ ତାଲିବାନୀ ଗୁଳି। କେତେବେଳେ କିଏ ମରିବ କିଛି କହିହେଉ ନାହିଁ। ଜୀବନ ଯେତେବେଳେ ସଙ୍କଟରେ ପଡ଼ିଛି ସେତେବେଳେ ପ୍ରତିଭା କଥା ପଚାରେ କିଏ। ସେଥିଲାଗି ଅଫ୍‌ଗାନିସ୍ତାନରୁ ଗଣପଳାୟନ କରିଛନ୍ତି ଅଧିକାଂଶ କଳାକାର। ଆଉ ଯେଉଁମାନେ ମାଟି ମୋହରେ ପଡ଼ି ରହିଛନ୍ତି, ସେମାନେ ଏବେ କଳାଠୁ ଅନେକ ଦୂରରେ। କିଏ ପରିବା ବ୍ୟବସାୟ କରୁଛନ୍ତି ତ ଆଉ କିଏ ଠେଲାଗାଡ଼ି ଧରି ବୁଲୁଛନ୍ତି ଗଳିକନ୍ଦିରେ। ପ୍ରତିଭା ପ୍ରଦର୍ଶନ ନ ହେଉ ପଛକେ ଅନ୍ତତଃପକ୍ଷେ ଜୀବନ ବଞ୍ଚିଯାଉ ବୋଲି କହିଛନ୍ତି ଅନେକ ଆଗଧାଡ଼ିର କଳାକାର।



ହବିବୁଲ୍ଲା ଶବାବ୍



ଆର୍ଯ୍ୟାନା ସଇଦ୍



ସାହାରା କରିମ୍

## ଆଫଗାନ୍ ପ୍ରତିଭାଙ୍କ ଗଣପଳାୟନ

**କାବୁଲ, ୨୬।୮**

ତାଲିବାନ୍ ଶାସନରେ ଦୋହଲିଯାଇଛି ଆଫ୍‌ଗାନିସ୍ତାନର କଳାଜଗତ। ଜୀବନ ବିକଳରେ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ସେଲିବ୍ରିଟି ଯାଏ ସମସ୍ତେ ଦେଶ ଛାଡ଼ିବାରେ ଲାଗିଛନ୍ତି। ଅସହାୟତାର ଏଭଳି ହୃଦୟ ବିଦାରକ ଚିତ୍ର ସେଠାକାର ବାସ୍ତବ ସ୍ଥିତି ଦର୍ଶାଉଛି। ଏସବୁ ଭିତରେ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି ଆଫ୍‌ଗାନିସ୍ତାନର ସେଲିବ୍ରିଟି ସିଙ୍ଗର୍ ହବିବୁଲ୍ଲା ଶବାବ୍‌ଙ୍କ ଫଟୋ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହବିବୁଲ୍ଲାଙ୍କ ହାତରେ ମାଇକ୍ ବଦଳରେ ରହିଛି ନିକିତି। ଏଥିରେ ସେ ଆଳୁପିଆଜ ଓଜନ କରି ଗ୍ରାହକଙ୍କୁ ଦେଉଛନ୍ତି। ତାଲିବାନୀ ଶାସନ ଆଫ୍‌ଗାନିସ୍ତାନର କଳାକ୍ଷେତ୍ରକୁ ସଙ୍କୁଚିତ କରିଦେଇଥିବାବେଳେ ହବିବୁଲ୍ଲାଙ୍କ ଏଭଳି ଅବସ୍ଥା ସଙ୍ଗୀତଜଗତ ସହ ଜଡ଼ିତ ବ୍ୟକ୍ତିଙ୍କ ମନରେ କୁଠାରାଘାତ କରିଛି।

ମନରେ ରହିଥିବା କ୍ଷୋଭକୁ ଚାପି ହବିବୁଲ୍ଲା କହିଛନ୍ତି, ତାଲିବାନ୍ ମ୍ୟୁଜିକ୍ ଉପରେ କଟକଣା ଲଗାଇଛି। ଗୀତ ଗାଇଲେ ଜୀବନ ଚାଲିଯିବ। ତେଣୁ ନିଜର ଛୋଟ ବ୍ୟବସାୟ ଉପରେ ସେ ଏବେ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦିନରେ ନୃତ୍ୟସଙ୍ଗୀତକୁ ନେଇ ପେଟପାଟଣା କଥା ଚିନ୍ତା କରୁଥିବା କଳାକାରମାନଙ୍କ ଜୀବନ ଦୁର୍ବିସହ ହୋଇପଡ଼ିବ। ତେଣୁ ଅଧିକାଂଶ କଳାକାର ବିକଳ୍ପ ବୃତ୍ତି କଥା ଚିନ୍ତା କରୁଛନ୍ତି। ତାଲିବାନ୍ ଭୟରେ ଅନେକ ନାମକରା କଳାକାର ଦେଶ ଛାଡ଼ି ଚାଲିଯାଇଛନ୍ତି। କୌଣସି କାରଣରୁ ରହିଯାଇଥିବା ଆର୍ଟିଷ୍ଟମାନେ ଯେକୌଣସି ପ୍ରକାରେ ଶାନ୍ତିରେ ବଞ୍ଚିବାକୁ ଚାହୁଁଛନ୍ତି।

ସୂଚନାଯୋଗ୍ୟ, ଏହାପୂର୍ବରୁ ଆଫ୍‌ଗାନ ପପ୍‌ଷ୍ଟାର ଆର୍ଯ୍ୟାନା ସଇଦ୍ କାବୁଲ ଛାଡ଼ି ଆମେରିକା ପଳାଇଛନ୍ତି। ଆଫ୍‌ଗାନିସ୍ତାନର ଏଭଳି ଦୁର୍ଦ୍ଦଶା ପଛରେ ପାକିସ୍ତାନର ପ୍ରଚ୍ଛନ୍ନ ହାତ ରହିଥିବା ସେ ଅଭିଯୋଗ କରିବା ସହିତ ପାକ୍ ଉପରେ ଆର୍ଥିକ କଟକଣା ଲଗାଇବାକୁ ଆମେରିକା ସରକାରଙ୍କୁ ନିବେଦନ କରିଛନ୍ତି। ସେହିପରି ଖ୍ୟାତନାମା ମହିଳା ଫିଲ୍ମ ଡାଇରେକ୍ଟର ସାହାରା କରିମ୍ ମଧ୍ୟ ଦେଶ ଛାଡ଼ି ୟୁକ୍ରେନ୍ ପଳାଇଛନ୍ତି। ପଳାୟନ ପୂର୍ବରୁ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ଲାଇଭ୍ ଷ୍ଟ୍ରିମିଂ କରି ସେଠାକାର ପରିସ୍ଥିତି ସମ୍ପର୍କରେ ବିଶ୍ୱବାସୀଙ୍କୁ ଅବଗତ କରାଇଥିଲେ। ତାଲିବାନ୍ ଶାସନର ପତନ ଏବଂ ଗଣତନ୍ତ୍ର ସରକାର ସ୍ଥାପନର ୨୦ ବର୍ଷ ଭିତରେ ଆଫ୍‌ଗାନିସ୍ତାନର କଳାସଂସ୍କୃତି କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ହୋଇଥିଲା। ପୁଣିଥରେ ତାଲିବାନ୍ ଶାସନର ମୂଳଦୁଆ ପଡ଼ିବା ପରେ ସେସବୁ ଇତିହାସର ଅନ୍ଧାରଗଳିକୁ ଚାଲିଯିବ ବୋଲି ଅନେକ ପ୍ରତିଭାଦୀପ୍ତ କଳାକାର ମତ ଦେଇଛନ୍ତି।

# ଅନ୍‌ଲାଇନରେ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଠକେଇ ଅଭିଯୋଗ

**ବ୍ରହ୍ମପୁର ଅଫିସ,୨୬।୮**

ଅନ୍‌ଲାଇନରେ ଟଙ୍କା ଠକେଇର ଶିକାର ହୋଇଥିବା ଗଜପତି ଜିଲାର କେତେଜଣ ଲୋକ ଗୁରୁବାର ବ୍ରହ୍ମପୁର ଆସି ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜି ସତ୍ୟବ୍ରତ ଭୋଇଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରି ଟଙ୍କା ଫେରି ପାଇବା ଦିଗରେ ସହଯୋଗ କରିବାକୁ ସେମାନେ ଗୁହାରି କରିଛନ୍ତି।

ଘଟଣାରୁ ପ୍ରକାଶ, ଏକ ନିର୍ଦ୍ଦିଷ୍ଟ ୱେବସାଇଟ୍ ଜରିଆରେ ଅନ୍‌ଲାଇନରେ ଟଙ୍କା ଜମା କଲେ ଅଧିକ ହାରରେ ସୁଧ ମିଳିବ ବୋଲି ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିରେ ବିଶ୍ୱାସ କରି ଗଜପତି ଜିଲାର କେତେଜଣ ଲୋକ ଅନ୍‌ଲାଇନରେ ସେହି ସଂସ୍ଥାର ଆକାଉଣ୍ଟରେ ଟଙ୍କା ଜମା କରିଥିଲେ। ତାଙ୍କୁ କିଛିଦିନ ପରେ ସୁଧ ମଧ୍ୟ ମିଳିଥିଲା। ଟଙ୍କା ଜମା କରିବା ପରେ ଭଲ ସୁଧ ମିଳୁଥିବାରୁ ବହୁ ଲୋକ ଏଥିପ୍ରତି ଆକୃଷ୍ଟ ହୋଇଥିଲେ। ୫ଶହ ଟଙ୍କା ଠାରୁ ଆରମ୍ଭ କରି ଲକ୍ଷାଧିକ ଟଙ୍କା ପର୍ଯ୍ୟନ୍ତ ଲୋକେ ବିନିଯୋଗ କରିଥିଲେ। ସମ୍ପୃକ୍ତ ସଂସ୍ଥା ବିଭିନ୍ନ ବଡ଼ ବଡ଼ କମ୍ପାନୀ ଶେୟାରରେ ଟଙ୍କା ବିନିଯୋଗ କରି ସେଥିରୁ ମିଳୁଥିବା ଲାଭରୁ ଜମାକାରୀଙ୍କୁ ସୁଧ ଦେଉଥିଲା ବୋଲି ଜମାକାରୀ କହିଛନ୍ତି। ଏଭଳି ପ୍ରାୟ ୩ମାସ ପର୍ଯ୍ୟନ୍ତ ଶତାଧିକ ଲୋକ ତାଙ୍କର ସୁଧ ପାଇଥିଲେ ବୋଲି କହିଛନ୍ତି। ଭଲ ସୁଧ ମିଳିବା ଲୋଭରେ ପଡ଼ି ଲୋକେ ଶେଷରେ ଲକ୍ଷାଧିକ ଟଙ୍କା ସେଥିରେ ବିନିଯୋଗ କରିଥିଲେ। କିନ୍ତୁ ଗତ କିଛିଦିନ ହେଲା ସମ୍ପୃକ୍ତ ସଂସ୍ଥା ଆଉ ଜମାକାରୀଙ୍କୁ ତାଙ୍କର ଟଙ୍କା ଫେରାଉ ନ ଥିବା ଅଭିଯୋଗ ହୋଇଛି। ଗଜପତି ଜିଲା ମୋହନା, ଗୁମ୍ମା, ଖଜୁରିପଦା, ନୂଆଗଡ଼ ଓ ଗୋଷାଣୀ ଆଦି ଅଞ୍ଚଳର ଶତାଧିକ ଲୋକଙ୍କଠାରୁ ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ଠକେଇର ଶିକାର ଲୋକେ ଡିଆଇଜିଙ୍କୁ ଭେଟି ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଏହି ସମୟରେ ମୀନ ମଣ୍ଡଳ, ରଞ୍ଜନ ମଣ୍ଡଳ, ସନ୍ଦୀପ ମଣ୍ଡଳ ଓ ପ୍ରଦୀପ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।




ଦକ୍ଷିଣାଞ୍ଚଳ ଡିଆଇଜିଙ୍କୁ ଭେଟିବାକୁ ଆସିଥିବା ଜମାକାରୀ।

# ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

**କଟକ ଅଫିସ,୨୬।୮**

## ଅନୁଭବଙ୍କ ରିଟ୍ ପିଟିଶନ ମାମଲା

- ଆଜି ପରିବାର ଅଦାଲତରେ ଶୁଣାଣି

ପାରିବାରିକ ବିବାଦ ପ୍ରସଙ୍ଗକୁ ନେଇ କଟକ ପରିବାର ଅଦାଲତରେ ଚାଲିଥିବା ମାମଲାର ତ୍ୱରିତ୍ୱ ଶୁଣାଣି ପାଇଁ କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ମାତ୍ର ଅନୁଭବଙ୍କ ଏହି ଆବେଦନର ଅନ୍ତ ଘଟାଇଛନ୍ତି ହାଇକୋର୍ଟ। ପରିବାର ଅଦାଲତରେ ମାମଲାର ଶୁଣାଣିରେ ଅଗ୍ରଗତି ହୋଇଥିବା ପ୍ରସଙ୍ଗ ବିଚାରକୁ ନେଇ ହାଇକୋର୍ଟ ଅନୁଭବଙ୍କ ଆବେଦନ ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଜଷ୍ଟିସ୍ ବି.ଆର୍. ଷଡ଼ଙ୍ଗୀଙ୍କ ଜଣିକିଆ ଖଣ୍ଡପୀଠ ଗୁରୁବାର ଏହାର ଶୁଣାଣି କରିଥିଲେ। ଅପରପକ୍ଷେ ଶୁକ୍ରବାର କଟକ ପରିବାର ଅଦାଲତରେ ଏହି ମାମଲାର ଶୁଣାଣି ହେବ ବୋଲି ଅନୁଭବଙ୍କ ଓକିଲ ଆଲୋକ ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ପାରିବାରିକ ବିବାଦ ମାମଲାର ସମାଧାନ ପାଇଁ ପୂର୍ବରୁ କଟକ ପରିବାର ଅଦାଲତଙ୍କ ମଧ୍ୟସ୍ଥତା କେନ୍ଦ୍ରରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଅନୁଭବଙ୍କୁ କାଉନ୍‌ସେଲିଂ କରାଯାଇଥିଲା। କିନ୍ତୁ ସମାଧାନ ହୋଇ ନ ପାରିବାରୁ ବୁଝାମଣା ପ୍ରକ୍ରିୟାର ଅନ୍ତ ଘଟିଥିଲା। ଉଭୟଙ୍କ ମାମଲା କଟକ ପରିବାର ଅଦାଲତରେ ଚାଲୁ ରହିଛି। ଏହି ମାମଲାର ଶୁଣାଣି ୬ ମାସ ମଧ୍ୟରେ କରିବା ପାଇଁ ଅନୁଭବ ହାଇକୋର୍ଟରେ ଗତ ଜୁଲାଇ ୨୦ ତାରିଖରେ ଏକ ରିଟ୍ ପିଟିଶନ ଜରିଆରେ ଆବେଦନ କରିଥିଲେ।



# ମୋଟୁରେ ଜାତୀୟ ଜନଜାତି କମିଶନ ସଦସ୍ୟ

**କାଲିମେଳା/ଏମ୍‌ଭି-୭୯,୨୬।୮(ଡି.ଏନ.ଏ.)**

ପୋଲାଭରମ ପ୍ରକଳ୍ପକୁ ନେଇ ଦିଲୀର ଜାତୀୟ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଗୁରୁବାର ମାଲକାନଗିରି ସୀମାନ୍ତ ମୋଟୁଠାରେ ପହଞ୍ଚି ପୋଲାଭରମ ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ଆଲୋଚନା କରିଛନ୍ତି ।

ଆନ୍ଧ୍ର ସରକାରଙ୍କ ଦ୍ୱାରା ନିର୍ମାଣ ହେଉଥିବା ଇନ୍ଦିରା ସାଗର ବହୁମୁଖୀ ପୋଲାଭରମ ଡ୍ୟାମ୍ ପ୍ରକଳ୍ପ ଦ୍ୱାରା ଓଡ଼ିଶା, ଛତିଶଗଡ଼,ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଆଦି ୪ଟି ରାଜ୍ୟର ଜନସାଧାରଣ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହେବେ। ପ୍ରକଳ୍ପ ଦ୍ୱାରା ଅନେକ ଅଞ୍ଚଳ ବୁଡ଼ିଯାଇ ଚାଷ ଉଜୁଡିଯିବ । ଲୋକେ ବାସଚ୍ୟୁତ ହୋଇ ଜୀବନ ଜୀବିକା ହରାଇବେ। ଏହି ପ୍ରକଳ୍ପକୁ କେନ୍ଦ୍ର ସରକାର ଜାତୀୟ ପ୍ରକଳ୍ପ ମାନ୍ୟତା ଦେଇଥିବା ବେଳେ ଓଡ଼ିଶା ସରକାର ପ୍ରକଳ୍ପକୁ ବିରୋଧକରି ଆସୁଛନ୍ତି। ତେବେ ଏହି ପ୍ରକଳ୍ପର ଉଚ୍ଚତା କମାଇବା ପାଇଁ ପ୍ରକଳ୍ପ ବିରୋଧୀ ମଞ୍ଚ ପକ୍ଷରୁ ବାରମ୍ବାର ସଭାସମିତି, ରାଲି, ଜଳ ସତ୍ୟାଗ୍ରହ ଆଦି କରାଯାଉଛି। କମିଶନ ସଦସ୍ୟ ନାୟକଙ୍କ ସହ ଅତିରିକ୍ତ ନିର୍ଦ୍ଦେଶକ ଅଶୋକ ବର୍ଦ୍ଧନ, ବରିଷ୍ଠ ପରାମର୍ଶଦାତା ରାଧାକାନ୍ତ ତ୍ରିପାଠୀ, ଜନଜାତି ମୋର୍ଚ୍ଚା ସଦସ୍ୟ ଉମା ମହେଶ୍ୱର ରାଓ, ବି.ବି.ବି ବେଣୁଭାରତୀ ଉପସ୍ଥିତ ଥିଲେ। ଏହି ସମୟରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ଜିଲାପାଳ ବିଶାଲ ସିଂ, ପିଏ ଆଇଟିଡିଏ କ୍ଷୀରୋଦ ବେହେରା, ଚିନ୍ତୁର ପିଏ ଆଇଟିଡିଏ ଭେଙ୍କଟ ରାବଣା, ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ପଟେରୁ ଜଳସେଚନର ଅଧୀକ୍ଷଣ ଯନ୍ତ୍ରୀ ମାଙ୍ଗେଲାଲ ଜେନା, କାଲିମେଳା ବିଡିଓ ଉମାଶଙ୍କର ଦଳାଇ, ତହସିଲଦାର ଦୁର୍ଗା ପ୍ରସାଦ ଦୋରା, ମୋଟୁ ତହସିଲଦାର ଶଶାଙ୍କ ମିଶ୍ର, ପ୍ରକଳ୍ପ ବିରେଧୀ ମଞ୍ଚ ସଭାପତି ପ୍ରଭାକର ହନ୍ତାଳ, ଛତିଶଗଡ଼ ଖୁଣ୍ଟାର ବନବାସୀ କଲ୍ୟାଣ ଆଶ୍ରମରୁ ବିଜୟ କୁମାରଙ୍କ ସମେତ ୩ ରାଜ୍ୟରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ସଦସ୍ୟମାନେ ପୂର୍ବାହ୍ନ ୧୧ଟାରେ ମୋଟୁଠାରେ ପହଞ୍ଚି ପ୍ରଥମେ ପୁଶୁଗୁଡ଼ା ପଞ୍ଚାୟତ ସଭାଗୃହରେ ଏକ ବୈଠକ କରିଥିଲେ। ସଭାରେ ମୋଟୁ, ପୁଶୁଗୁଡ଼ା,ମାଲାଭରମ ଲଛିପେଟା, ତାଣ୍ଡବାଇ ପଞ୍ଚାୟତର ଲୋକଙ୍କ ସହ ଆଲୋଚନା କରିଥିଲେ। ପୋଲାଭରମ ଦ୍ୱାରା କେତେ ଅଞ୍ଚଳ ଜଳମଗ୍ନ ହେବ, କେଉଁଭଳି ସମସ୍ୟା ସୃଷ୍ଟି ହେବ ସେନେଇ ମତାମତ ଲୋଡ଼ିଥିଲେ। ପୁଶୁଗୁଡ଼ା ପଞ୍ଚାୟତର ସାବେରୀ ନଦୀ କୂଳରେ ଅବସ୍ଥିତ ପେଟା ଗ୍ରାମକୁ ଯାଇ ନଦୀକୂଳସ୍ଥିତ ଚାଷଜମି ଅନୁଧ୍ୟାନ କରିଥିଲେ। ମାଲାଭରମ ପଞ୍ଚାୟତର ସିଲେରୁ ନଦୀକୂଳରେ ଥିବା ନିଲାକୁଟା ଗ୍ରାମରେ ପହଞ୍ଚି ନାୟକ ଗ୍ରାମବାସୀଙ୍କ ସହ ଆଲୋଚନାକରି ପରେ ମୁର୍ଗି ପଏଣ୍ଟ ଯାଇଥିଲେ। ସେ ଜିଲାପାଳଙ୍କ ସହ ମଧ ଆଲୋଚନା କରିଥିଲେ। । ଆନ୍ଧ୍ର ଓ ଛତିଶଗଡ଼ ପୋଲାଭରମ ପ୍ରଭାବିତ ଅଞ୍ଚଳ ସର୍ଭେ ସହ କ୍ଷୟକ୍ଷତି ଆକଳନ କରି ଲୋକଙ୍କୁ କ୍ଷତିପୂରଣ ଦେବା ବ୍ୟବସ୍ଥା କରିଥିବା ବେଳେ ଓଡ଼ିଶା ସରକାର ଏଯାଏ କିଛି କାର୍ଯ୍ୟ ଆରମ୍ଭ କରିନାହାନ୍ତି ବୋଲି କମିଶନ ସଦସ୍ୟଙ୍କ ନିକଟରେ ମାଲକାନଗିରି ବିଧାୟକ ମାଢି ଅଭିଯୋଗ କରିଥିଲେ।




ମୋଟୁ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ଜାତୀୟ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକ।

## ପୋଲାଭରମ ପ୍ରକଳ୍ପ ନେଇ ଲୋକଙ୍କ ସହ ଆଲୋଚନା କଲେ

- ଓଡ଼ିଶା ସରକାର ପ୍ରକଳ୍ପକୁ ବିରୋଧ କରି ଆସୁଛନ୍ତି
- ଉଚ୍ଚତା କମାଇବା ପାଇଁ ଦାବି କରୁଛି ପ୍ରକଳ୍ପ ବିରୋଧୀ ମଞ୍ଚ
- ରାଜ୍ୟ ସରକାରଙ୍କ ବିରୋଧରେ ମାଲକାନଗିରି ବିଧାୟକଙ୍କ ଅଭିଯୋଗ

# ନାଳରୁ ୨ ମୃତଦେହ ଜବତ

**ଗୋପାଳପୁର,୨୬।୮(ଡି.ଏନ.ଏ.)**

ବ୍ରହ୍ମପୁର ପୋଲିସ ଜିଲା ଅଧିନ ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋଳନ୍ଥରା ଗ୍ରାମର ଶେଷରେ ଥିବା ସୁରି ନାଳରୁ ଗୁରୁବାର ସନ୍ଧ୍ୟାରେ ପୋଲିସ ଦୁଇ ଜଣଙ୍କ ମୃତଦେହ ଜବତ କରିଛି। ସେମାନେ ହେଲେ ଗୋଳନ୍ଥରା ଗ୍ରାମର ସନାତନ ଜେନା (୫୫) ଏବଂ ରାଜୁ ଗୌଡ଼ (୪୫) । ତେବେ କିଭଳି ଓ କେଉଁ ପରିସ୍ଥିତିରେ ଉଭୟଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇପାରିନାହିଁ। ରାଜୁ ଓ ସନାତନ ଗତ ବୁଧବାର ରାତି ପ୍ରାୟ ସାଢେ ୮ଟାରେ ଗ୍ରାମ ଠାରୁ ୧ କି.ମି. ଦୂରରେ ଥିବା ନାଳରୁ ନିଜ ଜମିକୁ ପାଣି ମଡ଼ାଇବାକୁ ଯାଇଥିଲେ। ଗୁରୁବାର ପୂର୍ବାହ୍ନ ସୁଦ୍ଧା ସେମାନେ ଘରକୁ ନ ଫେରିବାରୁ ଉଭୟଙ୍କ ପରିବାର ବର୍ଗ ଓ ଗ୍ରାମର କେତେଜଣ ଯୁବକ ବହୁ ଖୋଜାଖୋଜି କରିଥିଲେ ମଧ ପତ୍ତା ମିଳି ନ ଥିଲା। ଅପରାହ୍ନରେ ସୁରି ନାଳରେ ରାଜୁଙ୍କ ମୃତଦେହ ଉପରେ ସନାତନଙ୍କ ମୃତଦେହ ପଡ଼ି ରହିଥିବା ଦେଖାଯାଇଥିଲା। ଖବରପାଇ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଏବଂ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କିଭଳି ଏକା ସାଙ୍ଗରେ ୨ଜଣଙ୍କ ମୃତ୍ୟୁ ଘଟିଲା ଏବଂ ମୁହଁରେ ରକ୍ତ ଲାଗିଥିବାରୁ ସନ୍ଦେହ ସୃଷ୍ଟି କରିଛି। ଏ ନେଇ ନଂ. ୨୬/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି ପୋଲିସ। ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି।

## ସଂକ୍ଷେପରେ

### ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ ଅଫିସ, ୨୬।୮- ନାବାଳିକା ବଳାତ୍କାର ମାମଲାର ବିଚାର କରି ଗୁରୁବାର ଫୁଲବାଣୀ ଫାଷ୍ଟ ଟ୍ରାକ କୋର୍ଟ ସ୍ୱତନ୍ତ୍ର ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରାଯାଇଛି। ଜରିମାନା ଟଙ୍କା ଆଦାୟ ହେଲେ ପୀଡ଼ିତାଙ୍କୁ ପ୍ରଦାନ କରାଯିବ। ଅଭିଯୁକ୍ତ ହେଲେ ବାଲିଗୁଡା ଥାନା ଟୁଟେପାଙ୍ଗାର ବିରାଟ ସିଂ ମଲ୍ଲିକ। ୨୦୧୪ ଡିସେମ୍ବରରେ ବିରାଟ ତାଙ୍କ ଜମିରେ ଆଳୁ ଖୋଳିବା ପାଇଁ ପାଖ ଗ୍ରାମର ଜଣେ ନାବାଳିକାଙ୍କୁ ଡାକି ନେଇଥିଲେ। ସେଠାରେ ଏକୁଟିଆର ସୁଯୋଗ ନେଇ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ବାଲିଗୁଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ବିରାଟଙ୍କୁ ଗିରଫ କରିଥିଲା। ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

### ଇ-ଶ୍ରମ ପୋର୍ଟାଲ ଶୁଭାରମ୍ଭ

ନୂଆଦିଲ୍ଲୀ,୨୬।୮: କେନ୍ଦ୍ର ସରକାର ନୂଆ ଇ-ଶ୍ରମ ପୋର୍ଟାଲ ଶୁଭାରମ୍ଭ କରିଛନ୍ତି। ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ଲାଭ ସିଧାସଳଖ ପ୍ରଦାନ କରିବା ଲାଗି ଉକ୍ତ ପୋର୍ଟାଲକୁ ଉନ୍ମୋଚନ କରାଯାଇଛି। କେନ୍ଦ୍ର ଶ୍ରମ ଏବଂ ରୋଜଗାର ମନ୍ତ୍ରୀ ଭୁପେନ୍ଦ୍ର ଯାଦବ, ଶ୍ରମ ରାଷ୍ଟ୍ର ମନ୍ତ୍ରୀ ରାମେଶ୍ୱର ତେଲୀ ଏହି ଅବସରରେ ଉପସ୍ଥିତ ଥିଲେ। ପୋର୍ଟାଲ ଶୁଭାରମ୍ଭ ପରେ ପରେ ଅଣ ସଙ୍ଗଠିତ କ୍ଷେତ୍ରର ଶ୍ରମିକ ଏଠାରେ ପଞ୍ଜୀକରଣ କରିବାକୁ ସକ୍ଷମ ହୋଇଛନ୍ତି। ଗୋଟିଏ ପ୍ଲାଟଫର୍ମରେ ସବୁ ପ୍ରକାରର ସାମାଜିକ ସୁରକ୍ଷା ସ୍କିମର ଲାଭ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ପୋର୍ଟାଲରେ ପଞ୍ଜୀକରଣ କରିବା ପରେ ପ୍ରଥମ ଗୋଟିଏ ବର୍ଷ ଲାଗି ଦୁର୍ଘଟଣା ବୀମା ମଧ ମିଳିବ। କମନ ସର୍ଭିସ ସେଣ୍ଟରଗୁଡିକରେ ଆଙ୍ଗୁଠି ଇମ୍ପ୍ରେସନ ସହ ପଞ୍ଜୀକରଣ କଲେ କାର୍ଡ ତୁରନ୍ତ ମିଳିବ। ପଞ୍ଜୀକରଣ ଲାଗି କୌଣସି ଦେୟ ଦେବାକୁ ପଡିବନି। ସେଣ୍ଟରଗୁଡିକୁ ସରକାର ଏଥିଲାଗି ୨୦ ଟଙ୍କା ପ୍ରଦାନ କରିବେ ବୋଲି ଜଣାପଡିଛି।

### ସେବାମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ

ସୋନପୁର,୨୬।୮(ନି.ପ୍ର.)
ଯୁବ ରେଡକ୍ରସ ସୁବର୍ଣ୍ଣପୁର ଜିଲା ଶାଖାର କାର୍ଯ୍ୟକାରୀ କମିଟି ବୈଠକ ସୋନପୁର କଲେଜରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ ସଭାରେ ଅଧକ୍ଷତା କରିଥିଲେ। ଭାରତୀୟ ରେଡକ୍ରସ ସୋସାଇଟି, ଓଡିଶା ରାଜ୍ୟ ଶାଖା ଯୁବ ରେଡକ୍ରସ ଅଧିକାରୀ ଡକ୍ଟର ଅଜୟ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡକ୍ରସର ସେବା ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଓଡିଶା ରାଜ୍ୟ ଶାଖା ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେବା ମନୋଭାବ ଉଦ୍ରେକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ରେଡକ୍ରସ ସୋସାଇଟି ଉପସଭାପତି ସତ୍ୟନାରାୟଣ ହୋତା ଯୋଗ ଦେଇଥିଲେ। ଯୁବ ରେଡକ୍ରସ ସଂଯୋଜକ ଅଧାପକ ଉମାକାନ୍ତ ନାଗ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଜିଲାର ୩୭ ଜୁନିୟର, ଡିଗ୍ରୀ କଲେଜ ଅଧକ୍ଷ ଓ ରେଡକ୍ରସ ପରାମର୍ଶଦାତା ଯୋଗ ଦେଇଥିଲେ।

# ୨୦ ବର୍ଷରେ ଲକ୍ଷେ ଗଛ ବଳି

ବିଭୁପ୍ରସାଦ ବେହେରା
ଭଦ୍ରକ ଅଫିସ,୨୬।୮

ଅମ୍ଳଜାନର ଘୋର ଅଭାବ ପରିଲକ୍ଷିତ ହେଉଛି। ଏଣୁ ଚାରାରୋପଣ ଉପରେ ସମସ୍ତେ ଗୁରୁତ୍ୱ ଦେଇ ଆସୁଛନ୍ତି। ଏଭଳି ସ୍ଥିତିରେ ଭଦ୍ରକ ଜିଲାରେ ସମୁଦ୍ର କୂଳଠାରୁ ରାସ୍ତାଘାଟ, ନଦୀ ନାଳ ପର୍ଯ୍ୟନ୍ତ ସବୁଠି ପରିବେଶ ସବୁଜିମା ହରାଇବାକୁ ବସିଛି। ଜିଲାରେ ୨୦୦୦ ମସିହା ପରଠାରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନାମରେ ୨୦ ବର୍ଷ ମଧ୍ୟରେ ଲକ୍ଷାଧିକ ଗଛ ବଳି ପଡ଼ିଛି।

ପ୍ରଥମେ ଜିଲା ମଧ ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥକୁ ୪ଲାଇନ ବିଶିଷ୍ଟ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଗଛ କଟା ଆରମ୍ଭ ହୋଇଥିଲା। ସରକାରୀ ସୂଚନା ମୁତାବକ ଆଖୁଆପଦାଠାରୁ ରାଣୀତାଲ ପର୍ଯ୍ୟନ୍ତ ୪୦ କିଲୋମିଟର ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁ ପାର୍ଶ୍ୱରେ ଥିବା ଛୋଟ ଗଛ କଟାକୁ ବାଦ୍ ଦେଇ ୧୧,୨୪୦ଟି ବଡ଼ ଗଛ କଟାଯାଇଛି। କିନ୍ତୁ ୫୦ହଜାରରୁ ଅଧିକ ଗଛ କଟାଯାଇଥିବା ଏକ ବେସରକାରୀ ସଂସ୍ଥା ଆକଳନ କରିଛି। ଜିଲାର ଜୀବନରେଖା କୁହାଯାଉଥିବା ସାଳନ୍ଦୀ ସଂସ୍କାର ଯୋଜନା ଅଧୀନରେ ଦୀର୍ଘ ୪୫ କି.ମି. ନଦୀକୁ ସଂସ୍କାର କରାଯାଇଥିଲା। ଫଳରେ ଉଭୟ



ଭଦ୍ରକ ସହର ରାସ୍ତା ସମ୍ପ୍ରସାରଣ ପାଇଁ ଗଛ କଟାଯାଉଛି।

- ସବୁଜିମା ହରାଉଛି ପରିବେଶ
- ସନ୍ତୋଷଜନକ ନୁହେଁ ବନୀକରଣ

ସାଳନ୍ଦୀ ଓ ନାଳିଆ ନଦୀ ପାର୍ଶ୍ୱ ବନ୍ଧରେ ଥିବା ୭,୪୧୧ଟି ବଡ଼ ଗଛକୁ ବେଆଇନ ଭାବେ କଟାଯାଇଥିଲା। ତେବେ ଏହି ଯୋଜନାରେ କେବଳ ବ୍ୟକ୍ତିଗତ ମାଲିକାନାରେ ଥିବା ଗଛଗୁଡ଼ିକୁ ଜାତୀୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ ହିସାବକୁ ବାଧ ହୋଇ ନେଇଥିଲା। ପ୍ରକୃତରେ ନଦୀ କୂଳରେ ଥିବା ୧ ଲକ୍ଷରୁ ଅଧିକ ଛୋଟ ବଡ଼ ଗଛ ସଫା କରି ଦିଆଯାଇଛି। ୨୦୦୯ରେ ରେବ ଓ କପାଳି ନଦୀର ସଂସ୍କାର ଯୋଜନା କାର୍ଯ୍ୟକାରୀ ସମୟରେ ମାତ୍ର ୧୬୯ ଗଛ କଟାଯାଇଥିବା ଭୂ-ଅର୍ଜନ କାର୍ଯ୍ୟାଳୟ ସୂଚନା ଦେଇଥିଲେ ମଧ ବାସ୍ତବରେ ଲକ୍ଷାଧିକ ଗଛ କଟାଯାଇଥିବା ଏକ ବେସରକାରୀ ସଂସ୍ଥାର ଆକଳନରୁ ଜଣାପଡ଼ିଛି। ସେହିପରି ୭ ବ୍ଲକ ଅଞ୍ଚଳରେ ଥିବା ୧୫୨ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣରେ ଛୋଟ ବଡ଼ ମିଶାଇ ୬୦ ହଜାର, ଚାନ୍ଦବାଲି- ଭଦ୍ରକ ୫୨ କି.ମି. ଓ ଭଦ୍ରକ-ଆନନ୍ଦପୁର ୪୦ କି.ମି. ରାଜ୍ୟ ରାଜପଥ ସମ୍ପ୍ରସାରଣ ବେଳେ ୧୫,୬୪୦, ବୃହତ୍ ଧାମରା ବନ୍ଦର ପ୍ରତିଷ୍ଠା ପାଇଁ ସମୁଦ୍ର କୂଳରେ ଥିବା ହେନ୍ତାଳ ବଣଠାରୁ ଆରମ୍ଭ କରି ବ୍ୟକ୍ତିଗତ ମାଲିକାନାରେ ଥିବା ଶତାଧିକ ଗଛ କାଟି ସଫା କରାଯାଇଥିଲା। ବ୍ୟକ୍ତିଗତ ମାଲିକାନାରେ ଥିବା ଧାମରା ଅଞ୍ଚଳରେ ମାତ୍ର ୨୨୩୦ ଗଛ କଟାଯାଇଥିବା ସ୍ୱତନ୍ତ୍ର ଭୂ-ଅର୍ଜନ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। କିନ୍ତୁ ପ୍ରକୃତରେ ଏଠାରେ ୫୦ ହଜାରରୁ ଅଧିକ ଛୋଟ ବଡ଼ ଗଛ କଟାଯାଇଛି। ୨୦୨୦ରେ ଭଦ୍ରକ ସହରରେ ରାସ୍ତା ସୌନ୍ଦର୍ଯ୍ୟକରଣ ନାମରେ ବେଆଇନ ଭାବେ ଛୋଟ ବଡ଼ ଗଛ କଟାଯାଇଥିବା ନେଇ ମଧ ଅଭିଯୋଗ ହୋଇଥିଲା। ଜିଲାରେ ଉନ୍ନୟନ କାର୍ଯ୍ୟ ନିମନ୍ତେ ହଜାର ହଜାର ପୁରୁଣା ବୃକ୍ଷକୁ କାଟି ଦିଆଯାଇଛି। କିନ୍ତୁ ତାହାର ଭରଣା ଲାଗି ପ୍ରଶାସନ କିମ୍ବା ଜଙ୍ଗଲ ବିଭାଗ ପକ୍ଷରୁ ସେପରି କିଛି ପଦକ୍ଷେପ ନିଆଯାଇପାରି ନ ଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଜିଲା ବନ ବିଭାଗ ଅଧିକାରୀ ସାଧନା ବେହେରାଙ୍କୁ ପଚାରିବାରୁ କହିଛନ୍ତି, ୨୦୨୧ରେ ୧୦୪ କିଲୋମିଟର ବ୍ୟାସାର୍ଦ୍ଧରେ ଚାରାରୋପଣ କରାଯାଇଛି। ବ୍ଲକ ପ୍ରଶାସନ ମାଧ୍ୟମରେ ୨୬ ହେକ୍ଟର ଜାଗାରେ ଗଛ ଲଗାଯାଇଛି। କିନ୍ତୁ ଉନ୍ନୟନ କାର୍ଯ୍ୟ ପାଇଁ କଟାଯାଇଥିବା ସ୍ଥାନରେ ନୂଆ ଗଛ ଲଗାଯାଇ ପାରି ନ ଥିବା ସେ ସ୍ୱୀକାର କରିଛନ୍ତି।

### ପୂର୍ବତନ କନିଷ୍ଠ କିରାଣି ଭିଜିଲାନ୍ସ କୋର୍ଟରେ ଦଣ୍ଡିତ

ରାଉରକେଲା ଅଫିସ୍/ ସୁନ୍ଦରଗଡ, ୨୬।୮(ଡି.ଏନ୍.ଏ)

ସୁନ୍ଦରଗଡ ଜିଲା ପାନପୋଷ ସବରେଜିଷ୍ଟ୍ରାର ଅଫିସ୍‌ର ପୂର୍ବତନ କିରାଣୀ ନିତ୍ୟାନନ୍ଦ ବେହେରା ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଏହି ପୂର୍ବତନ କିରାଣୀ ଜଣକ ୨୦୦୯ରେ ଗୋଟିଏ ଜମିର ଲିଜ୍ ସେଲ୍ ଡିଡ୍ ପ୍ରଦାନ ପାଇଁ ଜଣେ ବ୍ୟକ୍ତିଙ୍କ ଠାରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ତାଙ୍କ ବିରୋଧରେ ହୋଇଥିବା ମାମଲାର ବିଚାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅଶ୍ୱିନୀ କୁମାର ନାଏକ ଗତ ୨୩ ତାରିଖରେ କିରାଣୀ ବେହେରାଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୬ ମାସ ଜେଲ୍ ଦଣ୍ଡ ପାଇଁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ସମ୍ପୃକ୍ତ ପୂର୍ବତନ କିରାଣୀ ଜଣକ ଗତ ୨୦୦୯ ନଭେମ୍ବର ୩ରେ ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ସେତେବେଳେ ସମ୍ପୃକ୍ତ କିରାଣୀଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୬୭/୨୦୦୯) ରୁଜୁ ହୋଇଥିଲା। ଏହି ମାମଲାଟି ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଧର୍ମେଶ ପଟେଲ ପରିଚାଳନା କରୁଥିଲେ।

## ଜାଲ୍ ସାର୍ଟିଫିକେଟ୍‌ରେ ଖେଳ ଶିକ୍ଷକ

### ବ୍ଲକର ଆଉ ୧୧ ଏଭଳି ଚାକିରି ହାତେଇଥିବା ଅଭିଯୋଗ

ସମ୍ବଲପୁର,୨୬।୮(ବ୍ୟୁରୋ)

ସମ୍ବଲପୁର ଜିଲାରେ ଜାଲ୍ ସାର୍ଟିଫିକେଟ ଜରିଆରେ ଅନେକେ ଚାକିରି ହାତେଇଛନ୍ତି। ଏବେ ଶିକ୍ଷା ବିଭାଗରେ ଏପରି ଏକ ଘଟଣା ପଦାକୁ ଆସିଛି। ଝୁମୁରା ହାଇସ୍କୁଲର ଖେଳ ଶିକ୍ଷକ ମନୋରଞ୍ଜନ ଦେହୁରି ଏପରି ଜାଲିଆତି କରିଥିବା ଅଭିଯୋଗ ହୋଇଛି। ଝୁମୁରା ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଭଗବାନ ବାଙ୍କିରା ଏ ନେଇ ଝୁମୁରା ଥାନାରେ ଅଭିଯୋଗ କରିଛନ୍ତି। ମନୋରଞ୍ଜନ ଚାକିରି କରିବା ସମୟରେ ଯୁକ୍ତ ୨ ସାର୍ଟିଫିକେଟ ଦେଇଥିଲେ। ହେଲେ ସେଥିରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। କାଉନ୍‌ସିଲ ଅଫିସକୁ ଯାଞ୍ଚ ପାଇଁ ପଠାଇବା ପରେ ତାହା ନକଲି ବୋଲି ଜଣାପଡିଥିଲା। ଉକ୍ତ ଶିକ୍ଷକଙ୍କୁ ଏ ନେଇ ନୋଟିସ କରାଯାଇଥିଲା। ହେଲେ ସେ ଚାକିରିରୁ ନିଜଆଡୁ ଇସ୍ତଫା ଦେଇଛନ୍ତି।

ଅନ୍ୟପଟେ ଝୁମୁରା ଅଞ୍ଚଳରେ ଆଉ ୧୧ଜଣ ଏଭଳି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହେଉଛି। ସେମାନେ ମଧ ବିଭିନ୍ନ ସ୍କୁଲରେ କାର୍ଯ୍ୟରତ ଅଛନ୍ତି। ରେଢାଖୋଲ ଅଞ୍ଚଳର ଜଣେ ଯୁବକଙ୍କ ସହାୟତାରେ ଏହି ଜାଲ୍ ସାର୍ଟିଫିକେଟ ହାତେଇଥିବା ଚର୍ଚ୍ଚା ହେଉଛି। ପୋଲିସ ତଦନ୍ତ କରାଗଲେ ଏହି ର୍ୟାକେଟର ରହସ୍ୟ ଉନ୍ମୋଚନ ହୋଇପାରିବ। ଅନ୍ୟ ବିଭାଗରେ ମଧ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି ହାତେଇଥିବା କର୍ମଚାରୀ ଧରାପଡିବେ। ଏ ସମ୍ପର୍କରେ ବିଇଓ ବାଙ୍କିରା କହିଛନ୍ତି, ମନୋରଞ୍ଜନଙ୍କ ନାମରେ ମାମଲା ରୁଜୁ କରିବାକୁ ଜିଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେ ଏକ ସମୟରେ ୪ଟି ପଦବୀରେ କାର୍ଯ୍ୟ ତୁଲାଉଥିବାରୁ ବିଳମ୍ବ ହୋଇଥିଲା। ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ କୁହାଯାଇଥିବା ସେ କହିଥିଲେ।

### କୋରେକ୍ସ ବିକି ଜଣେ ଗିରଫ

ପୁରୀ ଅଫିସ,୨୬।୮

ବେଆଇନ ଭାବେ କୋରେକ୍ସ ବିକିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ପେଣ୍ଠକଟା ଅଞ୍ଚଳର ରୁଦ୍ର ନାରାୟଣ ସେଠୀ ଓରଫ ବଣ୍ଟି (୩୬)। ପୋଲିସ ତାଙ୍କଠାରୁ ୨୮ କୋରେକ୍ସ ବୋତଲ ଜବତ କରିଛି। ଏ ନେଇ ପୋଲିସ ନଂ.୧୭୯/ ୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସମୁଦ୍ରକୂଳ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ପେଣ୍ଠକଟା ଭୁଦାନ ଛକ ନିକଟରେ ଜଣେ ଯୁବକ କୋରେକ୍ସ ବିକ୍ରି କରୁଥିବା ସୂଚନା ମିଳିଥିଲା।

### ଜିଏମ୍‌ୟୁ ଯୁଜିରେ ୨ ପାଠ୍ୟକ୍ରମ ସାମିଲ

ସମ୍ବଲପୁର,୨୬।୮(ବ୍ୟୁରୋ)

ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଯୁଜିରେ ଆଉ ୨ ପାଠ୍ୟକ୍ରମ ସାମିଲ ହୋଇଛି। ଚଳିତ ଶିକ୍ଷାବର୍ଷଠାରୁ ସମାଜ ବିଜ୍ଞାନ ଓ ଆନ୍ଥ୍ରୋପୋଲୋଜିରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହୋଇଛି। ଫଳରେ ମୋଟ ପାଠ୍ୟକ୍ରମ ସଂଖ୍ୟା ୨୫ରେ ପହଞ୍ଚିଛି ବୋଲି ଡେପୁଟି ରେଜିଷ୍ଟ୍ରାର ଉମା ଚରଣ ପତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୧୯-୨୦ ଶିକ୍ଷାବର୍ଷରେ ଏହି ୨ ପାଠ୍ୟକ୍ରମ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କେତେକ ସମସ୍ୟା ଯୋଗୁ ଆରମ୍ଭ ହୋଇପାରି ନ ଥିଲା। ଚଳିତ ଶିକ୍ଷାବର୍ଷରୁ ଆରମ୍ଭ କରିବାକୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ ନିର୍ଦ୍ଦେଶ କରିଛନ୍ତି। ଏହି ୨ ବିଭାଗରେ ୩୨ଟି ଲେଖାଏ ସିଟ୍ ରହିଛି। ପଶ୍ଚିମ ଓଡ଼ିଶାର ବହୁ ଛାତ୍ରୀଛାତ୍ର ଏହି ପାଠ୍ୟକ୍ରମ ପାଇଁ ଇଚ୍ଛାପ୍ରକାଶ କରୁଥିଲେ। ସୁବିଧା ନ ଥିବାରୁ ରାଜ୍ୟ ବାହାରକୁ ଯାଇ ଅଧ୍ୟୟନ କରୁଥିଲେ। ଏବେ ଛାତ୍ରୀଛାତ୍ର ସୁବିଧାରେ ପଢିପାରିବେ। ଏହି ପାଠ୍ୟକ୍ରମରେ ନିଯୁକ୍ତିର ସୁଯୋଗ ରହିଛି ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ୨୦୧୫ରେ ଗଙ୍ଗାଧର ମେହେର କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲା। ଏଥିରେ ୨୬ ପିଜି, ୨୬ ଏମ୍‌ଫିଲ, ୨୬ ପିଏଚ୍‌ଡି ପାଠ୍ୟକ୍ରମ ରହିଛି।

## ୧୦ ଦିନରେ ୪୯୪୫ ଅଭିଯୁକ୍ତ ଗିରଫ

### ରାଜ୍ୟ ପୋଲିସର ସ୍ପେଶାଲ ଡ୍ରାଇଭ୍

- ଫେରାର ଅଭିଯୁକ୍ତଙ୍କୁ ଆତ୍ମସମର୍ପଣ ପାଇଁ ଡିଜିପିଙ୍କ ଚେତାବନୀ

କଟକ ଅଫିସ, ୨୬।୮

ଜାମିନ୍ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଓ ଅଦାଲତ ଅବମାନନା ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ରାଜ୍ୟ ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି। ତଦନୁଯାୟୀ ଗତ ୧୬ରୁ ୨୫ ତାରିଖ ମଧ୍ୟରେ ବିଭିନ୍ନ ଜିଲାରୁ ମୋଟ୍ ୪୯୪୫ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୪୬୭ ଜଣଙ୍କୁ ସେସନ ଟ୍ରାଏଲ୍ (ଏସ୍.ଟି), ୩୫୧୭ ଜଣଙ୍କୁ ଜେନେରାଲ ରେଜିଷ୍ଟର୍ଡ (ଜି.ଆର୍) ଏବଂ ୯୬୧ ଜଣଙ୍କୁ ବିଭିନ୍ନ ମାମଲାରେ ଗିରଫ କୋର୍ଟ ଚାଲାଣ କରାଯାଇଛି। ଗଞ୍ଜାମ ଜିଲାରୁ ସର୍ବାଧିକ ୮୫୦, ବାଲେଶ୍ୱର ଜିଲାରୁ ୬୪୫, ଖୋର୍ଦ୍ଧାରୁ ୫୪୭, କନ୍ଧମାଳ ଏବଂ କଟକ ଜିଲାରୁ ୨୭୮ଜଣଙ୍କୁ ଗିରଫ କରାଯାଇଛି। ୧୦ ଦିନ ମଧ୍ୟରେ ଏତେସଂଖ୍ୟକ ଅଭିଯୁକ୍ତଙ୍କୁ ଗିରଫ କରିଥିବାରୁ ସମସ୍ତ ଜିଲାର ଏସ୍‌ପି ଓ କର୍ମଚାରୀଙ୍କୁ ଡିଜିପି ଅଭୟ ସାଧୁବାଦ୍ ଜଣାଇଛନ୍ତି। ବିଶେଷକରି ଗଞ୍ଜାମ, ବାଲେଶ୍ୱର, ଖୋର୍ଦ୍ଧା, କଟକ ଏବଂ କନ୍ଧମାଳ ଜିଲା ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଡିଜିପି ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଅପରପକ୍ଷେ ଯେଉଁ ଅଭିଯୁକ୍ତମାନେ ଅଦାଲତଙ୍କ ଆଦେଶକୁ ଅବମାନନା କରି ଲୁଚି ରହିଛନ୍ତି, ସେମାନେ ତୁରନ୍ତ ଅଦାଲତ କିମ୍ବା ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଡିଜିପି ଗଣମାଧ୍ୟମ ଜରିଆରେ ଚେତାବନୀ ଦେଇଛନ୍ତି।

## 'ଆଗାମୀ ଦିନରେ ଜଳସଙ୍କଟ ଗୁରୁତର ହେବ'

ଆଳି,୨୬।୮(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାଠାରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ବିରୋଧ କରିଛନ୍ତି। ଜଳସେଚନ ବିଭାଗର ଅନୁମୋଦନ ବିନା ପ୍ରକଳ୍ପ କଲେ ତା'ର ପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡିବ। ଆଗାମୀ ଦିନରେ ସେଠାରେ ଭୟଙ୍କର ଜଳସଙ୍କଟ ଦେଖା ଦେବ ବୋଲି ସେ କହିଛନ୍ତି। ଅଚ୍ୟୁତପୁର ଗାଁ ମା' ଅନ୍ଧାରଘରଣୀ ପୀଠରେ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଚାଲିଥିବା ଧାରଣାସ୍ଥଳରେ ମହାପାତ୍ର ଗୁରୁବାର ପହଞ୍ଚି ପ୍ରଥମେ ସମିତି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ସେ କହିଛନ୍ତି, ଜଳସେଚନ ବିଭାଗର ଅଗୋଚରରେ ଏହି ପ୍ରକଳ୍ପ କରାଇ ନେବାକୁ ଚେଷ୍ଟା ଚାଲିଛି। ଯଦି ଏପରି ହୁଏ ଆଳି ସମେତ ଭଦ୍ରକ ଜିଲାର ଯେଉଁ ୯୧ ପଞ୍ଚାୟତକୁ ପାଣି ଯୋଗାଇ ଦେବାକୁ ସରକାର ଚାହୁଁଛନ୍ତି ତାହା ସ୍ୱପ୍ନ ହୋଇଯିବ। ବ୍ରାହ୍ମଣୀ ବେସିନରେ ଥିବା ଖରସ୍ରୋତା ନଦୀରେ ମୌସୁମୀ ଓ ଅଣମୌସୁମୀରେ କେତେ ପାଣି ରହୁଛି ତାହାର ପ୍ରକୃତ ତଥ୍ୟ ପ୍ରକଳ୍ପ କରୁଥିବା ଠିକା ସଂସ୍ଥା ନିକଟରେ ନାହିଁ। ଜିଲା ପ୍ରଶାସନ ଲୋକଙ୍କ ସହ ଆଲୋଚନା ନ କରି ଜୋର ଜବରଦସ୍ତ ପ୍ରକଳ୍ପ କରିବାକୁ ଚାହୁଁଛନ୍ତି। ଫଳରେ ଖରସ୍ରୋତା ନଦୀର ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଉଛି। ଆଗାମୀଦିନରେ ସେଠାରେ ଭୟଙ୍କର ଜଳ ସଙ୍କଟ ଦେଖା ଦେବ ବୋଲି ସେ କହିଛନ୍ତି। ମହାପାତ୍ରଙ୍କ ସହ ପଟ୍ଟାମୁଣ୍ଡାଇ ଓ ରାଜନଗର ବିକାଶ ପରିଷଦର ସଭାପତି ବିଜୟ କେତନ, ଭାଜପା ନେତା ଭୁବନ ମୋହନ ଜେନା, ଦୁର୍ଯ୍ୟୋଧନ ସାହୁ ଓ ବିଞ୍ଝାରପୁରର ପୂର୍ବତନ ବିଧାୟକ ପବିତ୍ର ମୋହନ ଜେନା, ସଂଗ୍ରାମ ସମିତିର ସଭାପତି ଦୁର୍ଯ୍ୟୋଧନ ମହାନ୍ତି, ବିଧାନ ଦାସ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଓ ଦୋଳଗୋବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏହି ମେଗା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ କରି ସଂଗ୍ରାମ ସମିତିର ସଦସ୍ୟମାନେ ଗଣଧାରଣାରେ ବସିଛନ୍ତି। ହେଲେ ପ୍ରଶାସନ ପୋଲିସ ଉପସ୍ଥିତିରେ ପ୍ରକଳ୍ପ କାର୍ଯ୍ୟ ଚାଲୁ ରଖିଛି।




ସଭାରେ ଯୋଗ ଦେଇଥିବା ବିଜୟ ମହାପାତ୍ର ଓ ଅନ୍ୟମାନେ।

**ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ**

## ଏଫ୍‌ଆର୍‌ଏ ସେଲ୍ କର୍ମଚାରୀଙ୍କୁ ଦକ୍ଷତା ବିକାଶ ତାଲିମ

ଭୁବନେଶ୍ୱର,୨୬।୮(ବ୍ୟୁରୋ)

ଜଙ୍ଗଲ ଅଧିକାର ଆଇନ (ଏଫ୍‌ଆର୍‌ଏ)ର କାର୍ଯ୍ୟକାରିତା ତଥା ଅଗ୍ରଗତି ନିମନ୍ତେ ସରକାରଙ୍କ ଅନୁମୋଦନକ୍ରମେ ରାଜ୍ୟର ଜନଜାତି ଅଧ୍ୟୁଷିତ ଜିଲାରେ ୧୬୦ ଏଫ୍‌ଆର୍‌ଏ ସେଲ୍ ଗଠନ କରାଯାଇଛି। ଏହି ସେଲ୍‌ଗୁଡ଼ିକରେ ନିଯୁକ୍ତ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଲାଗି ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଏବଂ ତାଲିମ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ୨ ଦିନିଆ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଆରମ୍ଭ ହୋଇଛି। ବିଭାଗୀୟ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଜଙ୍ଗଲ ଅଧିକାର ଆଇନର ଫଳପ୍ରଦ କାର୍ଯ୍ୟକାରିତା ଦିଗରେ ଏଫ୍‌ଆର୍‌ଏ ସେଲ୍ କର୍ମଚାରୀଙ୍କ ବଡ଼ ଭୂମିକା ରହିଛି। ରାଜ୍ୟ ସରକାର ସେମାନଙ୍କ ଉପରେ ଆସ୍ଥା ପ୍ରକଟ କରୁଛନ୍ତି। ଏହି ଦିଗରେ ଉପଯୁକ୍ତ ତଥ୍ୟ ସଂଗ୍ରହ ଓ ପରିଚାଳନା, ଦାବିଗୁଡ଼ିକର ତ୍ୱରିତ ପ୍ରକ୍ରିୟାକରଣ ଆଦି ଦିଗରେ ଏମାନେ ଚେଷ୍ଟା ଜାରି ରଖିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଉକ୍ତ ପ୍ରତିଷ୍ଠାନର ଉପଦେଷ୍ଟା ଅଖିଳ ବିହାରୀ ଓତା ସ୍ୱାଗତ ଭାଷଣ ଦେବା ସହ ୧୬୦ ଏଫ୍‌ଆର୍‌ଏ ସେଲ୍ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ।

## ଚଳିତବର୍ଷ ୧ ହଜାର ସ୍ମାର୍ଟ ହାଇସ୍କୁଲ: ମନ୍ତ୍ରୀ

ଛତ୍ରପୁର,୨୬।୮(ଡି.ଏନ.ଏ)

### ୩ ବର୍ଷରେ ୫ହଜାର ରୂପାନ୍ତରୀକରଣ ଲକ୍ଷ୍ୟ

ଚଳିତବର୍ଷ ରାଜ୍ୟରେ ୧ ହଜାର ହାଇସ୍କୁଲକୁ ସ୍ମାର୍ଟ ହାଇସ୍କୁଲରେ ପରିଣତ କରାଯିବ ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମର ହିଞ୍ଜିଳି ଓ ଶେରଗଡ଼ ବ୍ଲକର ୫୦ଟି ହାଇସ୍କୁଲକୁ ରୂପାନ୍ତରିତ କରାଯାଇ ସ୍ମାର୍ଟ ହାଇସ୍କୁଲ କରାଯାଇଛି । ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ବେଳକୁ ରାଜ୍ୟରୁ ଆଉ କେତେକ ସ୍ମାର୍ଟ ହାଇସ୍କୁଲ କାର୍ଯ୍ୟ ସରିବ। ୩ ବର୍ଷ ମଧ୍ୟରେ ରାଜ୍ୟର ୫ ହଜାର ହାଇସ୍କୁଲକୁ ୫-ଟି ପ୍ଲାଟଫର୍ମରେ ସ୍ମାର୍ଟ ହାଇସ୍କୁଲରେ ପରିବର୍ତ୍ତନ କରାଯିବାକୁ ଲକ୍ଷ୍ୟ ରହିଛି ବୋଲି ଗୁରୁବାର ତାମ୍ପରା ପର୍ଯ୍ୟଟନ କ୍ଷେତ୍ରଠାରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

ମନ୍ତ୍ରୀ ଦାଶ ଆହୁରି କହିଛନ୍ତି, ବର୍ତ୍ତମାନର ଡିଜିଟାଲ ଯୁଗରେ ପିଲାମାନେ କମ୍ପ୍ୟୁଟର ମାଧ୍ୟମରେ ପାଠ ପଢିବେ । ଏହା ନିଶ୍ଚିତ ଭାବେ ପିଲାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବ। ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ। ଏହି ବିଦ୍ୟାଳୟରେ ପିଲାମାନେ ପାଠପଢି ସ୍ମାର୍ଟ ଅନୁଭବ କରିବେ । ମୁଖ୍ୟମନ୍ତ୍ରୀ ଓଡିଆ ସ୍କୁଲରେ ପାଠ ପଢିଥିବା ପିଲାଙ୍କ ନିମନ୍ତେ ମେଡିକାଲ ଓ ଇଞ୍ଜିନିୟରିଂ ପାଠ ପଢିବା ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବା ପରଠାରୁ ବିଭିନ୍ନ ବେସରକାରୀ ସ୍କୁଲରୁ ସରକାରୀ ସ୍କୁଲକୁ ଛାତ୍ରୀଛାତ୍ରମାନେ ଆସିବା ଆରମ୍ଭ କରିଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ଅଫଲାଇନ୍ ପାଠପଢା ଚାଲିଛି । ଯେଉଁମାନେ ସ୍କୁଲକୁ ଆସୁନାହାନ୍ତି ସେମାନଙ୍କ ପାଇଁ ଅନଲାଇନ୍ କ୍ଲାସର ବ୍ୟବସ୍ଥା ହୋଇଛି । କରୋନାର ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଶିଶୁମାନଙ୍କ ପାଇଁ ଆଇସିୟୁ ଓ ସ୍ୱତନ୍ତ୍ର ବେଡ୍ ବ୍ୟବସ୍ଥା କରାଯାଇଛି। ତେଣୁ ଆମେ ତୃତୀୟ ଲହର ମୁକାବିଲା କରିପାରିବା ବୋଲି ମନ୍ତ୍ରୀ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ରୂପାନ୍ତରିତ ହାଇସ୍କୁଲରେ ସ୍ମାର୍ଟ କ୍ଲାସରୁମ୍, ସ୍ମାର୍ଟ ପାଇଖାନା, ସ୍ମାର୍ଟ ଇ-ଲାଇବ୍ରେରୀ କମ୍ ରିଡିଂରୁମ୍, ପାନୀୟ ଜଳ ବ୍ୟବସ୍ଥା ସହ କ୍ରୀଡାର ଭିତ୍ତିଭୂମି ସୁଦୃଢ଼ କରାଯାଉଛି। ଏଥିପାଇଁ ପ୍ରତି ସ୍କୁଲକୁ ୪୫ ଲକ୍ଷ ଟଙ୍କାର ଅନୁଦାନ ଆସିଛି। ଅକ୍ଟୋବର ୨ ସୁଦ୍ଧା ଗଞ୍ଜାମର ୧୩୩ ଟି ହାଇସ୍କୁଲକୁ ସ୍ମାର୍ଟ ହାଇସ୍କୁଲ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି।

## ଢେଙ୍କାନାଳରେ ହେବ ତୈଳ ସିୟୁଏଫ୍

ଭୁବନେଶ୍ୱର,୨୬।୮

**ଶନିବାର ଭିତ୍ତିପ୍ରସ୍ତର ଦେବେ ଧର୍ମେନ୍ଦ୍ର ପ୍ରଧାନ, ହରଦୀପ ସିଂ ପୁରୀ**

ଢେଙ୍କାନାଳ ଜିଲ୍ଲାର ସଦଶିବପୁରଠାରେ ତୈଳ କମ୍ପାନୀଗୁଡିକର କମନ ୟୁଜର ଫାସିଲିଟି (ସିୟୁଏଫ୍) ଭିତ୍ତିପ୍ରସ୍ତର ଶନିବାର ସ୍ଥାପନ ହେବ। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ କମନ୍ ୟୁଜର୍ ଫାସିଲିଟି ପ୍ରକଳ୍ପର ଭୂମିପୂଜନ କରିବେ। ଏହି କାର୍ଯ୍ୟକ୍ରମରେ ପେଟ୍ରୋଲିୟମ ରାଷ୍ଟ୍ର ମନ୍ତ୍ରୀ ରାମେଶ୍ୱର ତେଲି, ସାଂସଦ ମହେଶ ସାହୁ, ଏମ୍‌ଏଲ୍‌ଏ ସୀମାରାଣୀ ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିବେ। ଇଣ୍ଡିଆନ ଅଏଲ, ବିପିସିଏଲ ଏବଂ ଏଚ୍‌ପିସିଏଲ ଦ୍ୱାରା ଏହି ଫାସିଲିଟି ବ୍ୟବହାର କରାଯିବ। ଏଠାରେ ଏମ୍‌ଏସ୍, ଏଚ୍‌ଏସ୍‌ଡି, ଇଥାନଲ ଏବଂ ବାୟୋ- ଡିଜେଲକୁ ସଂରକ୍ଷିତ କରି ରଖିବା ପାଇଁ ପ୍ରାୟ ୪୨ ହଜାର କିଲୋ ଲିଟରର ଷ୍ଟୋରେଜ କ୍ଷମତା ବିଶିଷ୍ଟ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ତୈଳ ଡିପୋ ପାଇଁ ଯୋଜନା କରାଯାଇଛି ବୋଲି ଇଣ୍ଡିଆନ ଅଏଲର ରାଜ୍ୟ ମୁଖ୍ୟ ଶୁଭଜୀତ ଘୋଷ ଗୁରୁବାର ସୂଚନା ଦେଇଛନ୍ତି। ଏହା ଦ୍ୱାରା ପାରାଦୀପ ଟର୍ମିନାଲରୁ ପେଟ୍ରୋଲିୟମ ସାମଗ୍ରୀ ବାରମ୍ବାର ପରିବହନ କରିବାକୁ ପଡ଼ିବ ନାହିଁ । ଏଥିପାଇଁ ୪୯.୬୭ ଏକର ଜମି ଲାଗି ୩୯୪ କୋଟି ଟଙ୍କାର ଖର୍ଚ୍ଚ ହେବ। ବିପିସିଏଲ ଏହାର ବିକାଶ କରିବାର ଦାୟିତ୍ୱ ନେଇଥିବା ବେଳେ କ୍ୟାପେକ୍ସ ଏହି କାମରେ ସହଯୋଗୀ ହୋଇଛି । ୨୦୨୩ ଅଗଷ୍ଟ ଶେଷ ଆଡ଼କୁ ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# କ୍ୟୁବା ବକ୍ସରଙ୍କ ରାଜୁତି


ରମେଶ ସାହୁ

ଅଲିମ୍ପିକ୍ ବକ୍ସିଂରେ କ୍ୟୁବାର ଦବ୍‌ଦବା ଜାରି ରହିଛି। ଟୋକିଓ ଅଲିମ୍ପିକ୍ସ ବକ୍ସିଂ ଇଭେଣ୍ଟରେ କ୍ୟୁବା ୪ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ ପଦକ ଜିତି ନିଜ ଉପସ୍ଥିତି ଜାହିର କରିଛି। ୨୦୧୬ ରିଓ ଅଲିମ୍ପିକ୍ସର ଏହି ଇଭେଣ୍ଟରେ ୩ ସ୍ୱର୍ଣ୍ଣ, ୩ ବ୍ରୋଞ୍ଜ ପଦକ ବିଜୟୀ ହୋଇ ତାଲିକାର ଶୀର୍ଷରେ ରହିଥିଲା କ୍ୟୁବା। ୧୯୭୨ ମ୍ୟୁନିଚ୍‌ଠାରୁ ଟୋକିଓ ଯାଏ ମୋଟ ୧୧ଟି ଅଲିମ୍ପିକ୍ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଏହି ଉତ୍ତର ଆମେରିକୀୟ ଦ୍ୱୀପ ଦେଶ ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିଆସିଛି। ୪୫ ସ୍ୱର୍ଣ୍ଣ ସମେତ ମୋଟ ୭୩ଟି ପଦକ ହାସଲ କରିଛି। ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ଟୁର୍ନାମେଣ୍ଟଗୁଡ଼ିକରେ ମଧ୍ୟ କ୍ୟୁବାର ପ୍ରଦର୍ଶନ ଉଚ୍ଚକୋଟୀର ରହିଆସିଛି। ୧୪ କୋଟି ଜନସଂଖ୍ୟା ବିଶିଷ୍ଟ ଏହି ଦେଶରେ କୁସ୍ତି ଓ ଦୌଡ଼କୁଦ ମଧ୍ୟ କିଛି କମ୍ ଜନପ୍ରିୟ ନୁହେଁ। ଟୋକିଓରେ କ୍ୟୁବା ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି ଗ୍ରେଟ୍ ବ୍ରିଟେନ୍ ଓ କଲମ୍ବିଆ। ବ୍ରଟେନ୍ ୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୨ ବ୍ରୋଞ୍ଜ ମିଶାଇ ୬ ଏବଂ କଲମ୍ବିଆ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ ବ୍ରୋଞ୍ଜ ମିଶାଇ ୬ ପଦକ ହାସଲ କରିଛି। ବ୍ରାଜିଲ, ତୁର୍କୀ, ଜାପାନ୍, ଆୟର୍ଲାଣ୍ଡ, ବୁଲଗେରିଆ ଓ ଉଜ୍‌ବେକିସ୍ତାନ୍ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ସମେତ ଅନ୍ୟ ଇଭେଣ୍ଟରେ ପଦକ ବିଜୟୀ ହୋଇ କ୍ରମାନ୍ୱୟରେ ରହିଛନ୍ତି। ମୋଟ ୫୨ ପଦକ ପାଇଁ ୮୧ ଦେଶର ୨୯୧ ଜଣ ବକ୍ସର ୧୩ଟି ଓଜନ ଗ୍ରୁପ୍‌ରେ ଲଢ଼େଇ କରିଥିଲେ। କ୍ୟୁବାର ତାରକା ବକ୍ସର ଜୁଲିଓ ସିଜର ଲା କ୍ରୁଜ୍ ୨୦୧୬ ରିଓକ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ପୁରୁଷ ଲାଇଟ୍ ହେଭିଓ୍ୱେଟ୍ ବର୍ଗରେ ସ୍ୱର୍ଣ୍ଣିମ ସଫଳତ ହାସଲ କରିଥିଲେ।

୧୯୬୮ ମେକ୍ସିକୋ ଅଲିମ୍ପିକ୍ସରୁ କ୍ୟୁବା ବକ୍ସରମାନଙ୍କର ବିଜୟ ଯାତ୍ରା ଆରମ୍ଭ ହୋଇଥିଲା। ଏଠାରେ ମାତ୍ର ୨ ରୌପ୍ୟ ପଦକ ଜିତି ପାରିଥିଲେ। କିନ୍ତୁ ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ସରେ କ୍ୟୁବା କମାଲ କରିଥିଲା। ୩ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ କାଂସ୍ୟ ପଦକ ଜିତି ଆମେରିକାକୁ କଡ଼ା ଜବାବ ଦେଇଥିଲା। ବାର୍ସିଲୋନାରେ ୭ ସ୍ୱର୍ଣ୍ଣ ଜିତି କ୍ୟୁବା ଅଗ୍ରଣୀ ଦେଶଗୁଡ଼ିକୁ ସ୍ତବ୍ଧ କରିଦେଇଥିଲା। ୧୯୮୦ ମସ୍କୋରେ ୬ ସ୍ୱର୍ଣ୍ଣ ଏବଂ ୨୦୦୪ ଏଥେନ୍ସରେ ୫ ସ୍ୱର୍ଣ୍ଣ ବିଜୟୀ ହେବା କ୍ୟୁବା ପାଇଁ ବଡ଼ ଉପଲବ୍ଧି ଥିଲା। ୩ ଥର ଲେଖାଁ ଅଲିମ୍ପିକ୍ ଚାମ୍ପିୟନ୍ ହୋଇଥିବା ଦୁଇ ଜଣ ବକ୍ସରଙ୍କ ପାଇଁ କ୍ୟୁବା ଗର୍ବିତ। ସେ ଦୁଇଜଣ ହେଲେ ତିଓଫିଲୋ ଷ୍ଟିଭେନସନ ଏବଂ ଫେଲିକ୍ସ ସେଭନ୍। ଦୁହେଁ ହେଭି ୱେଟ୍ ଗ୍ରୁପ୍‌ରେ ଲଢୁଥିଲେ। କ୍ୟୁବାର ସର୍ବକାଳୀନ ଶ୍ରେଷ୍ଠ ବକ୍ସରଙ୍କ ମଧ୍ୟରେ ଏ ଦୁହେଁ ଅନ୍ୟତମ। ଷ୍ଟିଭେନସନ୍ ୧୯୭୨ମ୍ୟୁନିକ୍, ୭୬ ମଣ୍ଟ୍ରିଲ ଏବଂ ୮୦ ମସ୍କୋ ଅଲିମ୍ପିକ୍ ସ୍ୱର୍ଣ୍ଣ, ୩ ଥର ବିଶ୍ୱ ଚାମ୍ପିୟନ୍, ୬ ଥର କେନ୍ଦ୍ରୀୟ ଆମେରିକା ଚାମ୍ପିୟନ୍, ପାନ୍ ଆମେରିକା ଗେମ୍ସରେ ୨ ସ୍ୱର୍ଣ୍ଣକୁ ମିଶାଇ ମୋଟ ୧୭ଟି ଆନ୍ତର୍ଜାତିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେ ୧୯୭୨ରେ ସମ୍ମାନଜନକ ଭାଲ ବର୍କର ଟ୍ରଫି, ୧୯୮୭ରେ ଅଲିମ୍ପିକ୍ ଅର୍ଡର ଏବଂ ୧୯୮୯ରେ ୟୁନେସ୍କୋ ପକ୍ଷରୁ ଫେୟାର ପ୍ଲେ ପ୍ରାଇଜ୍ ଜିଣିଥିଲେ। ଫେଲିକ୍ସ ସାଭନ୍ ମଧ୍ୟ ଜଣେ ସର୍ବକାଳୀନ ଶ୍ରେଷ୍ଠ ବକ୍ସର। ସେ ୩ ଥର ଅଲିମ୍ପିକ୍ ଚାମ୍ପିୟନ୍ ହେବା ସହ କ୍ରମାଗତ ୬ ଥର ବିଶ୍ୱ ଚାମ୍ପିୟନ୍ ହୋଇଥିଲେ। ୮୪ ଓ ୮୮ ମସିହା ଅଲିମ୍ପିକ୍ସକୁ କ୍ୟୁବା ବର୍ଜନ କରି ନ ଥିଲେ ହୁଏତ ଫେଲିକ୍ସ ଆଉ ଗୋଟିଏ ଦୁଇଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇପାରିଥାନ୍ତେ। ତାଙ୍କ କ୍ୟାରିୟର ୧୯୮୦ରୁ ଆରମ୍ଭ ହୋଇ୨ ହଜାର ଯାଏ ଚାଲିଥିଲା। ହଙ୍ଗେରୀର ଲାସ୍‌ଜୋ ପାପ୍ ମଧ୍ୟ ତିନିଥର ଅଲିମ୍ପିକ୍ ଚାମ୍ପିୟନ୍ ବକ୍ସର।

୧୯୫୯ରେ କମ୍ୟୁନିଷ୍ଟ ନେତା ଫିଡେଲ କାଷ୍ଟ୍ରୋ କ୍ୟୁବାରେ କ୍ଷମତା ଦଖଲ କରିବା ପରେ ଦେଶରେ କ୍ରୀଡ଼ା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା। ଫଳରେ ମୌଳିକ ଶିକ୍ଷା ବ୍ୟବସ୍ଥାରେ କ୍ରୀଡ଼ା ଏକ ପ୍ରମୁଖ ବିଷୟବସ୍ତୁ ଭାବେ ସ୍ଥାନିତ ହେଲା। ୧୯୫୦ ବେଳକୁ କ୍ୟୁବାରେ ସୌଖୀନ ବକ୍ସିଂର ମାନ ଉନ୍ନତ ସ୍ତରକୁ ଆସିଯାଇଥିଲା। ପ୍ରଥମରେ ତ ପେସାଦାର ବକ୍ସିଂର ଧାରା ଥିଲା ବହୁ ପୁରୁଣା, ଅଧିକନ୍ତୁ ଏହି ଧାରା ସୌଖୀନ ବକ୍ସିଂକୁ ଉତ୍କର୍ଷ କରିବାରେ ସହାୟକ ହୋଇଥିଲା। ବିଦେଶୀ ପର୍ଯ୍ୟଟକମାନେ କ୍ୟୁବା ଭ୍ରମଣ କରିବା ସହିତ ମନୋରଞ୍ଜନକାରୀ ପେସାଦାର ବକ୍ସିଂର ମଜା ଉଠାଉଥିଲେ। ସେହି ସମୟରେ ଏଠାରେ ଆମେରିକୀୟ ପେସାଦାର ବକ୍ସିଂ ଷ୍ଟାଇଲ ପ୍ରଚଳିତ ଥିଲା। ପରେ ପୂର୍ବ ୟୁରୋପୀୟ ଷ୍ଟାଇଲର ଗ୍ରହଣୀୟତା ବଢିଥିଲା। ସୋଭିଏଟ୍ ୟୁନିୟନ୍‌ର ସହଯୋଗ ମଧ୍ୟ କ୍ୟୁବା ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଫଳ ସ୍ୱରୂପ ସୋଭିଏଟ୍ ୟୁନିୟନ୍‌ର ଖ୍ୟାତନାମା କୋଚ୍ ଆନ୍ଦ୍ରୀ ଚେର୍ଭୋନେଙ୍କୋ କ୍ୟୁବା ଆସିଥିଲେ। ସେ ଷ୍ଟିଭେନ୍ସନ୍‌ଙ୍କ ପ୍ରଶିକ୍ଷଣ ଦାୟିତ୍ୱ ନେଇଥିଲେ। ପରେ ଚେର୍ଭୋନେଙ୍କୋଙ୍କ ସହିତ ସାମିଲ ହୋଇଥିଲେ କ୍ୟୁବା କୋଚ୍ ଅଲସିଦେସ୍ ସାଗରା। ସାଗରା ୧୯୬୦ରେ କ୍ୟୁବାର ମୁଖ୍ୟ କୋଚ୍ ହୋଇଥିଲେ। କ୍ୟୁବାରେ ବକ୍ସିଂ ଶିକ୍ଷା ପ୍ରଣାଳୀ ବିଦ୍ୟାଳୟ ସ୍ତରରୁ ଆରମ୍ଭ ହୋଇଥାଏ ଏବଂ ପର୍ଯ୍ୟାୟ କ୍ରମେ ତାଲିମ୍ ଚାଲୁ ରହିବା ପରେ କିଶୋର ବକ୍ସରମାନଙ୍କୁ ମୁଖ୍ୟ ବିଦ୍ୟାଳୟକୁ ପଠାଯାଏ। କ୍ୟୁବାରେ ବହୁ ସଂଖ୍ୟକ ବକ୍ସିଂ କ୍ଲବ୍, ତାଲିମପ୍ରାପ୍ତ ଏବଂ ତାଲିମ ଅଧୀନସ୍ଥ କିଶୋର ବକ୍ସର ଅଛନ୍ତି। ସେହିପରି ଅନେକ ତାଲିମଦାତା ସକ୍ରିୟ ରହିଛନ୍ତି। ସର୍ବକାଳୀନ ଶ୍ରେଷ୍ଠ ବକ୍ସରମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରନ୍ତି କ୍ୟୁବା ଜନସାଧାରଣ।


ଜୁଲିଓ ସିଜର ଲା କ୍ରୁଜ୍
ଟିଓଫିଲୋ ଷ୍ଟିଭେନସନ
ଫେଲିକ୍ସ ସେଭନ୍

କ୍ୟୁବା ଅଲିମ୍ପିକ୍ସ ବକ୍ସିଂରେ ଗତ ୫ ଦଶନ୍ଧି ଧରି ନିଜର ଶ୍ରେଷ୍ଠତା ପ୍ରାମାଣିତ କରିଆସିଛି। ୧୯୭୨ ମ୍ୟୁନିକ୍‌ଠାରୁ ଟୋକିଓ ଯାଏ ଏହି ଦେଶ ୧୧ଟି ଅଲିମ୍ପିକ୍ସରେ ୪୫ଟି ସ୍ୱର୍ଣ୍ଣ ପଦକ ସମେତ ମୋଟ ୭୩ଟି ପଦକ ହାସଲ କରିଛି। ୧୪ କୋଟି ଜନସଂଖ୍ୟା ବିଶିଷ୍ଟ ଏହି ଦେଶ ସଦ୍ୟ ସମାପ୍ତ ଟୋକିଓ ଅଲିମ୍ପିକ୍ସରେ ୪ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ ପଦକ ହାସଲ କରିଛି। ଅଲିମ୍ପିକ୍ସ ବକ୍ସିଂରେ କ୍ୟୁବା କ୍ରମାଗତ ୧୧ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି।

**ଟୋକିଓ ଅଲିମ୍ପିକ୍ସରେ କ୍ୟୁବା**

ପ୍ରତିଯୋଗୀ:
୧୬ କ୍ରୀଡ଼ାରେ ୭୦ ଆଥଲେଟ
ପତାକା ବାହକ (ଉଦ୍‌ଘାଟନୀ):
ୟାମେ ପେରେଜ
ପତାକା ବାହକ (ଉଦ୍‌ଯାପନୀ):
ମିଜେନ ଲୋପେଜ
**ପଦକ ତାଲିକା: ସପ୍ତମ ସ୍ଥାନ**
ସ୍ୱର୍ଣ୍ଣ: ୭
ରୌପ୍ୟ: ୩
ବ୍ରୋଞ୍ଜ: ୫
ମୋଟ ପଦକ: ୧୫

# ମୋଷ୍ଟ ମାର୍କେଟେବଲ ଆଥ୍‌ଲେଟ

ଭାରତୀୟ ତାରକା କ୍ରିକେଟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବେ ଭିନ୍ନ କାରଣ ଯୋଗୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖେଳ କିମ୍ବା ପ୍ରଦର୍ଶନରେ ନୁହଁ ସେ ବିଶ୍ୱର ମୋଷ୍ଟ ମାର୍କେଟେବଲ ଆଥ୍‌ଲେଟ ତାଲିକାରେ ସ୍ଥାନ ପାଇଛନ୍ତି। ଏଥିସହ ସେ କ୍ୟାରିୟରର ଆଉ ଏକ ସଫଳତା ହାସଲ କରିଛନ୍ତି। ସେ ଏହି କ୍ରମରେ ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସିଙ୍କୁ ମଧ୍ୟ ପଛରେ ପକାଇଛନ୍ତି। ୨୦୨୧ ପାଇଁ ପ୍ରକାଶିତ ତାଲିକାରେ ସେ ୧୧ତମ ସ୍ଥାନରେ ରହିଛନ୍ତି। ମେସି ଦ୍ୱାଦଶ ସ୍ଥାନ ଅଧିକାର କରି ତାଙ୍କ ପଛରେ ରହିଛନ୍ତି। ସ୍ପୋର୍ଟ୍ସ ପ୍ରୋ ୫୦ ଦ୍ୱାରା ପ୍ରକାଶିତ ତାଲିକାରେ ପାଣ୍ଡ୍ୟା ବଡ଼ ବଡ଼ କ୍ରୀଡ଼ା ତାରକାଙ୍କୁ ପଛରେ ପକାଇଛନ୍ତି। ସେ ନିଜ ଅଧିନାୟକ ବିରାଟ କୋହଲି ଓ ସୁଇଜରଲାଣ୍ଡ ଅଭିଜ୍ଞ ଟେନିସ ତାରକା ରୋଜର ଫେଡରରଙ୍କୁ ମଧ୍ୟ ପଛରେ ପକାଇଛନ୍ତି। କୋହଲି ଟପ୍ ୫୦ରେ ମଧ ସ୍ଥାନ ପାଇନାହାନ୍ତି। ସେ ଭାରତର ମୋଷ୍ଟ ମାର୍କେଟେବଲ ଆଥଲେଟ ବିବେଚିତ ହୋଇଛନ୍ତି।

ନିଜର ଅସାଧାରଣ ଅଲରାଉଣ୍ଡ କ୍ୱାଲିଟି ପାଇଁ ପାଣ୍ଡ୍ୟା ସମସ୍ତଙ୍କ ନିକଟରେ ଅତିପ୍ରିୟ ହୋଇପାରିଛନ୍ତି। ଆଘାତଜନିତ ସମସ୍ୟା ଓ ରିହାବିଲିଟେଶନ ପାଇଁ ଏବେ ସେ ଭାରତୀୟ ଟେଷ୍ଟ ଦଳରୁ ବାଦ୍ ପଡିଛନ୍ତି। ନିଜର ଅସାଧାରଣ ପ୍ରଦର୍ଶନ ବଳରେ ସେ ଭାରତକୁ ଏକାଧିକ ମ୍ୟାଚରେ ବିଜୟୀ କରାଇଛନ୍ତି। ଆଇପିଏଲ୍‌ରେ ମଧ ସେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଏହି ତାଲିକାରେ ମେସି ଦ୍ୱାଦଶ ସ୍ଥାନରେ ରହିଥିବା ବେଳେ ଫେଡରର ୧୩ତମ ସ୍ଥାନରେ ରହିଛନ୍ତି। ଭାରତୀୟ ଅଭିଜ୍ଞ ଓପନର ଶିଖର ଧାଓ୍ୱନ ତାଲିକାର ୪୭ତମ ସ୍ଥାନରେ ରହିଛନ୍ତି। ହାର୍ଦ୍ଦିକ ଓ ଧାଓ୍ୱନଙ୍କୁ ବାଦ୍ ଦେଲେ ଆଉ କୌଣସି ଭାରତୀୟ ଖେଳାଳି ଏହି ତାଲିକାର ଶ୍ରେଷ୍ଠ- ୫୦ରେ ସ୍ଥାନ ପାଇନାହାନ୍ତି। ଏହି ତାଲିକାର ଶ୍ରେଷ୍ଠ ସ୍ଥାନରେ ରହିଛନ୍ତି ଆମେରିକୀୟ ମହିଳା ତାରକା ଜିମ୍ନାଷ୍ଟ ସାଇମନ ବାଇଲ୍ସ। ସେହିପରି ଜାପାନର ମହିଳା ଟେନିସ ତାରକା ନାଓମି ଓସାକା ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଆମେରିକୀୟ ମହିଳା ଫୁଟବଲର ଅଶଲିନ ହାରିସ୍ ତୃତୀୟ, ମେକ୍ସିକୋ ବକ୍ସର କାନେଲୋ ଅଲଭାରେଜ ଚତୁର୍ଥ, ଆର୍ଜେଣ୍ଟିନା ଫୁଟବଲର ପାଉଲୋ ଡିବାଲା ପଞ୍ଚମ, କ୍ରିଷ୍ଟିଆନୋ ରୋନାଲ୍ଡୋ ଷଷ୍ଠ, ଆମେରିକୀୟ ଫୁଟବଲର ଅଲି କ୍ରିଗେର ସପ୍ତମ ସ୍ଥାନରେ ରହିଛନ୍ତି। ସେହିପରି ଗ୍ରୀକ ଟେନିସ ତାରକା ଷ୍ଟିଫାନୋସ ସିତିସପାସ, ସର୍ବିୟା ଟେନିସ ତାରକା ନୋଭାକ ଜୋକୋଭିଚ୍ ଓ ଆମେରିକୀୟ ଫୁଟବଲର ଆଲେକ୍ସ ମୋର୍ଗାନ ଯଥାକ୍ରମେ ଅଷ୍ଟମ, ନବମ ଓ ଦଶମ ସ୍ଥାନରେ ରହିଛନ୍ତି।

ୟୁଏଇରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ପାଣ୍ଡ୍ୟା ଭାରତ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛନ୍ତି। ସେ ଏହି ମେଗା ଇଭେଣ୍ଟରେ ଭାରତ ପାଇଁ ଫିନିଶର ଭୂମିକାରେ ଅବତୀର୍ଣ୍ଣ ହେବେ ଓ ଏଥିରେ ସେ ସଫଳତା ହାସଲ କରିବେ ବୋଲି ଆଶା କରାଯାଉଛି। ୨୭ ବର୍ଷୀୟ ହାର୍ଦ୍ଦିକ ଏପର୍ଯ୍ୟନ୍ତ ଭାରତ ପାଇଁ ୧୧ ଟେଷ୍ଟ, ୬୨ ଦିନିକିଆ ଓ ୪୯ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ସୀମିତ ଓଭର କ୍ରିକେଟରେ ସେ ଭାରତର ଟ୍ରମ୍ପକାର୍ଡ ସାବ୍ୟସ୍ତ ହେବେ। ତେବେ ଏଥିପାଇଁ ତାଙ୍କୁ ଫିଟ୍ ରହିବା ନିହାତି ଦରକାର।


ବିରାଟ କୋହଲି, ଶିଖର ଧାଓ୍ୱନ, କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ହାର୍ଦ୍ଦିକ ପାଣ୍ଡ୍ୟା।

# ଭାରତର ଟୋକିଓ ସଫଳତା


ନିର୍ମଳ କୁମାର ମିଶ୍ର

କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସର ୩୨ତମ ସଂସ୍କରଣ ନିକଟରେ ଟୋକିଓରେ ଅନୁଷ୍ଠିତ ହୋଇଯାଇଛି। ଅନେକ କାରଣ ପାଇଁ ଟୋକିଓ ଅଲିମ୍ପିକ୍ସ ଭାରତ ଲାଗି ସ୍ମରଣୀୟ ହୋଇଛି। ଅଲିମ୍ପିକ୍ସ ଇତିହାସର ୧୨୧ବର୍ଷ ପରେ ଭାରତକୁ ଆଥ୍‌ଲେଟିକ୍ସରେ ସ୍ୱର୍ଣ୍ଣ ପଦକ ମିଳିଥିବାବେଳେ ୪୧ ବର୍ଷ ବ୍ୟବଧାନରେ ଭାରତୀୟ ପୁରୁଷ ହକି ଦଳ ପୋଡ଼ିୟମ ମଣ୍ଡନ କରିଛି। ବ୍ରୋଞ୍ଜ ପଦକ ହାସଲ କରିଛି ମନପ୍ରୀତ୍ ସିଂଙ୍କ ନେତୃତ୍ୱାଧୀନ ଭାରତ। କେବଳ ସେତିକି ନୁହେଁ ଭାରତୀୟ ମହିଳା ହକି ଦଳ ମଧ ଦମ୍‌ଦାର ପ୍ରଦର୍ଶନ କରି ଅଳ୍ପକେ ପଦକ ହାତଛଡ଼ା କରିଥିଲା। ଅଲିମ୍ପିକ୍ସ ଇତିହାସରେ ଭାରତର ସର୍ବାଧିକ ୧୨୬ ଜଣିଆ ଦଳ ୧୮ଟି ଇଭେଣ୍ଟରେ ଭାଗ ନେଇଥିଲା। ଦଳଗତ ଏବଂ ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ପଦକ ସଂଖ୍ୟା ଏଥର ଦୁଇଅଙ୍କ ସ୍ପର୍ଶ କରିବ ବୋଲି ପୂର୍ବାନୁମାନ କରାଯାଉଥିଲା। ମାତ୍ର କେତେକ କ୍ରୀଡ଼ା ଇଭେଣ୍ଟରେ ଅଳ୍ପକେ ପଦକ ହାତଛଡ଼ା ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ତେବେ ଦୀର୍ଘ ୪ ଦଶନ୍ଧି ମଧ୍ୟରେ ଅଲିମ୍ପିକ୍ସରେ ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରି ୭ଟି ପଦକ ଜିତିବାକୁ ସକ୍ଷମ ହୋଇଥିଲା। ଏହା ମଧ୍ୟରେ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୪ ବ୍ରୋଞ୍ଜ ପଦକ ସାମିଲ ଥିଲା। ପଦକ ତାଲିକାରେ ଭାରତକୁ ଓଭରଅଲ୍ ୪୮ତମ ସ୍ଥାନ ମିଳିଥିଲା।

୨୦୧୬ ରିଓ ଅଲିମ୍ପିକ୍ସରେ ଭାରତର ୧୧୭ ଜଣିଆ ଦଳ ୧୫ଟି ଇଭେଣ୍ଟରେ ଭାଗ ନେଇଥିଲା। ମାତ୍ର ସେଠାରେ ଭାରତ ମାତ୍ର ଦୁଇଟି ପଦକ ପାଇ ତାଲିକାର ୬୭ତମ ସ୍ଥାନରେ ରହିଥିଲା। ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁଙ୍କ ରୌପ୍ୟ ଏବଂ ରେସଲର ସାକ୍ଷୀ ମଲ୍ଲିକଙ୍କ ବ୍ରୋଞ୍ଜ ପଦକରେ ଭାରତକୁ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏଥିପାଇଁ ଭାରତକୁ ବହୁ ସମାଲୋଚନା କରାଯାଇଥିଲା। ଆମେରିକା ସର୍ବାଧିକ ୪୬ଟି ସ୍ୱର୍ଣ୍ଣ ପଦକ ସହ ୧୨୧ଟି ପଦକ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଟୋକିଓ ଅଲିମ୍ପିକ୍ସରେ ୩୯ଟି ସ୍ୱର୍ଣ୍ଣ ପଦକ ମୋଟ ୧୧୩ଟି ପଦକ ପାଇଥିଲେ ମଧ ଆମେରିକା ପ୍ରଥମ ସ୍ଥାନ ବଜାୟ ରଖିଛି। ଉଭୟ ରିଓ ଏବଂ ଟୋକିଓ ଅଲିମ୍ପିକ୍ସରେ ଚାଇନା ସ୍ୱର୍ଣ୍ଣ ପଦକ ଏବଂ ମୋଟ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ପଦକ ହାସଲ ଦୃଷ୍ଟି କୋଣରୁ ଦେଖିବାକୁ ଗଲେ ଭାରତୀୟ ଦଳ ଏହି ଚାରିବର୍ଷ ମଧ୍ୟରେ ଆଶାତୀତ ସଫଳତା ପାଇଛି। ୬୭ ତମ ସ୍ଥାନରୁ ୪୮କୁ ଆସିଛି। ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆସିଛି। ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଏବଂ ଖେଲୋ ଇଣ୍ଡିଆ ୟୁଥ୍ ଗେମସ୍‌ରୁ ଭଲ ସଫଳତା ମିଳିଛି। ନୀରଜ ଚୋପ୍ରା, ମୀରାବାଈ ଚାନୁ, ରବି କୁମାର, ପି.ଭି. ସିନ୍ଧୁ, ଲଭଲିନା ବୋରଗୋହେନ୍, ପୁରୁଷ ହକି ଟିମ୍ ଏବଂ ବଜରଙ୍ଗ ପୁନିଆ ଆମକୁ ଗର୍ବିତ କରିଛନ୍ତି। ସଫଳତା ପାଇଁ ଦେଶର ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଖେଳାଳିଙ୍କୁ ଉତ୍ସାହିତ କରିଛନ୍ତି। ପୁରସ୍କାର ରାଶି ବର୍ଷା ହେବା ସହ ମନପସନ୍ଦର ଚାକିରି ଖେଳାଳିଙ୍କ ମନୋବଳ ବଢ଼ାଇଛି। ଏହା ଅନ୍ୟ କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣାର ଉତ୍ସ ମଧ୍ୟ ପାଲଟିଛି।

ଓଡ଼ିଶା ସରକାର ବର୍ତ୍ତମାନ ଭାରତୀୟ ପୁରୁଷ ଏବଂ ମହିଳା ହକି ଦଳର ପ୍ରାୟୋଜକ ରହିଛନ୍ତି। ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ପ୍ରାୟୋଜକ ରହିଥିବା ରାଜ୍ୟ ସରକାର ଏହି ଅବଧିକୁ ଆଉ ୧୦ ବର୍ଷ ବଢ଼ାଇଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ କରିଥିବା ଉଭୟ ମହିଳା ଓ ପୁରୁଷ ହକି ଦଳକୁ ଓଡ଼ିଶାକୁ ନିମନ୍ତ୍ରଣ କରି ଭବ୍ୟ ସମ୍ବର୍ଦ୍ଧନା ଦେଲେ ; ଯାହାକି କେବଳ ଖେଳାଳିଙ୍କ ମନୋବଳ ବଢାଇ ନାହିଁ, ଓଡ଼ିଶାର ଆତିଥେୟତା ସେମାନଙ୍କୁ ଗର୍ବିତ ଏବଂ ଆଶ୍ଚର୍ଯ୍ୟାନ୍ୱିତ କରିଛି। ୨୦୩୩ ପର୍ଯ୍ୟନ୍ତ ରାଜ୍ୟ ସରକାର ପ୍ରାୟୋଜକ ରହିବାର ଘୋଷଣା ଖେଳାଳିଙ୍କ ମନୋବଳକୁ ଦ୍ୱିଗୁଣିତ କରିଛି। ଆଗକୁ ରହିଛି ହକି ବିଶ୍ୱକପ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରହିଛି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ହକି ଷ୍ଟାଡିୟମ। ରାଉରକେଲାରେ ୨୦୨୨ ସୁଦ୍ଧା ଅନ୍ୟ ଏକ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ସରିବାକୁ ଯାଉଛି। କ୍ରିକେଟ ପରେ ହକିର କ୍ରେଜ ବଢୁଛି। ଏହା ନିଶ୍ଚିତ ଯେ ପଞ୍ଜାବ, ହରିୟାଣା ପରେ ଓଡ଼ିଶା ହକି ପାଇଁ ଏକ ବଡ ପ୍ଲାଟଫର୍ମ ତିଆରି କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବର୍ଦ୍ଧନା ପରେ ପ୍ରାୟୋଜକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଆଗାମୀ ଦିନରେ ହକିର ହୃତଗୌରବ ଫେରାଇ ଆଣିବାରେ ନିଶ୍ଚିତ ସହାୟତା ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଐତିହାସିକ ନିଷ୍ପତ୍ତି ପରେ ୨୦୨୩ ହକି ବିଶ୍ୱକପ ଆୟୋଜନ ଓଡ଼ିଶାର ନାମକୁ ବିଶ୍ୱଦରବାରରେ ଆହୁରି ପ୍ରତିଫଳିତ କରିବ। ପୂର୍ବରୁ ଏକାଧିକ ବିଶ୍ୱସ୍ତରୀୟ ହକି ପ୍ରତିଯୋଗିତା ଆୟୋଜନ କରି ଓଡ଼ିଶା ସମଗ୍ର ବିଶ୍ୱକୁ ଚମକାଇ ଦେଇଛି। ବର୍ତ୍ତମାନ ଓଡ଼ିଶା ସରକାର ଭାରତୀୟ ହକିର ଧ୍ୱଜା ବାହକ ସାଜିଛନ୍ତି।

ଆମ ରାଜ୍ୟ ସରକାର କ୍ରୀଡ଼ାକୁ ଯେପରି ପ୍ରୋତ୍ସାହନ ଦେଉଛନ୍ତି ଏବଂ ଆଗକୁ ଯେଉଁ ସୁଯୋଗ ଆସୁଛି ଖେଳାଳିମାନେ ତା'ର ସଦ୍‌ବ୍ୟବହାର କରିବା ଆବଶ୍ୟକ। କେବଳ ଯେ ସଫଳତା ପାଇଲେ ପ୍ରୋତ୍ସାହନ ମିଳିବ ତାହା ଠିକ୍ ନୁହେଁ। ସର୍ବନିମ୍ନ ସୁବିଧା ସୁଯୋଗ ଯୁବ ଖେଳାଳିମାନେ ପାଇଲେ ହକି ଆଗକୁ ଯିବ। ଭଲ ପୋଷାକ, ଭଲ ଯୋତା, ଅତ୍ୟାଧୁନିକ ଗ୍ରାଫାଇଟ୍ ହକିଷ୍ଟିକ, ଉନ୍ନତ ମାନର ଆଷ୍ଟ୍ରୋଟର୍ଫ, ସୁଷମ ଖାଦ୍ୟ, ବିଦେଶୀ କୋଚ୍, ଚାକିରିର ସୁଯୋଗ ସହିତ, ବେସରକାରୀ ସଂସ୍ଥା ଗୁଡ଼ିକର ସହଯୋଗ ଏବଂ ଅନ୍ୟ ରାଜ୍ୟମାନଙ୍କର ପୃଷ୍ଠପୋଷକତା ରହିଲେ ଭାରତୀୟ ହକି ପୁନର୍ବାର ଜୀବନ୍ୟାସ ପାଇବ ଏବଂ ଅଲିମ୍ପିକ୍ସ ପଦକ ଆଉ ସ୍ୱପ୍ନ ହୋଇ ରହିବ ନାହିଁ। ଅଲିମ୍ପିକ୍ସ ପଦକ ସଂଖ୍ୟା ବୃଦ୍ଧି କରିବାକୁ ହେଲେ କେନ୍ଦ୍ର ଏବଂ ରାଜ୍ୟ ସରକାର ସହିତ କର୍ପୋରେଟ ହାଉସ୍, ବେସରକାରୀ ଅନୁଷ୍ଠାନ ଆଥଲେଟ୍‌ମାନଙ୍କୁ ଅଧିକ ଉତ୍ସାହିତ ଏବଂ ପ୍ରୋତ୍ସାହିତ କରିବା ଆବଶ୍ୟକ। ସୁଇମିଙ୍ଗ ଇଭେଣ୍ଟରେ ୧୦୦ରୁ ଅଧିକ ଏବଂ ଜିମନାଷ୍ଟିକରେ ୫୦ରୁ ଅଧିକ ପଦକ ରହିଥିବାରୁ ଏହି ଖେଳକୁ ମଧ ଯଥେଷ୍ଟ ପ୍ରୋତ୍ସାହନ ମିଳିବା ଆବଶ୍ୟକ। ଫଳରେ ପଦକ ସଂଖ୍ୟା ବୃଦ୍ଧି ପାଇବ।


ନୀରଜ ଚୋପ୍ରା

ସଦ୍ୟସମାପ୍ତ ଟୋକିଓ ଅଲିମ୍ପିକ୍ସ ଭାରତ ପାଇଁ ବିଶେଷ ମହତ୍ୱ ରଖୁଛି। ୧୨୧ବର୍ଷ ପରେ ଭାରତକୁ ଟ୍ରାକ୍ ଆଣ୍ଡ ଫିଲ୍ଡରେ ପ୍ରଥମ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ମିଳିଛି। ପୁଣି ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ପୁରୁଷ ହକି ଦଳ ପୋଡ଼ିୟମ ଫିନିଶ କରିଥିବା ବେଳେ ମହିଳା ଦଳ ମଧ ପ୍ରଥମଥର ପାଇଁ ସେମିରେ ପ୍ରବେଶ କରିଥିଲା। ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରି ୭ଟି ପଦକ ଜିତିବାକୁ ସକ୍ଷମ ହୋଇଥିଲା। ୧ ସ୍ୱର୍ଣ୍ଣ ସମେତ ଭାରତ ୨ ରୌପ୍ୟ ଏବଂ ୪ ବ୍ରୋଞ୍ଜ ପଦକ ହାସଲ କରିଥିଲା। ମେଡାଲ ତାଲିକାରେ ଭାରତ ୪୮ତମ ସ୍ଥାନରେ ରହିଥିଲା।....

## ମଦ ଚଢ଼ାଉ ବେଳେ ଶାଗୁଆନ ପଟ୍ଟା ଜବତ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କଛାରପାଲିରେ ତୁଷୁରା ଅବକାରୀ ଟିମ ପକ୍ଷରୁ ଗୁରୁବାର ମଦ କୁଟିଆ ଉପରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ମଦ ସହ ଶାଗୁଆନ ପଟ୍ଟା ଜବତ ହୋଇଛି। ଅପରାହ୍ନରେ ତୁଷୁରା ଅବକାରୀ ଅଧିକାରୀ ଆରତୀ କିଷାନଙ୍କ ନେତୃତ୍ୱରେ କଛାରପାଲିରେ ମଦବିକ୍ରି ଉପରେ ଚଢ଼ାଉ କରି ଉମେଶ ମେର୍ଲିଙ୍କ ଘରୁ ୧୧ ବିଏଲ ବିୟର ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା। ଚଢ଼ାଉ ସମୟରେ ଉକ୍ତ ସ୍ଥାନରେ ଶାଗୁଆନ ପଟ୍ଟା ମହଜୁଦ ଥିବା ନଜରକୁ ଆସିଥିଲା। ଅବକାରୀ ଟିମ ଦେଓଗାଁ ବନ ବିଭାଗକୁ ଅବଗତ କରିଥିଲେ। ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଅରକ୍ଷୀତ ମେର୍ଲିଙ୍କ ଘରୁ ୨୩ଖଣ୍ଡ ଶାଗୁଆନ ପଟ୍ଟା ଜବତ ହୋଇଥିବା ବେଳେ ରାଜେଶ ମେର୍ଲିଙ୍କଠାରୁ ୪ଟି ପଟା ଜବତ କରାଯାଇଥିଲା।



## ସଂକ୍ଷେପରେ

### ଆଶୀର୍ବାଦ ଯୋଜନାରେ ସାମିଲ ପାଇଁ ନିବେଦନ

**ଦୁଇପିଲାଙ୍କୁ ଧରି ବିଡିଓଙ୍କୁ ଭେଟିଲେ ମହିଳା**

**ଖପ୍ରାଖୋଲ, ୨୬।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଝାଲବାହାଲ ଗ୍ରାମର ବର୍ଷା ବିଶିଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଇପିଲା ସାହାନା(୫) ଓ ଜିବର୍ଧ (୨) ଅସହାୟ ହୋଇପଡିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ବର୍ଷା ଦୁଇପିଲାଙ୍କ ଭରଣପୋଷଣ କରିବା କଷ୍ଟକର ହୋଇପଡୁଛି। ୨୦୧୮ ମସିହାରେ ବର୍ଷାଙ୍କ ସ୍ୱାମୀ ବିନୋଦ ବିଶି (୩୫) ଅଜଣା ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ସ୍ୱାମୀଙ୍କ ଚିକିତ୍ସା ନିମନ୍ତେ ବର୍ଷା ଘରର ଆସବାବପତ୍ର ବିକ୍ରୟ କରିବା ସହ ବିଭିନ୍ନ ସୂତ୍ରରୁ ଧାରକରଜ କରିଥିଲେ। ଘର ଚଳାଇବା ସହଜ ହେଉ ନ ଥିବା ବେଳେ ଏବେ କିପରି ଋଣ ପରିଶୋଧ କରିବେ ସେହି ଚିନ୍ତାରେ ଭାଙ୍ଗି ପଡିଛନ୍ତି ବର୍ଷା। ସରକାରୀ ସହାୟତା କହିଲେ ଏବେ ବର୍ଷାଙ୍କୁ କେବଳ ୨୦କିଲୋ ଚାଉଳ ମିଳୁଛି। ବିଧବା ଭତ୍ତା ଯୋଜନାରେ ଏ ଯାଏ ସାମିଲ ହୋଇନାହାନ୍ତି। ଗୁରୁବାର ବର୍ଷା ଦୁଇପିଲାଙ୍କୁ ଧରି ବିଡିଓଙ୍କ ଦ୍ୱାରସ୍ଥ ହୋଇ ଆଶୀର୍ବାଦ ଯୋଜନାରେ ସାମିଲ କରିବାକୁ ଆବେଦନ ପତ୍ର ଦେଇଛନ୍ତି। ଏନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ପାଣିଗ୍ରାହୀଙ୍କୁ ପଚାରିବାରୁ ବର୍ଷାଙ୍କ ଭତ୍ତା ଅନୁମୋଦନ ହୋଇସାରିଛି ବୋଲି କହିଥିଲେ। ବିଡିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରୁ ଅଶୀର୍ବାଦ ଯୋଜନାରେ ବର୍ଷାଙ୍କ ପିଲାଙ୍କୁ ସାମିଲ କରାଯିବ ବୋଲି କହିଛନ୍ତି।

### ଚୋରି, ଲୁଟ୍ ମାମଲାରେ ୨ ଗିରଫ

**ବରଗଡ଼ ଅଫିସ୍,୨୬।୮:** ବରଗଡ଼ ଜିଲା ସୋହେଲା ଥାନା ପୋଲିସ ଚୋରି, ଲୁଟ୍ ମାମଲାର ୨ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ସେମାନଙ୍କ ପାଖରୁ ୨ଟି ଚୋରି ବାଇକ୍ (ନଂ. ଓଡ଼ି୦୩ଜି/୯୫୨୬ ଓ ନଂ.ଓଡ଼ି୧୭ପି/୪୧୯୧) ଉଦ୍ଧାର ହୋଇଛି। ଅଭିଯୁକ୍ତଙ୍କ ପାଖରୁ ୨ଟି ମୋବାଇଲ ଏବଂ ନଗଦ ୫ହଜାର ଟଙ୍କା ମଧ୍ୟ ଜବତ ହୋଇଛି । ସୋହେଲା ଥାନା କନଗାଁ ନିବାସୀ ଦେବାନନ୍ଦ ସାହୁଙ୍କ ଏତଲାକ୍ରମେ ପୋଲିସ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୧୫୪/୨୧) ରୁଜୁ କରିଛି। ଗିରଫ ଅଭିଯୁକ୍ତମାନେ ସୋହେଲା ଥାନାର ଦୁଇଟି ମାମଲାରେ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି ।

### ଚୋରି ବୁଲେଟ୍ ଜବତ, ୨ ଗିରଫ

**ବରଗଡ଼ ଅଫିସ୍,୨୬।୮:** ବରଗଡ଼ ଟାଉନ ଥାନା ଅନ୍ତର୍ଗତ ପ୍ରଧାନପାଲି ଗ୍ରାମରୁ ଚୋରି ହୋଇଥିବା ଏକ ବୁଲେଟ୍ (ନଂ.ଓଡ଼ି୧୭ଏସ୍/୫୭୬୫)କୁ ପୋଲିସ ଜବତ କରିଛି। ଏହାସହିତ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତ ପ୍ରଧାନପାଲିର ଶଙ୍କର ବରିହା ଏବଂ ଅଭିମନ୍ୟୁ ବାରିକଙ୍କୁ ଗୁରୁବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ମହିଳା କଲେଜରେ ଗଙ୍ଗାଧର ଜୟନ୍ତୀ

**ବରଗଡ଼ ଅଫିସ୍,୨୬।୮:** ବରଗଡ଼ ମହିଳା କଲେଜରେ ଗୁରୁବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ସୁନୀଲ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଡଃ ସଂଘମିତ୍ରା ମିଶ୍ର ସଂଯୋଜନା କରିଥିଲେ। କେନ୍ଦୁଝର ମହିଳା କଲେଜର ବରିଷ୍ଠ ପ୍ରାଧ୍ୟାପକ ନରେନ୍ଦ୍ର ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗଦେଇ ଗଙ୍ଗାଧର ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡାଙ୍କ ନିର୍ଦ୍ଦେଶନାରେ ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରୀ ପ୍ରାରମ୍ଭିକ ଓ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ । ପ୍ରାଧ୍ୟାପିକା ରଞ୍ଜିତା ନାଏକ କାର୍ଯ୍ୟକ୍ରମ ପରିଚାଳନା,ଓଡ଼ିଆ ବିଭାଗ ମୁଖ୍ୟ ଧର୍ମରାଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ସଫଳ ଚାଷୀଙ୍କ ପରଲୋକ

**ପାଇକମାଲ, ୨୬।୮(ଡି.ଏନ.ଏ.):** ପାଇକମାଲ ବ୍ଲକ କୋକନରା ଗ୍ରାମର ସଫଳ ଚାଷୀ ଯୁଧିଷ୍ଠିର ମେହେର (୮୪)ଙ୍କ ଗୁରୁବାର ପରଲୋକ ହୋଇଛି। ସେ ୨୦୦୦ ମସିହାରୁ କୋକନରାରେ ନିଜ ୧୦ ଏକର ଜମିରେ ବିଭିନ୍ନ ପ୍ରକାର ଫଳ ଓ ପରିବା ଚାଷ କରି ସଫଳ ଚାଷୀ ଭାବେ ପୁରସ୍କୃତ ହୋଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନି ପୁଅ, ବୋହୂ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୁହାଁମୁହିଁ

**ବରଗଡ଼ ଅଫିସ୍,୨୬।୮**



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

**ବିଜେଡ଼ି ଅଭିଯୋଗର ଜବାବ ରଖିଲା ଭାଜପା**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ବିଜେଡ଼ି ଏବଂ ଭାଜପା ମଧ୍ୟରେ ଆରୋପ, ପ୍ରତ୍ୟାରୋପ ଚାଲିଛି। ବୁଧବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ଯୋଗୁ ପଶ୍ଚିମ ଓଡ଼ିଶାର ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ପଶ୍ଚିମ ଓଡ଼ିଶାର ୫ ଏମ୍‌ପିଙ୍କ ଇଙ୍ଗିତରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପୋର୍ଟାଲକୁ ବନ୍ଦ କରି ଦେଇଥିବା ସେମାନେ ଅଭିଯୋଗ କରିଥିଲେ। ତେବେ ଗୁରୁବାର ବରଗଡ଼ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ନେତୃତ୍ୱ ଏଭଳି ଅଭିଯୋଗର ଜବାବ ଦେଇଛି।

ଖବରଦାତା ସମ୍ମିଳନୀରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ କହିଥିଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପୋର୍ଟାଲ ଆଦୌ ବନ୍ଦ ହୋଇନାହିଁ। ଏହା ଖୋଲା ରହିଛି । ମନ୍ତ୍ରୀ ସିଂ ଏବଂ ପୂଜାରୀ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରିତାରେ ନିଜ ଦୋଷ ଦୁର୍ବଳତା ଲୁଚାଇବା ପାଇଁ ସେମାନେ ମିଥ୍ୟା ଆରୋପ ଆଣୁଛନ୍ତି। ଏମ୍‌ପି ପୂଜାରୀ ଆହୁରି କହିଥିଲେ, ଗତ ମୌସୁମୀ ଅଧିବେଶନରେ ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରିତା ନେଇ ତାଙ୍କ ପ୍ରଶ୍ନରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଦେଇଥିବା ଉତ୍ତର ଓଡ଼ିଶା ସରକାରଙ୍କ ମୁଖା ଖୋଲି ଦେଇଛି। ରାଜ୍ୟ ସରକାର କେନ୍ଦ୍ରକୁ ଦେଇଥିବା ରିପୋର୍ଟରେ ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତାକୁ ସ୍ୱୀକାର କରିଛନ୍ତି। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି। ଏପରିକି କେନ୍ଦ୍ରର ଏକ ଟିମ୍ ରାଜ୍ୟକୁ ତଦନ୍ତରେ ଆସିଥିବାବେଳେ ସେଭଳି ଅନିୟମିତତା ହୋଇଥିବା ଜାଣିବାକୁ ପାଇଛନ୍ତି। ଏହାପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଏତଲା ଦାଏର ପାଇଁ କେନ୍ଦ୍ର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ମାତ୍ର ରାଜ୍ୟ ସରକାର ଏ ଦିଗରେ କିଛି ପଦକ୍ଷେପ ନେଇ ନ ଥିବାବେଳେ ଖୋଦ୍ ମନ୍ତ୍ରୀ ସିଂ ଓ ପୂଜାରୀଙ୍କ ସେଭଳି ଆରୋପ ହାସ୍ୟାସ୍ପଦ ବୋଲି ଏମ୍‌ପି ପୂଜାରୀ କହିଛନ୍ତି।

ସେହିପରି କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସଂସଦରେ ଯେଉଁ ଉତ୍ତର ରଖିଛନ୍ତି ସେଥିରେ ଯଦି ସତ୍ୟତା ନାହିଁ, ତେବେ ସେମାନେ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ ଆଣନ୍ତୁ ବୋଲି ଏମ୍‌ପି ପୂଜାରୀ କହିଛନ୍ତି। ଏହାସହିତ ଆଗାମୀ ଶୀତକାଳୀନ ଅଧିବେଶନରେ ଏହି ପ୍ରସଙ୍ଗରେ ସର୍ଟ ଡ୍ୟୁରେଶନ ଡିବେଟ୍ କିମ୍ବା କୌଣସି ସ୍ଥାନରେ ଖୋଲା ବିତର୍କକୁ ବିଜେଡ଼ି ଓହ୍ଲାଉ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ, ବରିଷ୍ଠ ନେତା ସୁରେଶ୍ୱର ଶତପଥି, ରବି ନାରାୟଣ ଦାଶ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟବସ୍ଥିତ ଶୈକ୍ଷିକ ପରିବେଶ ପାଇଁ ଶିକ୍ଷାସେତୁ ଏକ ଅଭିନବ ପ୍ରୟାସ



ବଡମାଳ ୟୁପି ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଅମରପାଲି,୨୬।୮(ଡି.ଏନ.ଏ.)**

**ବଡମାଲ ୟୁପି ସ୍କୁଲରେ ଶିକ୍ଷକ ଅଭିଭାବକ ସମ୍ମିଳନୀ**

ସୁବର୍ଣ୍ଣପୁର ଜିଲାରେ ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ତଥା ଏକ ବ୍ୟବସ୍ଥିତ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିବା ଶିକ୍ଷାସେତୁ କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ । ଏହା ଛାତ୍ରୀଛାତ୍ରମାନଙ୍କ ଶିକ୍ଷାର ଉନ୍ନତିରେ ସହାୟକ ହେଉଛି। ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ କ୍ଲଷ୍ଟରର ବଡମାଲ ୟୁପି ସ୍କୁଲରେ ଅନୁଷ୍ଠିତ ଶିକ୍ଷକ ଅଭିଭାବକ ସମ୍ମିଳନୀ ଶିକ୍ଷାସେତୁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ମତ ରଖିଛନ୍ତି ସୁବର୍ଣ୍ଣପୁର ଜିଲାପାଳ ଆବୋଲି ସୁନିଲ ନରୱଣେ। ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ,ଏଡିଇଓ ଡ.ରାଧାନାଥ ଗଡତିଆ,ସିଆରସିସି ପ୍ରବୀର ଦାସ ଓ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ କରିଥିଲେ। କରୋନା କାଳରେ ଶିକ୍ଷାସେତୁ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଶିକ୍ଷାଦାନ ପାଇ ପାରୁଥିବା ଅଭିଭାବକମାନେ କହିଥିଲେ। ସ୍କୁଲର ଛାତ୍ରୀ ସୋନାଲି ମହାକୁର ଓ ଛାତ୍ର କେଶବ ବେହେରା ଉକ୍ତ କାର୍ଯ୍ୟକ୍ରମ ନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରାଣବନ୍ଧୁ ସାହୁ ସଂଯୋଜନା କରିଥିବା ବେଳେ ସିଆରସିସି ପ୍ରବୀର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସ୍କୁଲର ସମସ୍ତ ଶିକ୍ଷକ, ଅଭିଭାବକ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ବ୍ଲକର ସମସ୍ତ କ୍ଲଷ୍ଟରର ସିଆରସିସି ଯୋଗ ଦେଇଥିଲେ।

# ଧାନକିଣାରେ ଏସ୍‌ଏଚ୍‌ଜି ସାମିଲକୁ ବିରୋଧ

**ବରଗଡ଼ ଅଫିସ୍,୨୬।୮**

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ସାମିଲ କରାଯାଇଛି। ଆସନ୍ତା ଖରିଫରେ ବରଗଡ଼ ବ୍ଲକ ତୋରା ବଜାର ପ୍ରାଙ୍ଗଣରେ ଧାନ କ୍ରୟ ପାଇଁ ଏସ୍‌ଏଚ୍‌ଜିକୁ ଅନୁମତି ପ୍ରଦାନ କରାଯାଇଥିବା ଅଞ୍ଚଳର ଚାଷୀମାନେ କହିଛନ୍ତି। ତୋରା ଅଞ୍ଚଳରେ ବିଭିନ୍ନ ଜମିଜମା ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ହୋଇପାରି ନ ଥିବାରୁ ଏସ୍‌ଏଚ୍‌ଜି ଧାନ କିଣାବିକା କଲେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହି ଦୃଷ୍ଟିରୁ ତୋରା ବଜାର ପ୍ରାଙ୍ଗଣରେ ଧାନ କିଣାବିକା ପାଇଁ ଏସ୍‌ଏଚ୍‌ଜିକୁ ଅନୁମତି ନ ଦେବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ ପୂର୍ବଭଳି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)କୁ ଧାନ କିଣାବିକା ଦାୟିତ୍ୱ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏହି ଦାବି ନେଇ ଗୁରୁବାର ତୋରା ଗ୍ରାମର ଚାଷୀ ପ୍ରତିନିଧିମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ବାନାର୍ଜୀଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ।


ଡେପୁଟି କଲେକ୍ଟର ଚାଷୀଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ତୋରା ଗ୍ରାମରେ ଏପର୍ଯ୍ୟନ୍ତ ମେଜର ବନ୍ଦୋବସ୍ତ ଏବଂ ଚକବନ୍ଦୀ ବନ୍ଦୋବସ୍ତର ଜମିଜମା କାଗଜପତ୍ରର ଠିକ୍ ବିବରଣୀ ଚାଷୀଙ୍କୁ ମିଳିପାରିନାହିଁ। ଭୂଲେଖ ପୋର୍ଟାଲରେ ମଧ୍ୟ ତାହା ଉପଲବ୍ଧ ହେଉନାହିଁ। ଫଳରେ ପ୍ରତିବର୍ଷ ଧାନ କିଣାବିକାରେ ଚାଷୀ ସମସ୍ୟାରେ ପଡୁଛନ୍ତି। ଏହି ସମସ୍ୟା ପ୍ରତି ପ୍ୟାକ୍ସ କର୍ମଚାରୀମାନେ ଅବଗତ ଅଛନ୍ତି। ସେମାନଙ୍କର ଅଭିଜ୍ଞତା ଥିବାରୁ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବାବେଳେ ସେହି ସମସ୍ୟା ଲାଘବ ହେବା ସହିତ ଧାନ କିଣାବିକା ଠିକ୍ ଭାବେ ପରିଚାଳିତ ହୋଇଥାଏ। ଅନ୍ୟପଟେ ଏସ୍‌ଏଚ୍‌ଜିକୁ ଧାନ କିଣାବିକା କ୍ଷମତା ପ୍ରଦାନ କଲେ ସେହି ସମସ୍ୟା ଆହୁରି ଜଟିଳ ହେବ ବୋଲି ଚାଷୀମାନେ କହିଛନ୍ତି। ଫଳରେ ଏସ୍‌ଏଚ୍‌ଜି ବଦଳରେ ପ୍ୟାକ୍ସକୁ ତୋରା ବଜାର ପ୍ରାଙ୍ଗଣରୁ ଧାନ କିଣାବିକା ଦାୟିତ୍ୱ ଦେବାକୁ ଲକ୍ଷ୍ମଣ ନନ୍ଦ, ବିଶ୍ୱନାଥ ସାହୁ, ବିଦ୍ୟାଧର ସାହୁ, ଦୀପକ ସାହୁ, ରାଜୁ ସାହୁଙ୍କ ସମେତ ବହୁ ଚାଷୀ ଚାଷୀ ଦାବି କରିଛନ୍ତି।

# ଚିକିତ୍ସା ପାଇଁ ପୁଅର ଆକୁଳ ନିବେଦନ

**କିଡନୀ ରୋଗରେ ଆକ୍ରାନ୍ତ ବାପା**

**ଲୋଇସିଂହା, ୨୬।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଆଗଲାପାଲି ଗ୍ରାମର ଖେଦୁ ସାହୁ(୪୨) କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପାଖରେ ଟଙ୍କା ନ ଥିବାରୁ ଚିକିତ୍ସା କରାଇ ପାରୁ ନାହାନ୍ତି। ଏହିଭଳି ସ୍ଥିତିରେ ଖେଦୁଙ୍କ ୧୦ବର୍ଷର ପୁଅ କିରଣ ବାପାଙ୍କ ଚିକିତ୍ସା ପାଇଁ ସୋସିଆଲ ମିଡିଆରେ ଜିଲାପାଳ ଓ ଅନ୍ୟ ବଦାନ୍ୟ ବ୍ୟକ୍ତିବିଶେଷଙ୍କୁ ଆକୁଳ ନିବେଦନ କରିଛନ୍ତି। ସ୍ତ୍ରୀ ସନ୍ତୋଷିନୀ, ଝିଅ ରେଶମା ଓ ପୁଅ କରନକୁ ନେଇ ଖେଦୁଙ୍କ ପରିବାର। ସବୁକିଛି ଠିକ୍‌ଠାକ ଚାଲିଥିବା ବେଳେ ସେ କିଡନୀ ରୋଗରେ ଆକ୍ରାନ୍ତ ହେଲେ। ଧାରକରଜ କରି ସେ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଲେ ହେଁ କୌଣସି ସୁଫଳ ମିଳିଲା ନାହିଁ। ଏବେ ତାଙ୍କର ଦୁଇଟି ଯାକ କିଡନୀ ନଷ୍ଟ ହୋଇଯାଇଛି। କିଡନୀ ପ୍ରତିରୋପାଣ କଥା ଛାଡନ୍ତୁ, ଔଷଧ ଖାଇବା ପାଇଁ ତାଙ୍କ ପାଖରେ ଟଙ୍କା ନାହିଁ। ବ୍ୟୟ ବହୁଳ ଚିକିତ୍ସା ପାଇଁ ଆବଶ୍ୟକ ପଡୁଥିବା ଟଙ୍କା ନଥିବରୁ ସ୍ତ୍ରୀ ସନ୍ତୋଷିନୀ ନିରୂପାୟ ହୋଇ ପଡିଛନ୍ତି। ବ୍ଲକଠାରୁ ଜିଲା ପ୍ରଶାସନ ଯାଏ ଦୃଷ୍ଟି ଆକର୍ଷଣ କରି ସେ ନିରାଶ ହୋଇପଡିଛନ୍ତି। ଏଭଳି ପରିସ୍ଥିତିରେ ବାପାଙ୍କ ଉଚ୍ଚଚିକିତ୍ସା ସକାଶେ ନାବାଳକ ପୁଅ ସହାଯ୍ୟ ଭିକ୍ଷା କରଛନ୍ତି। ସୂଚନାଯୋଗ୍ୟ ଯେ, ଉକ୍ତ ଗାଁରେ କିଡନୀ ରୋଗ ବ୍ୟାପିବାରେ ଲାଗିଛି। ୫ଜଣ ପୀଡିତ ଥିବା ଗ୍ରାମବାସୀ କହିଛନ୍ତି।

# ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ବନ୍ଦ ନ କରିବାକୁ ଜିଲାପାଳଙ୍କ ପାଖରେ ଫେରାଦ


ଜିଲାପାଳଙ୍କୁ ସମସ୍ୟା ଜଣାଇବା ପାଇଁ ଯାଇଥିବା ଗ୍ରାମବାସୀ ।

**ବୌଦ୍ଧ,୨୬।୮(ସ୍ୱ.ପ୍ର.)**

ବୌଦ୍ଧ ଜିଲା ସରସରା ଗ୍ରାମରେ ଥିବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ବନ୍ଦ କରିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ୨୮ ତାରିଖରୁ ଏହି ବ୍ୟାଙ୍କ ଶାଖା ବନ୍ଦ କରାଯିବାକୁ ନିଷ୍ପତ୍ତି ନେବା ବିରୋଧରେ ଗତ ୧୮ ତାରିଖରେ ଗ୍ରାମବାସୀ ବ୍ୟାଙ୍କ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୁରୁବାର ଗ୍ରାମବାସୀ ବ୍ୟାଙ୍କର ସରସରା ଶାଖାରେ ତାଲା ପକାଇ ଦେଇଥିଲେ । ଏହାଛଡା ସମସ୍ତ ଜମାକାରୀଙ୍କ ଜମାଖାତା ସବୁ ବନ୍ଦ କରି ଟଙ୍କା ପ୍ରଦାନ କରିବା ପରେ ବ୍ୟାଙ୍କ ବନ୍ଦ କରାଯାଉ ବୋଲି ଦାବି କରିଥିଲେ। ଏନେଇ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଏକ ଶୋଭାଯାତ୍ରାରେ ଯାଇ ଗ୍ରାମରେ ଥିବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ବନ୍ଦ ନ କରିବାକୁ ଜିଲାପାଳଙ୍କ ପାଖରେ ଦାବି କରିଥିଲେ। ଏହି ବ୍ୟାଙ୍କ ଉପରେ ସରସରା ସମେତ ଆଖପାଖ ୪ ଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ବ୍ୟାଙ୍କ ବନ୍ଦ ହେଲେ ବିଶେଷ କରି ମହିଳାମାନେ ଅସୁବିଧାର ସମ୍ମୁଖୀନ ହେବେ। ଏଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ଦାବି ପୂରଣ ନ କଲେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଗ୍ରାମବାସୀ ଚେତବାନୀ ଦେଇଛନ୍ତି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ବ୍ୟାଙ୍କ ନ ଉଠିବା ନେଇ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ପ୍ରେମିକଙ୍କ ସମେତ ୩ ଗିରଫ

**ଦେଓଗାଁ,୨୬।୮(ଡି.ଏନ.ଏ.)**

**ପ୍ରତାରଣା ପରେ ପ୍ରେମିକାଙ୍କୁ ହତ୍ୟା ଘଟଣା**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଅପାମରାରେ ଜନୈକା ଯୁବତୀକୁ ପ୍ରେମ ପ୍ରତାରଣା କରି ହତ୍ୟା କରିବା ଅଭିଯୋଗରେ ଗୁରୁବାର ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନେ ରଜତ ପଧାନ, ତାଙ୍କ ବାପା ଜଗନ୍ନାଥ ପଧାନ ଓ କାକା ବୈଦ୍ୟନାଥ ପଧାନ। ସୂଚନାନୁସାରେ ଅପାମରା ଗାଁର ରଜତ ପଧାନଙ୍କର ଉକ୍ତ ଗାଁର ଜନୈକ ୧୯ବର୍ଷୀୟ ଯୁବତୀଙ୍କ ସହ ଗତ ୩ବର୍ଷହେଲା ପ୍ରେମ ସମ୍ପର୍କ ଥିଲା। ପରେ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିବା ପରେ ଯୁବତୀ ଅନ୍ତଃସତ୍ତ୍ୱା ହୋଇଥିଲେ। ଝିଅ ଗର୍ଭବତୀ ହେବା ଖବର ପାଇବା ପରେ ପୀଡିତାଙ୍କ ବାପା ରଜତଙ୍କ ଘରକୁ ଯାଇ ବିବାହ ପ୍ରସ୍ତାବ ଦେଇଥିଲେ । ହେଲେ ପୁଅ ଘର ଲୋକେ ତାଙ୍କୁ ମାଡ ମାରି ଫେରାଇ ଦେଇଥିଲେ। ପରଦିନ ସକାଳେ ଯୁବତୀ ଜଣକ ରଜତଙ୍କ ଘରକୁ ଯାଇ ବିବାହ ପାଇଁ ଜିଦ୍ ଧରିଥିଲେ। ଏହାର କେତେଘଣ୍ଟା ପରେ ସମ୍ପୃକ୍ତ ଯୁବତୀ ବିଷପାନ କରି ନିଜ ବାଡିପଟେ ମୂମୂର୍ଷୁ ଅବସ୍ଥାରେ ପଡିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଜତଙ୍କ ଘରଲୋକେ ବିଷଦେଇ ମାରିଦେଇଥିବା ଯୁବତୀଙ୍କ ବାପା ଦେଓଗାଁ ଥାନାରେ ବୁଧବାର ସନ୍ଧ୍ୟାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୩ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ କମଳ ଲୋଚନ ମାଝୀ କହିଛନ୍ତି।

### ଯୁବ ରେଡ଼କ୍ରସ ଅଧିକାରୀଙ୍କ ସିଦ୍ଧାର୍ଥ ଡିଗ୍ରୀ କଲେଜ ପରିଦର୍ଶନ

**ବିନିକା,୨୬।୮(ଡି.ଏନ.ଏ.):** ଗୁରୁବାର ଅପରାହ୍ନରେ ବିନିକା ସିଦ୍ଧାର୍ଥ ଡିଗ୍ରୀ ଓ ଜୁନିୟର କଲେଜକୁ ଭାରତୀୟ ରେଡକ୍ରସ ସୋସାଇଟିର ଓଡିଶା ରାଜ୍ୟ ଶାଖା ଯୁବ ରେଡକ୍ରସ ଅଧିକାରୀ ଡ.ଅଜୟ କୁମାର ତ୍ରିପାଠୀ ପରିଦର୍ଶନରେ ଆସିଥିଲେ। କଲେଜ ଅଧକ୍ଷ ଧୀରେନ୍ଦ୍ର କୁମାର ନାୟକ, ଜୁନିୟର କଲେଜ ଅଧକ୍ଷା ରେଖା ପ୍ରଧାନ, ରାଜ୍ୟ ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଜିଲା ରେଡକ୍ରସ କୋଅର୍ଡିନେଟର ଉମାକାନ୍ତ କର,ଅଧ୍ୟାପକ ଗୋପାଳକୃଷ୍ଣ ଦାଶଙ୍କ ସମେତ କଲେଜ ଷ୍ଟାଫ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଆୟୋଜିତ ଉତ୍ସବରେ ଡିଗ୍ରୀ କଲେଜ ଅଧକ୍ଷ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଯୁବ ରେଡ଼କ୍ରସ ଅଧିକାରୀ ଡ. ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଆଦିବାସୀଙ୍କୁ ମିଳିବ ଜଙ୍ଗଲ ଜମି ପଟ୍ଟା

**ଲାଠୋର, ୨୬।୮(ଡି.ଏନ.ଏ.)**

**ଆଲୋଚନା ପରେ ପ୍ରତିଶ୍ରୁତି ଦେଲେ ଡିଏଫଓ**

ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ ଅଧୀନ ବାଦିମାଲ ଗ୍ରାମର ୨୧ ଆଦିବାସୀ ପରିବାର ସରକାରୀ ନିୟମ ଅନୁଯାୟୀ ଜଙ୍ଗଲ ଜମି ଅଧିକାର କରିଛନ୍ତି। ହେଲେ ସେମାନଙ୍କୁ ଉକ୍ତ ଜମିର ପଟ୍ଟା ପ୍ରଦାନ କରାଯାଇନାହିଁ। ବୁଧବାର ଆଦିବାସୀ କଲ୍ୟାଣ ସଂଘ କର୍ମକର୍ତ୍ତାଙ୍କ ସହ ବଲାଙ୍ଗୀର ଡିଏଫଓ ନୀତିନ କୁମାର ଆଲୋଚନା କରିଥିଲେ। ଆଦିବାସୀଙ୍କୁ ସେମାନଙ୍କ ନାର୍ଯ୍ୟ ଅଧିକାର ପ୍ରଦାନ କରାଯିବ ବୋଲି ଡିଏଫଓ ପ୍ରତିଶ୍ରୁତି ଦେଇଥିବା ସଂଘ ମହାସଚିବ ନିରଞ୍ଜନ ବିଶି କହିଛନ୍ତି। ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ଆଇନ ଅନୁଯାୟୀ ୨୦୦୫ ମସିହା ପୂର୍ବରୁ ବାଦିମାଲ ଗ୍ରାମର ୨୧ ଆଦିବାସୀ ପରିବାର ଲାଠୋର ରେଞ୍ଜ ବେନ୍ଦେର ସଂରକ୍ଷଣ ଜଙ୍ଗଲ-୧ରେ ରହୁଛନ୍ତି। ଜଙ୍ଗଲ ଜମି ଅଧିକାର କରି ଚାଷବାସ କରି ଚଳୁଛନ୍ତି। ଉକ୍ତ ଜମିର ପଟ୍ଟା ପାଇଁ ଆବଶ୍ୟକ କାଗଜ ପତ୍ର ପ୍ରସ୍ତୁତ କରି ବାରମ୍ବାର ଆବେଦନ ସତ୍ତ୍ୱେ ତାହାକୁ ଖାରଜ କରି ଦିଆଯାଉଥିଲା। ଏହାର ପ୍ରତିବାଦରେ ଆଦିବାସୀମାନେ ସେଠାରେ ଥିବା ପ୍ଲାଣ୍ଟେସନକୁ ବନ ବିଭାଗ କର୍ମଚାରୀଙ୍କୁ ପଶିବା ପାଇଁ ବାରଣ କରିଥିଲେ। ଖାଲି ସେତିକି ନୁହେଁ ଗତ ୨୩ ତାରିଖ ଦିନ ରେଞ୍ଜର ଓ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଡିଏଫଓଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ରେଞ୍ଜର କହିଥିଲେ। ତଦନୁଯାୟୀ ଜିଲା ଆଦିବାସୀ କଲ୍ୟାଣ ସଂଘ ଆରକ୍ଷୀ ଅଧୀକ୍ଷକ ଏବଂ ଡଏଫଓଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଆଲୋଚନା ବେଳେ ଡିଏଲସି ସଦସ୍ୟ ସତ୍ୟନାରାୟଣ ଭୋଇ, ଶ୍ୟାମ ସୁନ୍ଦର ଭୋଇ, ବନଲତା ମାଝୀ, ଘନ ବରିହା, ଯଦୁମଣି ବରିହା ପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁରରେ ନୂତନ ଡିଏଚ୍‌ଏଚ୍ ନିର୍ମାଣ ଆରମ୍ଭ

**ସୋନପୁର,୨୬।୮(ନି.ପ୍ର.)**

ସୁବର୍ଣ୍ଣପୁରରେ ବହୁ ପ୍ରତୀକ୍ଷିତ ନୂତନ ଡିଏଚ୍‌ଏଚ୍(ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର)ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସହରର ଝୁପୁଡିପଡାସ୍ଥିତ ମହାନଦୀ କୂଳ ଏମ୍‌ସିଏଚ୍(ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର) ପାର୍ଶ୍ୱରେ ଡିଏଚ୍‌ଏଚ୍ ନିର୍ମାଣ ହେଉଛି। ଠିକାସଂସ୍ଥା ଏଥିପାଇଁ ମାଟି ସମତଳ ସହ ଫାଉଣ୍ଡେସନ କାର୍ଯ୍ୟ ଆରମ୍ଭ କରିଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଜିଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଗତି ହୋଇପାରିବ।

ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଲାଗି ପ୍ରଶାସନିକ ଅନୁମୋଦନ ମିଳିବା ପରେ କୋଠା ନିର୍ମାଣ ପାଇଁ ୮୭କୋଟି ୮୫ଲକ୍ଷ ୩୦ହଜାର ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ପୂର୍ତ୍ତ ବିଭାଗ ଏହାର ଟେଣ୍ଡର ଆହ୍ୱାନ କରିଥିଲା। ଗୁରଗାଁଓର ଏମଏସ ସୋମ ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥା ଟେଣ୍ଡର ହାତେଇବା ସହ



ନିର୍ମାଣ ହେବାକୁ ଥିବା ନୂତନ ଡିଏଚଏଚର ଡିଜାଇନିଂ।

୮୨କୋଟି ୧୪ଲକ୍ଷ ୨୬ହଜାର ଟଙ୍କାରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ସହିତ ଚୁକ୍ତିନାମା କରିଛି। ୭ ମହଲା ବିଶିଷ୍ଟ କୋଠାରେ ୩୦୦ଶଯ୍ୟା ଓ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ରହିବ। ରାଜାରାଜୁଡା ଅମଳରୁ ନିର୍ମିତ ପୁରାତନ କୋଠାରେ ଏବେ ବି ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ଅଛି। ସୁବର୍ଣ୍ଣପୁର ଜିଲାବାସୀ ଓ ପଡୋଶୀ ବୌଦ୍ଧ ଜିଲାର ଲୋକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ତେବେ ସ୍ଥାନାଭାବ ଯୋଗୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଉପକରଣ ଓ ଆବଶ୍ୟକ ପାଥୋଲାବ୍ ବ୍ୟବସ୍ଥା ହୋଇପାରିନାହିଁ। ଶଯ୍ୟା ଅଭାବରୁ ପ୍ରସୂତି ମହିଳା ଓ ନବଜାତ ଶିଶୁମାନଙ୍କୁ ବାରଣ୍ଡାରେ ରଖି ଅସ୍ୱାସ୍ଥ୍ୟକର ପରିବେଶରେ ଚିକିତ୍ସା କରିବାକୁ ପଡୁଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୧୭ ଜୁଲାଇ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଏଚଏଚ୍‌ର ଶିଳାନ୍ୟାସ କରିଥିଲେ। କିନ୍ତୁ ଜମି ସମସ୍ୟା ଓ ଅନୁଦାନ ନ ମିଳିବାରୁ କାମ ଆରମ୍ଭ ହୋଇ ପାରି ନ ଥିଲା। ୨୦୧୯ ମସିହାରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ୫-ଟି ସଚିବ ଭି.କେ ପାଣ୍ଡିଆନ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଶାଳୀନି ପଣ୍ଡିତ ପ୍ରମୁଖ ଜିଲା ଗସ୍ତରେ ଆସି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ତଥାପି କାମ ଆରମ୍ଭ ହୋଇ ପାରି ନ ଥିଲା। ଏଥିପାଇଁ ଅନେକଥର ଉଚ୍ଚସ୍ତରୀୟ ସମୀକ୍ଷା ବି ହୋଇଥିଲା।

- ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବ ୩ ଶହ ଶଯ୍ୟା
- ୭ ମହଲା କୋଠାରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା

## ସଂକ୍ଷେପରେ

### ଭାରତରେ ନ୍ୟୁଜ୍ ୱେବ୍‌ସାଇଟ ବନ୍ଦ କଲା ୟାହୁ

ନୂଆଦିଲ୍ଲୀ,୨୬ା୮: ୟାହୁ ଭାରତରେ ଏହାର ନ୍ୟୁଜ୍ ୱେବ୍‌ସାଇଟକୁ ବନ୍ଦ କରିଦେଇଛି। ଭାରତରେ ନୂଆ ଏଫ୍‌ଡିଆଇ ନୀତି ଆଧାରରେ କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। ଭାରତରେ ଡିଜିଟାଲ କଣ୍ଟେଣ୍ଟ ପବ୍ଲିସ କ୍ଷେତ୍ରରେ ବିଦେଶୀ ମାଲିକାନା ରହିଥିବା ମିଡିଆ କମ୍ପାନୀଗୁଡିକ ଲାଗି ସରକାର କଟକଣା ଜାରି କରିଛନ୍ତି। ବନ୍ଦ ହୋଇଥିବା ସେବା ମଧ୍ୟରେ ୟାହୁ ନ୍ୟୁଜ୍, ୟାହୁ କ୍ରିକେଟ, ଫାଇନାନ୍ସ, ଏଣ୍ଟରଟେନମେଣ୍ଟ ଏବଂ ମେକର୍ସ ଇଣ୍ଡିଆ ରହିଛି। ଏହାଦ୍ୱାରା ୟାହୁ ଇମେଲ୍ ଏବଂ ସର୍ଚ୍ଚ ଏକ୍ସପେରିଏନ୍ସ ୟୁଜରଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ଓଡ଼ିଶାରେ ‘ମାଇ ମନି ମନ୍ତ୍ର’ର ସେବା ଆରମ୍ଭ

ଭୁବନେଶ୍ୱର,୨୬ା୮: ରାଜ୍ୟର କୋଭିଡ ସଂକ୍ରମଣ ସାଧାରଣଜନତାଙ୍କ ଆର୍ଥିକ ମେରୁଦଣ୍ଡ କୁ ବେଶ ପ୍ରଭାବିତ କରିଛି। ଏଭଳି ସମୟରେ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା ଲୋକଙ୍କ ପାଇଁ ସହଯୋଗର ହାତ ବଢାଇବା ସହ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ବୁଧବାର ରାଜଧାନୀରେ ଏକ ନୂତନ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥା ‘ମାଇ ମନି ମନ୍ତ୍ର’ର ଶାଖା ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହି ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥାକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାଣ ଜେନା ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଦେବାଶିଷ ସିଟ, ଓଡ଼ିଶା ୱେବ ମିଡ଼ିଆ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରର ସହିଦନଗର ମେଟ୍ରୋ କ୍ଲାସିକ ବିଲଡ଼ିଂରେ ଉଦଘାଟିତ ହୋଇଥିବା ଏହି ବ୍ୟାଙ୍କରେ ଜନସାଧାରଣ ପର୍ସନାଲ ଲୋନ, ହୋମ ଲୋନ , ବିଜନେସ ଲୋନ, ପ୍ରପର୍ଟି ମଡ଼ଗେଜ ଲୋନ ଭଳି ବିଭିନ୍ନ ପ୍ରକାର ଲୋନ ସୁବିଧା ପାଇପାରିବେ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଏୟାର ଟାକ୍ସି ପାଇଁ ରାସ୍ତା ଖୋଲିଲା

ନୂଆଦିଲ୍ଲୀ,୨୬ା୮



- ଡ୍ରୋନ୍ ନିୟମ କୋହଳ କଲେ ସରକାର
- ଅଧିକ ସଂଖ୍ୟକ ଫର୍ମ ଆବଶ୍ୟକ ପଡ଼ିବନି
- ଲାଇସେନ୍ସ ଦେୟରେ ହ୍ରାସ

ସରକାର ଡ୍ରୋନ୍ ଉଡ଼ାଣ ଲାଗି ରହିଥିବା ନିୟମାବଳୀରେ ପରିବର୍ତ୍ତନ କରିଛନ୍ତି। ଫଳରେ ଆଗାମୀ ଦିନରେ ଭାରତରେ ଏୟାର ଟାକ୍ସି ଚଳାଚଳ ପାଇଁ ରାସ୍ତା ଖୋଲିଛି। ନୂଆ ନିୟମ ଦ୍ୱାରା ଆଗାମୀ ଦିନରେ ଏୟାର ଟାକ୍ସି ଆଣିବା ସହଜ ହେବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଗୁରୁବାର କହିଛନ୍ତି। ବିଶ୍ୱ ସ୍ତରରେ ଏୟାର ଟାକ୍ସି ଉପରେ ବର୍ତ୍ତମାନ ଗବେଷଣା ହେଉଛି। ଏ କ୍ଷେତ୍ରରେ ନୂଆ ନୂଆ ଉଦ୍ଭାବନ ମଧ୍ୟ ହେଉଛି। ଏହାକୁ ବିଚାରକଲେ ରାସ୍ତାରେ ଉବର ଟାକ୍ସି ଭଳି ଆକାଶରେ ଏୟାର ଟାକ୍ସି ଉଡ଼ିବା ବେଶିଦିନ ନୁହେଁ। ଏହିଦିନ ଶୀଘ୍ର ଆସିବା ନେଇ ବିଶ୍ୱାସ ରହିଛି ବୋଲି ସିନ୍ଧିଆ କହିଛନ୍ତି। ଏ ଦିଗରେ ପ୍ରତିରକ୍ଷା ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ବ୍ୟୁରୋ ଅଫ୍ ସିଭିଲ ଆଭିଏଶନ ସିକ୍ୟୁରିଟି(ବିସିଏସି) ମିଳିତ ହୋଇ କାମ କରୁଛନ୍ତି। ଦେଶ ମଧ୍ୟରେ ଏ ଦିଗରେ କିଭଳି ଗବେଷଣା ଏବଂ ବିକାଶ ସହ ଶୀଘ୍ର କାର୍ଯ୍ୟକାରିତା ବଢ଼ିବ ତାକୁ ମଧ୍ୟ ଧ୍ୟାନରେ ରଖାଯାଇଛି।

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଡ୍ରୋନ୍ ଉଡାଣ ନେଇ ନିୟମ କୋହଳ ସଂକ୍ରାନ୍ତ ବିଜ୍ଞପ୍ତିକୁ ବୁଧବାର ଜାରି କରିଛନ୍ତି। ବର୍ତ୍ତମାନ ଏଥିଲାଗି ଅଧିକ ସଂଖ୍ୟକ ଫର୍ମ ପୂରଣ କରିବାକୁ ପଡିବ ନାହିଁ। ପୂର୍ବରୁ ଏଥିଲାଗି ୨୫ ଫର୍ମ ଆବଶ୍ୟକତା ପଡୁଥିବା ବେଳେ ୫କୁ ହ୍ରାସ ପାଇଛି। ଅଣ ବାଣିଜ୍ୟିକ ବ୍ୟବହାର କ୍ଷେତ୍ରରେ ନାନୋଡ୍ରୋନ୍ ଏବଂ ମାଇକ୍ରୋ ଡ୍ରୋନ୍ ପାଇଁ ପାଇଲଟ ଲାଇସେନ୍ସର ଆବଶ୍ୟକତା ପଡ଼ିବନି। ୨୫୦ ଗ୍ରାମରୁ କମ୍ ଓଜନ ବିଶିଷ୍ଟ ଡ୍ରୋନ୍‌କୁ ନାନୋ ଡ୍ରୋନ୍ ଏବଂ ୨ କିଲୋ ବିଶିଷ୍ଟ ଡ୍ରୋନ୍‌କୁ ମିନି ଡ୍ରୋନ ବର୍ଗରେ ରଖାଯାଇଛି। ଡ୍ରୋନ୍ ସ୍ଥାନାନ୍ତର ଏବଂ ପଞ୍ଜୀକରଣ ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ସମସ୍ତ ଡ୍ରୋନ୍‌ର ଅନ୍‌ଲାଇନ ପଞ୍ଜୀକରଣ ଡିଜିଟାଲ ସ୍କାଏ ପ୍ଲାଟ୍‌ଫର୍ମରେ ହେବ। ଡ୍ରୋନ୍‌ର ସ୍ଥାନାନ୍ତର ଏବଂ ପଞ୍ଜୀକରଣ ରଦ୍ଦ ପ୍ରକ୍ରିୟା ମଧ୍ୟ ସରଳ ହୋଇଛି। ପୂର୍ବରୁ ଡ୍ରୋନ୍ ପାଇଁ ଅନେକ ପ୍ରକାର ମଞ୍ଜୁରୀ ଆବଶ୍ୟକ ହେଉଥିଲା। ଏବେ ଏହା ଜରୁରୀ ନୁହେଁ।

ଡ୍ରୋନ୍ ପଞ୍ଜୀକରଣ କିମ୍ବା ଲାଇସେନ୍ସ ଲାଗି ସିକ୍ୟୁରିଟି କ୍ଲିୟରାନ୍ସ ନେବାର ଆବଶ୍ୟକତା ପଡିବନାହିଁ। ରିମୋଟ୍ ପାଇଲଟ ଲାଇସେନ୍ସ ୧୦ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ। ପୂର୍ବରୁ ଲାଇସେନ୍ସ ଲାଗି ୩ ହଜାର ଟଙ୍କା ଫି’ ଦେବାକୁ ପଡୁଥିବା ବେଳେ ବର୍ତ୍ତମାନ ଏହା ୧୦୦ ଟଙ୍କାକୁ ହ୍ରାସ ହୋଇଛି। ପୂର୍ବରୁ ୭୨ ବର୍ଗରେ ଫିସ୍ ଭରିବାକୁ ପଡୁଥିବା ବେଳେ ବର୍ତ୍ତମାନ ଏହା ୪କୁ କମିଛି। ଫିସ୍ ବହୁ ସାଧାରଣ ହୋଇଥିବା ବେଳେ ଡ୍ରୋନ ସାଇଜ ଉପରେ ଏହାର ପ୍ରଭାବ ରହିବନି। ଡିଜିଟାଲ ସ୍କାଏ ପ୍ଲାଟ୍‌ଫର୍ମରେ ଗ୍ରୀନ୍, ରେଡ୍ ଏବଂ ୟେଲୋ ଜୋନ୍‌ର ଇଣ୍ଟରାକ୍ଟିଭ ଏୟାର ସ୍ପେସ୍ ମ୍ୟାପ୍ ରହିବ। ୟେଲୋ ଜୋନ ବା ଏୟାରପୋର୍ଟର ପ୍ରାୟ ୧୨ କି.ମି. ଏୟାର ବାହାରେ ଡ୍ରୋନ ଉଡାଣ ହୋଇପାରିବ। ପୂର୍ବରୁ ଏହା ୪୫ କି.ମି. ରହିଥିଲା। ନିୟମ ଉଲ୍ଲଂଘନ କ୍ଷେତ୍ରରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ।

# ଅଜୟ କୁମାର ଆର୍‌ବିଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ନୂଆଦିଲ୍ଲୀ,୨୬ା୮: ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଅଜୟ କୁମାରଙ୍କୁ ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି) ଭାବେ ନିଯୁକ୍ତି ପ୍ରଦାନ କରିଛି। ଏହା ଅଗଷ୍ଟ ୨୦ରୁ କାର୍ଯ୍ୟକାରୀ ହେବ। ଆର୍‌ବିଆଇ ସୂଚନା ମୁତାବକ, କୁମାର କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରା ପରିଚାଳନା, ବିଦେଶୀ ବିନିମୟ ବିଭାଗ ଭଳି ଅନ୍ୟ କିଛି ବିଭାଗ ଦାୟିତ୍ୱରେ ରହିବେ। ଇଡି ଭାବେ ପଦୋନ୍ନତି ପାଇବା ଆଗରୁ ସେ ଆର୍‌ବିଆଇ ନୂଆଦିଲ୍ଲୀ ଆଞ୍ଚଳିକ କାର୍ଯ୍ୟାଳୟର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଗତ ୩ ଦଶନ୍ଧି ମଧ୍ୟରେ ସେ ବିଦେଶୀ ବିନିମୟ, ବ୍ୟାଙ୍କିଙ୍ଗ ତଦାରଖ, ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ମୁଦ୍ରା ପରିଚାଳନା ଭଳି ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ସେ ପାଟନା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର, ଇକଫାଇରୁ ବ୍ୟାଙ୍କିଙ୍ଗରେ ଏମ୍‌ଏସ୍, ହାଇଦ୍ରାବାଦସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବ୍ୟାଙ୍କ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚରୁ ସାର୍ଟିଫାଏଡ ବ୍ୟାଙ୍କ ମ୍ୟାନେଜର ଭଳି ଡିଗ୍ରୀ ହାସଲ କରିଛନ୍ତି। ସେହିଭଳି ଶିକାଗୋର କେଲୋଗ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରୁ ଏକଜିକ୍ୟୁଟିଭ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନ୍ସରୁ ସାର୍ଟିଫାଏଡ୍ ଆସୋସିଏଟ ରହିଥିଲେ।

# ବୋଇଂ ୭୩୭ ମାକ୍ସ ଉଡ଼ାଣକୁ ଅନୁମତି

ନୂଆଦିଲ୍ଲୀ,୨୬ା୮

ବୋଇଂ ୭୩୭ ମାକ୍ସ ବିମାନ ଉଡ଼ାଣକୁ ଭାରତ ସରକାର ଅନୁମତି ପ୍ରଦାନ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ ଗୁରୁବାର ଏ ନେଇ ସ୍ପଷ୍ଟ କରାଯାଇଛି। ଆବଶ୍ୟକ ନିରାପତ୍ତା ସଂକ୍ରାନ୍ତ ସର୍ତ୍ତପାଳନ ସହ ଘରୋଇ ବଜାରରେ ଏହି ବିମାନ ଉଡ଼ିପାରିବ। ୨୦୧୯ରେ ୫ ମାସ ମଧ୍ୟରେ ବୋଇଂ ୭୩୭ ମାକ୍ସର ୨ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ସାରା ବିଶ୍ୱରେ ଏହାର ଉଡ଼ାଣ ଉପରେ କଟକଣା ଲଗାଯାଇଥିଲା।

# ବିଦେଶରେ ପଢ଼ିବା ପାଇଁ ଚାହିଦା ବଢୁଛି

ଭୁବନେଶ୍ୱର,୨୬ା୮

କରୋନା ମହାମାରୀ ଦ୍ୱିତୀୟ ଲହର ପରେ ବିଦେଶରେ ଥିବା ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ପଢ଼ିବା ପାଇଁ ଚାହିଦାରେ ବୃଦ୍ଧି ହୋଇଥିବା ଦେଖାଯାଉଛି। ଛାତ୍ରୀଛାତ୍ର ସେମାନଙ୍କ କ୍ୟାମ୍ପସକୁ ଫେରିବା ସହ ଅଫ୍‌ଲାଇନ ଓ ଅନ୍‌ଲାଇନରେ ପାଠପଢା ଆରମ୍ଭ କରିଛନ୍ତି। ଟିକାକରଣ ତ୍ୱରାନ୍ୱିତ ହୋଇଥିବାରୁ ଶିକ୍ଷାନୁଷ୍ଠାନ ସ୍ୱାଭାବିକ ହେଉଥିବା ନଜରକୁ ଆସିଛି। ଚଳିତ ବର୍ଷ ଭାରତରେ ସର୍ବାଧିକ ଷ୍ଟୁଡେଣ୍ଟ ଭିସା ପାଇଁ ଆବେଦନ ହୋଇଥିବା ଲେଟ୍ସ ଟକ୍‌ର ପ୍ରତିଷ୍ଠାତା ସୁନିତା ବୋଷ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତବର୍ଷ କେତେ ସଂଖ୍ୟକ ଛାତ୍ରୀଛାତ୍ର ପଢିବାପାଇଁ ବିଦେଶକୁ ଯାଉଛନ୍ତି ବର୍ତ୍ତମାନ ଆକଳନ କରିବା କଷ୍ଟ। କିନ୍ତୁ ଗତବର୍ଷ ଅପେକ୍ଷା ଏହା ଅନେକ ମାତ୍ରାରେ ବୃଦ୍ଧି ହେବ। ନୂଆ ସେସନ ଲାଗି ଛାତ୍ରୀଛାତ୍ରଙ୍କ ସଂଖ୍ୟା ୮୦% ବୃଦ୍ଧି ପାଇଛି। ବିଦେଶରେ ସ୍ନାତକୋତ୍ତର କ୍ଷେତ୍ରରେ ସୁଯୋଗ ପାଇଁ ଛାତ୍ରୀଛାତ୍ରମାନେ ଖୁବ୍ ଆଗ୍ରହୀ। ସେପ୍ଟେମ୍ବର ୨୦୨୧ରେ ଆରମ୍ଭ ହୋଇଥିବା ସେସନ ପାଇଁ ଅନେକ ଏନ୍‌କ୍ୱାରି ଆସିଛି। ଏହା ଆଗକୁ ମଧ୍ୟ ବଢିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ଲେଟ୍ସ ଟକ୍ ଏକ ଏଜୁକେଶନ କନ୍‌ସଲଟାନ୍ସି ହୋଇଥିବା ବେଳେ ଛାତ୍ରୀଛାତ୍ରଙ୍କୁ ଦେଶ ବିଦେଶରେ ଉଚ୍ଚ ଶିକ୍ଷା ନିମନ୍ତେ କ୍ୟାରିୟର କାଉନସେଲିଂ ଏବଂ ଆଡ୍‌ମିସନ୍ ଗାଇଡାନ୍ସ ପ୍ରଦାନ କରୁଛି।

# ଅଣ୍ଡର ଗ୍ରାଉଣ୍ଡ ଅଫିସ ଚଳାଉଥିଲେ ୟୁନିଟେକ ପ୍ରତିଷ୍ଠାତା

ନୂଆଦିଲ୍ଲୀ,୨୬ା୮: ଜେଲରେ ରହିବା ସତ୍ତ୍ୱେ ୟୁନିଟେକ୍ ରିୟଲ ଇଷ୍ଟେଟ କମ୍ପାନୀର ପ୍ରତିଷ୍ଠାତା ଦକ୍ଷିଣ ଦିଲ୍ଲୀର ଏକ ଗୋପନୀୟ ସ୍ଥାନରୁ ଅଣ୍ଡର ଗ୍ରାଉଣ୍ଡ ଅଫିସ ଚଳାଉଥିଲେ। ଏହି ଅଫିସକୁ ରମେଶ ଚନ୍ଦ୍ରା, ତାଙ୍କ ପୁଅ ସଞ୍ଜୟ ଚନ୍ଦ୍ରା ଏବଂ ଅଜୟ ଚନ୍ଦ୍ରା ଦେଖାଶୁଣା କରୁଥିଲେ। ବିଶେଷକରି ସେମାନଙ୍କୁ ଯେବେ ବି ଜାମିନ କିମ୍ବା ପାରୋଲରେ ଛଡା ଯାଉଥିଲା ଏହି ଅଣ୍ଡର ଗ୍ରାଉଣ୍ଡ ଅଫିସରେ ସେମାନେ ସେମାନଙ୍କ ନେଟ୍‌ୱର୍କ ଚଳାଉଥିଲେ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗୁରୁବାର ସୂଚନା ଦେଇଛି। ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ଦିଗରେ ଇଡି ଛାନ୍‌ଭିନ୍ କରୁଛି।

# ୩ ବ୍ୟାଙ୍କ ସିଇଓ, ୧୦ ଇଡିଙ୍କ କାର୍ଯ୍ୟକାଳ ବୃଦ୍ଧି

ନୂଆଦିଲ୍ଲୀ,୨୬ା୮




ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ୩ ଏମ୍‌ଡି ତଥା ସିଇଓ ଏବଂ ୧୦ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି)ଙ୍କ କାର୍ଯ୍ୟକାଳ ବଢ଼ାଯାଇଛି। କେନ୍ଦ୍ର କ୍ୟାବିନେଟ୍‌ର ନିଯୁକ୍ତି କମିଟି(ଏସିସି) ଆର୍ଥିକ ସେବା ବିଭାଗ ଦେଇଥିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିବା ଜଣାପଡିଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଥିବା ଏସ୍.ଏସ୍.ମଲ୍ଲିକାର୍ଜୁନ ରାଓଙ୍କ କାର୍ଯ୍ୟକାଳ ଆସନ୍ତା ବର୍ଷ ଜାନୁୟାରୀ ଶେଷ ଯାଏ ବଢାଯାଇଛି। ୟୁକୋ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅତୁଲ କୁମାର ଗୋଏଲ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏମ୍‌ଡି ତଥା ସିଇଓ ଏ.ଏସ୍.ରାଜୀବଙ୍କ କାର୍ଯ୍ୟକାଳ ୨ ବର୍ଷ ଲେଖାଏ ବୃଦ୍ଧି କରିଛନ୍ତି। ବର୍ତ୍ତମାନ ମହାମାରୀ ସ୍ଥିତି ଜାରି ରହିଥିବାରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ସ୍ଥିରତା ଏବଂ କାର୍ଯ୍ୟଧାରା ବଜାୟ ରଖିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡିଛି। ସେହିଭଳି କାର୍ଯ୍ୟକାଳ ବୃଦ୍ଧି ହୋଇଥିବା ଇଡିଙ୍କ ମଧ୍ୟରେ ବ୍ୟାଙ୍କ ଅଫ୍ ବରୋଦାର ଅଜୟ କେ. ଖୁରାନା, କାନାରା ବ୍ୟାଙ୍କର ଏ.ମଣିମେଖଲାଇ, ବ୍ୟାଙ୍କ ଅଫ୍ ଇଣ୍ଡିଆର ପି.ଆର୍. ରାଜଗୋପାଳ, ପିଏନ୍‌ବିର ସଞ୍ଜୟ କୁମାର, ବିଜୟ ଦୁବେ, ୟୁନିୟନ ବ୍ୟାଙ୍କ ଗୋପାଳ ସିଂ ଗୋସାଇଁ, ମାନସ ରଞ୍ଜନ ବିଶ୍ୱାଳ, ବ୍ୟାଙ୍କ ଅଫ୍ ବରୋଦାର ବିକ୍ରମ ସିଂ କିଛି, ଇଣ୍ଡିଆନ ବ୍ୟାଙ୍କର ସେନୟ ବିଶ୍ୱନାଥ ଭିଟଲ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଲୋକ ଶ୍ରୀବାସ୍ତବ ରହିଛନ୍ତି। ବ୍ୟାଙ୍କ ଅଫ୍ ବରୋଦାର ଇଡି ଶାନ୍ତିଲାଲ ଜୈନଙ୍କ କାର୍ଯ୍ୟକାଳ ୨ ବର୍ଷ ବଢ଼ାଇବାକୁ ପ୍ରସ୍ତାବ ରହିଛି। ନିକଟରେ ସେ ଇଣ୍ଡିଆନ ବ୍ୟାଙ୍କ ଏମ୍‌ଡି ତଥା ସିଇଓ ଭାବେ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି।

## ଫୁରସତ୍

# ଯାଆଁଳା ପିଲାଙ୍କ ଗାଁ



ଥିରୁଭାନନ୍ତପୁରମ: ଦୁନିଆରେ କିଛି ନା କିଛି ଅଜବ ଘଟଣା ଦେଖିବାକୁ ମିଳିଥାଏ, ଯାହାକୁ ବିଶ୍ୱାସ କରିବା ସହଜ ହୋଇ ନ ଥାଏ। କେତେକ ସ୍ଥାନ ତଥା ଜନବସତି ଅଞ୍ଚଳ ଅନେକ ସମୟରେ ଚର୍ଚ୍ଚାର ପରିସରକୁ ଆସିଥାଏ। ସେଭଳି ଏକ ଅଜବ ସ୍ଥାନ ହେଉଛି କେରଳର ମଲପପୁର ଜିଲାରେ ଥିବା କୋଡିନ୍ହି ଗାଁ। ଏଠାରେ ଅଧିକାଂଶ ଯାଆଁଳା ପିଲା ଜନ୍ମ ହୋଇଥାନ୍ତି। ଏପରିକି ଏହି ଯାଆଁଳା ପିଲାଙ୍କୁ ଦେଖିବାକୁ ଆଖପାଖ ଅଞ୍ଚଳର ଲୋକେ ସେଠାକୁ ଯାଇଥାନ୍ତି। ତେବେ କାହିଁକି ଏଠାରେ ଅଧିକାଂଶ ପିଲା ଯାଆଁଳା ଜନ୍ମ ହେଉଛନ୍ତି ତାହାର କୌଣସି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। ଗାଁକୁ ବିଶେଷଜ୍ଞ ଦଳ ଆସି ଅନୁଧ୍ୟାନ କରିଥିଲେ ହେଁ ଏହାର କାରଣ ଖୋଜିପାରିନାହାନ୍ତି। ୨୦୧୬ରେ ଏକ ଟିମ୍ ଏହି ଗାଁକୁ ଆସିଥିଲା। ଗାଁର ଜାଆଁଳା ପିଲାଙ୍କୁ ଏକାଠି କରିଥିଲା। କିନ୍ତୁ ରିସର୍ଚ୍ଚରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଗତ ୫୦ ବର୍ଷରେ ଏଠାରେ ୪୦୦ରୁ ଅଧିକ ଯାଆଁଳା ପିଲା ଜନ୍ମ ନେଇଛନ୍ତି।

# ମା’ ହେଲେ ନୁସ୍‌ରତ



କୋଲକାତା: ବଙ୍ଗୀୟ ଅଭିନେତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ନୁସ୍‌ରତ ଜହାଁ ମା’ ହୋଇଛନ୍ତି। ଗୁରୁବାର ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ତାଙ୍କୁ ବୁଧବାର ରାତିରେ କୋଲକାତାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସହ ଅଭିନେତା ଯଶ ଦାସଗୁପ୍ତା ହସ୍ପିଟାଲରେ ଉପସ୍ଥିତ ଥିଲେ। ଉଭୟ ମା’ ଓ ଶିଶୁ ସୁସ୍ଥ ଅଛନ୍ତି। ଅଭିନେତା ଯଶଙ୍କ ସହ ନୁସ୍‌ରତଙ୍କ ପ୍ରେମ ସମ୍ପର୍କ ଥିବା ଚର୍ଚ୍ଚା ହେଉଛି। ନୁସ୍‌ରତ ୨୦୧୯ରେ ତୁର୍କୀରେ ନିଖିଲ ଜୈନଙ୍କୁ ବିବାହ କରିଥିଲେ। ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହେବା ପରେ କିଛି ଦିନ ତଳେ ସେମାନେ ପରସ୍ପର ଠାରୁ ଅଲଗା ରହୁଛନ୍ତି। ଏପରି କି ନୁସ୍‌ରତ ତାଙ୍କ ବିବାହକୁ ଅବୈଧ ବୋଲି ମଧ୍ୟ କହିଥିଲେ। ତୁର୍କୀ ରୀତିନୀତି ଅନୁସାରେ ବିବାହ ହୋଇଥିବାରୁ ତାହା ଭାରତରେ ବୈଧ ନୁହେଁ ବୋଲି ନିକଟରେ ଏହି ଟିଏମ୍‌ସି ଏମ୍‌ପି କହିଥିଲେ। ନିଖିଲଙ୍କଠାରୁ ଅଲଗା ହେବା ପରେ ନୁସରତ ଏବେ ଯଶଙ୍କୁ ଡେଟ୍ କରୁଥିବା ଖବର ସାମ୍‌ନାକୁ ଆସୁଥିଲେ ହେଁ ଉଭୟେ କିନ୍ତୁ ସେମାନଙ୍କ ସମ୍ପର୍କ ବାବଦରେ ମୁହଁ ଖୋଲିନାହାନ୍ତି। ମା’ ହେବା ପରେ କିନ୍ତୁ ନୁସ୍‌ରତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ନିଖିଲ। ଆମ ଭିତରେ ମତଭେଦ ଓ ବିବାଦ ରହିଥାଇପାରେ, କିନ୍ତୁ ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ବୋଲି ନିଖିଲ କହିଛନ୍ତି। ତେବେ ନୁସ୍‌ରତଙ୍କ ପିଲାର ବାପା କିଏ ବୋଲି ନେଇ ସୋସିଆଲ ମିଡିଆରେ ଅନେକେ ପ୍ରଶ୍ନ କରିଛନ୍ତି। ପୂର୍ବରୁ ନିଖିଲ ସେହି ପିଲାର ବାପା ନୁହଁନ୍ତି ବୋଲି କହିଥିଲେ। କେହି କେହି ନୁସ୍‌ରତଙ୍କୁ ସିଙ୍ଗଲ ମଦର ଆଖ୍ୟା ମଧ୍ୟ ଦେଇଛନ୍ତି।

# ଫୋନ୍ ନେଇଗଲା ଶୁଆ



ନୂଆଦିଲ୍ଲୀ: ଶୁଆ ନେଇଗଲା ସ୍ମାର୍ଟଫୋନ୍। ଶୁଆ ଟିଏ ଫୋନ୍ ଧରି ଉଡୁଥିବାର ଏକ ଭିଡିଓ ଏବେ ଭାଇରାଲ ହେଉଛି। ଏହାକୁ ପ୍ରଥମେ ଫ୍ରେଡ ଶୁଲ୍ସ ନାମକ ଜଣେ ବ୍ୟକ୍ତି ଟୁଇଟରରେ ଶେୟାର କରିଥିଲେ। ଘଟଣା ଅନୁସାରେ, ଜଣେ ବ୍ୟକ୍ତି ଘର ବାହାରେ ନିଜ ଫୋନ ଧରି ଛିଡା ହୋଇଥିବାବେଳେ ଶୁଆଟି ହଠାତ୍ ତାଙ୍କ ଠାରୁ ଫୋନଟିକୁ ଝାମ୍ପି ନେଇଛି। ବ୍ୟକ୍ତିଜଣକ ତାକୁ ରୋକିବା ନିମନ୍ତେ ଦୌଡିଥିଲେ। ପାଖପଡୋଶୀଙ୍କ ଛାତ ଉପର, ରାସ୍ତା ଦେଇ ଶୁଆଟି ଆକାଶରେ ଫୋନ୍ ଧରି ଉଡିଥିଲା। ଶୁଆଟି ଜଣଙ୍କ ବାଲକୋନୀରେ କିଛି ସମୟ ବସିଥିଲା, ମାତ୍ର ସେଠାରେ ଲୋକଙ୍କ ପାଟିତୁଣ୍ଡ ଶୁଣି ପୁଣି ଉଡି ଯାଇଥିବା ଦୃଶ୍ୟ ଭିଡିଓରେ ଦେଖିବାକୁ ମିଳିଛି। ଫଳରେ ବ୍ୟକ୍ତିଜଣକ ଆଉ ତାଙ୍କ ମୋବାଇଲ ଫୋନ୍ ପାଇପାରିନାହାନ୍ତି। ସୋସିଆଲ ମିଡିଆରେ ଏବେ ସୁଦ୍ଧା ଏହି ଭିଜୁଆଲକୁ ୪ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି। ଏହାବ୍ୟତୀତ ଭିଡିଓକୁ ନେଇ ଲୋକେ ଅନେକ ମଜାଳିଆ କମେଣ୍ଟ ସବୁ ଦେଇଛନ୍ତି। ଶୁଆଟି ଫୋନ୍ ନେଇଯାଇଛି। ହେଲେ ତାକୁ କିପରି ଚଳାଇବ ବୋଲି ୟୁଜର୍ସମାନେ ସୋସିଆଲ ମିଡିଆରେ କମେଣ୍ଟ ଦେଇଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
Pvt. Finance Secured /Unsecured 10Cr to 100Cr. against property at low Interest.
9003135705
9566088905

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9457958917
9458678925

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମାନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କଳ୍ପନା ମହାପାତ୍ର
ବାସସ୍ଥାନ: MIG 366, ପାତ୍ରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୦୧।୦୭।୧୯୬୩
ତିରୋଧାନ: ୧୭।୦୮।୨୦୨୧
ଜୀବନର ରାସ୍ତାରେ ଚାଲୁଚାଲୁ ଏ ଅସମୟରେ ଆମକୁ ଶୋକ ସାଗରରେ ଭସେଇ ଦେଇ ଚୁପଚାପ୍ ଆମ ହାତଛାଡ଼ି ଚାଲିଗଲ। ହେ ସ୍ନେହ, ମମତାର ପ୍ରତିମୂର୍ତ୍ତି, ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ସ୍ୱାମୀ: ଇଞ୍ଜିନିୟର ଜାନକୀ ବଲ୍ଲଭ ମହାପାତ୍ର, ପୁତ୍ର: ସ୍ୱୟମଶ୍ରୀ ସତ୍ୟକାମ, କନ୍ୟା: ମଧୁଲିତା, ଦେବସ୍ମିତା ଏବଂ ପରିବାରବର୍ଗ, ଶୁଭେଚ୍ଛୁ।
ଧ-୨୧୪୬୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ନକୁଳ ସାହୁ
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)
ଭୁବନ (ବଡ଼ହାଟ), ଢେଙ୍କାନାଳ
ଆବିର୍ଭାବ: ୧୯୪୦
ତିରୋଧାନ:୦୮।୦୮।୨୦୨୦
ଆପଣଙ୍କ ଆଦର୍ଶ, ସ୍ନେହ, ତ୍ୟାଗ ଓ ପରୋପକାରିତା ଆମମାନଙ୍କର ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୭୦୩୪୮

# ଦୁଇଥର ବିଶ୍ୱ ରେକର୍ଡ ଭାଙ୍ଗିଲେ ପାଗୋନିସ

**ଟୋକିଓ ପାରାଲିମ୍ପିକ୍ସ**



ଦୁଇଥର ବିଶ୍ୱରେକର୍ଡ ଭାଙ୍ଗି ୪୦୦ ମିଟର ଫ୍ରିଷ୍ଟାଇଲ ଏସ୧୧ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲକାରୀ ଆନାସ୍ତାସିଆ ପାଗୋନିସ।

ଟୋକିଓ, ୨୬।୮

ଆମେରିକାର ଆନାସ୍ତାସିଆ ପାଗୋନିସ ଟୋକିଓ ପାରାଲିମ୍ପିକ୍ସର ୪୦୦ ମିଟର ଫ୍ରିଷ୍ଟାଇଲ ଏସ୧୧ ଇଭେଣ୍ଟରେ ଦୁଇଥର ବିଶ୍ୱରେକର୍ଡ ଭାଙ୍ଗିବା ସହ ଆମେରିକା ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ପାଗୋନିସ ଚମତ୍କାର ପ୍ରଦର୍ଶନ କରିଥିଲେ। ୧୭ ବର୍ଷୀୟା ପାଗୋନିସ ୪:୫୪.୪୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ଅବସରରେ ସେ ୨ ଥର ନିଜ ବିଶ୍ୱରେକର୍ଡକୁ ଭାଙ୍ଗିଥିଲେ। ଫାଇନାଲ ରେସ୍ ସମୟରେ ସେ ୨ ଥର ପାରାଲିମ୍ପିକ୍ ଚାମ୍ପିୟନ ଏବଂ ୩ ଥର ବିଶ୍ୱ ଚାମ୍ପିୟନ ନେଦରଲାଣ୍ଡ୍ସର ଲିସେଟି ବ୍ରୁଇନସ୍ମାଙ୍କୁ ବହୁ ପଛରେ ପକାଇ ଦେଇଥିଲେ। ଲିସେଟି ୫:୦୫.୩୪ ସେକେଣ୍ଡ ସହିତ ରୌପ୍ୟ ଏବଂ ଚାଇନାର କାଇ ଲିଓ୍ୱେନ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହିଟ୍‌ରେ ପାଗୋନିସ ୪:୫୮.୪୦ ସେକେଣ୍ଡ ସମୟ ନେଇ ବିଶ୍ୱରେକର୍ଡ ଟାଇମିଂର ଅଧିକାରିଣୀ ହୋଇଥିଲେ। "ମୁଁ ରାତିରେ ଭଲ ପହଁରି ପାରିବି ବୋଲି ଜାଣିଥିଲି। ସକାଳେ କେବଳ ଭଲଭାବେ ୱାର୍ମଅପ୍ କରିବାର ଥିଲା। ମୁଁ ପୁଲ୍‌ରେ ସମୟ କଟାଇ ନର୍ଭସକୁ ଦୂର କରିଥିଲି। କାରଣ ସକାଳୁ ମୁଁ ବହୁତ ନର୍ଭସ ଥିଲି। ଏଣିକି ଦୃଢ଼ ଆତ୍ମବିଶ୍ୱାସର ସହ ଅନ୍ୟ ରେସ୍‌ରେ ଭାଗ ନେଇପାରିବି" ବୋଲି ପାଗୋନିସ କହିଛନ୍ତି। ପାଗୋନିସଙ୍କ ପରେ ଆମେରିକା ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଜିଆ ପେର୍ଗୋଲିନିଂ ସେ ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଏସ୧୩ରେ ଏହି ସଫଳତା ପାଇଛନ୍ତି।

**ବ୍ରିଟେନକୁ ଆଉ ୨ ସ୍ୱର୍ଣ୍ଣ**

ପାରାଲିମ୍ପିକ୍ସର ଦ୍ୱିତୀୟ ଦିବସରେ ଗ୍ରେଟ୍ ବ୍ରିଟେନ ପ୍ରତିଯୋଗୀମାନେ ଆଉ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସାଇକ୍ଲିଂ, ଇକ୍ୱେଷ୍ଟ୍ରେନ ଏବଂ ହୁଇଲ ଚେୟାର ଫେନ୍‌ସିଂରେ ବ୍ରିଟେନ ୩ ସ୍ୱର୍ଣ୍ଣ ପଦକ ହାସଲ କରି ସାରିଛି। ଅସୁସ୍ଥ ଯୋଗୁ ୨୦୧୬ ରିଓ ପାରାଲିମ୍ପିକ୍ସରେ ଭାଗ ନେଇପାରି ନ ଥିବା ୭ ଥର ବିଶ୍ୱ ଚାମ୍ପିୟନ ବୁଲି କିଆର୍ନେ ଏଠାରେ ମହିଳା ୧୦୦ ମିଟର ଫ୍ରିଷ୍ଟାଇଲ ଏସ୫ ଇଭେଣ୍ଟରେ ବିଶ୍ୱ ଏବଂ ପାରାଲିମ୍ପିକ୍ସ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ୧:୧୪.୩୯ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ତାଙ୍କଠାରୁ ୩ ସେକେଣ୍ଡ ପଛରେ ରହି ଚାଇନାର ଝାଙ୍ଗ ଲି ରୌପ୍ୟ ଏବଂ ଇଟାଲିର ମୋନିକା ବୋଗିଓନି ବ୍ରୋଞ୍ଜ ପଦକ ପାଇଛନ୍ତି। ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ପାଇଥିଲେ କିଆର୍ନେଙ୍କ ସାଥି ସୁଇମର ମାଇସେ ସମର୍ସ ନ୍ୟୁଟନ। ସେ ମଧ୍ୟ ମହିଳା ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ଏସଏମ୍‌୬ ଇଭେଣ୍ଟରେ ୨:୫୬.୬୮ ସେକେଣ୍ଡ ସମୟ ନେଇ ବିଶ୍ୱ ଏବଂ ପାରାଲିମ୍ପିକ୍ସ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୟୁକ୍ରେନର ୟେଲିଜାଭେଟା ମେରେସ୍କୋ ରୌପ୍ୟ ଏବଂ ଜର୍ମାନୀର ଭେରେନା ସ୍କଟ ବ୍ରୋଞ୍ଜ ପଦକ ଜିତିଛନ୍ତି।

**ଇହନଙ୍କ ୬ ସ୍ୱର୍ଣ୍ଣ ଟାର୍ଗେଟ**

ବେଲାରୁଷର ସୁଇମିଂ ଲିଜେଣ୍ଡ ଇହନ ବୋକି ଚଳିତ ଗେମ୍ସରେ ନିଜର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପୁରୁଷ ବ୍ୟାକ୍‌ଷ୍ଟ୍ରୋକ୍ ଏସ୧୩ରେ ସେ ପ୍ରଥମସ୍ଥାନ ଅଧିକାର କରି ୬ ସ୍ୱର୍ଣ୍ଣ ପଦକ ବିଜୟ ଟାର୍ଗେଟ ଦିଗରେ ଅଗ୍ରସର ହୋଇଛନ୍ତି। ଇଟାଲି ୨ଟି ସ୍ୱର୍ଣ୍ଣ ପଦକ ସହ ଆଗକୁ ବଢ଼ିଛି। ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲ ଏସ୫ରେ ଫ୍ରାନ୍ସେସ୍କୋ ବୋକାର୍ଡୋ ଏବଂ ପୁରୁଷ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସବି୯ରେ ଷ୍ଟିଫାନୋ ରାଇମୋଣ୍ଡୋ ଟାଇଟଲ ଜିତିଛନ୍ତି। ନେଦରଲାଣ୍ଡ୍ସ ପାଇଁ ମଧ୍ୟ ଡବଲ ଖୁସି ମନାଇବାର ମଉକା ଜୁଟିଛି। ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ ଏସ୧୧ରେ ରୋଜର ଡୋର୍ସମ୍ୟାନ ଏବଂ ମହିଳା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସବି୯ରେ ଚାଣ୍ଟାଲି ଜିଡେରଭେଲ୍ଡ ସ୍ୱର୍ଣ୍ଣ ପଦକ ପାଇଥିଲେ।

**ମିକ୍ସଡ ରିଲେରେ ଚାଇନାକୁ ସ୍ୱର୍ଣ୍ଣ**

କଲମ୍ବିଆର ନେଲସନ କ୍ରିସପିନ କୋର୍ଜୋ ପୁରୁଷ ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ଏସଏମ୍‌୬, ରୁଷିଆନ ପାରାଲିମ୍ପିକ୍ କମିଟିର ଆନ୍ଦ୍ରେଇ କାଲିନା ପୁରୁଷ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏଓବି୮ ଏବଂ ଆୟର୍ଲାଣ୍ଡର ଇଲେନ କେନ୍ ମହିଳା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସବି୮ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଚାଇନା ମିକ୍ସଡ ୪x୫୦ ମିଟର ଫ୍ରିଷ୍ଟାଇଲ୍ ରିଲେରେ ୨୦ ପଏଣ୍ଟ ସହିତ ସ୍ୱର୍ଣ୍ଣ ପଦକ ପାଇଛି। ଇଟାଲି ରୌପ୍ୟ ଓ ବ୍ରାଜିଲ ବ୍ରୋଞ୍ଜ ପଦକ ହାସଲ କରିଛି।

## ଜାପାନ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ସୁଜୁକି




ଟୋକିଓ, ୨୬।୮

ଟୋକିଓ ପାରାଲିମ୍ପିକ୍ସରେ ଆୟୋଜକ ଜାପାନ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ତାକାୟୁକି ସୁଜୁକି। ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲ ଏସ୍‌୪ ସନ୍ତରଣରେ ସେ ଏହି ସଫଳତା ପାଇଛନ୍ତି। ଟୋକିଓ ଆକ୍ୱାଟିକ୍ ସେଣ୍ଟରରେ ଅନୁଷ୍ଠିତ ପ୍ରତିଯୋଗିତାରେ ସୁଜୁକି ପାରାଲିମ୍ପିକ୍ସ ରେକର୍ଡ ସମୟ ୧:୨୧.୫୮ ସେକେଣ୍ଡ ସମୟ ନେବା ସହିତ ସ୍ୱର୍ଣ୍ଣ ପାଇଛନ୍ତି। ସୁଜୁକିଙ୍କ ପାଇଁ ଏହାଥିଲା ୫ମ ପାରାଲିମ୍ପିକ୍ ଗେମ୍ସ। ତେବେ ଦୀର୍ଘ ୧୩ ବର୍ଷ ପରେ ଦ୍ୱିତୀୟ ଥରପାଇଁ ସେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୂର୍ବରୁ ୨୦୦୮ ବେଜିଂ ଅଲିମ୍ପିକ୍ସର ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସବି୩ରେ ସେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେ ମୋଟ ୬ଟି ପାରାଲିମ୍ପିକ୍ସ ପଦକ ପାଇଥିଲେ ହେଁ ୨୦୧୨ ଲଣ୍ଡନ ଗେମ୍ସଠାରୁ ଖାଲି ହାତରେ ଥିଲେ। "ମୁଁ ରେସ୍ ଫିନିଶ୍ ଉପରେ ଗୁରୁତ୍ୱ ଦେଇଥିଲି। ତେବେ ଶେଷରେ ସ୍କୋରବୋର୍ଡ ଦେଖି ଖୁସି ହୋଇ ଯାଇଥିଲି। ବୁଧବାରଠାରୁ ରେସ୍ କରୁଥିବାରୁ କ୍ଲାନ୍ତ ହେବା ଆଶଙ୍କା ଥିଲା। ମାତ୍ର ଆତ୍ମବିଶ୍ୱାସର ସହ ସନ୍ତରଣ କରି ମୁଁ ସଫଳତା ପାଇଲି" ବୋଲି ନିଜ ପ୍ରତିକ୍ରିୟାରେ ସୁଜୁକି କହିଛନ୍ତି। ଇଟାଲିର ଲୁଇଗି ବେଗିଆଟୋ ରୌପ୍ୟ ଏବଂ ଆରପିସିର ରୋମାନ ଝଡାନୋଭ ବ୍ରୋଞ୍ଜ ପଦକ ପାଇଥିଲେ। ପ୍ରକାଶ ଯୋଗ୍ୟ ଯେ, ଏଠାରେ ଅନୁଷ୍ଠିତ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସବି୩ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ପୁରୁଷ ୧୦୦ମିଟର ଫ୍ରିଷ୍ଟାଇଲ ଏସ୪ରେ ପାରାଲିମ୍ପିକ୍ସ ରେକର୍ଡର ଅଧିକାରୀ ହୋଇଥିଲେ ୭ ଥର ପାରାଲିମ୍ପିକ୍ ମେଡାଲିଷ୍ଟ ଜାପାନର ହନାଡା ୟୁଜି। ତାଙ୍କ ରେକର୍ଡ ଭାଙ୍ଗିଥିବାରୁ ସୁଜୁକି ଖୁସି ଜାହିର କରିଛନ୍ତି।

# ରେକର୍ଡ ସହ ଚାଇନାର ଲିଙ୍ଗ୍‌ଲିଙ୍ଗଙ୍କୁ ସ୍ୱର୍ଣ୍ଣ

**ପାରାଲିମ୍ପିକ୍ସ ଶକ୍ତିଉତ୍ତୋଳନ**



ସ୍ୱର୍ଣ୍ଣ ପଦକ ହାସଲକାରୀ ଚାଇନାର ଗୁଓ ଲିଙ୍ଗ୍‌ଲିଙ୍ଗ୍ ।

ଟୋକିଓ, ୨୬।୮

ଟୋକିଓ ପାରାଲିମ୍ପିକ୍ସରେ ଗୁରୁବାର ଅନୁଷ୍ଠିତ ୪୧ କେଜି ମହିଳା ଶକ୍ତିଉତ୍ତୋଳନରେ ଚାଇନାର ଗୁଓ ଲିଙ୍ଗ୍‌ଲିଙ୍ଗ୍ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଦୁଇଥର ବିଶ୍ୱ ଚାମ୍ପିୟନ ୧୦୯ କେଜି ଶକ୍ତିଉତ୍ତୋଳନ କରି ନୂଆ ବିଶ୍ୱ ଏବଂ ପାରାଲିମ୍ପିକ୍ସ ରେକର୍ଡ ସୃଷ୍ଟି କରିଛନ୍ତି। ଲିଙ୍ଗ୍‌ଲିଙ୍ଗଙ୍କର ପ୍ରଥମ ଲିଫ୍ଟ ଥିଲା ୧୦୫ କେଜି। ଦ୍ୱିତୀୟ ଉଦ୍ୟମରେ ସେ ୧୦୮ କେଜି ଉଠାଇବାରେ ବିଫଳ ହୋଇଥିଲେ ହେଁ ତୃତୀୟ ଉଦ୍ୟମରେ ଜଜ୍‌ମାନେ ତାଙ୍କୁ ୧୦୯ କେଜି ଶକ୍ତିଉତ୍ତୋଳନ ପାଇଁ ଅନୁମତି ଦେଇଥିଲେ। ଏଥିରେ ସଫଳ ହୋଇ ୩୨ ବର୍ଷୀୟ ଲିଙ୍ଗ୍‌ଲିଙ୍ଗ ଇତିହାସ ସୃଷ୍ଟି କରିଥିଲେ। ଲିଙ୍ଗ୍‌ଲିଙ୍ଗଙ୍କ ପାଇଁ ଏହାଥିଲା ପ୍ରଥମ ପାରାଲିମ୍ପିକ୍ସ। ତେଣୁ ସ୍ୱର୍ଣ୍ଣ ପଦକ ହାସଲ ସମୟରେ ସେ ସ୍ୱାଭାବିକଭାବେ ଭାବପ୍ରବଣ ହୋଇପଡ଼ିଥିଲେ। "ବୁଧବାର ମୋର ଜନ୍ମଦିନ ଥିଲା। ବନ୍ଧୁମାନେ ଜନ୍ମଦିନ ଶୁଭେଚ୍ଛା ଜଣାଇବା ସହ ପାରାଲିମ୍ପିକ୍ସରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଶୁଭକାମନା ଜଣାଇଥିଲେ। ମୁଁ ସମସ୍ତଙ୍କ ପାଇଁ ସ୍ୱର୍ଣ୍ଣ ପଦକ ଜିତି ପାରିଥିବାରୁ ବହୁତ ଖୁସି" ବୋଲି ଲିଙ୍ଗ୍‌ଲିଙ୍ଗ୍ ପ୍ରକାଶ କରିଛନ୍ତି। ରିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଇଣ୍ଡୋନେସିଆର ନି ନେନ୍‌ଗା ୱିଡିଆସି ଏଠାରେ ୯୮ କେଜି ଉତ୍ତୋଳନ କରି ରୌପ୍ୟ ଏବଂ ଭେନେଜୁଏଲାର କ୍ଲାରା ସାରାହି ଫୁଏଣ୍ଟେସ ମୋନାଷ୍ଟେରିଓ ୯୭ କେଜି ସହ ବ୍ରୋଞ୍ଜ ପଦକ ପାଇଥିଲେ।

ପୂର୍ବରୁ ଅନୁଷ୍ଠିତ ପୁରୁଷ ୪୯ କେଜି ବିଭାଗରେ ଜୋର୍ଡାନର ଓମାର ସାମି ହାମାଦେ କାରଦା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟୋକିଓ ପାରାଲିମ୍ପିକ୍ସର ଶକ୍ତିଉତ୍ତୋଳନରେ ଏହାଥିଲା ପ୍ରଥମ ସ୍ୱର୍ଣ୍ଣ। ହାମାଦେ ୧୭୩ କେଜି ଉତ୍ତୋଳନ କରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ହାମାଦେ ରୌପ୍ୟ ପଦକ ପାଇଥିଲେ। ଟୋକିଓରେ କିନ୍ତୁ ଏହାର ଓଲଟା ଫଳ ଦେଖିବାକୁ ମିଳିଥିଲା। ରିଓରେ ସ୍ୱର୍ଣ୍ଣ ପଦକ ପାଇଥିବା ଭିଏତନାମର ଲି ଭାନ୍ କଙ୍ଗ୍ ଏଠାରେ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଆଜରବୈଜାନର ପ୍ରବୀଣ ମାମାଡୋଭ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ପୁରୁଷ ୪୫ କେଜି ବିଭାଗରେ ମଧ୍ୟ ସମାନ ଫଳ ମିଳିଥିଲା। ରିଓରେ ରୌପ୍ୟ ପଦକ ଜିତିଥିବା ନାଇଜେରିଆର ଲତିଫତ ଟିଜାନି ଏଠାରେ ୧୦୭ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତାଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିବା ଚାଇନାର ୩୯ ବର୍ଷୀୟ କୁଇ ଝେ ୧୦୨ କେଜି ସହିତ ରୌପ୍ୟ ଏବଂ ପୋଲାଣ୍ଡର ଜଷ୍ଟ୍ୟାନା କୋଜଡ୍ରିକ ୧୦୧ କେଜି ଉଠାଇ ବ୍ରୋଞ୍ଜ ପଦକ ପାଇଥିଲେ।

ପୁରୁଷ ୫୪ କେଜି ବିଭାଗରେ କାଜାଖସ୍ତାନ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ ଡେଭିଡ ଡେଗ୍‌ଟ୍ୟାରେଭ। ସେ ୧୭୪ କେଜି ଶକ୍ତିଉତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ଫ୍ରାନ୍ସର ଆକ୍ସେଲ ବୋର୍ଲୋନ ୧୬୫ କେଜି ସହିତ ରୌପ୍ୟ ଏବଂ ଗ୍ରୀସ୍‌ର ଡିମିଟ୍ରୋସ ବାକୋଖ୍ରିଷ୍ଟୋସ ବ୍ରୋଞ୍ଜ ପଦକ ପାଇଥିଲେ।

## ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ନିର୍ବାଚନ




ନବନିର୍ବାଚିତ ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନର କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୨୬।୮ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନର ସ୍ୱତନ୍ତ୍ର ସାଧାରଣ ବୈଠକ ଏବଂ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମାଦିତ୍ୟ ପଟ୍ଟନାୟକ ସଭାପତି ଓ ପାର୍ଥ ସାରଥି ଜେନା ସମ୍ପାଦକ ପଦ ବଜାୟ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ନାରାୟଣ ଜେନା, ହରେଶ ମିଶ୍ର, କୃଷ୍ଣ ପଣ୍ଡା, ବିକାଶ ପାତ୍ର ଉପସଭାପତି, ଚିନ୍ମୟୀ ମହାପାତ୍ର ଅତିରିକ୍ତ ସମ୍ପାଦକ, ଶିବ ଶଙ୍କର ସିଂ କୋଷାଧ୍ୟକ୍ଷ, ମନୋଜ କୁମାର ସାହୁ, ମହମ୍ମଦ ଶମିମ୍ ଖାଁ, ଦୀନକୃଷ୍ଣ ମିଶ୍ର ଓ ସୂର୍ଯ୍ୟକାନ୍ତ ମହାନ୍ତି ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସୋମେନ ଲେଙ୍କା, ମଳୟ ଦାସ, କର୍ପୂର ଚନ୍ଦନ, ଶ୍ରୀମନ୍ତ ନନ୍ଦ, ମୀନତି ସାହୁ ଓ ସୁଶାନ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହୋଇଛନ୍ତି।

# ଦ୍ୱିତୀୟ ରାଉଣ୍ଡରେ ପ୍ରଜନେଶ

**ୟୁଏସ୍ ଓପନ୍ କ୍ୱାଲିଫାୟର**



ରିଟର୍ନ ଶଟ୍ ଖେଳିବା ଅବସରରେ ପ୍ରଜନେଶ ଗୁଣେଶ୍ୱରନ।

ନ୍ୟୁୟର୍କ, ୨୬।୮ (ପି.ଟି.)

ଟପ୍ ର୍ୟାଙ୍କ ଭାରତୀୟ ଟେନିସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ଏଠାରେ ଚାଲିଥିବା ୟୁଏସ୍ ଓପନ୍ କ୍ୱାଲିଫାୟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡ ମୁକାବିଲାରେ ସେ କାନାଡାର ବ୍ରେଡେନ ସ୍କୁରଙ୍କୁ ସଧାସଳଖ ସେଟ୍‌ରେ ହରାଇ ଅଗ୍ରଗତି କରିଚନ୍ତି। ବିଶ୍ୱର ୨୩୨ ନମ୍ବର ଖେଳାଳି ସ୍କୁରଙ୍କୁ ପ୍ରଜନେଶ ବୁଧବାର ରାତିରେ ମାତ୍ର ୧ ଘଣ୍ଟା ୩୭ ମିନିଟ୍‌ରେ ୬-୪, ୭-୬ ସେଟ୍‌ରେ ପରାସ୍ତ କରିଥିଲେ। ୩୧ ବର୍ଷୀୟ ପ୍ରଜନେଶ ଏବେ ଆମେରିକାର କ୍ରିଷ୍ଟୋଫର ଇଉବ୍ୟାଙ୍କ୍ସଙ୍କୁ ଭେଟିବେ।

ପୂର୍ବରୁ ୨୦୧୯ରେ ପ୍ରଜନେଶ ୟୁଏସ ଓପନ୍ ମେନ ଡ୍ର'ରେ ସାମିଲ ହୋଇଥିଲେ। ସେତେବେଳେ ସେ ପ୍ରଥମ ରାଉଣ୍ଡରେ ରୁଷିଆର ଡାନିଲ ମେଡଭେଡେଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ। ବିଶ୍ୱ ର୍ୟାଙ୍କିଙ୍ଗର ୧୫୬ତମ ସ୍ଥାନରେ ଥିବା ପ୍ରଜନେଶ କ୍ୱାଲିଫାୟର୍ସରେ ଏକମାତ୍ର ଭାରତୀୟ ଭାବେ ଅଭିଯାନ ଜାରି ରଖିଛନ୍ତି। ପୂର୍ବରୁ ସୁମିତ ନାଗାଲ ଓ ରାମକୁମାର ରାମନାଥନ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ଅଙ୍କିତା ରାଇନା ମଧ୍ୟ ପ୍ରଥମ ରାଉଣ୍ଡରେ ଆମେରିକାର ଜେମି ଲୋଏବଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ।

## ପଜିଟିଭ୍ ଯୋଗୁ ୟୁଏସ୍ ଓପନରୁ ଓହରିଲେ କେନିନ୍



**ନ୍ୟୁୟର୍କ, ୨୬।୮ (ଏପି):** ନିକଟରେ ହୋଇଥିବା କୋଭିଡ୍ ଟେଷ୍ଟରେ ପଜିଟିଭ ଆସିବା ପରେ ୫ମ ର୍ୟାଙ୍କିଙ୍ଗପ୍ରାପ୍ତ ସୋଫିଆ କେନିନ୍ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଆମେରିକାର ଏହି ୨୨ ବର୍ଷୀୟା ଖେଳାଳି ୨୦୨୦ ଅଷ୍ଟ୍ରେଲିଆନ ଓପନ ଜିତିଥିବାବେଳେ ପରେ ଗତବର୍ଷ ଫ୍ରେଞ୍ଚ ଓପନ ରନର୍ସ ଅପ୍ ହୋଇଥିଲେ। ଗତବର୍ଷ ୟୁଏସ ଓପନରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ସହ ସେ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇପାରିଥିଲେ। ସୌଭାଗ୍ୟ ବଶତଃ ସେ ଭ୍ୟାକ୍ସିନ ନେଇ ସାରିଥିବାରୁ ତାଙ୍କ ନିକଟରେ ଲକ୍ଷଣର ମାତ୍ରା ଖୁବ୍ କମ୍ ଦେଖା ଦେଇଥିଲା। ବର୍ଷର ଶେଷ ଗ୍ରାଣ୍ଡସ୍ଲାମ ନ୍ୟୁୟର୍କରେ ସୋମବାରଠାରୁ ଆରମ୍ଭ ହେବ। କରୋନା ଭାଇରସ ମହାମାରୀ ଯୋଗୁ ଗତ ବର୍ଷ ବିନା ଦର୍ଶକରେ ଏହି ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା।

## ଶୁକ୍ରବାର ଇଭେଣ୍ଟରୁ ଓହରିଲେ ସୁୟାଶ

ଟୋକିଓ, ୨୬।୮ (ପି.ଟି.)

ଚଳିତ ପାରାଲିମ୍ପିକ ଗେମ୍ସରେ ଶୁକ୍ରବାର ହେବାକୁଥିବା ବ୍ୟକ୍ତିଗତ ୨୦୦ ମିଟର ସନ୍ତରଣ ମିଡ୍‌ଲେ ଏସ୍‌ଏମ୍-୭ ଇଭେଣ୍ଟରେ ଭାଗ ନେବେ ନାହିଁ ସନ୍ତରଣକାରୀ ସୁୟାଶ ଯାଦବ। ସେ ଥଣ୍ଡା ରୋଗରେ ପୀଡ଼ିତ ହୋଇଥିବା ବେଳେ ଗଳାରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ତାଙ୍କ କୋଭିଡ୍ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଛି। ଡାକ୍ତର ତାଙ୍କୁ ବିଶ୍ରାମ ନେବା ଲାଗି ପରାମର୍ଶ ଦେଇଥିବା ଭାରତୀୟ ଦଳର ଚିଫ୍ ଡି' ମିଶନ ଗୁରୁସରଣ ସିଂ ପ୍ରକାଶ କରିଛନ୍ତି। ୨୭ ବର୍ଷୀୟ ଯାଦବଙ୍କୁ ଯେତେବେଳେ ମାତ୍ର ୧୧ ବର୍ଷ ବୟସ ହୋଇଥିଲା ବିଦ୍ୟୁତ୍ ଆଘାତ ଯୋଗୁ ତାଙ୍କର ଦୁଇ ହାତ କହୁଣିରୁ ତଳକୁ କାଟିବାକୁ ପଡ଼ିଥିଲା। ତେବେ ସେ ସୁସ୍ଥ ହେଲେ ଅନ୍ୟ ଦୁଇଟି ଇଭେଣ୍ଟରେ ଭାଗ ନେବେ। ସେପ୍ଟେମ୍ବର ୧ରେ ୧୦୦ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସ୍‌ବି ୭ ଏବଂ ସେପ୍ଟେମ୍ବର ୩ରେ ୫୦ ମିଟର ବଟରଫ୍ଲାଏ ଏସ୍‌୭ ଇଭେଣ୍ଟରେ ଭାଗ ନେବେ। ଜାକର୍ତ୍ତାରେ ୨୦୧୮ ଏସିଆନ ପାରା ଗେମ୍ସରେ ୫୦ ମିଟର ବଟରଫ୍ଲାଏ ଏସ୍‌୭ରେ ଏକ ସ୍ୱର୍ଣ୍ଣ ଏବଂ ୨୦୦ମିଟର ବ୍ୟକ୍ତିଗତ ମିଡ୍‌ଲେ ଏସ୍‌ଏମ୍‌୭ ଓ ୫୦ମିଟର ଫ୍ରିଷ୍ଟାଇଲ ଏସ୍‌୭ ଇଭେଣ୍ଟରେ ଗୋଟିଏ ଲେଖାଏ ରୌପ୍ୟ ଜିତିଥିଲେ।




## ପୂର୍ବତନ ଇଂଲଣ୍ଡ ଅଧିନାୟକଙ୍କ ପରଲୋକ



**ଲଣ୍ଡନ, ୨୬।୮ (ପି.ଟି.):** ଇଂଲଣ୍ଡ ପୂର୍ବତନ ଅଧିନାୟକ ଟେଡ ଡେକ୍ସଟର ୮୬ ବର୍ଷରେ ପରଲୋକ ଗମନ କରିଛନ୍ତି। ଦୀର୍ଘଦିନର ଅସୁସ୍ଥତା ପରେ ସେ ଉଲଭରହାମ୍ପଟନରେ ବୁଧବାର ମୃତ୍ୟୁ ବରଣ କରିଛନ୍ତି ବୋଲି ମେରିଲବୋନ କ୍ରିକେଟ କ୍ଲବ (ଏମ୍‌ସିସି) ତରଫରୁ କୁହାଯାଇଛି। ଜଣେ ପାୱାରଫୁଲ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଭାବେ ଡେକ୍ସଟର ୧୯୫୮ରୁ ୧୯୬୮ ମଧ୍ୟରେ ୬୨ଟି ଟେଷ୍ଟ ଖେଳିଥିଲେ। ୩୦ଟି ଟେଷ୍ଟରେ ସେ ଇଂଲଣ୍ଡର ନେତୃତ୍ୱ ନେଇଥିଲେ। ୬୬ଟି ଉଇକେଟ ଅକ୍ତିଆର କରିବା ସହ ସେ ୪୭.୮୯ ରନ ହାରରେ ୪୫୦୨ ରନ ସଂଗ୍ରହ କରିଥିଲେ। ଉଚ୍ଚକୋଟୀର ଦ୍ରୁତ ବୋଲିଂ ବିପକ୍ଷରେ ସେ ପ୍ରଭାବ ବିସ୍ତାର କରି ଖେଳିବାର ଦକ୍ଷତା ତାଙ୍କ ପାଖରେ ଥିଲା। ସେ ୯ଟି ଶତକ ହାସଲ କରିଥିଲେ।




ଗୁରୁବାର ନୂଆଦିଲ୍ଲୀଠାରେ ସମ୍ବର୍ଦ୍ଧିତ ହେବା ଅବସରରେ ଟାଟା ଅଲଟ୍ରୋଜ୍ ହାଚ୍‌ବ୍ୟାକ୍ କାର୍ ସହ ଟୋକିଓ ଅଲିମ୍ପିକ୍ସରେ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିବା ଭାରତୀୟ ଆଥଲେଟ୍‌ମାନେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୨୭/୨୦୨୧ Sambalpur, Friday, August 27/ 2021

# ଦୃଢ଼ ସ୍ଥିତିରେ ଇଂଲଣ୍ଡ

**ଲିଡ୍ସ, ୨୬।୮**

ଅଧିନାୟକ ଜୋ ରୁଟ୍‌ଙ୍କ ଶତକ ଏବଂ ଦାୱିଦ ମଲନଙ୍କ ସହ ତୃତୀୟ ଉଇକେଟରେ ଶତକୀୟ ଭାଗୀଦାରି ବଳରେ ଇଂଲଣ୍ଡ ଏଠାରେ ଚାଲିଥିବା ଭାରତ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ନିଜର ସ୍ଥିତିକୁ ମଜଭୁତ କରିଛି। ରିପୋର୍ଟ ଲେଖା ହେବା ବେଳକୁ ଇଂଲଣ୍ଡ ୧୨୨ ଓଭରରେ ୭ ଉଇକେଟ ହରାଇ ୩୯୯ ରନ ସଂଗ୍ରହ କରିଛି। ଫଳରେ ହାତରେ ୩ ଉଇକେଟ ଥାଇ ଘରୋଇ ଦଳ ୩୨୧ ରନରେ ଅଗ୍ରଣୀଲାଭ କରିଛି। ରୁଟ୍ ୧୨୧ ରନରେ ଆଉଟ ହୋଇଛନ୍ତି। ଭାରତ ପ୍ରଥମ ଇନିଂସରେ ଲଜ୍ଜାଜନକ ଭାବେ ମାତ୍ର ୭୮ ରନରେ ଅଲଆଉଟ ହୋଇଥିଲା।

**ତୃତୀୟ କ୍ରିକେଟ ଟେଷ୍ଟ**

- ଜୋ ରୁଟ୍‌ଙ୍କ ଶତକ
- ମଲନଙ୍କ ସହ ତୃତୀୟ ଉଇକେଟରେ ୧୩୯ ରନର ଭାଗୀଦାରି

ପ୍ରଥମ ଦିବସର ଅସମାପ୍ତ ସ୍କୋର ୧୨୦/୦ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଦ୍ୱିତୀୟ ଦିବସରେ ଆଉ ୧୫ ରନ ଯୋଗ କରିବାପରେ ପ୍ରଥମ ଉଇକେଟ ହରାଇଥିଲା। ୫୦ତମ ଓଭରର ଶେଷ ବଲ୍‌ରେ ରୋରି ବର୍ନ୍ସଙ୍କୁ କ୍ଲିନ୍ ବୋଲ୍ଡ କରି ମହମ୍ମଦ ସାମି ଭାରତକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ପୂର୍ବଦିନ ୬୦ ରନରେ ଅପରାଜିତଥିବା ଅନ୍ୟତମ ଓପନର ହାସିବ ହମିଦ ଦ୍ୱିତୀୟ ଦିବସରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ପୂର୍ବ ସ୍କୋରରେ ଆଉ ମାତ୍ର ୮ ରନ ଯୋଗ କରି ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ବର୍ନ୍ସ ୧୫୩ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୬୧ ଏବଂ ହମିଦ ୧୯୫ ବଲ୍‌ରୁ ୧୨ ଚୌକା ସହ ୬୮ ରନ କରି ଆଉଟ ହୋଇଥିଲେ। ଦୃଢ଼ ଓପନିଂ ପରେ ଇଂଲଣ୍ଡ ମିଡଲ ଅର୍ଡରରେ ମଧ୍ୟ ଚମତ୍କାର ଖେଳିଥିଲା। ଦାୱିଦ ମଲନଙ୍କ ସହ କ୍ରିଜରେ ଯୋଗଦେଇ ଇନ୍‌ଫର୍ମ ଅଧିନାୟକ ଜୋ ରୁଟ୍ ଭାରତୀୟ ବୋଲରଙ୍କୁ ନାକେଦମ୍ କରିଥିଲେ। ଦୁହେଁ ଶତକୀୟ ଭାଗୀଦାରି ଗଢ଼ିବା ସହ ଇଂଲଣ୍ଡକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ତୃତୀୟ ଉଇକେଟରେ ୧୮୯ ବଲ୍‌ରୁ ୧୩୯ ରନ ଯୋଗ ହେବାପରେ ଯୋଡ଼ି ଭାଙ୍ଗିଥିଲା। ମଲନ ୧୨୮ ବଲ୍‌ରୁ ୧୧ ଚୌକା ସହ ୭୦ ରନ କରିଥିବାବେଳେ ମହମ୍ମଦ ସିରାଜଙ୍କ ଏକ ଲେଗ୍‌ସାଇଡ୍ ବାହାର ବଲ୍‌କୁ ଫ୍ଲିକ୍ କରିବାକୁ ଯାଇ ଉଇକେଟ କିପର ରିଷଭ ପନ୍ତଙ୍କୁ କ୍ୟାଚ ଦେଇଥିଲେ। ଅମ୍ପାୟର ପ୍ରଥମେ ଏହାକୁ ନଟ୍ ଆଉଟ ଦେଇଥିଲେ ହେଁ ସିରାଜ ରିଭ୍ୟୁ ନେବାକୁ ଅଧିନାୟକ ବିରାଟ କୋହଲିଙ୍କୁ ବୁଝାଇବାରେ ସକ୍ଷମ ହୋଇଥିଲେ। ରିଭ୍ୟୁରେ ବଲ୍ ବ୍ୟାଟ୍‌ରେ ବାଜି ଉଇକେଟ କିପରଙ୍କ ହାତକୁ ଯାଇଥିବା ସ୍ପଷ୍ଟ ହୋଇଥିଲା। ଫଳରେ ଭାରତକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେବାରେ ସକ୍ଷମ ହୋଇଥିଲେ ସିରାଜ। ଅଧିନାୟକ ରୁଟ୍ କିନ୍ତୁ ଭାରତୀୟ ବୋଲରଙ୍କୁ ସହଜରେ ଖେଳି ହାସଲ କରିଥିଲେ କ୍ୟାରିୟରର ୨୩ତମ ଟେଷ୍ଟ ଶତକ। ସେ ୧୨୪ ବଲ୍ ଖେଳି ୧୨ ଚୌକା ସହାୟତାରେ ଶତକ ପୂରଣ କରିଥିଲେ। କେବଳ ସେତିକି ନୁହେଁ ୪ର୍ଥ ଉଇକେଟରେ ସେ ଜନି ବେୟାରଷ୍ଟୋଙ୍କ ସହ ୮୧ ବଲ୍‌ରୁ ୫୨ ରନର ପାର୍ଟନରଶିପ୍ ଗଢ଼ିବାରେ ମଧ୍ୟ ସକ୍ଷମ ହୋଇଥିଲେ। ବଡ଼ ଷ୍ଟ୍ରୋକ୍ ଖେଳିବା ଚକ୍କରରେ ବେୟାରଷ୍ଟୋ ୪୩ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୨୯ ରନ କରିଥିବାବେଳେ ମହମ୍ମଦ ସାମିଙ୍କ ବଲ୍‌ରେ କୋହଲିଙ୍କୁ ଏକ ଲୋ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଜୋଶ୍ ବଟଲର ମଧ୍ୟ ଅଧିକ ସମୟ ତିଷ୍ଠିପାରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୭୮/ଅଲଆଉଟ। ଇଂଲଣ୍ଡ ପ୍ରଥମ ଇନିଂସ: ୩୯୯/୭ (ଜୋ ରୁଟ୍-୧୨୧, ଦାୱିଦ ମଲନ-୭୦, ହାସିବ ହମିଦ-୬୮, ରୋରି ବର୍ନ୍ସ-୬୧, ଜନି ବେୟାରଷ୍ଟୋ-୨୯, ମହମ୍ମଦ ଶାମି-୩/୮୭, ରବୀନ୍ଦ୍ର ଜାଡେଜା-୨/୮୨, ମହମ୍ମଦ ସିରାଜ-୧/୮୧, ଯଶପ୍ରୀତ୍ ବୁମ୍‌ରା-୧/୫୭)।



ଶତକ ହାସଲ ଅବସରରେ ଅଧିନାୟକ ଜୋ ରୁଟ୍।

# ଅପପ୍ରଚାର ନ କରିବାକୁ ନୀରଜଙ୍କ ନିବେଦନ



ନୀରଜ ଚୋପ୍ରା ଓ ଅର୍ସାଦ ନଦୀମ।

**ନୂଆଦିଲ୍ଲୀ, ୨୬।୮ (ପି.ଟି.)**

ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରା ତାଙ୍କ ନାମରେ ଅଯଥା ଅପପ୍ରଚାର ନ କରିବା ଲାଗି ନିବେଦନ କରିଛନ୍ତି। ତାଙ୍କ ଟିପ୍ପଣୀକୁ ଭିନ୍ନ ରୂପ ଦିଆ ନ ଯାଉ। ଟୋକିଓ ଗେମ୍ସରେ ତାଙ୍କ ଜାଭେଲିନ୍‌କୁ ପାକିସ୍ତାନୀ ଅର୍ସାଦ ନଦୀମ ବ୍ୟବହାର କରିବା ଘଟଣାକୁ ନେଇ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତୀୟ ସେନାରେ କାର୍ଯ୍ୟରତ ୨୩ବର୍ଷୀୟ ନୀରଜ ଆଥଲେଟିକ୍ସରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣି ଦେଇଛନ୍ତି। ତାଙ୍କ ମନ୍ତବ୍ୟକୁ କେତେକ ରଙ୍ଗ ଦେଇ ବ୍ୟକ୍ତିଗତ ସ୍ୱାର୍ଥରେ ବ୍ୟବହାର କରିବା ସହ ଅପପ୍ରଚାର ଚଳାଇଛନ୍ତି। ତାହା ଆଦୌ ଗ୍ରହଣୀୟ ନୁହେଁ। କ୍ରୀଡ଼ା ମିଳିମିଶି କାର୍ଯ୍ୟକରିବା ଶିକ୍ଷା ଦେଇଥାଏ। ଅଭ୍ୟାସ ପାଇଁ ଅର୍ସାଦ ତାଙ୍କ ଜାଭେଲିନ୍ ବ୍ୟବହାର କରି କିଛି ଭୁଲ କରି ନାହାନ୍ତି। ଏହା ନିୟମ ବହିର୍ଭୂତ କାର୍ଯ୍ୟ ନୁହେଁ। ଅଗଷ୍ଟ ୭ରେ ଅଲିମ୍ପିକ ଫାଇନାଲ ବେଳେ ତାଙ୍କ ପ୍ରଥମ ଥ୍ରୋ ପୂର୍ବରୁ ତାଙ୍କ ନିଜ ଜାଭେଲିନ୍‌ଟିକୁ ସେ ଖୋଜିବାବେଳେ ଏହାକୁ ନଦୀମ ହାତରେ ଧରିଥିବା ସେ ଦେଖିବାକୁ ପାଇଥିଲେ ବୋଲି ସେ ନିକଟରେ ଏକ ସାକ୍ଷାତ୍‌କାରରେ କହିଥିଲେ। ନିୟମ ଅନୁସାରେ ଅଫିସିଆଲଙ୍କୁ ଯେଉଁ ସବୁ ଜାଭେଲିନ୍ ଦିଆଯାଇଥାଏ, ତାହାକୁ ଅନ୍ୟ କୌଣସି ପ୍ରତିଯୋଗୀ ଚାହିଁଲେ ବ୍ୟବହାର କରିପାରିବ। ଏହି ନିୟମ ପୋଲଭଲ୍ଟକୁ ଛାଡ଼ି ଅନ୍ୟ ସମସ୍ତ ଇଭେଣ୍ଟ ଲାଗି ପ୍ରଯୁଜ୍ୟ। ଅଗଷ୍ଟ ୭ରେ ଫାଇନାଲ ପୂର୍ବରୁ ସେ ପାକିସ୍ତାନୀ ପ୍ରତିଯୋଗୀ ଅର୍ସାଦ ନଦିମଙ୍କଠାରୁ ଜାଭେଲିନ୍ ମାଗି କରି ଆଣିବା ଘଟଣାକୁ କେତେକ ଭିନ୍ନ ରୂପ ଦେଉଛନ୍ତି। ଚୋପ୍ରା ତାଙ୍କ ଟୁଇଟ୍‌ରେ ଏକ ଭିଡ଼ିଓ ପୋଷ୍ଟ କରି ଏକଥା କହିଛନ୍ତି।

# ଭାଭିନାବେନ୍ ଟିଟି ପ୍ରି-କ୍ୱାର୍ଟରରେ

**ଟୋକିଓ, ୨୬।୮ (ପି.ଟି.)**

ଗ୍ରେଟ୍ ବ୍ରିଟେନର ମେଗାନ ସାକ୍‌ଲଟନଙ୍କ ବିପକ୍ଷରେ ୩-୧ରେ ବିଜୟ ହାସଲ କରି ଭାରତୀୟ ଟେବୁଲ ଟେନିସ (ଟିଟି) ଖେଳାଳି ଭାଭିନାବେନ୍ ପଟେଲ ମହିଳା ସିଙ୍ଗଲ୍ସ କ୍ଲାସ୍-୪ ଟେବୁଲ ଟେନିସ ପ୍ରତିଯୋଗିତାର ପ୍ରି-କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ୩୪ ବର୍ଷୀୟା ଭାରତୀୟ ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ସାକ୍‌ଲଟନଙ୍କୁ ୧୧-୭, ୯-୧୧, ୧୭-୧୫ ଓ ୧୩-୧୧ରେ ହରାଇ ଦେଇଥିଲେ। ଏହି ମ୍ୟାଚ ୪୧ ମିନିଟ୍‌ରେ ଶେଷ ହୋଇଥିଲା। ପୂର୍ବରୁ ଭାରତର ଅନ୍ୟ ଜଣେ ପ୍ରତିଯୋଗୀ ସୋନାଲବେନ୍ ମନୁଭାଇ ପଟେଲ ତାଙ୍କ ମହିଳା ସିଙ୍ଗଲ୍ସ କ୍ଲାସ୍ ୩ ପ୍ରଥମ ଗ୍ରୁପ୍ ମ୍ୟାଚରେ କୋରିଆର ଏମ୍‌ଜି ଲିଂଙ୍କଠାରୁ ୧୨-୧୦, ୫-୧୧, ୩-୧୧, ୯-୧୧ରେ ହାରିଯାଇଛନ୍ତି। ପଟେଲ ତାଙ୍କ ଦୁଇଟି ଗେମ୍‌ରୁ ୩ ପଏଣ୍ଟ ଲାଭ କରି ଟେବୁଲ ଲିଡର ଲିଙ୍ଗଙ୍କ ସହ ନକ୍‌ଆଉଟ୍‌ରେ ପ୍ରବେଶ କରିଛନ୍ତି।



ଭାଭିନାବେନ୍ ପଟେଲ

# ସୌଦିଙ୍କ ସହ ଚୁକ୍ତି କଲା କେକେଆର୍

**କୋଲକାତା, ୨୬।୮ (ପି.ଟି.)**

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ସେପ୍ଟେମ୍ବର ୧୯ରୁ ଖେଳାଯିବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଲ୍)ର ଅବଶିଷ୍ଟ ମ୍ୟାଚ ପାଇଁ କୋଲକାତା ନାଇଟ ରାଇଡର୍ସ (କେକେଆର୍) ନ୍ୟୁଜିଲାଣ୍ଡ ପେସ୍ ବୋଲର ଟିମ୍ ସୌଦିଙ୍କ ସହ ଚୁକ୍ତି କରିଛି। ନ୍ୟୁଜିଲାଣ୍ଡର ଏହି ଭେଟେରାନ ପେସ୍ ବୋଲର ଅଷ୍ଟ୍ରେଲିଆର ପ୍ୟାଟ କୁମିନ୍ସଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ଦଳରେ ସ୍ଥାନ ପାଇଛନ୍ତି। କୁମିନ୍ସ ବ୍ୟକ୍ତିଗତ କାରଣ ଦର୍ଶାଇ ଲିଗ୍‌ରୁ ଓହରିଯାଇଛନ୍ତି। ସୌଦିଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ନ୍ୟୁଜିଲାଣ୍ଡ ତରଫରୁ ସେ ୩୦୫ ଅନ୍ତର୍ଜାତୀୟ ଖେଳିଥିବାବେଳେ ୬୦୩ ଉଇକେଟ ଅକ୍ତିଆର କରିଛନ୍ତି। ଆଇପିଏଲ୍ ୨୦୨୦ ସିଜନ ପାଇଁ କୁମିନ୍ସଙ୍କୁ ପୂର୍ବତନ ଚାମ୍ପିୟନ କେକେଆର ୧୫.୫ କୋଟି ଟଙ୍କାରେ କ୍ରୟ କରିଥିଲା। ଦଳର ସେ ଜଣେ ପ୍ରମୁଖ ଖେଳାଳି ବିବେଚିତ ହେଉଥିଲେ। ଏହି ସିଜନରେ ସେ ୭ ମ୍ୟାଚ ଖେଳି ୯ ଉଇକେଟ ନେବା ସହ ୯୩ ରନ ସ୍କୋର କରିଛନ୍ତି। ତନ୍ମଧ୍ୟରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ଅପରାଜିତ ୬୬ ରନ ରହିଛି।



ଟିମ୍ ସୌଦି

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ସେ ତୃତୀୟ ସର୍ବୋଚ୍ଚ ଉଇକେଟ ହାସଲକାରୀ ବୋଲର। ସେ ୮୩ ମ୍ୟାଚରେ ୯୯ ଉଇକେଟ ଅକ୍ତିଆର କରିଛନ୍ତି। ଅତୀତରେ ସେ ରାଜସ୍ଥାନ ରୟାଲ୍ସ, ସିଏସ୍‌କେ, ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତରଫରୁ ଖେଳିସାରିଛନ୍ତି।

# ପିସିବି ଅଧ୍ୟକ୍ଷ ପଦରୁ ଏହସାନ ମନୀଙ୍କ ଇସ୍ତଫା

**କରାଚୀ,୨୬।୮(ପି.ଟି.):** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ଏହସାନ ମନୀ ପଦରୁ ଇସ୍ତଫା ଦେଇଛନ୍ତି। ୩ ବର୍ଷ କାର୍ଯ୍ୟକାଳ ପୂରା କରିବା ପରେ ସେ ଗୁରୁବାର ପଦ ଛାଡିଛନ୍ତି। ତାଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୫ରେ ଶେଷ ହୋଇଛି ବୋଲି ପିସିବିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ହାଉସର ନିର୍ଦ୍ଦେଶ ପରେ ଯାଇ ଅଧ୍ୟକ୍ଷ ପଦ ନିର୍ବାଚନ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ପିସିବିର ମୁଖ୍ୟ ପୃଷ୍ଠପୋଷକ ରହିଛନ୍ତି। ପାକିସ୍ତାନ ପୂର୍ବତନ ଅଧିନାୟକ ରମିଜ ରାଜା ଅଧ୍ୟକ୍ଷ ପଦକୁ ନିର୍ବାଚିତ ହୋଇପାରନ୍ତି ବୋଲି ଆଲୋଚନା ହୋଇଛି। ଚଳିତ ସପ୍ତାହରେ ରମିଜ ଓ ମନୀ ଉଭୟ ଇମ୍ରାନଙ୍କ ସହ ବୈଠକରେ ସାକ୍ଷାତ କରିଥିଲେ। ପାକିସ୍ତାନ କ୍ରିକେଟର ପୁନର୍ଗଠନ ପାଇଁ ରମିଜ ଇମ୍ରାନଙ୍କୁ ବ୍ଲୁ ପ୍ରିଣ୍ଟ ପ୍ରଦାନ କରିଛନ୍ତି ବୋଲି କହିଛନ୍ତି। ପାକିସ୍ତାନ କ୍ରିକେଟରେ ଅବନତି ହୋଇଛି। ଏଥିରେ ଉନ୍ନତି ହେବାର ଆବଶ୍ୟକତା ରହିଛି ରମିଜ ଇମ୍ରାନଙ୍କୁ ଅବଗତ କରାଇଥିବା କହିଛନ୍ତି।

# ରେସ୍‌ଲିଂକୁ ପୋଷ୍ୟକ୍ରୀଡ଼ା ଭାବେ ଗ୍ରହଣ କଲା ୟୁପି

**ନୂଆଦିଲ୍ଲୀ, ୨୬।୮ (ପି.ଟି.)**

ଉତ୍ତର ପ୍ରଦେଶ ୨୦୩୨ ପର୍ଯ୍ୟନ୍ତ ରେସ୍‌ଲିଂକୁ ପୋଷ୍ୟ କ୍ରୀଡ଼ା ଭାବେ ଗ୍ରହଣ କରିଛି। ରାଜ୍ୟରେ ରେସ୍‌ଲିଂ ଭିତ୍ତିଭୂମି ସ୍ଥାପନ କ୍ଷେତ୍ରରେ ରାଜ୍ୟ ୧୭୦ କୋଟି ଟଙ୍କା ବ୍ୟୟ କରିବ ବୋଲି ଡବ୍ଲ୍ୟୁଏଫ୍‌ଆଇ (ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ) ସଭାପତି ବ୍ରିଜଭୂଷଣ ଶରନ ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶା ସରକାର ହକିର ପୃଷ୍ଠପୋଷକତା କରି ଆସୁଛନ୍ତି। ସେଥିରେ ଉଦ୍‌ବୁଦ୍ଧ ହୋଇ ଆମେ ରେସ୍‌ଲିଂକୁ ପୃଷ୍ଠପୋଷକତା ଯୋଗାଇ ଦେବାଲାଗି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଆମେ ଅନୁରୋଧ କରିଥିଲୁ। ପ୍ରସ୍ତାବ ଅନୁସାରେ ୨୦୨୪ ଗେମ୍ସ ପର୍ଯ୍ୟନ୍ତ ପ୍ରତିବର୍ଷ ୧୦କୋଟି ଲେଖାଏ ଆର୍ଥିକ ସହାୟତା (୩୦କୋଟି ଟଙ୍କା) ଯୋଗାଇଦେବା ଲାଗି ଆମେ କହିଥୁ। ପରବର୍ତ୍ତୀ ଅଲିମ୍ପିକ ୨୦୨୮ ସାଇକେଲ ପର୍ଯ୍ୟନ୍ତ ବାର୍ଷିକ ୧୫ କୋଟି ଲେଖାଏ (ମୋଟ ୬୦କୋଟି ଟଙ୍କା) ଏବଂ ଫାଇନାଲ ପର୍ଯ୍ୟାୟ ୨୦୩୨ ପର୍ଯ୍ୟନ୍ତ ବର୍ଷ ପିଛା ୨୦ କୋଟି ଟଙ୍କା ଲେଖାଏ ଦେବାଲାଗି ଆମେ କହିଥୁ। ଏହା ସତ୍ତ୍ୱେ ସ୍ପନସରଶିପ୍ କ୍ଷେତ୍ରରେ ଆମେ କୌଣସି କଟକଣା ରଖିନାହୁଁ। ଏପରିକି କ୍ୟାଡେଟ୍ ସ୍ତରରେ ରେସ୍‌ଲରମାନେ ପ୍ରାୟୋଜକ ପାଇ ପାରିବେ। ୨୦୧୮ରେ ଡବ୍ଲ୍ୟୁଏଫ୍‌ଆଇ ଟାଟା ମୋଟର୍ସ ସହ ଏହାର ପ୍ରମୁଖ ପ୍ରାୟୋଜକ ଭାବେ ଚୁକ୍ତି କରିଥିଲା। ଏହି ପାର୍ଟନରଶିପ୍ ଯୋଗୁ ୧୨କୋଟି ଟଙ୍କା ସହାୟତା ରାଶି ମିଳିଥିଲା। ଶୁକ୍ରବାର ପାର୍ଟନରଶିପ୍‌ର ନବୀକରଣ କରାଯିବ। ବର୍ତ୍ତମାନ ପର୍ଯ୍ୟନ୍ତ ଆମେ ସିନିୟର ଓ ଏଲିଟ୍ ସ୍ତରର ରେସ୍‌ଲରମାନେ ବ୍ୟକ୍ତିଗତ କୋଚ୍ ଏବଂ ବିଦେଶୀ କୋଚ୍‌ଙ୍କ ମାର୍ଗଦର୍ଶନ ପାଇ ପାରୁଛନ୍ତି। କିନ୍ତୁ ଏଣିକି ଆମେ ଆମର କ୍ୟାଡେଟ୍ ଓ ଜୁନିୟର ରେସ୍‌ଲରମାନଙ୍କୁ ଭଲ ରୂପେ ଟ୍ରେନିଂ ଦେଇପାରିବା ବୋଲି ବ୍ରିଜଭୂଷଣ କହିଛନ୍ତି।

# ଏସିଆନ୍ ୟୁଥ୍ ବକ୍ସିଂ: ଫାଇନାଲରେ ୬ ଭାରତୀୟ

**ନୂଆଦିଲ୍ଲୀ,୨୬।୮(ପି.ଟି.)**

ଦୁବାଇରେ ଚାଲିଥିବା ଏସିଆନ୍ ୟୁଥ୍ ଚାମ୍ପିୟନଶିପ୍‌ରେ ୬ଜଣ ଭାରତୀୟ ବକ୍ସର ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨ଜଣ ୱାକ୍ ଓଭର ପାଇ ଫାଇନାଲ୍ସକୁ ଉଠିଛନ୍ତି। ଦୁଇଜଣ କାଜାଖସ୍ତାନ ବକ୍ସର କୋଭିଡ୍-୧୯ର ଶିକାର ହେବା କାରଣରୁ କ୍ୱାରାଣ୍ଟାଇନରେ ରହିବା ଯୋଗୁ ଦୁଇ ଭାରତୀୟ ବକ୍ସର ୱାକ୍ ଓଭର ପାଇଥିଲେ। ଏହି ୬ ବକ୍ସରଙ୍କ ମଧ୍ୟରେ ୨ ପୁରୁଷ ଓ ୪ ମହିଳା ସାମିଲ ରହିଛନ୍ତି।

ମହିଳା ଡ୍ର'ରେ ସିମରନ ବର୍ମା (୫୨ କେ.ଜି.) ଓ ସ୍ନେହା (୬୬ କେ.ଜି.) ଯଥାକ୍ରମେ କାଜାଖସ୍ତାନ ପ୍ରତିଦ୍ୱନ୍ଦ୍ୱୀ ଖାଭା ବୋଲକୋୟେଭା ଓ ଅନାର ତୁରସିନବେକଙ୍କଠାରୁ ୱାକ୍‌ଓଭର ପାଇ ଅଗ୍ରଗତି କରିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ କରୋନା ପଜିଟିଭ ହୋଇଥିବା ବେଳେ ଆଉଜଣଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିଥିଲା। ଫଳରେ ଆମର ଦୁଇ ମହିଳା ବକ୍ସରଙ୍କୁ ୱାକ୍ ଓଭର ମିଳିଥିଲା ବୋଲି ଭାରତୀୟ କୋଚ୍ ଭାସ୍କର ଭଟ୍ଟ କହିଛନ୍ତି। ସେହିପରି ପ୍ରୀତି (୫୭ କେ.ଜି.) ଓ ପ୍ରୀତି ଦହିୟା (୬୦ କେ.ଜି.) ମଧ୍ୟ ଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ ରାଉଣ୍ଡରେ ପ୍ରୀତି ନେପାଳର ନରିକା ରାଏଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି। ସେହିପରି ପ୍ରୀତି ଦହିୟା ୩-୨ରେ ଉଜବେକିସ୍ତାନର ରୁଖ୍‌ଶୋନା ଉକଟାମୋଭାଙ୍କୁ ହରାଇ ଫାଇନାଲ ଟିକେଟ ହାସଲ କରିଛନ୍ତି।

ପୁରୁଷ ବିଭାଗରେ ବଂଶଜ (୬୪ କେ.ଜି) ଇରାନର ଫରିଦି ଆବୋଲଫାଜଲଙ୍କୁ ୫-୦ରେ, ବିଶାଲ (୮୦ କେ.ଜି.) କାଜାଖସ୍ତାନର ଡାଉରେନ ମେମିରଙ୍କୁ ମଧ୍ୟ ୫-୦ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ୬୭ କେ.ଜି. ବର୍ଗରେ ଦକ୍ଷ ୪-୧ରେ ଉଜ୍‌ବେକିସ୍ତାନର ସୋଲିଜୋନୋଜ ସାମନ୍ଦରଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିପରି ଅଭିମନ୍ୟୁ ୯୨ କେ.ଜି. ଓ ଅମନ ସିଂ ବିଷ୍ଟ +୯୨ କେ.ଜି.ରେ ବ୍ରୋଞ୍ଜ ପଦକ ସହ ଅଭିଯାନ ଶେଷ କରିଛନ୍ତି। ଅଭିମନ୍ୟୁ ୦-୫ରେ ଉଜ୍‌ବେକିସ୍ତାନର ତୋଖଇରୋଭ ନୁଶ୍ରତବେକଙ୍କଠାରୁ ପରାସ୍ତ ହୋଇଥିଲେ। ସେହିପରି ବିଷ୍ଟ ଉଜବେକିସ୍ତାନର ଜୋକିରୋଭ ଜାଖୋଙ୍ଗୀରଙ୍କଠାରୁ ହାରିଥିଲେ।




ଲଢ଼େଇ ପରେ ପ୍ରୀତି (ବାମ)ଙ୍କୁ ରେଫ୍‌ରି ବିଜୟୀ ଘୋଷଣା କରୁଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ପୂର୍ବତନ କୃଷି ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କୁ ଅସମ୍ମାନ

ନୂଆପଡ଼ା ଅଫିସ: ନୂଆପଡା ସଦର ମହକୁମା ଏକତା ଛକରେ ଥିବା ପୂର୍ବତନ କୃଷିମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତି ମୁଣ୍ଡ ଉପରେ ରୁଟି ରଖାଯାଇ ଅସମ୍ମାନ କରାଯାଇଛି। ଏହାକୁ ନେଇ ଜିଲା ପରିଷଦ ଉପଉଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମହାପୁରୁଷ ଉପରେ ଅସମ୍ମାନ ଜଣାଇ ତାଙ୍କ ପ୍ରତିମୂର୍ତ୍ତି ଉପରେ ରୁଟି ରଖାଯାଇଥିବା ଘଟଣାକୁ ଜିଲାରେ ନିନ୍ଦା କରିବା ସହିତ ଅସମ୍ମାନ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଏହାର ତଦନ୍ତ କରି ଶୀଘ୍ର ଦୋଷୀଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି।

## ସଂକ୍ଷେପରେ

### ଆମ୍ବ ଗଛ ଉପରେ ଭାଲୁ, ଲୋକେ ଆତଙ୍କିତ

ନୂଆପଡ଼ା ଅଫିସ,୨୬।୮: ନୂଆପଡା ସଦର ବ୍ଲକ ଗୋଡଫୁଲା ଗାଁ ନିକଟ ବିଜୁ ଏକ୍ସପ୍ରେସ କଡରେ ଥିବା ଏକ ଆମ୍ବ ଗଛ ଉପରେ ଭାଲୁ ରହିଛି। ପାଣି କିମ୍ବା ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ମଙ୍ଗଳବାର ରାତିରେ ପଶି ଆସିଥିବା ଅନୁମାନ କରାଯାଉଛି। ବୁଧବାର ସକାଳୁ ଜୀବନ ବଞ୍ଚାଇବା ପାଇଁ ଗଛ ଉପରକୁ ଚଢି ଯାଇଥିଲା। ଭାଲୁକୁ ଦେଖି ପଥଚାରୀ ଏବଂ ଗାଁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭାଲୁର ଗତିବିଧି ଉପରେ ଅନୁଧ୍ୟାନ କରିଥିଲେ। ବୁଧବାର ରାତି ପ୍ରାୟ ୯ଟାରେ ରାସ୍ତା ଶୁନ୍‌ଶାନ ହେବାରୁ ଭାଲୁ ଜଙ୍ଗଲକୁ ଚାଲିଯାଇଛି । ଗତ କିଛି ଦିନ ଧରି ଲଗାତାର ଭାବେ ଭାଲୁ ଗାଁ ମୁହାଁ ହେଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଗାଁ ଲୋକଙ୍କ ବାଡି ବଗିଚାରେ ଭାଲୁ ପଶି ଯାଉଥିବା ବେଳେ ଚାଷ କାମ ଲାଗି ଯାଉଥିବା ଲୋକଙ୍କ ପ୍ରତି ବିପଦ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ଜିଲା ଯାଦବ ମହାସଭା ପକ୍ଷରୁ ସମ୍ବର୍ଦ୍ଧନା ସଭା

ନୂଆପଡ଼ା ଅଫିସ,୨୬।୮: ନୂଆପଡା ଜିଲା ଯାଦବ ମହାସଭା ପକ୍ଷରୁ ସମ୍ବର୍ଦ୍ଧନା ସଭା ଜିଲା ସଦର ମହକୁମାସ୍ଥିତ ଯାଦବ ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାର ନବନିଯୁକ୍ତ ମହିଳା ସଭାନେତ୍ରୀ ମମତା ମଞ୍ଜରୀ ଥପାଙ୍କୁ ଜିଲା ସଭାପତି ହରେରାମ କଠାର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧନା ସଭାରେ ଉତ୍କଳ ମହାସଭା ମହାସଚିବ ଲମ୍ବୋଦର ନିଆଲ, ଜିଲା କାର୍ଯ୍ୟକାରୀ ସଭାପତି ଚଞ୍ଚଳ ଶଗରୀଆ, ଭରତଲାଲ ରାଉତ, ମହେଶ ନିଆଲ, ସନ୍ତୋଷ ନିଆଲ, ତ୍ରୀନାଥ ପୁଞ୍ଜି, ନିତ୍ୟାନନ୍ଦ କଟା, ରାଜ କୁମାର ହେର୍ଣ୍ଣା, ଦୟା ଥପା, ଦୁର୍ଜନ ନାଗ, କପିଳେନ୍ଦ୍ର ଭୋଇ, ଗଜାନନ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ନବନିଯୁକ୍ତ ମହିଳା ସଭାନେତ୍ରୀ ଥପା ସମସ୍ତ ପଦାଧିକାରୀଙ୍କୁ ଧନ୍ୟବାଦ ଦେବା ସହିତ ତୃଣମୂଳସ୍ତରରେ ସମାଜକୁ ସୁଦୃଢ କରିବା ଓ ବୟୋଜେଷ୍ଠମାନଙ୍କ ସହଯୋଗ ଏବଂ ମାର୍ଗଦର୍ଶନରେ ସମାଜର ହିତ ପାଇଁ କାର୍ଯ୍ୟ କରିବି ବୋଲି କହିଛନ୍ତି ।

### ପୁସ୍ତକ ଉନ୍ମୋଚନ, କୃତି ପ୍ରତିଭା ସମ୍ବର୍ଦ୍ଧିତ

ଲୋଇସିଂହା,୨୬।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ହରଭଙ୍ଗା ମହାକାଳେଶ୍ୱର ବାବା ଫୁଟବଲ ଆସୋସୋଏଶନ ଆନୁକୂଲ୍ୟରେ 'ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଏକ ଅମ୍ଳାନ ପ୍ରତିଭା ପୁସ୍ତକ ଉନ୍ମୋଚନ ହୋଇଯାଇଛି । ସୁବର୍ଣ୍ଣପୁର ଜିଲା ଲଛିପୁର ମହାବିଦ୍ୟାଳୟ ଅଧ୍ୟାପିକା କଲ୍ୟାଣୀ ମିଶ୍ରଙ୍କ ଦ୍ୱାରା ରଚିତ ଏହି ପୁସ୍ତକରେ ସମାଜସେବା କ୍ଷେତ୍ରରେ ଡ଼ା ସିଦ୍ଧାର୍ଥ ନାୟକଙ୍କ ଭୂମିକା ସମ୍ବନ୍ଧରେ ସ୍ଥାନିତ ହୋଇଛି । ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗୀନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ଜୟରାମ ମିଶ୍ର ମୁଖ୍ୟ ଅତିଥି, ଡ଼ ସତ୍ୟବାନ ବେଦବାକ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅସ୍ଥିଶଲ୍ୟ ବିଭାଗର ଡା ସିଦ୍ଧର୍ଥ ନାୟକ, ଅମର ପଧାନ, ନେପାଳ ପଧାନ, ଗଦାଧର ପଧାନ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ରହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ବେଦବାକ ସମାଜ ପ୍ରତି ମଣିଷର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।

### କୃଷିବିଜ୍ଞାନ କେନ୍ଦ୍ରରେ ଅମୃତ ମହୋତ୍ସବ ପାଳିତ

ବଘିଆପଡା,୨୬।୮(ଡି.ଏନ.ଏ.): ବୌଦ୍ଧ ଜିଲା ପାଲଝାରଠାରେ ଥିବା କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଗୁରୁବାର ଦଆଜାଦିର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ତପନ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଖାଦ୍ୟ ସୁରକ୍ଷା ଯୋଜନାର ଉଦ୍ଦେଶ୍ୟ ଉପରେ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ଉଦ୍‌ବୋଧନର ସିଧା ପ୍ରସାରଣ କରାଯାଇଥିଲା । ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ଲକ୍ଷପତି ଭୋଇ, ମିଶନ ଶକ୍ତି ଜିଲା ସଂଯୋଜକ ଦେବଦତ୍ତ ମିଶ୍ର ଯୋଗ ଦେଇଥିଲେ । ଏଥିରେ ବୁଦ୍ଧିଜୀବି , ମହିଳା, ଚାଷୀମାନେ ଯୋଗ ଦେଇଥିଲେ । ଚାଷୀଭାଇମାନଙ୍କୁ ପନିପରିବା ମଞ୍ଜି ବିତରଣ କରାଯାଇଥିଲା ।

# ପ୍ରକଳ୍ପ କାମ ନ ହୋଇ ଟଙ୍କା ହଡ଼ପ

**କର୍ଲାମୁଣ୍ଡା ପଞ୍ଚାୟତ ସମିତି**

- ଆସନ୍ତା ୨୧ରେ ହାଜର ଲାଗି ଲୋକାୟୁକ୍ତଙ୍କ ନୋଟିସ୍

କର୍ଲାମୁଣ୍ଡା,୨୬।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ଦାଣ୍ଡିଭଜାଠାରେ ବିଜୁକେବିକେ ଅର୍ଥରୁ ୨ଟି ପ୍ରକଳ୍ପ ନିର୍ମାଣ ନ ହୋଇ ବିଲ୍ କରାଯାଇ ଟଙ୍କା ହଡପ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗର ଶୁଣାଣି ପାଇଁ ଆସନ୍ତା ୨୧ରେ ହାଜର ଲାଗି ଲୋକାୟୁକ୍ତଙ୍କ ନୋଟିସ୍ ଜାରି ପରେ ଅଞ୍ଚଳରେ ଚର୍ଚ୍ଚା ଏବେ ଜୋର ଧରିଛି। ସୂଚନା ଅନୁଯାୟୀ, ସାମାଜିକ କର୍ମୀ ସୁରେଶ ଚୌଧୁରୀ ସୂଚନା ଅଧିକାର ଆଇନରେ ପାଇଥିବା ତଥ୍ୟ ମୁତାବକ ବ୍ଲକରେ ବିଜୁକେବିକେ ଯୋଜନାରେ ରେଗଡା ପଞ୍ଚାୟତ ଭୁଏରମୁଣ୍ଡାଠାରୁ ଦାଣ୍ଡିଭଜା (ରିଚ ୧) ଓ (ରିଚ ୨)ରେ ୪ ଲକ୍ଷ ୯୦ ହଜାର ୬୨୯ ଓ ୪ଲକ୍ଷ ୯୨ ହଜାର ୮୭୨ ଟଙ୍କାରେ କଲଭର୍ଟ ନିର୍ମାଣ ପାଇଁ ୧୯।୭।୨୦୧୬ରେ ବ୍ଲକ ନୋଟିସ ସଂଖ୍ୟା ୩୬୦୦ ଅନୁସାରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ଠିକାଦାର (ବର୍ତ୍ତମାନର ରେଗଡା ସରପଞ୍ଚ) ସୁଶାନ୍ତ ପରିଡା କାମ କରିବାକୁ ମନୋନୀତ ହୋଇଥିଲେ। ବ୍ଲକ ସହିତ ଚୁକ୍ତିନାମା କରି ବ୍ଲକ ଆଦେଶ ସଂଖ୍ୟା ୩୭୦୨ ଓ ୩୭୦୪ ତା.୧।୮।୨୦୧୬ କାର୍ଯ୍ୟ ଆରମ୍ଭ ପାଇଁ ଆଦେଶ ଦିଆଯାଇଥିଲା। କଲଭର୍ଟ ଦୁଇଟି ନିର୍ମାଣ ନ ହୋଇ ବିଲ କରୁଥିବା ନେଇ ସାମାଜିକ କର୍ମୀ ଚୌଧୁରୀ ତତ୍କାଳୀନ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀଙ୍କୁ ଜଣାଇଥିଲେ। ଏଥିରେ ପିଡି ଡିଆରଡିଏଙ୍କ ପତ୍ର ସଂଖ୍ୟା ୧୮୦୮,ତା. ୧୨।୪।୨୦୧୮ ପେମେଣ୍ଟ ନ କରିବାକୁ କର୍ଲାମୁଣ୍ଡା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ତତ୍କାଳୀନ କେସିଙ୍ଗା ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ (ପୂର୍ବରୁ କର୍ଲାମୁଣ୍ଡାରେ କନିଷ୍ଠ ଯନ୍ତ୍ରୀ ଥିଲେ) ଓ କଳାହାଣ୍ଡି ଏପିଡି ଟେକନିକାଲ (ଡିଆରଡିଏ) ସମସ୍ତେ ମିଶି ବିଲ୍ ପ୍ରସ୍ତୁତ କରି ଠିକାଦାର ସୁଶାନ୍ତଙ୍କୁ ପ୍ରକଳ୍ପ ବାବଦକୁ ମୋଟ ୯ ଲକ୍ଷ ୮୩ ହଜାର ୫୪୧ ଟଙ୍କା ପୈଠ କରିଥିଲେ। ଉପୋରକ୍ତ ଅଭିଯୋଗକୁ ସାମାଜିକ କର୍ମୀ ଚୌଧୁରୀ ୯।୪।୨୦୨୧ରେ ଲୋକାୟୁକ୍ତଙ୍କଠାରେ ଅଭିଯୋଗ କରିଥିଲେ। ଏଥିରେ ଲୋକାୟୁକ୍ତ ପକ୍ଷରୁ ମାମଲା (ନଂ. ଏଲୱାଇ-୨୬୭/୨୦୨୧) ରୁଜୁ କରି କରିଥିଲେ।



REGISTERED POST WITH AD

OFFICE OF THE LOKAYUKTA, ODISHA
B-2, Ground Floor, Toshali Bhawan, Satya Nagar, BBSR-751007
(E-mail ID: lokayukta.odisha@gov.in)

No. 6278 /LY Date 13.08.2021

From,

Sri S. R. Pradhan, OSJS
Secretary (Judicial)

To,

Shri Suresh Choudhury
S/o- Hemsagar Choudhury
AT- Bijapati
P.O.- Regada
P.S.- M. Rampur
Dist.- Kalahandi
PIN-766102

Subject: Case No : LY-267/2021

Sir,

I am directed to say that your complaint dated 09.04.2021 has been registered as Case No. LY-267/2021 and the next date of hearing of the matter is fixed to 21.09.2021 at 10:30 AM.

Secretary (Judicial)

ଲୋକାୟୁକ୍ତଙ୍କ ନୋଟିସର କପି।

ଆସନ୍ତା ତା୨୧।୯।୨୦୨୧ରିଖ ଶୁଣାଣିରେ ଉପସ୍ଥିତ ରହି ପକ୍ଷ ରଖିବାକୁ କଳାହାଣ୍ଡି ପିଡି ଡିଆରଡିଏ, ଏପିଡି ଟେକନିକାଲ ଡିଆରଡିଏ, କର୍ଲାମୁଣ୍ଡା ବିଡିଓ, ରେଗଡା ପଞ୍ଚାୟତ ସରପଞ୍ଚ ପରିଡା, କେସିଙ୍ଗା ବ୍ଲକ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ସାହୁଙ୍କୁ ନୋଟିସ ଜାରି କରିଛନ୍ତି। ଏ ନେଇ ରେଗଡା ପଞ୍ଚାୟତ ସରପଞ୍ଚ ପରିଡାଙ୍କୁ ପଚାରିବାରୁ ଅଭିଯୋଗର କୌଣସି ସତ୍ୟତା ନାହିଁ, କାମ ହୋଇଛି । କାମ ନ ହୋଇ କେବେ ବିଲ୍ ହୋଇଥାଏ କି ବୋଲି ସେ ପ୍ରଶ୍ନ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗ ହୋଇଥିବା ପ୍ରକଳ୍ପରେ ୨୦୧୭-୧୮ରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ ହୋଇ ସାରିଥିବାରୁ ବର୍ତ୍ତମାନ କେଉଁଠି କଲର୍ଭଟ ୨ଟି ତିଆରି ହୋଇଥିଲା ବୋଲିଅଞ୍ଚଳବାସୀ ପ୍ରଶ୍ନକରିଛନ୍ତି।

# ୬ ବର୍ଷ ପରେ ନଳକୂପ ଚାନ୍ଦିନୀ ନିର୍ମାଣ ହେଲା



୬ବର୍ଷ ପରେ ନୂତନ ଚାନ୍ଦିନୀ ନିର୍ମାଣ ହୋଇଛି।

**ପଞ୍ଚାୟତ କଲାନି, ସାମାଜିକ କର୍ମୀ କଲେ**

ଜୁନାଗଡ,୨୬।୮(ଡି.ଏନ.ଏ.)

ମାସେ କି ବର୍ଷେ ନୁହେଁ। ୬ ବର୍ଷ ପରେ ଜୁନାଗଡ ବ୍ଲକ ଦାସିଗାଁ ପଞ୍ଚାୟତ ବାନ୍ଧନପଲା ମେଲିଆପଡାରେ ଖନନ ହୋଇଥିବା ନଳକୂପ ଚାରିପଟେ ଚାନ୍ଦିନୀ ନିର୍ମାଣ କରାଯାଇଛି। ହେଲେ ତାହା ପଞ୍ଚାୟତ କର୍ତ୍ତୃପକ୍ଷ କରିନାହାନ୍ତି ବରଂ ଜଣେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଟିକଚନ୍ଦ ବାଗ ବୁଧବାର ନିଜ ହାତରୁ ଏହି ଚାନ୍ଦିନୀ ନିର୍ମାଣ କରିଛନ୍ତି। ଦାସିଗାଁ ପଞ୍ଚାୟତ ବାନ୍ଧନପଲା ଗ୍ରାମ ମେଲିଆପଡାରେ ୬ବର୍ଷ ହେଲା ପଞ୍ଚାୟତ ପକ୍ଷରୁ ନଳକୂପ ଖନନ କରାଯାଇଥିଲେ ମଧ୍ୟ ଚାନ୍ଦିନୀ ତିଆରି କରାଯାଇ ନ ଥିଲା। ଫଳରେ କାଦୁଅରେ ଛିଡା ହୋଇ ଅପରିଷ୍କାର ପରିବେଶରେ ପଡାବାସୀ ପାଣି ନେଉଥିଲେ। ପଡାବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିଲା। ଶେଷରେ ସାମାଜିକ କର୍ମୀ ଟିକଚନ୍ଦ ଚାନ୍ଦିନୀ ତିଆରି କରିବା ପରେ ପଡାବାସୀଙ୍କ ମଧ୍ୟରେ ଖୁସିଦେଖିବାକୁ ମିଳିଛି ।

# ଶିଶୁଙ୍କ ଚିକିତ୍ସାରେ ଅର୍ଥ ବାଧକ

ସରଣ୍ଡା,୨୬।୮(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଟୋପ ପଞ୍ଚାୟତ ପରମାନପୁର ତୁରୀପଡାରେ ଗାନ୍ଧୀ ଭୁଏଙ୍କ ୭ ବର୍ଷର ପୁଅ କାହ୍ନାଙ୍କ ଜନ୍ମରୁ ଡାହାଣ କାନ ନାହିଁ। ଫଳରେ ସେ ଭଲ ଭାବେ ଶୁଣି ପାରୁନାହାନ୍ତି। ମୁହଁର ବାମପାର୍ଶ୍ୱ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଛି। ଆଖିରୁ ନିୟମିତ ପାଣି ବାହାରୁଛି। ଏହାର ଚିକିତ୍ସା କରା ନ ଗଲେ ଆଗକୁ ଅସୁବିଧା ହେବ। ସେହିପରି କାହ୍ନାଙ୍କ ଅସ୍ତ୍ରୋପଚାର ପାଇଁ ୪ ଲକ୍ଷ ୮୦ ହଜାର ଟଙ୍କା ଲାଗିବ ବୋଲି ବୋଲି ଭୁବନେଶ୍ୱର ଏମ୍ସର ଡାକ୍ତର କହିଛନ୍ତି। ଦିନ ମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ଗାନ୍ଧୀଙ୍କ ପକ୍ଷେ ଏତେ ଟଙ୍କା ଯୋଗାଡ କରିବା ଅସମ୍ଭବ। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଯୋଜନାରେ କାହ୍ନାଙ୍କୁ ସାମିଲ କରାଯାଇଛି। କିନ୍ତୁ ଆର୍ଥିକ ସହାୟତା ପାଇଁ ଦୁଇ ବର୍ଷ ବିତିଯାଇଥିଲେ ମଧ ଗାନ୍ଧୀଙ୍କୁ ନିରାଶ ହେବାକୁ ପଡ଼ିଛି। ସରକାର କିମ୍ବା କୌଣସି ବ୍ୟକ୍ତି ବିଶେଷ ଆର୍ଥିକ ସହାୟତା ଯୋଗାଇ ଦେଲେ କାହ୍ନାଙ୍କ ଅପରେଶନ ହୋଇପାରିବ ବୋଲି ଗାନ୍ଧୀ ଭୁଏ କହିଛନ୍ତି। ସେହିପରି ଉକ୍ତ ପରିବାରକୁ ଆର୍ଥିକ ସହାୟତା ପାଇଁ ସମାଜସେବୀ ଆଶିଷ ଜ୍ୟୋତିଷ ସରକାରଙ୍କୁ ନିବେଦନ କରିଛନ୍ତି।



ପରିବାର ଲୋକଙ୍କ ସହିତ କାହ୍ନା।

# ବରିଷ୍ଠ ଖବରଦାତା କପିଳେଶ୍ୱର ପ୍ରଧାନଙ୍କ ପରଲୋକ

ବୌଦ୍ଧ,୨୬।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା ସାମ୍ବାଦିକ ସଂଘର ପୂର୍ବତନ ସଭାପତିତଥା ବରିଷ୍ଠ ସାମ୍ବାଦିକ କପିଳେଶ୍ୱର ପ୍ରଧାନଙ୍କ (୭୨)ଙ୍କ ହରଭଙ୍ଗା ବ୍ଲକ ଛତରଙ୍ଗସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଘରେ ବିଶ୍ରାମ କରୁଥିବା ସମୟରେ ହଠାତ୍ ସେ ଅସୁସ୍ଥତା ଅନୁଭବ କରିଥିଲେ। ଏହାର କିଛି ସମୟ ପରେ ତାଙ୍କର ପରଲୋକ ଘଟିଥିବା ପରିବାର ସୂତ୍ରରୁ ଜଣାଯାଇଛି। ସେ ବାତରୋଗରେ ପୀଡିତ ଥିଲେ । ସ୍ୱର୍ଗତ ପ୍ରଧାନ ଦୀର୍ଘ ୪୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସାମ୍ବାଦିକତା କରିବା ସହିତ ଜିଲାର ଏକମାତ୍ର ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଭାବେ ମାନ୍ୟତା ପାଇ କାର୍ଯ୍ୟ କରିଥିଲେ। ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ଓ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଅନେକ ଥର ସମ୍ବର୍ଦ୍ଧିତ କରାଯାଇଥିଲା। କପିଳେଶ୍ୱରଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଜିଲା ସାମ୍ବଦିକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଜିଲା ସାମ୍ବଦିକ ସଂଘ ପୂର୍ବତନ ସମ୍ପାଦକ ନବ କୁମାର ମିଶ୍ର, ଅବିଭକ୍ତ ବୌଦ୍ଧ କନ୍ଧମାଳ ଜିଲା ସାମ୍ବଦିକ ସଂଘ ପୂର୍ବତନ ସଭାପତି ସୌରେନ୍ଦ୍ର କିଶୋର ଷଡଙ୍ଗୀ, ରବୀନ୍ଦ୍ର କୁମାର ରାଉତ, ସମ୍ପଦ କୁମାର ଅଗ୍ରୱାଲା, ଦେବାଶିଷ ପୁରୋହିତ, ଯୋଗେଶ ପ୍ରସାଦ ନାୟକ, ସୌମିତ୍ର କୁମାର ନାୟକ, ଜିଲା ସଂଘ ସଭାପତି ରତ୍ନାକର ବେହେରାଙ୍କ ସମେତ ଜିଲାର ବରିଷ୍ଠ ସାମ୍ବଦିକମାନେ କପିଳେଶ୍ୱରଙ୍କ ବିୟୋଗ ସାମ୍ବଦିକ ମହଲ ପାଇଁ ଅପୂରଣୀୟ କ୍ଷତି ବୋଲି କହି ଶୋକ ପ୍ରକାଶ କରିଛନ୍ତି।



# କଂଗ୍ରେସର ବ୍ଲକସ୍ତରୀୟ କୃଷକ ସମାବେଶ

ଉଲୁଣ୍ଡା୨୬।୮(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଲାପଥରଠାରେ କଂଗ୍ରେସର ବ୍ଲକସ୍ତରୀୟ କୃଷକ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ରାଜ୍ୟ କିଷାନ କଂଗ୍ରେସ ସଭାପତି ଅମୀୟ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ବିନୋଦ ପାତ୍ର ଯୋଗଦେଇ ରାଜ୍ୟର ବିକାଶ ପାଇଁ କଂଗ୍ରେସର ବିଜୟ ନିହାତି ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ଜିଲା ଲିଗାଲ ସେଲ ସଭାପତି ସୁଧୀର ପଣ୍ଡା, ମହିଳା କଂଗ୍ରେସ ସଭାନେତ୍ରୀ ସୂର୍ଯ୍ୟକାନ୍ତି ବାଘ, ଯୁବନେତା ପ୍ରଦୀପ ସେଠୀ, ଜିଲା ଯୁବ ଉପ ସଭାପତି ଦୟାନିଧି ସାହୁ, ବ୍ଲକ ଯୁବ ସଭାପତି ତୁଷାର କାନ୍ତ ହୋତା ମଞ୍ଚାସୀନ ଥିଲେ। ନରେନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟ କିଷାନ ସେଲ ସଂପାଦକ ସପ୍ତେଶ୍ୱର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର କଂଗ୍ରେସ ସଭାପତି ଅଶ୍ୱିନୀ ଶତପଥୀ ଧନ୍ୟବାଦ ଦେଇଥିଲେ।

# ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ

କେସିଙ୍ଗା,୨୬।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକସ୍ଥିତ ଉତ୍କେଲା ଜୁନିୟର କଲେଜ ପରିସରରେ ସ୍ୱାଧୀନତାର ଅମୃତ ମହୋତ୍ସବ କାର୍ଯ୍ୟକ୍ରମ କ୍ଷେତ୍ର ଜନ ସମ୍ପର୍କ କାର୍ଯ୍ୟାଳୟ ଭବାନୀପାଟଣା ପକ୍ଷରୁ ଗୁରୁବାର ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମାତ୍ରଣାଳୟ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ଭୁବନେଶ୍ୱର ରାଜେନ୍ଦ୍ର ଚୌଧୁରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଂଗ୍ରାମୀଙ୍କ ଜୀବନୀ, ବିଷୟରେ ଆଲୋଚନା କରାଯାଇଥିଲା। ଜିଲା ପରିଷଦ ଅଧକ୍ଷା ନମିତାରଣୀ ସାହୁ, କେସିଙ୍ଗା ମହାବିଦ୍ୟାଳୟର ବରିଷ୍ଠ ଇଂଲିଶ ଅଧାପକ ସୁଶାନ୍ତ ପାଢ଼ୀ ଜିଲାର ବିପ୍ଳବୀ ରେଣ୍ଡୋ ମାଝିଙ୍କ ଜୀବନୀ ଓ ଆଦର୍ଶ ବିଷୟରେ ଆଲୋଚନା କରିଥିଲେ। ଭବାନୀପାଟଣାର ଜେପି କଲେଜ ପ୍ରିନ୍ସିପାଲ ଛବିଲାଲ ସାହୁ ପ୍ରମୁଖ ଅତିଥିଗଣ ଭାରତୀୟ ବିପ୍ଳବୀମାନଙ୍କ ଜୀବନୀ ଉପରେ ମତ ପ୍ରକାଶ କରିଥିଲେ। ଉତ୍କେଲା ଜୁନିୟର କଲେଜ ଅଧାପକ ଯୁଧିଷ୍ଠିର ବୁଦ୍ଧିଆଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ଭାରତ ସରକାର ଭବାନୀପାଟଣାର ବିଷ୍ଣୁ ପ୍ରସାଦ ସାହୁଙ୍କ ନେତୃତ୍ୱରେ ସଭା ହୋଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।




ସ୍ୱାଧୀନତାର ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ବେସାହାରା ୪ ଅବିବାହିତ ଝିଅ

**ବାପା ପରେ ମାଆ ଚାଲିଗଲେ ଆରପାରିକୁ**

ବାଉଁଶୁଣୀ,୨୬।୮(ଡି.ଏନ.ଏ.)

ଗତ ୬ ବର୍ଷ ତଳେ ବାପା ଚାଲି ଯାଇଥିଲେ ଆରପାରିକୁ । ଆଉ ମଙ୍ଗଳବାର ମାଆ ସୁରେଖା(୫୦) ୪ ଜଣ ଅବିବାହିତ ଝିଅଙ୍କୁ ଛାଡି ଚାଲିଗଲେ ଅଫେରା ରାଇଜକୁ। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ବ୍ଲକ ମୁଣ୍ଡିପଦର ଗ୍ରାମରେ। ଏହି ପରିବାରର ଜମିବାଡି କି ବାସଗୃହ କିଛି ନାହିଁ । ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଗାଁର ଜଣେ ବ୍ୟକ୍ତିଙ୍କ ଜାଗାରେ କଚ୍ଚା ଘର ଖଣ୍ଡିଏ କରି ସୁରେଖା ଓ ତାଙ୍କ ୪ ଝିଅ ରହୁଥିଲେ। ଓଳିଏ ଖାଇଲେ ଆର ଓଳି ଉପାସ। ଦୁଃଖ କଷ୍ଟରେ ଦିନ କାଟୁଥିବା ବେଳେ ମାଆ ଚାଲିଯିବାରୁ ବେସାହାରା ହୋଇ ପଡିଛନ୍ତି ୪ ଝିଅ । ସମସ୍ତେ ବିବାହ ଯୋଗ୍ୟ ହୋଇଥିଲେ ହେଁ ଅର୍ଥାଭାବରୁ ବାହା ନ ହୋଇ ଘରେ ରହିଛନ୍ତି । ମୂଳ ଲାଗି ପରିବାର ପ୍ରତିପୋଷଣ କରୁଥିବା ବାପା ଶ୍ୟାମ ନାୟକ ଗତ ୬ ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ସୁରେଖା କାମଧନ୍ଦା କରି ଚାରି ଝିଅଙ୍କୁ ଧରି ସଂସାର ଚଳାଉ ଥିଲେ। ହେଲେ ଶ୍ୱାସ ରୋଗରେ ପୀଡିତ ହେବା ପରେ ପୂର୍ବପରି କାମଧନ୍ଦା କରିବାକୁ ସକ୍ଷମ ହେଲେ ନାହିଁ। ବୌଦ୍ଧ ଡାକ୍ତରଖାନାରେ ଡାକ୍ତରଙ୍କୁ ଦେଖାଇ ଔଷଧ ଖାଉଥିଲେ। ମଙ୍ଗଳବାର ହଠାତ୍ ସେ ଅସୁସ୍ଥ ହୋଇ ପଡିବା ସହ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଯାହା ଫଳରେ ବଡଝିଅ ଅହଲ୍ୟା,ସଞ୍ଜୁ, ରଞ୍ଜୁ ଓ ସାନଝିଅ ସୁରୁବୁଢିଙ୍କ ଜୀବନ ହୋଇଯାଇଛି ଦୁର୍ବିସହ। ଝିଅମାନେ ସାହିପଡିଶାରୁ ୫୦୦୦ ଟଙ୍କା ଧାର ଆଣି ମାଆଙ୍କ ଅନ୍ତିମ ସଂସ୍କାର କରିଛନ୍ତି। ଶୁଦ୍ଧି କ୍ରିୟା ପାଇଁ ଆଗକୁ ରହିଛି ଅର୍ଥ ଚିନ୍ତା। ଏହି ପରିବାରକୁ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ବି ଅର୍ଥ ମିଳିନାହିଁ। ଧାର ଉଧାର କରି ମା'ର ଶୁଦ୍ଧକ୍ରିୟା କରିବାକୁ ଚେଷ୍ଟା କରୁଛନ୍ତି ଚାରି ଝିଅ । ଏପଟେ ତାଙ୍କୁ ଧାର ଦେବ କିଏ ଓ ସେମାନେ କେଉଁଠୁ ଆଣି ପରିଶୋଧ କରିବେ ତାହା ଚିନ୍ତାର ବିଷୟ ପାଲଟିଛି। ଜିଲା ପ୍ରଶାସନ ଉକ୍ତ ଅସହାୟ ପରିବାରକୁ ଆର୍ଥିକ ସହାୟତା କରିବା ସହ କୌଣସି ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ସହଯୋଗର ହାତ ବଢାଇବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ଜେଏମ୍‌ଏଫ୍‌ସି କୋର୍ଟର ୨ୟ ପ୍ରତିଷ୍ଠା ଦିବସ ପାଳିତ

କୋକସରା,୨୬।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରାଠାରେ ଗୁରୁବାର ଜେଏମଏଫସି କୋର୍ଟର ଦ୍ୱିତୀୟ ବର୍ଷ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୨୦୧୯ ଅଗଷ୍ଟ ୨୬ରେ କୋର୍ଟ ପ୍ରତିଷ୍ଠା ହୋଇଥିଲା। କୋକସରା ବାର ଆସୋସିଏଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାର ଆସୋସିଏଶନ ସଭାପତି ପଞ୍ଚାନନ ବେଶ୍ରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜେଏମଏଫସି କୋର୍ଟ ମାଜିଷ୍ଟ୍ରେଟ ଅଭିନନ୍ଦନ ନନ୍ଦ ଯୋଗଦେଇଥିଲେ। ଏହି ଅବସରରେ ମାଜିଷ୍ଟ୍ରେଟ ନନ୍ଦ ସମସ୍ତ ଆଇନଜୀବୀଙ୍କୁ ଧନ୍ୟବାଦ ଦେବା ସହ ଆମେ ଆଇନର ଜଣେ ଜଣେ ଜାଗ୍ରତ ପ୍ରହରି, ଲୋକଙ୍କୁ ନ୍ୟାୟ ଦେବାରେ ଅବହେଳା ପ୍ରଦର୍ଶନ କରିବା ନାହିଁ ବୋଲି କହିଛନ୍ତି। ସରକାରୀ ଓକିଲ ଅଜିତ କୁମାର ପଟ୍ଟନାୟକ ବ୍ଲକରେ କୋର୍ଟ ହେବା ଫଳରେ ଅଞ୍ଚଳର ଲୋକେ ଉଚିତ ନ୍ୟାୟ ପାଇପାରୁଛନ୍ତି ବୋଲି କହିଥିଲେ। ଆସୋସିଏଶନ ସମ୍ପାଦକ ଲକିଧର ମେହେର ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ପ୍ରେମଲାଲ ସିଂ, ଲଳିତ ଦାସ, ପ୍ରିୟ ରଞ୍ଜନ ବେହେରା, ଲାକ୍ଷ୍ମୀକାନ୍ତ ଖମାରୀ, ମନୋଜ ନାଏକ, ଉଗ୍ରେସନ ବାଗ, ରସିକଲାଲ ଦୁର୍ଗା, ମାନସ ସିଂଙ୍କ ସମେତ କୋର୍ଟ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଉଦ୍‌ବୋଧନ ଦେଉଛନ୍ତି।

# ସଇଁତଲା ବ୍ଲକରେ ମରୁଡ଼ିର ପଦଧ୍ୱନି

- ବିଲରେ ମରିବାକୁ ବସିଲାଣି ଧାନଗଛ
- ଶୁଖିଲା ପଡ଼ିଛି ନଦୀ, ନାଳ, ପୋଖରୀ

ସଇଁତଲା, ୨୬।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକରେ ମରୁଡ଼ିର ପଦଧ୍ୱନି ଦେଖାଦେଇଛି। ଶ୍ରାବଣ ସରି ଭାଦ୍ରବ ହେଲାଣି, ହେଲେ ରୁଆ ବିହୁଡ଼ା କାମ ଆରମ୍ଭ ହୋଇପାରିଲା ନାହିଁ। ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ବିଲରେ ଥିବା ଧାନ ତଳି ପ୍ରବଳ ଖରାରେ ପୋଡ଼ି ମରିବାକୁ ବସିଲାଣି। ନଦୀ ନାଳ ନିକଟରେ ଥିବା କ୍ଷେତରେ ଚାଷ କରାଯାଇଥିବାବେଳେ ନଦୀ ନାଳରେ ପାଣି ଅଭାବ ଯୋଗୁଁ ତାହା ମଧ୍ୟ ସମ୍ଭବ ହୋଇପାରୁନାହିଁ। ଧରବଗଡ଼, ଟିକ୍ରାପଡ଼ା, ସଇଁତଲା, ବିବିନା, ଡ଼େଙ୍ଗ, କେରମେଲି, ବୁଢ଼ାବାହାଲ, ଭଦ୍ରା, ଜୁରାବନ୍ଧ, ଝିଙ୍କିଡୁଙ୍ଗୁରୀ, ତାଲବାହାଲ, ଗଣ୍ଡପତ୍ରାପାଲି, କନ୍ଧକେଲଗାଁ ପ୍ରଭୃତି ପଞ୍ଚାୟତରେ ବର୍ଷାଭାବ ଯୋଗୁଁ ବିଲ ଫାଟି ଆଁ କରିଛି। ସେହିପରି ବ୍ଲକର ଘୁନସର, ଆମ୍ବପାଲି, ଡୁଙ୍ଗୁରିପାଲି, କଅଁସର ଅଞ୍ଚଳରେ ଥିବା ମେଗା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷୀଙ୍କ କ୍ଷେତକୁ ପାଣି ଦେବାର ବ୍ୟବସ୍ଥା ରହିଛି। ହେଲେ କେତେକ ସ୍ଥାନରେ ପାଇପ ଫାଟିଯାଇଥିବାରୁ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହେଉଛି। ପୁନଶ୍ଚ ଜଳଯୋଗାଣ ପାଇଁ ବିଦ୍ୟୁତ ସରବରାହ ଠିକ୍ ହେଉ ନ ଥିବାରୁ ମୋଟର ଚାଲୁନାହିଁ। ଏଥିଯୋଗୁ କ୍ଷେତରେ ପାଣି ପହଞ୍ଚି ପାରୁନାହିଁ। ଦିନେ ଦୁଇଦିନ ଭିତରେ ବର୍ଷା ନ ହେଲେ ଧାନ ବିଲରେ ହିଁ ମରିଯିବ ବୋଲି କେତେକ ଚାଷୀ କହିଛନ୍ତି।

ଚାଷ ଜମିକୁ ପାଣି ଯୋଗାଇ ଦେବା ପାଇଁ ବ୍ଲକରେ ଥିବା ବିଭିନ୍ନ ନାଳ ଉପରେ ଏକାଧିକ ଚେକଡ୍ୟାମ ନିର୍ମାଣ କରାଯାଇଥିଲା। ହେଲେ କାମ ନିମ୍ନମାନର ହୋଇଥିବାରୁ ଗତ ୨୦୧୯ ଅଗଷ୍ଟ ବନ୍ୟାରେ ତାହା ଭାଙ୍ଗିରୁଜି ଯାଇଛି। ସେଗୁଡ଼ିକର ଅଦ୍ୟାବଧି ମରାମତି କରାଯାଇନାହିଁ। ଫଳରେ ନାଳପାଣି ଚାଷ କାର୍ଯ୍ୟରେ ଲାଗି ପାରୁନାହିଁ। ବିଡ଼ିଓ ଦେବାଶିଷ ସାମଲଙ୍କୁ ପଚାରିବାରୁ ତଦନ୍ତ କରି ଭାଙ୍ଗି ଯାଇଥିବା ଚେକଡ୍ୟାମଗୁଡ଼ିକର ପୁନରୁଦ୍ଧାର କରାଯିବ ବୋଲି କହିଛନ୍ତି। ଶ୍ରାବଣ ସରି ଭାଦ୍ରବ ହେଲାଣି। କିନ୍ତୁ ଭଲ ବର୍ଷା ହୋଇ ନ ଥିବା ଯୋଗୁଁ ନଦୀ, ନାଳ, କୂଅ, ପୋଖରୀ ସବୁ ଶୁଖିଲା ପଡ଼ିଛି। ଚାଷୀ ସଂଗଠନ ସମଗ୍ର ବ୍ଲକ ଅଞ୍ଚଳକୁ ମରୁଡ଼ି ଘୋଷଣା କରିବାକୁ ଦାବି କରିଛି।



ଜଣେ ଚାଷୀଙ୍କ କ୍ଷେତ ଫାଟି ଆଁ କରିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୭ ଅଗଷ୍ଟ, ୨୦୨୧

**ବାଇକ୍ ଧକ୍କାରେ ବୃଦ୍ଧ ମୃତ**

ଅତାବିରା,(ଡି.ଏନ.ଏ): ବରଗଡ଼ ଜିଲା ଭେଡ଼େନ କଲେଜ ଛକରେ ଗୁରୁବାର ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୂଆପାଲି ଗ୍ରାମର ଗୋପାଳ ପ୍ରଧାନ(୬୫)। ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ଭେଡ଼େନ ଥାନାରେ ଏକ ମାମଲା (ନଂ.୧୮୭/୨୧) ରୁଜୁ ହୋଇଛି । ପ୍ରକାଶ ଯେ, ଗୋପାଳ ରାସ୍ତାରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଦ୍ରୁତବେଗରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ଫେରାର ହେଇଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ପୋଲିସ ଖୋଜାଖୋଜି କରୁଛି।



## ସଂକ୍ଷେପରେ

### ପୁଅର ବର୍ଚ୍ଛା ମାଡ଼ରେ ବାପା ଗୁରୁତର

ଲାଠୋର,୨୬।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ କରୁଆଝର ଗ୍ରାମରେ ବୁଧବାର ରାତିରେ ପୁଅର ବର୍ଚ୍ଛାମାଡରେ ବାପା ବଳଭଦ୍ର ପୁଟେଲ(୫୫) ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବଲାଙ୍ଗୀର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ଲାଠୋର ଥାନା ପୋଲିସ ଅଭିଯୁକ୍ତ ପୁଅ ଧରସା ପୁଟେଲ(୨୮)ଙ୍କୁ ଥାନାକୁ ଆଣି ପଚରାଉଚରା କରୁଛନ୍ତି। ଧରସା ବୁଧବାର ରାତିରେ ବଳଭଦ୍ରଙ୍କୁ କିଛି ଟଙ୍କା ମାଗିଥିଲେ। ଟଙ୍କା ନାହିଁ ବୋଲି କହିବା ପରେ ଉଭୟଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଧରସା ଏକ ବର୍ଚ୍ଛାରେ ବାପାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୧୭/୨୧)ରୁଜୁ ହୋଇଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

### ବ୍ଲକ ବାରିକ ସଂଘ ବୈଠକ

ଲୋଇସିଂହା,୨୬।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରଉଡାର ବାରିକ ସମାଜ ଭବନରେ ବ୍ଲକ ବାରିକ ସଂଘର ଏକ ବୈଠକ ଗୁରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବୈଠକରେ ପ୍ରଦୀପ ପଶାୟତ ଅଧ୍ୟକ୍ଷତା ଲରିଥିଲେ। ଜିଲା ଉପସଭାପତି ନବୀନ ପଶାୟତ ଅତିଥିଭାବେ ଯୋଗଦେଇଥିଲେ । ନିକଟରେ ଗଠିତ ବ୍ଲକର ନୂତନ କର୍ମକର୍ତ୍ତାଙ୍କୁ ଅତିଥି ଶପଥ ପାଠ କରାଇଥିଲେ । ଏହାପରେ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ସମ୍ପାଦକ ସତ୍ୟନାରାୟଣ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବ୍ଲକ ସଭାପତି କିଶୋର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ମଧୁପୁରରେ ବାଲ ଗ୍ରାମସଭା

ଦେଓଗାଁ,୨୬।୮(ଡିଏନଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁରରେ ସ୍ଥାନୀୟ ଲୋକଉନ୍ନତି ସଂଗଠନ ତରଫରୁ ବାଲ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ବାଲ ଆବାହକ ଶ୍ରାବଣୀ ପୁଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅର୍ଜୁନପୁର ଓ ଗୁଡଖାପଲା ପଞ୍ଚାୟତର ଗାଁ ମାନଙ୍କର ଶିଶୁମାନେ ଯୋଗଦେଇଥିଲେ। ଆଜକୁ ଦେଢ଼ବର୍ଷ କାଳ ହେଲା କରୋନା ଯୋଗୁଁ ସ୍କୁଲଗୁଡିକ ବନ୍ଦ ରହିଥିବାରୁ ପାଠପଢ଼ାରେ ହେଉଥିବା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବିଷୟକୁ ଏକ ରିଜୋଲ୍ୟୁସନ କରି ଜିଲାପାଳ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ନକଲ କପି ଦେବାପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । କାର୍ଯାକ୍ରମରେ ୱାର୍ଡସଭ୍ୟ ସତ୍ୟବତୀ ପୁଟା, ସମିତିସଭ୍ୟା ପୁଷ୍ପାଞ୍ଜଳି ପୋଢ଼, ସଂଗଠନ ସଭାନେତ୍ରୀ ସୁଷମା ପୁଟା ପ୍ରମୁଖ ସହଯୋଗ କରିଥିଲେ ।

### ଭାଜପାର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ଅମରପାଲି,୨୬।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଘିଚାପାଲି ନିକଟ ମେଟାକାନି ଛକରେ ସୁବଳୟା ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାସ ,ଜିଲା ପରିଷଦ ସଦସ୍ୟା ଗାୟତ୍ରୀ ପାଣିଗ୍ରାହୀ, ରଘୁବିର ପାଣିଗ୍ରାହୀ ,ଭାଜପା ଓବିସି ମୋର୍ଚ୍ଚା ମଣ୍ଡଳ ସଭାପତି ଅଖିଳ କର୍ଣ୍ଣ, ଏସସି ମୋର୍ଚ୍ଚା ସଭାପତି ଗଜେନ୍ଦ୍ର ଜଗଦଲା, ଧର୍ମଶାଳା ମଣ୍ଡଳ ସଭାପତି ସୁମନ୍ତ ଜଗଦଲା ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳର ରଣନୀତି ଉପରେ ଆଲୋଚନା ହୋଇଥିଲା।

### ସିଡବ୍ଲ୍ୟୁସିରେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ

ଜୁନାଗଡ,୨୬।୮(ଡି.ଏନ.ଏ.): ଜୁନାଗଡ ସିଡବ୍ଲ୍ୟୁସିରେ କାର୍ଯ୍ୟରତ ଶ୍ରମିକ ପରଶୁ ରଣା (୪୨)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ତାଙ୍କ ଘର ନାନ୍ଦୋଲ ପଞ୍ଚାୟତର ବାଦଲଦେଈ ଗ୍ରାମରେ। ପରଶୁ ମଧାହ୍ନରେ ଘରେ ଖାଇ ସାରିବା ପରେ ହଠାତ୍ ଛାତି ଯନ୍ତ୍ରଣା ହୋଇଥିଲା। ସମ୍ପର୍କୀୟମାନେ ତାଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୁନାଗଡ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୧) ରୁଜୁ ହୋଇଛି।

# ସହରରୁ ଜବରଦଖଲ ଉଚ୍ଛେଦ

ବରଗଡ଼ ଅଫିସ୍,୨୬।୮

ବରଗଡ଼ ସହରର ବିଭିନ୍ନ ଗଳିକନ୍ଦି, ରାସ୍ତାଘାଟ ବର୍ଷ ବର୍ଷ ଧରି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଫଳରେ ସହରରେ ଟ୍ରାଫିକ, ପାର୍କିଂ ସମସ୍ୟା ନିତିଦିନିଆ ଘଟଣା ହୋଇଛି। ତେବେ ଗୁରୁବାର ସହରର ବ୍ୟସ୍ତବହୁଳ ଲେଙ୍ଗୁ ମିଶ୍ର ଛକରେ ପୌର ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ କୋଠାଘର, ଦୋକାନ ଗୃହକୁ ଉଚ୍ଛେଦ କରାଯାଇଛି। ଜବରଦଖଲ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଥିବା ଜରାଜୀର୍ଣ୍ଣ କୋଠାଘରକୁ ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ସେଠାରୁ ହଟାଇ ଦିଆଯାଇଥିବା ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆଗକୁ ଏହି ପ୍ରକ୍ରିୟା ଜାରି ରହିବ ଏବଂ ସହରରୁ ଜବରଦଖଲ ଉଚ୍ଛେଦ ପାଇଁ ଚେଷ୍ଟା କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା କହିଛନ୍ତି।

ଅନ୍ୟପଟେ ବରଗଡ଼ ସହର ବାସିନ୍ଦା ବିଜୟ ପନସାରୀ ଉଚ୍ଛେଦ କୋଠାଘରକୁ ନିଜର ପୈତୃକ ସମ୍ପତ୍ତି ଏବଂ ତାଙ୍କ ଅଜା ଲାଲଚାନ୍ଦ ସେହି ଜାଗାକୁ କିଣିଥିବା ଦର୍ଶାଇ ଉଚ୍ଛେଦ ପ୍ରକ୍ରିୟା ବେଆଇନ ବୋଲି ଅଭିଯୋଗ କରିଛନ୍ତି। ସେହି ଜାଗାକୁ ନେଇ ଅତିରିକ୍ତ କମିଶନରଙ୍କ ପାଖରେ ମାମଲା ବିଚାରାଧୀନ ଥିବାବେଳେ ପୌର ପ୍ରଶାସନ ଭାଙ୍ଗି ଦେଇଛି ଏବଂ ନ୍ୟାୟ ପାଇଁ ହାଇକୋର୍ଟକୁ ଫେରାଦ ହେବେ ବୋଲି ପନସାରୀ କହିଛନ୍ତି।


ବରଗଡ଼ ଲେଙ୍ଗୁ ମିଶ୍ର ଛକରେ ଜବରଦଖଲ ଉଚ୍ଛେଦ ଚାଲିଛି।

- ଲେଙ୍ଗୁ ମିଶ୍ର ଛକରୁ ହଟିଲା କୋଠାଘର
- ଅନ୍ୟ ଜବରଦଖଲକାରୀ ଏବେବି ସୁରକ୍ଷିତ
- ଉଚ୍ଛେଦର ଆଭିମୁଖ୍ୟ ଉପରେ ନଜର

ତେବେ ଉଚ୍ଛେଦ ନେଇ ଆଗତୁରା ନୋଟିସ୍ ଜାରି କରାଯାଇଛି ଏବଂ ବିପଦଶଙ୍କୁଳ ଅବସ୍ଥାରେ ଥିବା ସେହି ଘରକୁ ଉଚ୍ଛେଦ କରାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ଡନସନା କହିଛନ୍ତି । ଉଚ୍ଛେଦ ସମୟରେ ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀଙ୍କ ସମେତ ବ୍ୟାପକ ପୋଲିସ ମୁତୟନ ଥିଲେ। ସହରରୁ ଜବରଦଖଲ ଉଚ୍ଛେଦ ହଟାଇବା ପାଇଁ ବାରମ୍ବାର ଦାବି ହୋଇଆସୁଛି। ମାତ୍ର ପ୍ରଶାସନ ପକ୍ଷରୁ ସେ ଦିଗରେ ଠୋସ୍ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଗୁରୁବାର ହୋଇଥିବା ଉଚ୍ଛେଦ ପ୍ରକ୍ରିୟା ଭଳି ରାସ୍ତାକଡ଼ରେ ଥିବା କାଁ ଭାଁ କେତୋଟି କୋଠାଘର, ଦୋକାନ ଗୃହକୁ ହଟାଇ ପ୍ରଶାସନ ଚୁପ୍ ରହୁଛି। ଅନ୍ୟପଟେ ସହର ମୁଖ୍ୟରାସ୍ତା, ଗାନ୍ଧୀ ଛକରୁ ଥାନା ଛକ, ଲେଙ୍ଗୁ ମିଶ୍ର ଛକ ଦେଇ ଯାଇଥିବା ଲମ୍ବା ବିଲ୍‌ଡିଂ ରାସ୍ତା, ହସ୍ପିଟାଲ ରୋଡ୍ ସମେତ ବିଭିନ୍ନ ଗଳିକନ୍ଦି ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ସେହିପରି ସହରରେ ଥିବା ସରକାରୀ ଜମିଠାରୁ ଆରମ୍ଭ କରି ଜିରା ନଦୀ ମଧ୍ୟ ଜବରଦଖଲ ହେବାରେ ଲାଗିଛି। ଜିଲା ସଦର ମହକୁମାରେ ଜବରଦଖଲକାରୀ ଏଭଳି ସକ୍ରିୟ ହୋଇପଡ଼ିଛନ୍ତି। ଗୁରୁବାର ଆରମ୍ଭ ହୋଇଥିବା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଏତିକିରେ ଅଟକି ଯାଉଛି ନା ଆଗକୁ ସହରରୁ ଜବରଦଖଲ ହଟାଯାଉଛି ତାକୁ ସହରବାସୀ ଅପେକ୍ଷା କରିଛନ୍ତି ।

# ତଦନ୍ତ କଲେ ସିଡିଏମ୍‌ଓ

ଲୋଇସିଂହା,୨୬।୮(ଡି.ଏନ.ଏ.)

**ଏକ୍ସପାଏରୀ ସାଲାଇନ ନେଇ ରୋଗୀ ଗୁରୁତର ଘଟଣା**

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ଚିକିତ୍ସିତ ଜଣେ ରୋଗୀଙ୍କୁ ମାର୍ଚ୍ଚମାସରୁ ଏକ୍ସପାଏରୀ ହୋଇଥିବା ଡି ୫ ସାଲାଇନ ଦେବା ପରେ ଗୁରୁତର ହୋଇ ପଡିଥିଲେ। ଗୁରୁବାର ଏହି ଘଟଣାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭୀମସେନ ସାହୁ ତାଙ୍କ ପ୍ରକୋଷ୍ଠକୁ ଡାକି ଲୋଇସିଂହା ସିଏଚ୍‌ସିର ମେଡିକାଲ ଅଫିସର ଡା.ପ୍ରତିମା ସୋରେନ, ଷ୍ଟାଫନର୍ସ ବୀଣାପାଣି ସେଠ ଓ ଫାର୍ମାସିଷ୍ଟ ମହାଦେବ ରଣାଙ୍କୁ ପଚରାଉଚରା କରିଥିଲେ। ଦୀର୍ଘ ସାଢେ ୫ଘଣ୍ଟା ଧରି ରୁଦ୍ଧଦ୍ୱାର ତଦନ୍ତ ପରେ ଏ ନେଇ କିଛି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସାହୁ। ଅନ୍ୟପକ୍ଷରେ ରୋଗୀଙ୍କ ତରଫରୁ ଅନଲାଇନରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଫିସ/ଇ/୨୦୨୧/୧୪୬୭୫ରେ ଅଭିଯୋଗ ପଞ୍ଜୀକୃତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଜଣା ପଡିଛି।

କନ୍ଦାଜୁରୀ ଗ୍ରାମର ସନ୍ତୋଷିନୀ ପଧାନ(୧୯)ଙ୍କୁ ଜ୍ୱର ହେଉଥିବାରୁ ପରିବାର ଲୋକେ ତାଙ୍କୁ ଗତ ୨୨ତାରିଖରେ ଲୋଇସିଂହା ସିଏଚସିରେ ଭର୍ତ୍ତି କରିଥିଲେ। ସୋମବାର ସନ୍ଧ୍ୟାରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସାଲାଇନ ଦିଆଯାଇଥିଲା। ଡ୍ୟୁଟିରେ ଥିବା ଷ୍ଟାଫନର୍ସ ଉକ୍ତ ସାଲାଇନ ସନ୍ତୋଷିନୀଙ୍କୁ ଦେଇଥିଲେ । ସେତେବେଳ ୱାର୍ଡରେ ଥିବା ସନ୍ତୋଷିନୀଙ୍କ ଭାଇ ମୁକୁନ୍ଦ ସାଲାଇନ ଏକ୍ସପାଏରୀ ହୋଇଥିବା ସମ୍ପର୍କରେ ଜଣାଇବା ପରେ ଷ୍ଟାଫନର୍ସ ଏହାକୁ ଖୋଲି ନେଇଥିଲେ। ଏହାର କିଛି ସମୟ ପରେ ଏକ୍ସପାଏରୀ ସଲାଇନର ପାର୍ଶ୍ୱ ପ୍ରତିକ୍ରିୟାରେ ସନ୍ତୋଷିନୀ ଅସୁସ୍ଥ ହୋଇ ପଡିଥିଲେ। ଏହି ଘଟଣା ପରେ ଷ୍ଟାଫନର୍ସ ଓ ଦାୟିତ୍ୱରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରୋଗୀ ମେଡିକାଲ ଅଫିସର ସୋରେନଙ୍କୁ ଜଣାଇଥିଲେ। ପରେ ଡାକ୍ତର ସୋରେନ ଷ୍ଟାଫନର୍ସ ଓ ଷ୍ଟୋରରୁମରୁ ଏକ୍ସପାଏରୀ ସାଲାଇନ ଯୋଗାଣ କରିଥିବା ଫାର୍ମାସିଷ୍ଟଙ୍କୁ ଦାୟୀ କରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି କରିଥିଲେ।

# ବିଡିଓଙ୍କୁ ଫେରାଦ ଆଦିବାସୀ କଲ୍ୟାଣ ସଂଘ

**ଏମ୍‌ଜିଏନ୍‌ଆର୍‌ଇଜିଏ୍‌ରେ କାମ ଯୋଗାଇ ଦେବା ଦାବି**

ଦେଓଗାଁ,୨୬।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୨୬ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମସ୍ତ ଶ୍ରମିକଙ୍କୁ କାମ ଯୋଗାଇଦେବା ଦାବି କରିଛି ବ୍ଲକ ଆଦିବାସୀ କଲ୍ୟାଣ ସଂଘ। ଗୁରୁବାର ଏ ନେଇ ସଂଘ ପକ୍ଷରୁ ବିଡିଓଙ୍କ ନିକଟରେ ଦାବି କରାଯାଇଛି । ସଂଘର ବ୍ଲକ କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଡିଓ ମୂରଲୀଧର ନାଏକଙ୍କୁ ସାକ୍ଷାତ କରିଥିଲେ। ଶ୍ରମିକମାନେ କରୋନା ସମୟରେ କାମଧନ୍ଦା ପାଉ


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନାହାନ୍ତି। କାମ ଅନ୍ୱେଷଣରେ ସେମାନେ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଚାଲି ଯାଉଛନ୍ତି। ଏଣୁ ତୁରନ୍ତ ଶ୍ରମିକମାନଙ୍କୁ କାମ ଯୋଗାଇ ଦେବାପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏହି ସମୟରେ ସନ୍ତୋଷ ପୁଟା, ରଶ୍ମିତା ଭୋଇ, ମହେନ୍ଦ୍ର ମଲ୍ଲିକ, ପୁରନ୍ଦର ଭୋଇ, ସୁଦାମ ବିଶି, ବିଜୟ କାଲସାଏ, କୁବେର ଧରୁଆ, ସୁଶୀଲ କାଲସାଏ, ଅନନ୍ତରାମ ଭୋଇସରଜୁପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି କରି ଦୁର୍ବୃତ୍ତ ଫେରାର

ନୂଆପଡ଼ା ଅଫିସ,୨୬।୮

ନୂଆପଡା ଜିଲା ତରବୋଡ ଫାଣ୍ଡି ପଲସିପାଣି ଗାଁରେ ବୁଧବାର ଏକ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗୁରୁବାର ସନ୍ଧାନୀ କୁକୁର ଓ ଭବାନୀପାଟଣା ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ତଦନ୍ତ କରିଛି। ଅଭିଯୋଗ ଅନୁସାରେ ପଲସିପାଣି ଗାଁର ଲଳିତ ଶବର ବୁଧବାର ପୂର୍ବାହ୍ଣରେ ଘରେ ତାଲା ପକାଇଇ ପରିବାର ସମସ୍ତେ କାମ କରିବା ପାଇଁ ଜମିକୁ ଯାଇଥିଲେ। ଦିନରେ ଦୁର୍ବୃତ୍ତମାନେ ଆସି ଘର ତାଲା ଭାଙ୍ଗି ଭିତରେ ପଶି ଆଲମାରୀ ତାଲା ଭାଙ୍ଗି ଦେଢଭରି ସୁନା, ୬ ଭରି ରୁପା ଓ ନଗଦ ୩ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଏକ ମାମଲା (ନଂ.୨୪୯/୨୦୨୧) ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି ବୋଲି ଫାଣ୍ଡି ଅଧିକାରୀ ରାମଲାଲ ଜୁରିଆ କହିଛନ୍ତି।

# ବଲାଙ୍ଗୀର ଜୋଗର୍ସ ପାର୍କ ଉଦ୍‌ଘାଟିତ


ଜିଲାପାଳ ଚଞ୍ଚଳ ରାଣା ଜୋଗର୍ସ ପାର୍କ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର ଅଫିସ, ୨୬।୮

ବଲାଙ୍ଗୀର ଶିଶୁ ଉଦ୍ୟାନ ନିକଟରେ ଗୁରୁବାର ଜୋଗର୍ସ ଉଦ୍‌ଘାଟିତ ହୋଇଛି। ଜିଲାପାଳ ଚଞ୍ଚଳ ରାଣା ଏହି ପାର୍କକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏସପି ନୀତିନ୍ କୁଶଲକର, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସଏ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଚତୁର୍ଦ୍ଦଶ ଅର୍ଥ କମିଶନର ୪୨ ଲକ୍ଷ ଅନୁଦାନରେ ଏହି ପାର୍କ ନିର୍ମାଣ କରାଯାଇଛି। ୨୦୧୯ ମସିହାରୁ ଏହି ପାର୍କ ନିର୍ମାଣ ହେବାକୁ ଅନୁଦାନ ରହିଥିଲେ ମଧ୍ୟ ଏହା ନିର୍ମାଣରେ ଢ଼େର ବିଳମ୍ବ ହେଉଥିଲା। ଜିଲାପାଳ ରାଣାଙ୍କ ହସ୍ତକ୍ଷେପ ପରେ ଏହି ପାର୍କ କାମ ତ୍ୱରାନ୍ୱିତ ହୋଇଥିଲା। ୨୦ ହଜାର ବର୍ଗ ଫୁଟ ଜାଗାରେ ଏହି ପାର୍କ ନିର୍ମାଣ କରାଯାଇଛି। ପାର୍କ ଭିତରେ ଦୁଇଟି ବର୍ଷାଜଳ ସଂରକ୍ଷଣ ସେଡ୍ ରହିଛି। ଏହାରି ଭିତରେ ଲନ୍, ବସିବା ପାଇଁ ବେଞ୍ଚ, ଚାଲିବା ପାଇଁ ପାଦଚଲା ରାସ୍ତା ନିର୍ମାଣ କରାଯାଇଛି। ଯୁବ, ପ୍ରୋଢ଼ ଓ ବୃଦ୍ଧ ବ୍ୟକ୍ତି ଏଠାକୁ ଆସି ସ୍ଫୁର୍ତ୍ତି ପାଇଁ ଚଲାବୁଲା କରିବା ସହ ଶାରୀରିକ ସୁସ୍ଥତା ପାଇଁ ବ୍ୟାୟାମ କରିପାରିବେ। ଏହା ଲୋକଙ୍କୁ ଆକୃଷ୍ଟ କରିବା ସହ ସହରର ସୁନ୍ଦରତା ବୃଦ୍ଧିରେ ସହାୟକ ହେବ ବୋଲି ଜିଲାପାଳ ରାଣା କହିଥିଲେ। ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳର ବିଭିନ୍ନ ପଡା, ସାହି ଓ ତଳି ଅଞ୍ଚଳରେ ଯେଉଁଠି ବି ଖାଲି ସରକାରୀ ସ୍ଥାନ ରହିଛି ସେଠାରେ ଲୋକଙ୍କ ମନୋରଞ୍ଜନ ଓ ଶାରୀରିକ ସୁସ୍ଥତା ପାଇଁ ଏଭଳି ପ୍ରକଳ୍ପ ନିର୍ମାଣ କରାଯିବା ସହ ସହରକୁ ସୁନ୍ଦର କରିବା ପାଇଁ ଆଗକୁ ପ୍ରୟାସ କରାଯିବ ବୋଲି ଜିଲାପାଳ ରାଣା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଏହି ଅବସରରେ ପୂର୍ବତନ ନଗରପାଳ ସନ୍ତୋଷିନୀ ବେହେରା, ସରିତା ଦାଶ, ମ୍ୟୁନିସିପାଲିଟି କର୍ମଚାରୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚ ଗଠିତ

ବଲାଙ୍ଗୀର ଅଫିସ,୨୬।୮

ବଲାଙ୍ଗୀର ଗାନ୍ଧୀ ଷ୍ଟଡିୟମଠାରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ଏବଂ ପଶ୍ଚିମାଞ୍ଚଳ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ମିଳିତ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ନାମରେ ଏକ ବୃହତ ସଂଘ ଗଠିତ ହୋଇଥିଲା। ଏହି ଅବସରରେ ନବଗଠିତ ମିଳିତ ମଞ୍ଚର କର୍ମକର୍ତ୍ତା ମନୋନୟନ କରାଯାଇଥିଲା।


ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଗଠନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

ଉପଦେଷ୍ଟା ଭାବେ ଡ. ଜୟକୃଷ୍ଣ ଦାଶ ଶର୍ମା, ଡ. ସତ୍ତ୍ୱବନ୍ତ ବେଦବାକ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ବନମାଳୀ ପାଣିଗ୍ରାହୀ, ଗୋବିନ୍ଦ ମିଶ୍ର ମନୋନୀତ ହୋଇଥିଲେ। ସଭାପତିଭାବେ ନୀଳମଣି ମିଶ୍ର, ଉପସଭାପତି ଭାବେ ବ୍ରଜରାଜ ପୁରୋହିତ ଓ ପର୍ଶୁରାମ ନାଏକ, ସମ୍ପାଦକ ପୁରନ୍ଦର ଦାଶ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ମନୋରଞ୍ଜନ ମିଶ୍ର, କୋଷାଧକ୍ଷ ଭାବେ ସୁଧାଂଶୁ ଶେଖର ବାବୁ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟି ସଭ୍ୟଭାବେ ରଘୁନାଥ ମିଶ୍ର, ବୃନ୍ଦାବନ ବରାଳ, ରବି ନାରାୟଣ ମହାନ୍ତି, ପ୍ରଭାକର ମିଶ୍ରଙ୍କୁ ଚୟନ କରାଯାଇଥିଲା। ଏହି ନବଗଠିତ ସଂଘର କାର୍ଯ୍ୟକାଳ ୨ ବର୍ଷ ହେବ ।

# ବିଧାୟକଙ୍କ ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା

କଣ୍ଟାବାଞ୍ଜି,୨୬।୮(ଡି.ଏନ.ଏ.)

କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ ଗୁରୁବାର ସ୍ଥାନୀୟ ଏନଏସି ସଭାଗୃହରେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟାବାଞ୍ଜି ଏନଏସି, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ଓ ସ୍ଥିତିର ସମୀକ୍ଷା କରାଯାଇଥିଲା। ବିଭିନ୍ନ ଯୋଜନାରେ ଆସିଥିବା ଅନୁଦାନ ରାଶି ଠିକ୍‌ଭାବେ କାର୍ଯ୍ୟକାରୀ ହୋଇଛି କି ନାହିଁ, ଅସମ୍ପୂର୍ଣ୍ଣ ହୋଇ ପଡି ରହିଥିବା ପ୍ରକଳ୍ପଗୁଡିକ ଯଥାଶୀଘ୍ର ଶେଷ କରିବା ପାଇଁ ବିଧାୟକ ଅଧିକାରୀମାନଙ୍କୁ କହିଥିଲେ। ବୈଠକରେ ଟିଟିଲାଗଡ ଉପଜିଲାପାଳ ସତ୍ୟବାନ ମନୋଜ ମହାଜନ, ଏନଏସି ଇଓ ସାମ୍ପୀରେଙ୍ଗୀ ଜୟଶ୍ରୀ, ୩ ଜଙ୍ଗଲ ରେଞ୍ଜ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସମସ୍ତ ୩ ବ୍ଲକର ବିଡିଓ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ଅଧିକାରୀମାନେ।

# ଜାତିଭିତ୍ତିକ ଜନଗଣନା, ୨୭ ପ୍ରତିଶତ ସଂରକ୍ଷଣ ଦାବି

ବଲାଙ୍ଗୀର ଅଫିସ,୨୬।୮

ଭାରତ ସରକାରଙ୍କ ଜନଗଣନା ୨୦୨୧ରେ ଓବିସି ଓ ଅନ୍ୟାନ୍ୟ ପଛୁଆବର୍ଗଙ୍କ ଜାତିଭିତ୍ତିକ ଜନଗଣନାକୁ ଅନ୍ତର୍ଭୁକ୍ତ କରାଯିବା ଦାବି ନେଇ ଜିଲା ଯାଦବ ସମାଜ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଗୁରୁବାର ସମାଜର ଜିଲା କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ଜାଲଙ୍କ ନେତୃତ୍ୱରେ ଜିଲାପାଳ କାର୍ଯ୍ୟାଳୟକୁ ଏକ ରାଲିରେ ଆସି ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ଜରୁରୀ ଅଧିକାରୀ ରୀନା ନାଏକ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ରରେ ଦର୍ଶାଯାଇଛି ଯେ, ଯାଦବ ଜାତି ସମଗ୍ର ଭାରତ ବର୍ଷର ବୃହତ୍ତମ ଜାତି। ଆଭ୍ୟନ୍ତରୀୟ ଗଣନା ଅନୁଯାୟୀ ଯେଉଁମାନଙ୍କ ସଂଖ୍ୟା ୨୨ କୋଟି ଓ ମଣ୍ଡଳ ଆୟୋଗ ଅନୁଯାୟୀ ଓବିସି ସଂଖ୍ୟା ୫୨ ପ୍ରତିଶତ ବୋଲି ଆକଳନ କରାଯାଇଛି । କିନ୍ତୁ ଏହା



ଜିଲା ଯାଦବ ସମାଜ ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ରାଲିରେ ଯାଉଛନ୍ତି।

**ଜିଲା ଯାଦବ ସମାଜ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଉପରେ କୌଣସି ପ୍ରମାଣଭିତ୍ତିକ ତଥ୍ୟାବଳୀ ସରକାରୀ ଦପ୍ତରରେ ଉପଲବ୍ଧ ହେଉନାହିଁ । ତେଣୁ ୨୦୨୧ ଜନଗଣନାକୁ ଜାତିଭିତ୍ତିକ ଗଣନା କରିବା ସହ ଓବିସି ସମ୍ପ୍ରଦାୟର ଜାତିଭିତ୍ତିକ ଗଣନା କରିବାକୁ ବଲାଙ୍ଗୀର ଜିଲା ଯାଦବ ମହାସଭା ପକ୍ଷରୁ ଦାବି କରାଯାଇଛି । ଜିଲା ସମ୍ପାଦକ ପ୍ରଦୀପ ସେଲମା, ଜିଲା ଆବାହକ ମନୋଜ ହାତୀ, ପୌରାଞ୍ଚଳ ସଭାପତି ପଙ୍କଜ ସେଲମା, ଦିଲୀପ ରାଜପଲିଆ, ସଦର ବ୍ଲକ ଅଧକ୍ଷ ଗୋଲାପ ବାଗ, ସହଦେବ ବାଗ, ବିନାୟକ ଭୋଇ, ପ୍ରଶାନ୍ତ ମହାକୁର, ମହେନ୍ଦ୍ର ବାଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।